

ବସ୍ତରରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ | ୬

facebook.com/odishabhaskar
twitter.com/odishabhaskar

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



'କକ୍‌ଟେଲ-୨' ସୁଟିଂ ପୂର୍ବରୁ କ୍ରୀତିଙ୍କ ବ୍ରେକ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୮ Vol. 22 No-98 08 JULY 2025 TUESDAY, BHUBANESWAR ମଙ୍ଗଳବାର, ୮ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରତ୍ନଭଣ୍ଡାର ମରାମତି ଶେଷ

ପୁରୀ,୭।୭(ଭାସ୍କର ନ୍ୟୁଜ) : ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ସମାପ୍ତ ହୋଇଅଛି । ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ ବା ପ୍ରାୟ ୩୩୩ ଘଣ୍ଟା ଧରି କାର୍ଯ୍ୟ କରାଯାଇଛି । ଗ୍ରାନାଇଟ ଚଟାଣ ନିର୍ମାଣ ସହ ଛାତରେ ୧୫ ଗୋଟି ଷ୍ଟେନଲେସ ଷ୍ଟିଲ ବିମ ଲଗାଯାଇଛି । ୫୨୦ ଟି ପଥର ବଦଳ ଯାଇଛି । ବର୍ମାଟିକ କାଠରେ ଦ୍ୱାର • ପୃଷ୍ଠା ୫ ଦେଖନ୍ତୁ

### ହସ୍ପିଟାଲରୁ ଡିସଚାର୍ଜ ହେଲେ ନବୀନ

ଭୁବନେଶ୍ୱର,୭।୭(ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ମୁମ୍ବାଇର କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସୋମବାର ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶ୍ରୀ ପଟ୍ଟନାୟକଙ୍କର ସର୍ଭାଇକାଲ ଆର୍ଥ୍ରାଇଟିସ ଅପରେସନ କରାଯାଇଥିଲା। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଆଉକିଛି ଦିନ ମୁମ୍ବାଇରେ ରହିବେ ବୋଲି ତାଙ୍କର ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ସୂଚନା ଦେଇଛନ୍ତି।

### ବଜ୍ରପାତରେ ୨ଭାଇ ମୃତ

ତିହିଡି,୭।୭(ଭାସ୍କର ନ୍ୟୁଜ): ସୋମବାର ବର୍ଷା ସହ ବଜ୍ରପାତ ହେବାରୁ ଚାଷ କରୁଥିବାବେଳେ ଦୁଇଭାଇଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତିହିଡି ହରସିଂହପୁର ପଞ୍ଚାୟତର ଚଣ୍ଡିସାହିରେ ଏହି ଅଘଟଣ ଘଟିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସେନ୍‌ସେକ୍ସ: ୮୩,୪୪୨.୫୦
ସର୍ବାଧିକ: ୨୯ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

### ୭।୭ ।୨୦୨୫ ର ମତାମତ

ରାଜ୍ୟ ବିଜେପି ନେତୃତ୍ୱ ପରିବର୍ତ୍ତନ ହେଲେ ସଂଗଠନ ମଜବୁତ ହେବ କି?




### ଆଜିର ପ୍ରସଙ୍ଗ

ବର୍ଷା ଓ ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

# ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ

## ଆଜି ନୀଳାଦ୍ରି ବିଜେ







ପୁରୀ,୭।୭(ଭାସ୍କର ନ୍ୟୁଜ) : ରଥ ଉପରେ ଅନୁଷ୍ଠିତ ହୋଇଯାଇଛି ମହାପ୍ରଭୁଙ୍କ ଅଧରପଣା ନୀତି। ରଥ ସହିତ ଥିବା ପାର୍ଶ୍ୱ ଦେବାଦେବୀ ଓ ଚଣ୍ଡି ଚାମୁଣ୍ଡାଙ୍କ ଆହାର ତୃପ୍ତି ପାଇଁ ଏହି ଅଧରପଣା ଭୋଗ ଓ ହାଣ୍ଡି ଭଙ୍ଗା ଯିବାର ପରମ୍ପରା ରହିଛି। ମଧ୍ୟାହ୍ନ ଧୂପ ପରେ ଅନୁଷ୍ଠିତ ହୋଇଥିଲା ଏହି ଅଧରପଣା ନୀତି। ହଜାର ହଜାର ଭକ୍ତଙ୍କ ଗହଣରେ ଏହି ନୀତି ଅନୁଷ୍ଠିତ ହୋଇ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଘୋଷଯାତ୍ରାର ଅନ୍ୟତମ ପ୍ରମୁଖ ନୀତି ହେଉଛି ଅଧରପଣା ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ। ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅଧରପଣା ଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହ ମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥିଲା। ପ୍ରତି ରଥରେ ୩ହାଣ୍ଡି ହିସାବରେ ମୋଟ ୯ ହାଣ୍ଡି ଅଧର ପଣା ଭୋଗ କରାଯାଇଥିଲା। ଏହି ୯ ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହ ମାନଙ୍କୁ ଅର୍ପଣ କରାଇଥିଲେ। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥିଲା। ତେବେ ରଥଗୁଡ଼ିକରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀ ମାନଙ୍କ ଉଦ୍ଧାର ନିମନ୍ତେ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ଆୟୋଜିତ ହେଉଥିବା ଅନେକ ପାରମ୍ପରିକ ରୀତିରେ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ଭକ୍ତିଭାବପୂର୍ଣ୍ଣ ଏକ କାର୍ଯ୍ୟକ୍ରମ ହେଉଛି 'ଅଧର ପଣା'। ଏହି ପବିତ୍ର ପାନୀୟ ଅର୍ପଣ ରୀତି, ସୁନାବେଶ ପରେ ଏବଂ ନୀଳାଦ୍ରି ବିଜେ ପୂର୍ବରୁ, ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀମନ୍ଦିର ସିଂହଦ୍ୱାର ସାମ୍ନାରେ ରଥ ଉପରେ ବସିଥିବା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ନିକଟରେ ଅନୁଷ୍ଠିତ ହୁଏ, ଯେଉଁଠି ଦେବତାଙ୍କୁ ଏକ ପବିତ୍ର ମିଠା ପାନୀୟ ନୈବେଦ୍ୟ ରୂପେ ଅର୍ପଣ କରାଯାଏ। 'ଅଧର' ଅର୍ଥ ହେଉଛି ଓଠ ଏବଂ 'ପଣା' ଅର୍ଥ ମିଠା ପାନୀୟ। ତେଣୁ ଅଧର ପଣା ରୀତିର ଅର୍ଥ ହେଉଛି- ଦେବତାଙ୍କ ଓଠ ପର୍ଯ୍ୟନ୍ତ ପହଞ୍ଚେଇ ଦିଆଯାଉଥିବା ଏକ ଶୁଦ୍ଧ ଓ ସୁଗନ୍ଧିତ ମିଠା ପାନୀୟ ନୈବେଦ୍ୟ, ଯାହା ବୃହତ୍ ନଳାକାର ମାଟିପାତ୍ରରେ ଭରି ଦିଆଯାଏ। ପ୍ରତ୍ୟେକ ଦେବତାଙ୍କୁ ତିନିଟି ମାଟିପାତ୍ରରେ ଏହି ପାନୀୟ ଅର୍ପଣ କରାଯାଏ। ଏହି ନୈବେଦ୍ୟ ସଜାଇବା କାମ କରନ୍ତି ମହାସୁଆର ସେବକମାନେ, ଯେଉଁମାନେ ଏହି ପରମ୍ପରାକୁ ଶ୍ରଦ୍ଧା ଓ ଭକ୍ତି ସହିତ ପାଳନ କରନ୍ତି। ସୋମବାର ସକାଳ ୦୭.୫୫ ରୁ ୦୭.୨୦ ମଧ୍ୟେ ମଙ୍ଗଳ ଆଳତି, ୦୭.୪୦ ରୁ ୦୮.୧୦ ମଇଲମ ଓ ତଡ଼ପଲାଗି, ୦୮.୧୫ ରୁ ୦୮.୪୫ ତିନି ରଥ • ପୃଷ୍ଠା ୫ ଦେଖନ୍ତୁ

## ବର୍ଷା ସହ ବନ୍ୟା ତାଣ୍ଡବ

# ଭସାଇଲା, ବୁଡ଼ାଇଲା



- ଉତ୍ତର, ପଶ୍ଚିମ ଓଡ଼ିଶା ସ୍ଥିତି ସଙ୍ଗୀନ
- ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି
- ଜିଲ୍ଲାପାଳମାନଙ୍କୁ ସଜାଗ ନିର୍ଦ୍ଦେଶ
- ଘର ଭିତରେ ପାଣି, ରାସ୍ତାରେ ବି ପାଣି
- ବହୁ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ
- ହଜାର ହଜାର ଲୋକ ଜଳବନ୍ଦୀ

ଭୁବନେଶ୍ୱର,୭।୭(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟରେ ସକ୍ରିୟ ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି। ଫଳରେ ଲଗାଣ ବର୍ଷା ଜାରି ରହିଛି। ବିଶେଷକରି ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବର୍ଷା ସହ ବନ୍ୟାସ୍ଥିତି ଉପୁଜିଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଲୋକଙ୍କ ଘରେ ପାଣି ପଶିଯାଇଛି। ହଜାର ହଜାର ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି। ଏପରିକି ରାସ୍ତା ଉପରେ ୩ଫୁଟରୁ ୫ ଫୁଟ ଉଚ୍ଚର ପାଣି ଚାଲୁଛି। ଫଳରେ ଜନଜୀବନ ସଂପୂର୍ଣ୍ଣଭାବେ ବ୍ୟତିବ୍ୟସ୍ତ ହୋଇପଡ଼ିଛି। କେଉଁଠି ପୋଲ ଉପରେ ପାଣି ଚାଲୁଛି ତ ଆଉ କେଉଁଠି ଅସ୍ଥାୟୀ ପୋଲ ଭାସିଯିବା ଫଳରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। • ପୃଷ୍ଠା ୫ ଦେଖନ୍ତୁ

### ହୀରାକୁଦ ଡ୍ୟାମରେ ପ୍ରବେଶ ଅଧିକ, ନିଷ୍କାସନ କମ୍

ସମ୍ବଲପୁର,୭।୭(ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରବିବାରଠାରୁ ଡ୍ୟାମର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୩,୪୨,୪୫୩ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୩,୩୫,୬୪୯ କ୍ୟୁସେକ ଜଳ ନିଷ୍କାସିତ କରାଯାଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳିରେ ବନ୍ୟାଜଳ ପହଞ୍ଚିବ । ୪.୫୦ ଲକ୍ଷ କ୍ୟୁସେକ ଜଳ ମୁଣ୍ଡଳିକୁ ଆସିବ। ଯଦି ଆଗାମୀ ଦିନରେ ଅଧିକ ବର୍ଷା ହୁଏ ତେବେ ଅଧିକ ଗେଟ୍ ଖୋଲାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ସବୁ କଳ୍ପନା ଜଳ୍ପନାର ଅନ୍ତ

# ମନମୋହନଙ୍କ ମୁଣ୍ଡରେ ସଭାପତି ମୁକୁଟ



- ଆଜି ବିଧିବଦ୍ଧ ଭାବେ ନାମ ଘୋଷଣା
- ପର୍ଯ୍ୟବେକ୍ଷକ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ
- ବିଜେଡି ସରକାର ପତନ ପଛରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା
- ଜାତୀୟ ପରିଷଦ ସଦସ୍ୟ ପାଇଁ ୩୨ ନାମାଙ୍କନ

ଭୁବନେଶ୍ୱର,୭।୭(ଭାସ୍କର ନ୍ୟୁଜ): ରାଜ୍ୟ ବିଜେପିର ସଭାପତି କିଏ ହେବେ ତାକୁ ନେଇ ଜାରି ରହିଥିବା କଳ୍ପନା ଜଳ୍ପନା ଉପରେ ସୋମବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମନମୋହନ ସାମଲ ପୁଣିଥରେ ରାଜ୍ୟ ବିଜେପି ସଭାପତି ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। କେବଳ ଔପଚାରିକ ଭାବେ ଘୋଷଣା ବାକି ରହିଛି। ରାଜ୍ୟ ବିଜେପି ସଭାପତି ପଦପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଭରିଛନ୍ତି। କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଓଡ଼ିଶା ପର୍ଯ୍ୟବେକ୍ଷକ ଥିବା ସାଂସଦ ସଞ୍ଜୟ ଜୟସ୍ୱାଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ସାମଲ ନାମାଙ୍କନ ଭରିଛନ୍ତି। ଏହି ଅବସରରେ ଦଳର ଅନ୍ୟ ସାଂସଦ, ବିଧାୟକ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆନୁଷ୍ଠାନିକ ଭାବେ ଶ୍ରୀ ସାମଲଙ୍କ ନାମ ଘୋଷଣା କରାଯିବ ବୋଲି ପର୍ଯ୍ୟବେକ୍ଷକ ଶ୍ରୀ ଜୟସ୍ୱାଲ କହିଛନ୍ତି। ବିଜେପି ସାଂଗଠନିକ ନିର୍ବାଚନ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସଭାପତି ପଦପାଇଁ ନାମାଙ୍କନ ଦାଖଲର ସମୟ ସୋମବାର ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ରହିଥିଲା। ନାମାଙ୍କନ ସଂପର୍କୀତ ଆପତ୍ତି ଅଭିଯୋଗର ଯାଞ୍ଚ ପରେ ଅନ୍ତିମ ସୂଚୀ ପ୍ରକାଶ ସହ ଆବଶ୍ୟକ ହେଲେ ୮ ତାରିଖ ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧.୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ ବୋଲି ପୂର୍ବରୁ କୁହାଯାଇଥିଲା। ତେବେ ମନମୋହନ ସାମଲ ଏକମାତ୍ର ପ୍ରାର୍ଥୀଭାବେ • ପୃଷ୍ଠା ୫ ଦେଖନ୍ତୁ

## ଭାରତକୁ ଆଉଏକ କୂଟନୈତିକ ସଫଳତା

# ପହଲଗାମ୍ ହମଲାକୁ ବ୍ରିକ୍ସ ରାଷ୍ଟ୍ରଙ୍କ ନିନ୍ଦା



ନୂଆଦିଲ୍ଲୀ,୭।୭: ଭାରତକୁ ଆଉଏକ ବଡ଼ କୂଟନୈତିକ ସଫଳତା ମିଳିଛି। ବ୍ରାଜିଲରେ ଅନୁଷ୍ଠିତ ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଭାଷାରେ ନିନ୍ଦା କରିଛନ୍ତି। ରୁଷ, ଚୀନ୍, ବ୍ରାଜିଲ, ଭାରତ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇଜିପ୍ଟ, ଇଥିଓପିଆ ଓ ଇରାନ ଆଦି ବ୍ରିକ୍ସ ରାଷ୍ଟ୍ରର ନେତାମାନେ ସ୍ପଷ୍ଟଭାବେ କହିଛନ୍ତି ଯେ ସେମାନେ ସବୁପ୍ରକାର ଆତଙ୍କବାଦକୁ ତୀବ୍ରଭାବେ ବିରୋଧ କରନ୍ତି। ସେମାନେ ଆତଙ୍କୀଙ୍କ ସୀମାପାର ଅନୁପ୍ରବେଶ, ପାଣ୍ଠି ଯୋଗାଣକୁ ନିନ୍ଦା କରିବା ସହ ସେମାନଙ୍କ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବା ଜରୁରି ବୋଲି ଦର୍ଶାଇଛନ୍ତି। ସେହିଭଳି ଜାତିସଂଘ ଯେଉଁସବୁ ଆତଙ୍କବାଦୀ ଓ ଆତଙ୍କୀ ସଂଗଠନ ଉପରେ ବ୍ୟାନ ଲଗାଇଛି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ରାଷ୍ଟ୍ରଗୁଡ଼ିକ ମତପୋଷଣ କରିଛନ୍ତି। ବ୍ରିକ୍ସ ସମ୍ମିଳନୀରେ ନେତାମାନେ ୩୧ ପୃଷ୍ଠା ଓ ୧୨୬ ସୂତ୍ରୀ ମିଳିତ ଘୋଷଣାନାମା ମଧ୍ୟ ଜାରି କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ ଆତଙ୍କବାଦକୁ କୌଣସି ଧର୍ମ, ଜାତି କିମ୍ବା ଦେଶ ସହ ଯୋଡ଼ାଯିବା ଉଚିତ ନୁହେଁ। ଯେଉଁମାନେ ଆତଙ୍କବାଦରେ ସାମିଲ ଅଛନ୍ତି ଏବଂ ଏହାକୁ ସମର୍ଥନ ଜଣାଉଛନ୍ତି ସେମାନଙ୍କୁ ଦଣ୍ଡ ମିଳିବା ଜରୁରି। ଆତଙ୍କବାଦ ବିରୋଧରେ ସବୁ ରାଷ୍ଟ୍ର ଏକଜୁଟ • ପୃଷ୍ଠା ୫ ଦେଖନ୍ତୁ

**ମାନବ ଜାତି ପାଇଁ ଆତଙ୍କବାଦ ସବୁଠୁ ଗମ୍ଭୀର ଚାଲେଞ୍ଜ: ମୋଦୀ**

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଅନେକ ଦିନର ଚର୍ଚ୍ଚା ଆଲୋଚନା
ହେଇଗଲା ଏବେ ଶେଷ,
ବିଜେପି ପାଇଲା ନୂଆ ସଭାପତି
କଟିଗଲା ଆଲୁଦୋଷ ।
ସେଇ ଶିଶି ସେଇ ଓଷ,
ଏଇ ଗୋଟେ କଥା କରିବା ପାଇଁକି
ଲାଗିଗଲା କେତେ ମାସ !!






ମୁରିବାହାଲ/ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ଆଜି ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ଓ ବଙ୍ଗୋମୁଣ୍ଡା ବନ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାର, ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନ, ବଙ୍ଗୋମୁଣ୍ଡା ଅତିରିକ୍ତ ତହସିଲଦାର ହେମନ୍ତ କୁମ୍ଭାର, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧକ୍ଷ ଦୀପକ କୁମାର ଦାସ ଯାଦବ, ପ୍ରକୃତି ବନ୍ଧୁ ଡ଼ଃ ନାରାୟଣ ମିଶ୍ର, ଉପସଭାପତି ଅନିଲ ତ୍ରିପାଠୀ, ଉପଦେଷ୍ଟା ଅଶୋକ ଖମାରୀ, ସଦସ୍ୟ ସୁଶାନ୍ତ ଥନାପତି, ନିତ୍ୟାନନ୍ଦ ପୁରସେଠ, ସ୍ୱେଚ୍ଛାସେବୀ ରଞ୍ଜନ ସରାଫ, ହେମନ୍ତ ସାହୁ, ଫରେଷ୍ଟ ଗାର୍ଡ ରିତା ବରିହା, ବଙ୍ଗୋମୁଣ୍ଡା ବନପାଳ ଦିବସ ମାଝୀ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ । ବିଶ୍ୱ ତାପାୟନ ଆଡକୁ ଗତି କରୁଥିବା ବେଳେ ପାଣିପାଗ ବଦଳିବା ସହ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ଜଙ୍ଗଲ କ୍ଷୟ ମାନବ ସମାଜ ତଥା ଜୀବ ଜଗତ ପ୍ରତି ବିପଦକୁ ଏଡାଇବା ପାଇଁ ଲବ୍ୟାପକ ଭାବରେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି । ବୃକ୍ଷ ହିଁ ଜୀବନ, ବୃକ୍ଷ ରୋପଣ ସହ ସୁରକ୍ଷା ପାଇଁ ଏକଜୁଟ ହୋଇ ଚାରା ରୋପଣ କରିବା ପାଇଁ ମତପ୍ରକାଶ ପାଇଥିଲା । ସଂଘର ବହୁ ସଦସ୍ୟ ଏଥିରେ ସାମିଲ ହୋଇଥିଲେ । ଏଥିରେ ବନ କର୍ମଚାରୀ ମାନେ ସହଯୋଗ କରିଥିଲେ ।

### ଅବଧି ଶେଷକୁ ବର୍ଷେ ବିତିଲା

# ସରୁନି ୧୧୬ କୋଟି ଟଙ୍କାର ୯ଟି ପୋଲ ନିର୍ମାଣ

ମାଲକାନଗିରି (ଭାସ୍କର ନ୍ୟୁଜ) : ଅବଧି ସରି ବର୍ଷେ ବିତି ଗଲାଣି, ତଥାପି ସରିନି ଜିଲ୍ଲାର ଗୋବିନ୍ଦପଲ୍ଲୀ ଠାରୁ ମୋଟୁ ଜାତୀୟ ରାଜପଥର ୧୧୬ କୋଟିର ୯ଟି ପୋଲକାର୍ଯ୍ୟ । ୯ଟିରୁ ଦୁଇଟି ପୋଲ ଆଦୌ ଆରମ୍ଭ ହୋଇନାହିଁ । ବଳକା ୭ଟିରେ ମାତ୍ର ୩୫ ପ୍ରତିଶତ କାମ ହୋଇ ଅଧପନ୍ତରିଆ ଭାବେ ପଡ଼ିରହିଛି । ଫଳରେ ଏବର୍ଷ ବର୍ଷାରେ ଜିଲ୍ଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ସମ୍ଭାବନା ରହିଛି । ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ମିଳିଥିବା ସୂଚନା ଅନୁଯାୟୀ, ପ୍ରତିବର୍ଷ ବର୍ଷାଦିନେ ମାଲକାନଗିରି ଠାରେ ବଲିମେଳା, ମୋଟୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି । ନିଚା ପୋଲ ଥିବାରୁ ବନ୍ୟା ପାଣିରେ ପୋଲ ଗୁଡିକ ବୁଡ଼ିଯାଉଛି । ଏଥିଯୋଗୁଁ ଯାନବାହନ ଚଳାଚଳ ଓ ଯାତାୟାତ ଠପ୍ ହୋଇଯାଉଛି । ଏହାକୁ ଆଖିରେ ରଖି ତତ୍କାଳୀନ ରାଜ୍ୟ ସରକାର ଗୋବିନ୍ଦପାଲି ଘାଟିରୁ ମୋଟୁ ପର୍ଯ୍ୟନ୍ତ ୩୨୬ ନମ୍ବର ଜାତୀୟ ରାଜପଥ ଦୀର୍ଘ ୧୫୮ କିଲୋମିଟର ଦୂରତା ମଧ୍ୟରେ ୯ଟି ପୋଲ ନିର୍ମାଣ ପାଇଁ ୧୧୬ କୋଟି ଟଙ୍କା ମଞ୍ଜୁର କରିଥିଲେ । ସେଥିରୁ ଏମ-୭, ଏମ-୧୯, ଅମଲଯୋଡ଼ି ଓ ମହାରାଜପାଲ୍ଲୀରେ ପୋଲ ନିର୍ମାଣ ପାଇଁ ୩୭ କୋଟି ମଞ୍ଜୁର ହୋଇଥିଲା । ଛତିଶଗଡ଼ ବିଜପୁର ଜିଲ୍ଲାର ଶିବଶ ଇଞ୍ଜିନିୟର ୱର୍କସ କମ୍ପାନି ଏହାର ନିର୍ମାଣ ଦାୟିତ୍ୱ ନେଇଛି । ୨୦୨୫ ମେ ମାସରେ ଅବଧି ଶେଷ ହୋଇଛି ଓ ତଥାପି ଧାର୍ଯ୍ୟ ସମୟରେ କାମ ସରିନି । ଏହି ୨ଟି ପୋଲକାମ ମାତ୍ର ୩୫ ପ୍ରତିଶତ ହୋଇଛି । ଅମଲାପେଡ଼ି ଓ ମହାରାଜପାକାରେ ବନ ବିଭାଗ ପକ୍ଷରୁ ପରିବେଶ ସଫା ଓ ଜମି ଅଧିଗ୍ରହଣ ହୋଇନଥିବାରୁ କାମ ଆରମ୍ଭ ହୋଇନି । ସେହିପରି ପଙ୍ଗାମ, ପେଟେଟ୍ରୁ, କାଙ୍କୁ ରକୋଣ୍ଡା, ଏଡି-୯୦ ଏବଂ ଏମରି-୯୬ ଆଦି ସ୍ଥାନରେ ୫ଟି ପୋଲ ନିର୍ମାଣ ପାଇଁ ୭୯ କୋଟି ବ୍ୟୟରେ ପୋଲ ନିର୍ମାଣ କରାଯାଇଥିଲା । ବିଳାସପୁରର ବ୍ରିଜେଶ ଅଗ୍ରୱାଲ କମ୍ପାନି ଏହାର ଟେଣ୍ଡର ନେଇଥିଲା । ଏହାର ଅବଧି ୨୦୨୪ ଜୁନ ମାସ ଶେଷ ସମୟ ରହିଥିଲା । ଏ ଭିତରେ ମାତ୍ର ୩୫ ପ୍ରତିଶତ କାମ ହୋଇଛି ଓ ଗତ ମାର୍ଚ୍ଚ ୨୦ ତାରିଖରେ ଟେଣ୍ଡର ବାତିଲ କରାଯାଇ ନୂଆ ଟେଣ୍ଡର କରାଯାଇଥିବା ବିଭାଗ ତରଫରୁ କୁହାଯାଇଛି । ପୋଲ ନିର୍ମାଣ ଶେଷ ହୋଇନଥିବାରୁ ଏ ବର୍ଷ ବି ଜିଲ୍ଲାବାସୀ ବର୍ଷା ଦିନରେ ଜାତୀୟ ରାଜପଥ ଉପବିଭାଜନ କାର୍ଯ୍ୟାଳୟ ବର୍ଷେ ହେଲା ନାହିଁ ନାହିଁରେ ଚାଲିଛି । ଏହି କାର୍ଯ୍ୟାଳୟ ଅଧୀନରେ ମାଥିଲି, ମାଲକାନଗିରି, ଭଲିମେଳା, ମୋଟୁ ସେହ୍ନେନ ଅଫିସରେ ୪ଜଣ କନିଷ୍ଠ ଯନ୍ତ୍ରୀ, ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ ରହିଛି । ଏଠାରେ ମାତ୍ର ଦୁଇଜଣ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓ ପଦ ବର୍ଷେରୁ ଅଧିକ ଦିନ ହେଲା ଖାଲି ପଡ଼ିଛି । ଜୟପୁର ଏର୍‌କିଓ ମାଇ କଲି ଦାୟିତ୍ୱରେ ଅଛନ୍ତି । ସେ ମଧ୍ୟ ଚଳିତ ମାସ ଚକିରିରୁ ଅବସର ନେବେ । ଆବଶ୍ୟକ ଯନ୍ତ୍ରୀ ନଥିବାରୁ କାମର ତଦାରଖ କିମ୍ବା ଏନଏଚ୍ ନିର୍ମାଣ କିମ୍ବା ମରାମତି ହୋଇପାରୁନି । ବର୍ତ୍ତମାନ ରାସ୍ତାର ଏକାଧିକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି । ତେଣୁ ଜିଲ୍ଲା ପ୍ରଶାସନ ଓ ଏନ୍‌ଏଚ୍ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି ।

### ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ଅଭିଯୋଗ

# ତିନି ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ଛକରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗତ ଚାରି ମାସ ତଳୁ ତୁଳସୀଡିଆ, ଘାଗରାଡିଆ ଓ କୂଳସାହିକୁ ରାସ୍ତା ନିର୍ମାଣ କରାଯାଇ ଥିଲା । ମାତ୍ର କଣ୍ଟ୍ରାକ୍ଟର ଗାଁ ଭିତର ରାସ୍ତାକୁ କିଛିଟା କଙ୍କ୍ରିଟ୍ କରି ମୁଖ୍ୟ ରାସ୍ତାରେ ଡଷ୍ଟ ପକାଇ କାମ ବନ୍ଦ କରି ଦେଇଛି । ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉ ଥିବା ଅଭିଯୋଗ ହୋଇଥିଲେ ମଧ୍ୟ ନିର୍ବାହୀ ଯନ୍ତ୍ରୀ ଓ କଣ୍ଟ୍ରାକ୍ଟରଙ୍କ ମଧୁଚନ୍ଦ୍ରିକା ପାଇଁ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଚୁପ୍ ରହିଥିଲା । ତିନି କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ କରାଯାଉ ଥିବା ଏହି ରାସ୍ତାରେ ମାଟି ଟ୍ରିପି ଟିଏ ବି ପଡିଲା ନାହିଁ । ଠିକାଦାର ଓ ଜେଇ ଏସଡିଓଙ୍କ ମନମୁଖୀ କାର୍ଯ୍ୟ ପାଇଁ ଘାଗରାଡିଆ ରାସ୍ତା କଡରେ ନିର୍ମିତ ହୋଇଥିବା ଗାର୍ଡ ୱାଲ୍ ସେହି ରାସ୍ତା କଡର ମାଟିକୁ ତାଡ଼ି ପକାଯାଇ ଥିବାବେଳେ ଅସରାୟ ବର୍ଷାରେ ତାହା ଧୋଇ ଯାଇଛି । କଙ୍କ୍ରିଟ୍ ରାସ୍ତା ବୋହୁ ନିମ୍ନମାନର ହୋଇଥିବା ହେତୁ ରାସ୍ତା ଉପରେ ପାଣି ଜମି ରହୁ ଥିବାର ଦେଖିବାକୁ ମିଳିଛି । ଯେଉଁ ଡଷ୍ଟ ସବୁ ମୁଖ୍ୟ ରାସ୍ତାରେ ପଡିଥିଲା ତାହା ବର୍ଷାରେ ଧୋଇ ଗଲାଣି । ଆଗକୁ ବର୍ଷା ଋତୁ ଏବଂ ଏହି ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ । ତଥାପି ଗତ ଏକ ମାସ ହେବ ସମ୍ପୂର୍ଣ୍ଣ କାମ ବନ୍ଦ ରହିଛି । ତିନୋଟି ପଞ୍ଚାୟତ ତଥା ପେଣ୍ଟପାଳ ପଞ୍ଚାୟତର କୂଳସାହି, ଘାଗରା ପଞ୍ଚାୟତର ଘାଗରାଡିଆ ଓ ତରଡିପାଳ ପଞ୍ଚାୟତର ତୁଳସୀଡିଆର ଅନ୍ୟୁନ ଦଶ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଅଧାପନ୍ତରିଆ ରାସ୍ତାରେ ଏବେ ଦୁର୍ଘଟଣା ହେଉଛି ଏବଂ କେତେ ବେଳେ କାହା ଜୀବନ ବି ଯାଇପାରେ । ରାସ୍ତା ନିର୍ମାଣ ଦିନରୁ ସରକାରୀ ଗାଇଡ୍ ଲାଇନ ଅନୁଯାୟୀ ସୂଚନା ଫଳକ ଲାଗିବା କଥା ମାତ୍ର ତାହା ହୋଇ ନାହିଁ ତେଣୁ ପ୍ରକଳ୍ପ ଅଟକଳ ବ୍ୟୟ ମଧ୍ୟ ସାଧାରଣ ଲୋକ ଜାଣି ନାହାଁନ୍ତି । ସରକାର ତଥା ସ୍ଥାନୀୟ ବିଧାୟକ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତା କାର୍ଯ୍ୟ ସାରିବାକୁ ଏହି ଅଞ୍ଚଳବାସୀ ଦାବି କରିଛନ୍ତି । ଯାହା ଜନସାଧାରଣଙ୍କ ଅଭିଯୋଗ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିବା ଉଦ୍ଦେଶ୍ୟରେ ଏହି କାମ କରାଯାଉଛି । ଯଦି ଜନସାଧାରଣ ହଇରାଣ ହୁଅନ୍ତି ତେବେ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ଦେଖା ଦେଇ ପାରେ ଏଥି ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ୩ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି ।

# ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ




ବ୍ୟାସନଗର (ଭାସ୍କର ନ୍ୟୁଜ) : ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଷାଠିଏ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ମଲ୍ଲିକ ସଭାପତିତ୍ୱର ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୌରାଙ୍ଗ ଚରଣ ମଲ୍ଲିକ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ମହାବିଦ୍ୟାଳୟରେ ହେବାକୁ ଥିବା ଅନେଗୁଡିଏ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ମହାବିଦ୍ୟାଳୟର ଇତିହାସକୁ ଦୋହରାଇ ଥିଲେ । ଏହି ଅବସରରେ ମହାବିଦ୍ୟାଳୟର ନୂତନ ଗୃହ, କମ୍ପ୍ୟୁଟର ପରୀକ୍ଷାଗାର ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀ ନିବାସ ପରିସରରେ ବୃକ୍ଷରୋପଣ ଓ ବନ ମହୋତ୍ସବ ପାଳନ କରାଯାଇଥିବାବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସମିତିର ସମ୍ପାଦକ ଅଧାପକ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସମିତିର ସଭ୍ୟା ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ସଭା ପରିଚାଳନା କରିଥିବା ବେଳେ ଅଧାପକରଞ୍ଜନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ବିବେକାନନ୍ଦ ଜେନା, ରଞ୍ଜିତ କୁମାର, ରାଜେଶ କୁମାର ସାହୁ, ତନ୍ମୟ ପୃଷ୍ଟି ଓ ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଓ ସାମ୍ବାଦିକ ବୃନ୍ଦ ଯୋଗ ଦେଇଥିଲେ ।

# ଔଷଧୀୟ ବୃକ୍ଷ ରୋପଣ

ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ହଳଦିଆ ସ୍ଥିତ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ ମ୍ୟାନେଜମେଣ୍ଟ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ଆଜି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମା' ପାଇଁ ଗଛଟିଏ ଅଭିଯାନକୁ ସଫଳ କରିବା ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ମାନେ ଔଷଧୀୟ ବୃକ୍ଷ ସମେତ ବର ଓ ଓସ୍ତ ଭଳି ପରିବେଶ ଉପକାରୀ ବୃକ୍ଷ ଲଗାଇ ଥିଲେ । ସୂଚନାଯୋଗ୍ୟ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ କରିବା ସହିତ ଏହାର ଯତ୍ନ ନେଇ ବଡ଼ାଇଥାନ୍ତି । ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି ।

### ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା

# ୯ରୁ ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ



ବ୍ୟାସନଗର, (ଭାସ୍କର ନ୍ୟୁଜ): ଆସନ୍ତା ଜୁଲାଇ ୯ ସାଧାରଣ ଧର୍ମଘଟକୁ ଦେଶବ୍ୟାପି ସଫଳ କରିବା ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପବନ୍ଧୁ ଛକ ଠାରେ ତାଙ୍କର ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ପ୍ରତିବାଦ ସଭା ଶ୍ରମିକ ନେତା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସିଆଇଟିୟୁର ଜିଲ୍ଲା ସଭପତି ପ୍ରଫୁଲ୍ଲ ନାୟକ ୟୁଟିୟୁସିର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ ଆଇ, ଏନ୍‌ଟିୟୁସିର ବିଦ୍ୟାଧର ଯେନା, ଶ୍ରମିକ ନେତା ରାଜକିଶୋର ମହାନ୍ତ, ବିଜୟ ମଳିକ, ତ୍ରିଲୋଚନ ରାଉତ ପ୍ରମୁଖ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ଦୃଢ଼ ସମାଲୋଚନା କରିବା ସହିତ ୪ଗୋଟି ଶ୍ରମ କୋଡ଼ ପ୍ରତ୍ୟାହାର, ସମସ୍ତଙ୍କୁ ସର୍ବନିମ୍ନ ୨୬ ହଜାର ଟଙ୍କା ମାସିକ ଦରମା ଦେବା, ଦରଦାମକୁ ନିୟନ୍ତ୍ରଣ କରିବା ଓ ପୁରୁଣା ପେନସନ ଯୋଜନାକୁ କାର୍ଯ୍ୟକାରୀ କରିବା ସମେତ ୧୭ ଦଫାକୁ ନେଇ ରାଜ୍ୟବ୍ୟାପି ଶ୍ରମିକ ଓ କର୍ମଚାରୀମାନେ ଏହି ଧର୍ମଘଟରେ ସାମିଲ ହେବା ସହିତ ଯାଜପୁର ଜିଲ୍ଲାରେ ବିଭିନ୍ନ କଳକାରଖାନାରେ ହରତାଳ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଶେଷରେ ଏକ ପ୍ରଚାର ଗାଡିକୁ ଶ୍ରମିକ ନେତାମାନେ ଉଦ୍‌ଘାଟନ କରିଥିଲେ ।

# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଓ ବିଦ୍ୟାଳୟର ଏନର୍ଜି କ୍ଲବର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର' ଉପରେ ଆଲୋଚନା କରିବା ସହ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ କରିବାର କୌଶଳ ଉପରେ ଆଲୋକପାତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ବିଦ୍ୟୁତ୍ ବିଶେଷଜ୍ଞ ଭାବେ କେନ୍ଦ୍ରାପଡ଼ା ବିଦ୍ୟୁତ୍ ବିଭାଗର ନିରୀକ୍ଷକ ଯନ୍ତ୍ରୀ ଭବାନୀ ଶଙ୍କର ରାଉତ, ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିକାଶ କାନ୍ତି ନାୟକ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷା, ଜୀବନ ରକ୍ଷା ଓ ବିଦ୍ୟୁତ୍ ଶକ୍ତି ଅପଚୟ ବିଷୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ସଚେତନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ "ବିଦ୍ୟୁତ୍ ନିରାପତ୍ତା"ର ନୀତିନିୟମକୁ ଆପଣେଇବାକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ସଂଜୟ କୁମାର ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ୭୭ ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଜିତ ବାରିକ୍‌ଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏଥିରେ ପୁରାତନ ଛାତ୍ର ସଙ୍ଘର ସଭାପତି ଦୀନବନ୍ଧୁ ନାୟକ ଅତିଥି ଭାବେ ଯୋଗଦେଇ ଦଶମ ପରୀକ୍ଷାରେ ସର୍ବାଧିକ ନମ୍ବର୍ ରଖି ବିଦ୍ୟାଳୟର ଗୌରବ ଆଣିଥିବା ୩ ଜଣ ଛାତ୍ରଛାତ୍ରୀ ଯଥା ସନ୍ଧ୍ୟା ରାଣୀ ସାହୁ, ପୂର୍ଣ୍ଣିମା ନାୟକ ଓ ପ୍ରତିକ୍ କୁମାର ଦାସଙ୍କୁ ୧୯୬୯ ପୁରାତନ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗତ ପ୍ଲାଟିନମ୍ ଜୁବଲି ମହୋତ୍ସବର ପୂର୍ଣ୍ଣ ସଫଳତା ପାଇଁ ମା ହିଙ୍ଗୁଳାଙ୍କ ଠାରୁ ଆଜ୍ଞା ମାଳ ଓ ଶୁଭ କଳସ ଅଣାଯାଇ ଦୀର୍ଘ ଏକ ବର୍ଷ ଠାରୁ ବିଦ୍ୟାଳୟ ଠାରେ ସ୍ଥାପନା କରାଯାଇଥିଲା ତାହା ଆଜି ବିସର୍ଜନ କରାଯାଇଛି । ଏଥି ସହିତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ସଙ୍ଘର ଉପସଭାପତି ବିଷ୍ଣୁ ଚରଣ ସାହୁଙ୍କ ଅକାଳ ବିୟୋଗ ଘଟିଥିବାରୁ ତାଙ୍କର ଏକାଦଶାହ କ୍ରିୟା ଉପଲକ୍ଷେ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ, ପୁରାତନ ଛାତ୍ର ସଙ୍ଘ ଓ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ମିଳିତ ଆନୁକୂଲ୍ୟରେ ତାଙ୍କ ପାଇଁ ଏକ ସ୍ମୃତି ଚାରଣ ସଭା ଓ ମିଳିତ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହାକୁ ପୁରାତନ ଛାତ୍ର ସଙ୍ଘ କୋଷାଧକ୍ଷ ରଘୁନାଥ ସାହୁ ପରିଚାଳନା କରିଥିଲା ବେଳେ ଏଥିରେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରିନ୍ସପାଲ୍ ଶିବ ଚରଣ ମାଝି, କୋରାଇ ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ କୁମାର ଜେନା, ଆଡଭୋକେଟ୍ ଚନ୍ଦ୍ର ଶେଖର ପଣ୍ଡା, ସୁଧାଂଶୁ ଦାସ୍, ନାରାୟଣ ଚନ୍ଦ୍ର ପତି, ଅବସର ପ୍ରାପ୍ତ ଶିକ୍ଷକ ରବି ଶତପଥି, ଅମୀୟ କୁମାର ସାହୁ, ଅନନ୍ତ ଚରଣ ମଳିକ, ଶ୍ରୀଧର ଦାସ, ନନ୍ଦ କିଶୋର ସାହୁ, ରବୀନ୍ଦ୍ର କୁମାର ମହାରଣା, ସ୍ମାଇଲ ଫାଉଣ୍ଡେସନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ, ବୈକୁଣ୍ଠ ଚରଣ ସାହୁ, ଦେବେନ୍ଦ୍ର କୁମାର ସାହୁ, ଦିଲିପ୍ କୁମାର ସାହୁ,ଅଶୋକ କୁମାର ପତି, ଆର୍ଯ୍ୟ ବିଭାଷ କୁମାର, ନନ୍ଦ କିଶୋର ମହାକୁଡ଼, ମଦନମୋହନ ସାହୁ, ଲିନା ରାଣୀ ପଥାଳ, କନକଲତା ସାହୁ,ଅଞ୍ଜନ କୁମାର ସାହୁ,ବିଜୟ କୁମାର, ଭାଗିରଥି ବାରିକ୍, ଶତପଥୀ, ବାବାଜୀ ଚରଣ ସାହୁ, ଗଙ୍ଗାଧର ସାହୁ, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ବିଦ୍ୟାଳୟ ତରଫରୁ ସ୍କାଉଟ୍ ଓ ଗାଇଡ୍‌ର ଛାତ୍ର ଛାତ୍ରୀ ଗଣ ସହଯୋଗ କରିଥିଲେ । ଶେଷରେ ଡଃ ଆଦିତ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ସାମ୍ବାଦିକଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ବ୍ୟବହାର, ରୋଗୀଙ୍କୁ ପଚାରୁଛି କିଏ !




ମୁରିବାହାଲ/ବଙ୍ଗୋମୁଣ୍ଡା(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚିତ । ଯାହାକି ବଙ୍ଗୋମୁଣ୍ଡା ବ୍ଲକ ସମେତ ଟିଟିଲାଗଡ଼ ବ୍ଲକର ସୀମାବର୍ତ୍ତୀ ପଞ୍ଚାୟତ ଓ ସୀମାନ୍ତ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଭିନ୍ନ ପଞ୍ଚାୟତର ରୋଗୀ ମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ପ୍ରତି ମାସରେ ୪ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ହେବା ପାଇଁ ଆସୁଥିବା ବେଳେ ଦିନକୁ ଦିନ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅସମ୍ମାନ କରାଯାଉଥିବା ଅଭିଯୋଗ ହେଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରୋଗୀଙ୍କୁ ଚିକିତ୍ସା ସେବା ସହିତ ବିନା ମୂଲ୍ୟରେ ରକ୍ତ ନମୁନା ପରୀକ୍ଷା ବ୍ୟବସ୍ଥା ରହିଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ସହିତ ରକ୍ତ ନମୁନା ପରୀକ୍ଷା ପାଇଁ ଉନ୍ନତମାନର ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ରକ୍ତ ନମୁନା ପରୀକ୍ଷା ପାଇଁ ରକ୍ତ ପରୀକ୍ଷା କେନ୍ଦ୍ରର କର୍ମଚାରୀ ରୋଗୀମାନଙ୍କୁ ସହଯୋଗ କରୁନଥିବା ବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ରକ୍ତ ପରୀକ୍ଷା ପାଇଁ ଅନୁରୋଧ କଲେ ରକ୍ତ ପରୀକ୍ଷା ହୋଇପାରିବ ନାହିଁ ବୋଲି ମନା କରିବା ସହ ତାଙ୍କ ମନମାନି ବୃଦ୍ଧି ପାଇଛି । ରକ୍ତ ପରୀକ୍ଷା କେନ୍ଦ୍ର ଠାରେ ନିୟୋଜିତ ହୋଇଥିବା କର୍ମଚାରୀ ଆକାଶ ପଣ୍ଡା ନାମକ ଯୁବକଙ୍କ ଔଦ୍ଧତ୍ୟ ଚରମ ସୀମାରେ ପହଞ୍ଚିଛି । ରକ୍ତ ନମୁନା ପରୀକ୍ଷା କରି ଆସୁଥିବା ରୋଗୀମାନଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର କରୁଥିବା ବେଳେ ସାମ୍ବାଦିକଙ୍କୁ ମଧ୍ୟ ଦୁର୍ବ୍ୟବହାରର ଶିକାର ହେବାକୁ ପଡିଛି । ଏଭଳି ଘଟଣା ପୂର୍ବରୁ ଅନେକ ଥର ଘଟିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ସୂଚନା ଅନୁଯାଇ ସକାଳ ୯.୫୦ ସମୟରେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମ୍ବାଦିକ ସୁଶାନ୍ତ ଥନାପତି ନିଜ ଭଣଜା ଲିପୁନ ଭୋଇ (୧୧) କୁ ନେଇ ବ୍ଲଡ଼ ଗ୍ରୁପ ଓ ସିକଲିନ ପରୀକ୍ଷା କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରକ୍ତ ନମୁନା ଦେବା ପାଇଁ ଯାଇଥିଲେ । ପରୀକ୍ଷା କେନ୍ଦ୍ର ଠାରେ ନିୟୋଜିତ ଥିବା କର୍ମଚାରୀ ଆକାଶ ପଣ୍ଡା ନାମକ ଯୁବକ ରୋଗୀଙ୍କ ପ୍ରେସକ୍ରିପଶନ ଦେଖି ଆଜି ବ୍ଲଡ଼ ଗ୍ରୁପ ଟେଷ୍ଟ ହୋଇପାରିବ ନାହିଁ କାଲି କି ଆସ ବୋଲି କହିଥିଲେ ତେବେ ଅନ୍ୟଜଣେ ରୋଗୀ ପାଞ୍ଚ ପୁଟେଲ (୬୦) ସିବିସି ଟେଷ୍ଟ କରିବା ପାଇଁ ଯାଇଥିବା ବେଳେ ସେ ମଧ୍ୟ ଦୁର୍ବ୍ୟବହାରର ଶିକାର ହୋଇଥିଲେ । ତେବେ କ'ଣ ପାଇଁ କାଲିକୁ ଆସିବୁ ଆଜି କ'ଣ ଟେଷ୍ଟ ହୋଇପାରିବ କି ନାହିଁ ବୋଲି ପଚାରିବାରୁ ଉତ୍ତ୍ୟକ୍ତ ହୋଇ ଯାଇ ଆଜି ଟେଷ୍ଟ ହୋଇପାରିବ ନାହିଁ ଯାହାକୁ କହିବାର ଅଛି କହ ମୁଁ କହିଲି ମାନେ କହିଲି ବୋଲି କହିଥିଲେ । ତେବେ ଜଣେ ସାମ୍ବାଦିକ ହିସାବରେ ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଜୟନ୍ତ ବାଗଙ୍କୁ ଅବଗତ କରାଯିବା ପରେ ସେ କହିଥିଲେ ରକ୍ତ ନମୁନା ଦିଅନ୍ତୁ ମୁଁ କହି ଦେଉଛି ଟେଷ୍ଟ କରିବେ ବୋଲି ପ୍ରକାଶ କରିଥିଲେ । ତେବେ କର୍ମଚାରୀ ପ୍ରଥମେ କାହିଁକି ମନା କଲେ ପରେ ଅଧିକାରୀ କହିଲା କ୍ଷଣି ହଁ କଲେ କାହିଁକି ତେବେ ସୁରୁଖୁରୁରେ ରକ୍ତ ନମୁନା ସଂଗ୍ରହ କରାଗଲା । କିଛି ସମୟ ପରେ ବ୍ଲଡ଼ ଗ୍ରୁପ ରିପୋର୍ଟ ଆଣିବା ପାଇଁ ପରୀକ୍ଷା କେନ୍ଦ୍ର ଗୃହକୁ ପ୍ରବେଶ କରିବା କ୍ଷଣି ସେହି କର୍ମଚାରୀ ବିରକ୍ତି ହୋଇ ତୁ ବେଶୀ ଦେଖେଇ ହେଉଛୁ ତୁ ନିଜକୁ କ'ଣ ବୋଲି ଭାବୁଛୁ ଯାହାକୁ ଫୋନ କରିବାର ଅଛି କର ମୋର ଯାଏ ଆସେ ନାହିଁ, ମୋର କିଏ କିଛି କରିପାରିବ ନାହିଁ ଆଗାମୀ ଥର ଯଦି ଟେଷ୍ଟ ପାଇଁ ଆସିବୁ ମୁଁ ତୋର ଟେଷ୍ଟ କରିବି ନାହିଁ ବୋଲି ବିରକ୍ତ ହୋଇ ରାଗ ତମ ତମରେ କହିଥିଲେ । ଜଣେ ସାମ୍ବାଦିକଙ୍କୁ ଏଭଳି ବ୍ୟବହାର ପ୍ରଦର୍ଶନ କରିଥିବା ବେଳେ ସାଧାରଣ ଲୋକଙ୍କୁ ମଧ୍ୟ ବହୁ ହଇରାଣ କରୁଥିବା ଅଭିଯୋଗ ହେଉଛି । ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଏଭଳି ଆଚରଣ କେତେଦୂର ଯୁକ୍ତିଯୁକ୍ତ ? ଯଦି ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଏଭଳି ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି ତେବେ ସାଧାରଣ ରୋଗୀଙ୍କ କଥା କିଏ ପଚାରେ । କର୍ମଚାରୀଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦ୍ୱିତୀୟ ଥର ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡ଼ା. ଜୟନ୍ତ ବାଗଙ୍କୁ ଜଣାଇବାରୁ ଯଦି ଦୁର୍ବ୍ୟବହାର ଓ ଅସମ୍ମାନ କରାଯାଇଛି ତାହା ହେଲେ ଆପଣ ଲିଖିତ ଭାବରେ ଦିଅନ୍ତୁ ମୁଁ କାର୍ଯ୍ୟାନୁଷ୍ଠାନ ନେବି ବୋଲି ଉତ୍ତର ରଖିଥିଲେ । ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଏଭଳି ଦୁର୍ବ୍ୟବହାର କରାଯାଉଛି ଆଉ ଅଧିକାରୀ ନିଜ କର୍ମଚାରୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ପ୍ରୟାସ କରି ଲିଖିତ ଭାବରେ ଦିଅନ୍ତୁ ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ କର୍ମଚାରୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ବଦଳରେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବା ପରିତାପର ବିଷୟ । ଏଭଳି ଘଟଣା ତଦନ୍ତ ସାପେକ୍ଷ । ତୁରନ୍ତ ଏଭଳି କର୍ମଚାରୀଙ୍କ ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ହେଉଛି । ଜିଲା ପ୍ରଶାସନ ଏହାକୁ କେତେ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ନା କର୍ମଚାରୀଙ୍କୁ ଘଣ୍ଟ ଘୋଡ଼ାଉଛି ତାହାକୁ ଅପେକ୍ଷା ।

# ଯୁଗ୍ମ ଜନ ଶୁଣାଣିରେ ୧୪୩ ଅଭିଯୋଗ ଫଇସଲା



ବାରିପଦା (ଭାସ୍କର ନ୍ୟୁଜ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ ପ୍ରୋବେଶନର ମିସ୍ କାଶୀଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୪୩ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୪୩ଗୋଟି ଅଭିଯୋଗ ମଧ୍ୟରୁ ୧୩୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୦୮ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୧୨ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୮ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୦ହଜାର ଟଙ୍କା ଏବଂ ୨ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ୭ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ ।




କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଜନବିରୋଧୀ, ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତି ବିରୁଦ୍ଧରେ ଓ ଶ୍ରମିକ ବିରୋଧୀ ଶ୍ରମ କୋର୍ଡର ବାତିଲ, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଅସ୍ଥାୟୀ ଠିକା ନିଯୁକ୍ତି ଓ ଆଉଟ ସୋର୍ସିଂ ବନ୍ଦ ସହ ସମାନ କାମକୁ ସମାନ ମଜୁରୀ, ସର୍ବନିମ୍ନ ମାସିକ ପେନସନ ସମସ୍ତଙ୍କୁ ୯୦୦୦ ଟଙ୍କା ସହ ସମସ୍ତ ଶ୍ରମଜିବୀଙ୍କୁ ସାମାଜିକ ପେନସନ ପ୍ରଦାନ ଆଦି ୧୭ ଦଫା ଦାବି ବହୁ ସଂଗଠନ ୯ ଜୁଲାଇ ଦେଶବ୍ୟାପୀ ହରତାଳର ଡାକରା ଦେଇଛନ୍ତି। ୯ ଜୁଲାଇ ଦେଶବ୍ୟାପୀ ହରତାଳକୁ ସମସ୍ତ ସ୍ତରର ଜନସାଧାରଣ ସମର୍ଥନ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କର୍ମଚାରୀ ଫେଡେରେସନ ପକ୍ଷରୁ କିଶୋର ଜେନା, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ବିଜୟ ପତି, କେଶବ ଷଡଙ୍ଗୀ, ମନୋରଞ୍ଜନ ମହାରଣା, ମନୋଜ କୁମାର ମହାନ୍ତି, ନିହାରରଞ୍ଜନ ଦାସ,ରାଜକିଶୋର ମଲ୍ଲିକ, ଚନ୍ଦ୍ରକାନ୍ତ ବେହେରା, ଅଭୟ ସ୍ୱାଇଁ, ପ୍ରଶନ୍ନ ମହାପାତ୍ର, ଅଶୋକ ତା ପ୍ରମୁଖ ନିବେଦନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ପାଳି ଅଭିଯୋଗ ଶୁଣାଣି

# ୯୩ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାଜର ଶେଷ ଧାଡିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରିବ ଯେ ସରକାର ସୁଖଦୁଃଖରେ ତା ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ଲୋକଙ୍କ ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱାଦଶ ପାଳି। ସୋମବାର ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ପଞ୍ଜିକୃତ କରିଥିବା ୧ ହଜାର ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ।



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମସନ୍ତୋଷର ଚିହ୍ନ। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୧୦ ଜଣଙ୍କ ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ ଅଭିଯୋଗ ମଧ୍ୟରୁ ୧୦,୧୩୨ ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୩ ପ୍ରତିଶତ ଅଟେ । ବକେୟା ଅଭିଯୋଗ ପ୍ରୋସେସରେ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ଏବଂ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ ଯୁକ୍ତଦୁଇ କଟ୍ଅଫ୍ ମାର୍କ ତାଲିକା

# କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଆଗରେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁକ୍ତ ଦୁଇ ଆଡମିଶନ ପାଇଁ ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ କଟଅଫ୍ ମାର୍କ ତାଲିକା । ବିଜ୍ଞାନ ଓ ବାଣିଜ୍ୟ ଓ କଳା କଟଅଫ୍ ମାର୍କରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଟକ ଶୀର୍ଷରେ ରହିଛି । ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୧.୮୩% ସହ ରେଭେନ୍ସା ଶୀର୍ଷରେ ରହିଛି । ସେହିପରି ୮୯.୪୦% ମାର୍କ ସହ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି । ୮୭.୫୦ % କଟଅଫରେ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି । ସେହିପରି ବାଣିଜ୍ୟରେ ରେଭେନ୍ସା ସାଧାରଣ ବର୍ଗରେ ୮୦.୨୦% କଟଅଫ ରଖି ଶୀର୍ଷରେ ରହିଛି । ୭୮.୬୭% କଟଅ୍ ସହିତ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟରେ ରହିଛି । ୭୩.୫୦ % କଟଅ ସହିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି । ସେହିଭଳି କଳା ବିଭାଗରେ ୮୧.୩୩% କଟଅଫ ସହ ପ୍ରଥମେ ରହିଛି ରେଭେନ୍ସା, ଦ୍ୱିତୀୟରେ ରାଉରକେ। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟଅଫ ୭୭.୩୩ % ରହିଛି, ତୃତୀୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ ଅଫ ମାର୍କ ରହିଛି । ଯୁକ୍ତ ଦୁଇ ପଢ଼ିବା ପାଇଁ ୪ ଲକ୍ଷ ୪୬ ହଜାର ୨୦୫ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ସେଥିମଧ୍ୟରୁ ୪ ଲକ୍ଷ ୧୩ ହଜାର ୮୦୪ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଥମ କଟଅଫ ମାର୍କ ତାଲିକାରେ ନିଜ ବିଭାଗ ଅନୁଯାୟୀ ଚୟନ କରାଯାଇଛି । କଳା ବିଭାଗରେ ୨ ଲକ୍ଷ ୬୪ ହଜାର ୭୬୬ ଛାତ୍ରଛାତ୍ରୀଙ୍କ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି । ସେହିପରି ବିଜ୍ଞାନରେ ୧ ଲକ୍ଷ ୧୭ ହଜାର ୦୮୯ ଜଣ ଏବଂ ବାଣିଜ୍ୟରେ ୨୦ ହଜାର ୫୫୨ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ସେହିପରି ସଂସ୍କୃତରେ ୬ ହଜାର ୮୧୧ ଜଣ ଚୟନ ହୋଇଥିବା ବେଳେ ଧନ୍ଦାମୂଳକ ଶିକ୍ଷାରେ ୪ ହଜାର ୫୮୬ ଜଣଙ୍କୁ ଚୟନ କରାଯାଇଛି । ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇପାରି ନାହାଁନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସ୍ପଟ ଆଡମିଶନରେ ଭାଗ ନେବାର ସୁଯୋଗ ପାଇବେ । ତେବେ ଜୁଲାଇ ୨୪ ତାରିଖରୁ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଯୁକ୍ତଦୁଇ ପାଠପଢ଼ା ଆରମ୍ଭ ହେବ ।

## ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ସୋମବାର ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କ ପାଖରେ ଅଭିଯୋଗ ଦାଖଲ କରିଛନ୍ତି । ଏହା ପୂର୍ବରୁ ଡ଼ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି । ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ । ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଈଳା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ ।

## ଭବାନୀପାଟଣାରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଭବାନୀପାଟଣାରେ ହେବ ମୁଖ୍ୟମନ୍ତ୍ରୀଙ୍କ ଆଗାମୀ ଅଭିଯୋଗ ଶୁଣାଣି। ଏଥିପାଇଁ ଆପାତଃ ନିଷ୍ପତି ହୋଇଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ ଅଭିଯୋଗ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ଅଭିଯୋଗ ଶୁଣାଣି ଆଜି ଶେଷ ହୋଇଛି। ଭୁବନେଶ୍ୱର ରେ ୧୧ ଥର ଓ ସମ୍ବଲପୁରରେ ୧ ଥର ହୋଇଛି। ରାଜଧାନୀ ବାହାରେ ପୂର୍ବରୁ ଶୁଣାଣି ହୋଇଛି। ଆଗକୁ ଅନ୍ୟ ଜିଲ୍ଲାରେ ଅଭିଯୋଗ ଶୁଣାଣି ହେବ। ପ୍ରତିଥର ୧୦୦୦ ଲୋକଙ୍କ ଅଭିଯୋଗ ଶୁଶାଣି ପାଇଁ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ୭ ଜଣ ମନ୍ତ୍ରୀ ଓ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି। ସ୍ୱାସ୍ଥ୍ୟ ଓ ଚିକିତ୍ସା ସମ୍ବନ୍ଧିତ ସମସ୍ୟାରେ ତୁରନ୍ତ ସମାଧାନ କରାଯାଉଛି। ଚଳିତ ବର୍ଷ ଠାରୁ ଗତ ଶୁଣାଣି ମଧ୍ୟରେ ୩୮ ଜଣଙ୍କୁ ତୁରନ୍ତ ୪୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିସାରିଛି। ଆଜି ମଧ୍ୟ ୧୦ ଜଣଙ୍କୁ ୯ ଲକ୍ଷ ୫୦ ହଜାର ଟଙ୍କା ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ଲୋକଙ୍କୁ ପ୍ରଦାନ କରାଯାଇଛି ବୋଲି କହିଛନ୍ତି ସୁରେଶ ପୂଜାରୀ।

## ସେବାଦଳ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ: ଭକ୍ତ ଦାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର କାର୍ଯ୍ୟକର୍ତ୍ତା ବୈଠକ ନବନିଯୁକ୍ତ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ପୌରହିତ୍ୟରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ପ୍ରଦୀପ ପ୍ରଜ୍ୱଳନ କରି ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ । ନବନିଯୁକ୍ତ ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଉଷ୍ମସିତ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ ସେବାଦଳ ସଂଗଠନ ହେଉଛି କଂଗ୍ରେସ ଦଳର ମୂଳ ଅଙ୍ଗ। ଏହାକୁ ଆମେ ଯେତେ ସୁଦୃଢ଼ କରିପାରିବା ତାହାର ସୁଫଳ କଂଗ୍ରେସ ଦଳ ଉପରେ ପଡ଼ିବ । ସେଥିପାଇଁ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏଆଇସିସି ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ, ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଅଶୋକ ଦାସ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, କିଶୋର ଜେନା, ଡ. ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଜିତ ଦାଶ, ଅଭୟ ସାହୁ, ମାନସ ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ପ୍ରମୁଖ ଉଦ୍‌ବୋଧନ ଦେଇ ସେବାଦଳ ସଂଗଠନକୁ ମଜବୁତ କରିବା ଦିଗରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ଅବସରରେ ଆସନ୍ତା ୧୧ରେ ଓଡ଼ିଶା ଗସ୍ତରେ ଆସୁଥିବା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ ଓ କେସି ଭେଣୁଗୋପାଳଙ୍କ ସମ୍ବିଧାନ ବଞ୍ଚାଅ ମହାସମାବେଶ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଏକ ପ୍ରସ୍ତୁତି ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ ।

## 'ସରକାରଙ୍କ ହଜାର ହଜାର ଏକର ଜମି ଜବରଦଖଲ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରଙ୍କ ହଜାର ହଜାର ଏକର ଜମି ଜବରଦଖଲ ହୋଇରହିଛି। ତାର ସମାଧାନ ପାଇଁ ସମୟ ଲାଗିବ। ସରକାରଙ୍କ ଜମି ସରକାରଙ୍କ ରାଜସ୍ୱ ଖାତାକୁ ଫେରିବ। ଗରିବଙ୍କୁ ଜମି ଦିଆଯିବ ଓ ସମ୍ପତ୍ତି ଲୋଭି ଲୋକଙ୍କ ଯେଉଁମାନେ ଜବରଦଖଲ କରିଛନ୍ତି ସେମାନେ ଆଗାମୀ ଦିନରେ ବୁଲଡୋଜର ଦେଖିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

## 'ମନମୋହନଙ୍କ ନେତୃତ୍ୱରେ ବିଜେପି ମଜଭୁତ ହେବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମନମୋହନ ସାମଲ ପୁଣି ଥରେ ବିଜେପି ସଭାପତି ହେବା ନେଇ ପ୍ରତିକ୍ରିୟା ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପି ମଜଭୁତ ହେବ।

## ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୨୭ ତାରିଖ ରବିବାର ଦିନ କଟକ ଜିଲ୍ଲା ଆଇନ ସେବା ପ୍ରାକରଣ ପରିସରରେ କେବଳ ଚେକ୍ ବାଉନ୍ସ କେସ୍ (NI Act U/s-୧୩୮) ଜନିତ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି । ଉକ୍ତ ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ଚେକ୍ ବାଉନ୍ସ ମାମଲାର (NI Act U/s- ୧୩୮) ଆପୋଷ ସହମତିରେ ସମାଧାନ କରାଯାଇ ପାରିବ । ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତରେ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ । ଏହା କଟକ ଜିଲ୍ଲା ଆଇନ ସେବା ପ୍ରାକରଣ ଅଧ୍ୟକ୍ଷଙ୍କ ସୂତ୍ରରୁ ପ୍ରକାଶ । ଅଧିକ ସୂଚନା ନିମନ୍ତେ ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକଙ୍କୁ (୦୬୭୧-୨୩୬୮୩୮୩) ଯୋଗାଯୋଗ କରିପାରିବେ ।

# ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ବୈଠକ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାରେ ଡେଙ୍ଗୁ ରୋଗର ପ୍ରତିରୋଧ ତଥା ନିୟନ୍ତ୍ରଣ ନିମନ୍ତେ ସୋମବାର କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ମହାନଗର ନିଗମ, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା, ପୂର୍ତ୍ତ, ପଞ୍ଚାୟତିରାଜ, ଜନସ୍ୱାସ୍ଥ୍ୟ, ସମାଜମଙ୍ଗଳ, କୃଷି, ଗ୍ରାମୀଣ ପାନୀୟ ଜଳଯୋଗାଣ, ମତ୍ସ୍ୟ, ଜିଲ୍ଲା ମଙ୍ଗଳ ବିଭାଗ, ମିଶନ ଶକ୍ତି ଆଦି ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଡେଙ୍ଗୁ ନିରାକରଣ ନିମନ୍ତେ ମିଳିତ ଭାବରେ ଉଦ୍ୟମ ପାଇଁ ଆଲୋଚନା କରିଥିଲେ । ଡେଙ୍ଗୁର ଲକ୍ଷଣ, ସଂକ୍ରମଣ, ନିରାକରଣ ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉପସ୍ଥାପିତ ତଥ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଡେଙ୍ଗୁରେ ଆକ୍ରାନ୍ତ ରୋଗୀର ରକ୍ତନମୁନା ପରୀକ୍ଷା 'ଏଲିସା ପରୀକ୍ଷା' ଅଧୁନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏସ୍‌ସିବିରେ ଉପଲବ୍ଧ ହେଉଥିବା ବେଳେ ବାଙ୍କୀ, ଆଠଗଡ ଡାକ୍ତରଖାନାରେ ମେସିନ ଉପଲବ୍ଧ କରାଇବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମହାନଗର ନିଗମରେ ଡେଙ୍ଗୁ ଜୀବାଣୁର ଅଧିକ ଉପସ୍ଥିତି ପରିଧିକୁ ଚିହ୍ନଟ କରି ଏହାର ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଶା ଧୂଆଁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ବଦଳାଇ ଏହା ନିୟମିତ ଭାବେ ପ୍ରୟୋଗ ନିମନ୍ତେ ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ଏସ୍‌ସିବି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଆଦିରେ ଡେଙ୍ଗୁ ୱାର୍ଡ ସହ ପର୍ଯ୍ୟାପ୍ତ ପରିମାଣରେ ଡେଙ୍ଗୁ ପରୀକ୍ଷା କିଟ୍ ତଥା ଔଷଧ ମହଜୁଦ ଥିବା ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ ।



### ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ମିଥ୍ୟା ଭିଡିଓ ଭାଇରାଲ ଘଟଣା

# ବିଧାୟିକା ସୋଫିଆଙ୍କ ଦ୍ୱାରା ଏତଲା ଦାଖଲ



କଟକ(ଭାସ୍କର ନ୍ୟୁଜ୍): ବିରୋଧୀ ଦଳ ନେତା ଓ ସାଂସଦ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ସାମାଜିକ ଗଣମାଧ୍ୟମରେ ଚାଲିଥିବା ମିଥ୍ୟା ଏବଂ ଏଡିଟ କରାଯାଇଥିବା ଭିଡିଓ ପ୍ରଚାରକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ସୋମବାର ଲାଲବାଗ ଥାନାରେ ଏତଲା ଦାଖଲ କରିଛନ୍ତି । କଂଗ୍ରେସ ପକ୍ଷରୁ ବିହାରରେ ମହିଳାଙ୍କ ପାଇଁ ସ୍ୟାନିଟାରି ନାପକିନ ପ୍ୟାଡ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଉଦ୍ୟମକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଏକ ଏଡିଟ କରାଯାଇଥିବା ଭିଡିଓ ରତନ ରଞ୍ଜନ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଭାଇରାଲ କରାଯାଇଛି । ବିଧାୟିକା ସୋଫିଆ ଫିରଦୋସ ଏହି ଘଟଣାକୁ ଗୁରୁତ୍ୱଦେଇ ଲାଲବାଗ ଥାନାରେ ତାଙ୍କ ବିରୁଦ୍ଧରେ ଏତଲା ଦାଖଲ କରି ତୁରନ୍ତ ଗିରଫ ଓ ମାମଲା ରୁଜୁ କରିବା ସହ ଏହି ଭିଡିଓକୁ ସମସ୍ତ ସାମାଜିକ ମାଧ୍ୟମରୁ ବିଲୋପ କରାଯିବା ଦାବି କରିଛନ୍ତି । ଏଥିରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ସୁରେନ୍ଦ୍ର ନାଥ କର, ଶୈଳବାଳା ଜେନା, ବାସୁଦେବ ମିଶ୍ର, ରମେଶ ବେହେରା, ଗଙ୍ଗାଧର ସାମଲ, ନିତ୍ୟାନନ୍ଦ ରାଉତରାୟ, ଆକାଶ ଭୂୟିନ, ମହମ୍ମଦ ଇମ୍ରାନ, ପ୍ରଦୋଷ ଦାସ, ମୀର ମିଜାଫର ଅଲ୍ଲୀ, ସେକ ସମିମ, ରୂପକ ପାତ୍ର, ରାକେଶ ଦାସ, ସେକ ଅଜିଜ ଖାନ, ଭାରତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ୭୬ତମ ବନ ମହୋତ୍ସବ ପାଳିତ

# ୨୦୩୬ ସୁଦ୍ଧା 'ସବୁଜ ଓଡ଼ିଶା' ଗଠନ ପ୍ରମୁଖ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟରେ କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାର ଗୁଡିକର ପୁନର୍ବିନ୍ୟାସ କରାଯାଇଛି । ସୋମବାର ପୁରୁଣା ଭୁବନେଶ୍ୱର ସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ନୂତନ ପୁରସ୍କାର ଆଜିଠାରୁ ହିଁ ଲାଗୁ ହୋଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ପୁରସ୍କାର ଯୁଗ୍ମ ଭାବେ ପାଇଛନ୍ତି କଳାହାଣ୍ଡିର 'ତୁଲଙ୍ଗଦର ବନ ସୁରକ୍ଷା ସମିତି' ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର 'ପାହାଡପୁର ବନ ସୁରକ୍ଷା ସମିତି'। ଉଭୟଙ୍କୁ ମିଳିତ ଭାବେ ୪ ଲକ୍ଷ ଟଙ୍କା ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ବଜାରଗଡ ଜଙ୍ଗଲର ୫୦ ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରି ଏହି ଅବକ୍ଷୟ ପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କରିପାରିଛନ୍ତି। ଏହି ସମିତିର ଉଦ୍ୟମ ଯୋଗୁଁ ଗତ ତିନି ବର୍ଷରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟି ନାହିଁ। ସେହିପରି କରଞ୍ଜିଆ ଫରେଷ୍ଟ ଡିଭିଜନର ପାହଡପୁର ବନ ସୁରକ୍ଷା ସମିତି ବୁଢ଼ିପାଟ ଜଙ୍ଗଲର ୧୫୯ ହେକ୍ଟର ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରି ଜଙ୍ଗଲର ସୁରକ୍ଷା କରିଛନ୍ତି। ଗତ ୫ବର୍ଷ ମଧ୍ୟରେ ଏହି ଜଙ୍ଗଲରେ ଗୋଟିଏ ବି ବନାଗ୍ନି ଘଟଣା ଘଟି ନାହିଁ। ଏହା ସହିତ ମନୁଷ୍ୟ-ହାତୀ ସଂଘର୍ଷ ଘଟଣା ମଧ୍ୟ ନିୟନ୍ତ୍ରଣକୁ ଆସିପାରିଛି। ଏହି କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଏକ ସୁନ୍ଦର ଓ ସବୁଜ ଓଡିଶା ଗଠନ କରିବା ପାଇଁ କହିଲେ ଯେ, ୨୦୩୬ ସୁଦ୍ଧା ଭିଜନ ଓଡିଶା କାର୍ଯ୍ୟକ୍ରମରେ 'ସବୁଜ ଓଡିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସବୁଜ ଓଡିଶା ଯୋଜନାରେ ଆଦିବାସୀ ମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ ରୁ ଅଧିକ ପ୍ରକ୍ରିୟା କରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୀତାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ

### ଆର୍ଥିକ ଅସମାନତାର ଉର୍ଦ୍ଧ୍ୱମୁଖୀ ଧାରା

# ଭବିଷ୍ୟତ ପାଇଁ ସଙ୍କଟର ସଂକେତ

ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢି ଚାଲିଥିବାର ଲକ୍ଷ୍ୟ କରାଯାଉଛି। କେଉଁଠି ଧନଶାଳୀ ବ୍ୟକ୍ତି ଦିନକୁ ଦିନ ଅଧିକ ଧନୀ ହୋଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ବେଳେ ଅନ୍ୟ କେଉଁଠି ଗରିବ ଲୋକଟିଏ ଅଧିକ ଗରିବ ହୋଇ ଭୋକ ଉପାସରେ ଦିନ କାଟୁଛି। ବୈଷମ୍ୟର ଏହି ମେଘନାଦ ପ୍ରାଚୀର ବିଭିନ୍ନ ଦେଶରେ ଜନ ଅସନ୍ତୋଷର ମୂଳକାରଣ ହୋଇଛି। ଦାରିଦ୍ର୍ୟ କବଳରୁ ମୁକ୍ତିଲାଭ କରି ଦୁଇଓଳି ଆହାର ମୁଠିଏ ପାଇବାକୁ ମଣିଷର ସଂଗ୍ରାମ ଜାରି ରହିଥିବା ବେଳେ ଯେଉଁଠି ଏଥିରୁ ବଞ୍ଚିତ ହେଉଛି, ସେଠାରେ ହିଂସାର ଆଶ୍ରୟ ନେବାକୁ ପଛାଉନାହିଁ। ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ଟପି ସାରିଛି, ଯାହା ଆଗାମୀ ଦିନରେ ଖାଦ୍ୟାଭାବ ଓ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ମୁଖ୍ୟ କାରଣ ହେବ। ମିଳିତ ଜାତିସଂଘ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ଏଥିରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୮୨ କୋଟି ଲୋକ ପ୍ରତିଦିନ ରାତିରେ ଖାଇବାକୁ ନପାଇ ଉପାସ ରହୁଛନ୍ତି। ଗତ ୨୦୧୯ ମସିହା ଠାରୁ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୧୩ କୋଟି ୫୦ ଲକ୍ଷରୁ ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଉଛି ଯେ, ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି, ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ତିନିବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ମଧ୍ୟ ଏହି ପ୍ରସଙ୍ଗ ଉତ୍‌ଥାପିତ ହୋଇଥିଲା। ସେଠାରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିଶ୍ୱନେତାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ ଏବେ ଲୋକମାନେ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ଜି-୨୦ ରାଷ୍ଟ୍ରଗୁଡ଼ିକରେ ଦୁନିଆର ସର୍ବାଧିକ ଧନଶାଳୀ ବ୍ୟକ୍ତି ବସବାସ କରୁଥିବାର ଆକଳନ କରାଯାଇଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦର୍ଶାଇଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଉତ୍ପାଦିତ ହେଉଛି। ଏହାର ପରିମାଣ ପ୍ରାୟ ୪ ବିଲିୟନ ଟନ୍ ହୋଇଥିବା ବେଳେ ଏହି ଉତ୍ପାଦିତ ଖାଦ୍ୟରୁ ଏକ ତୃତୀୟାଂଶ ନଷ୍ଟ ହୋଇଯାଉଛି। ନଷ୍ଟ ହେଉଥିବା ଖାଦ୍ୟ ଭିତରେ ମୁଖ୍ୟତଃ ଫଳ, ପନିପରିବା, ଦୁଗ୍ଧ ଓ ମାଂସ ଅନ୍ତର୍ଭୁକ୍ତ, ଯାହାର ପରିମାଣ ୧.୩ ବିଲିୟନ ଟନ୍ ହେବ ବୋଲି ଆକଳନ କରାଯାଉଛି। ଯେତିକି ଖାଦ୍ୟ ନଷ୍ଟ ହେଉଛି, ତାହା ପୁଷ୍ଟିକର ଖାଦ୍ୟ ପାଉନଥିବା ଲୋକଙ୍କୁ ଯୋଗାଇବା ପାଇଁ ଯଥେଷ୍ଟ ହୁଅନ୍ତା। ଅଥଚ ଏତେ ପରିମାଣର ଉନ୍ନତ ଖାଦ୍ୟ ନଷ୍ଟ ହେଲେ ମଧ୍ୟ ମଣିଷ ତାହା ପାଇପାରୁ ନାହିଁ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବାଧକ ସାଜିଥିବା ଅନ୍ୟ କାରଣଟି ହେଉଛି, ବିଭିନ୍ନ ଖାଦ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟବୃଦ୍ଧି। ଗରିବ ଲୋକ ଅଧିକ ଅର୍ଥ ଖର୍ଚ୍ଚ କରି ତାହା କିଣିବାକୁ ସକ୍ଷମ ହେଉନାହାଁନ୍ତି ଏବଂ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ଶସ୍ତା ଦରରେ ନିମ୍ନମାନର ଖାଦ୍ୟ ଖାଇବା ଫଳରେ ପୁଷ୍ଟିହୀନତା ବୃଦ୍ଧି ପାଉଛି। ମହିଳା ଓ ଶିଶୁମାନଙ୍କ ପାଇଁ ପୁଷ୍ଟିହୀନତା ଏକ ବଡ଼ ସମସ୍ୟା ରୂପେ ଦେଖାଦେଇଥିବାର ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ଶିଶୁମାନଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହେବାର ସମ୍ଭାବନା ରହିଛି। ପ୍ରାୟ ତିନି ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଶ୍ୱର ସମସ୍ତ ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅତିମାତ୍ରାରେ ବୃଦ୍ଧି ପାଇଛି। ଏହି ଦୁଇ ଦେଶ ସାରା ଦୁନିଆକୁ ଗହମ, ବାର୍ଲି, ମକା ଓ ସୂର୍ଯ୍ୟମୁଖୀ ତେଲ ଯୋଗାଇବାରେ ଅଗ୍ରଣୀ ଭୂମିକା ନେଇଥାନ୍ତି। ଉଭୟ ଜନସଂଖ୍ୟାର ଦ୍ରୁତବୃଦ୍ଧି ଓ ଭୟଙ୍କର ଖାଦ୍ୟ ସଙ୍କଟ ଭବିଷ୍ୟତରେ ହିଂସା ଓ ଅରାଜକତାକୁ ଆମନ୍ତ୍ରଣ କରିଆଣିବା କିଛି ଅସମ୍ଭବ ନୁହେଁ। ତେଣୁ ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ବିଭିନ୍ନ ଦେଶ ଏହାର ପ୍ରତିକାର ନିମନ୍ତେ ସୁଚିନ୍ତିତ ରଣନୀତି ଆପଣାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଜାତିସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଯେ ଆବଶ୍ୟକତା ରହିଛି, ଏଥିରେ ସନ୍ଦେହ ନାହିଁ।

## ନୀତିବାଣୀ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

ଭାବାର୍ଥ : ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ।

# ପରବର୍ତ୍ତୀ ଦଲାଇଲାମା ବଛାଯିବେ କେମିତି




ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦


ତିବ୍ବତର ବୌଦ୍ଧ ଧର୍ମଗୁରୁ ଦଲାଇଲାମା ହେଉଛି ଏକ ପଦବୀ। ଉତ୍ତରାଧିକାର ସତ୍ତ୍ୱରେ ଏହା ବଛା ଯାଇଥାଏ। ଯିଏ ଦଲାଇଲାମା ଥାନ୍ତି ତାଙ୍କର ପରବର୍ତ୍ତୀ ଦଲାଇଲାମା କିଏ ହେବ ସେ ସମ୍ପର୍କରେ ଆଉ ଜଣଙ୍କୁ ବାଛିଥାନ୍ତି। ଯେତେବେଳେ ଏ ପର୍ଯ୍ୟନ୍ତ ଏହା ସ୍ଥିର ହୋଇନାହିଁ ସେ ତାଙ୍କର ଉତ୍ତରାଧିକାରୀ ବାଛିବେ ଅବା କେବଳ ନାମଟି ଘୋଷଣା କରିଦେବେ ତାହା ଏପର୍ଯ୍ୟନ୍ତ ସିଦ୍ଧାନ୍ତ ହୋଇନାହିଁ ଏବଂ ଏହି ଦଲାଇଲାମା ବଛାଯିବାର ଭୌଗଳିକ, ରାଜନୈତିକ ଉଦ୍ଦେଶ୍ୟ କ'ଣ ତାହା ହେଉଛି ଅତି ବ୍ୟାପକ। ଦଲାଇଲାମା ହେଉଛନ୍ତି ଜଣେ ଆଧ୍ୟାତ୍ମିକ କର୍ତ୍ତୃପକ୍ଷ ଯିଏକି ତିବ୍ବତରେ ସେଠାକାର ଲୋକଙ୍କ ଜୀବନ ଉପରେ ବ୍ୟାପକ ପ୍ରଭାବ ବିସ୍ତାର କରିଥାନ୍ତି। ଚୀନ ଏକଥା ଜାଣେ ଏବଂ ସେଥିପାଇଁ ତା' ନିଜର ଦଲାଇଲାମାକୁ ତିବ୍ବତର ଲୋକଙ୍କ ଉପରେ ଲଦିଦେବାକୁ ଚେଷ୍ଟା କରିନାହିଁ। ଏପରିକି ଦଲାଇଲାମା ଭାରତରେ ୧୯୫୯ ମସିହାରୁ ରହି ଆସିଥିଲେ ମଧ୍ୟ ଚୀନ ଆଉ ଜଣେ ଦଲାଇଲାମାଙ୍କୁ ବାଛିନାହିଁ। ଯଦିଓ ତିବ୍ବତ ଏବେ ଚୀନର ଏକ ଅଂଶ ହୋଇରହିଛି। ଚୀନ ଗୋଟିଏ ସଠିକ୍ ସୁଯୋଗ ଖୋଜୁଛି ଯେତେବେଳେ ତିବ୍ବତର ଏହି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ମାଡ଼ି ବସିବ ଏବଂ ଯେତେବେଳେ ଦଲାଇଲାମାଙ୍କର ମୃତ୍ୟୁ ହେବ।

### ଦଲାଇଲାମାଙ୍କର ମୃତ୍ୟୁ ପରେ

ଯେତେବେଳେ ଦଲାଇଲାମା ଆଉ ରହିବେ ନାହିଁ ସେତେବେଳେ ଚୀନକୁ ଏହି ସୁଯୋଗ ମିଳିବ। କିନ୍ତୁ ପୁନର୍ଜନ୍ମର ପଦ୍ଧତି ଅନୁସାରେ ଯଦି ମନୋନୟନ ପଦ୍ଧତିକୁ ଅନୁସରଣ କରାଯାଏ ତେବେ ବର୍ତ୍ତମାନର ଦଲାଇଲାମାଙ୍କ ପରେ ଆଉ ଜଣେ ଦଲାଇଲାମା ଆସିବେ। ଏହି ପରମ୍ପରା ଅନୁସାରେ ଥରେ ଦଲାଇଲାମାଙ୍କର ଉତ୍ତରାଧିକାରୀ ଚିହ୍ନଟ କରାଗଲା ପରେ ଦେଖାଯିବ ଯେ, ସାଧାରଣତଃ ସେ ଜଣେ ଯୁବକ ପିଲା ହୋଇଥିବେ। ଇତିମଧ୍ୟରେ ୨୦ବର୍ଷର ପାର୍ଥକ୍ୟ ହେଲାଣି ଯେତେବେଳେ ନୂଆ ମନୋନୀତ ଦଲାଇଲାମା ଦାୟିତ୍ୱ ଗ୍ରହଣ କରିବେ। ଚୀନ ସେତେବେଳେ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ ଓ ନିଜର ଦଲାଇଲାମାକୁ ନିଯୁକ୍ତି କରି ଲାସାର ପୋଟାଲା ରାଜପ୍ରାସାଦ(ପ୍ୟାଲେସ)ରେ ବସାଇବ। କିନ୍ତୁ ଏବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ରହିଛି ଦଲାଇଲାମାଙ୍କର ପାଖରେ ରହିଛି ଗୋଟିଏ ବୈଦ୍ଧତାର ପ୍ରଶ୍ନ। ପୂର୍ବରୁ ଦଲାଇଲାମା ବିବୃତ୍ତି ଦେଇଥିଲେ ଯେ, ଦଲାଇଲାମା ସୃଷ୍ଟି ହୋଇଥାନ୍ତି ଏବଂ ଏହା ଉତ୍ତରାଧିକାର ପ୍ରସଙ୍ଗକୁ ଆସିଥାଏ। ଏହା ଗୋଟିଏ ସମ୍ଭାବନା ସୃଷ୍ଟି ହୁଏ ଯେ, ଗୋଟିଏ ଉତ୍ତରାଧିକାରୀ ବଛାଯିବ ଯେତେବେଳେ ଦଲାଇଲାମା ବଞ୍ଚିଥିବେ। ଦଲାଇଲାମା ଏ ବିଷୟରେ ପରିଷ୍କାର ଯେ, ତାଙ୍କ ଉତ୍ତରାଧିକାରୀ ଗୋଟିଏ ମୁକ୍ତ ପୃଥିବୀରେ ଜନ୍ମ ହେବେ ଯିଏ ଚୀନ ବାହାରେ ଥିବେ। ତେଣୁ କହବାନୁସାରେ ଏହାର ସମ୍ଭାବନା ଅଛି ଭାରତର ତାୱାନ ଅଞ୍ଚଳରୁ ଦଲାଇଲାମା ତାଙ୍କର ଉତ୍ତରାଧିକାରୀକୁ ବାଛିବେ। ବର୍ତ୍ତମାନର ଦଲାଇଲାମା ଏହି ତାୱାନ ଅଞ୍ଚଳରେ ଜନ୍ମ ହୋଇଥିଲେ ଯାହା ବର୍ତ୍ତମାନ ଅରୁଣାଚଳ ପ୍ରଦେଶରେ ଅଛି ଏବଂ ଯାହାକୁ ଚୀନ ନିଜର ବୋଲି ଦାବି କରିଆସୁଛି। ଯାହାହେଉ ଏପରି ଘଟଣା ଘଟିଲେ ଭାରତ ଚୀନ ମଧ୍ୟରେ ତିକ୍ତତା ସୃଷ୍ଟି ହେବ ଏବଂ ଭାରତ ଓ ଚୀନରେ ଗୋଟିଏ ଗୋଟିଏ କରି ଦୁଇଜଣ ଦଲାଇଲାମା ସୃଷ୍ଟି ହେବେ।

ଇତିମଧ୍ୟରେ ଯଦି ସି ଜିନ୍‌ପିଂଗ ତାଙ୍କର କାର୍ଯ୍ୟକାଳକୁ ଚୀନରେ ବଢ଼ାନ୍ତି ୨୦୨୭ରେ ଚୀନର କମ୍ୟୁନିଷ୍ଟ ପାର୍ଟି ତାହାକୁ ସମର୍ଥନ କରିବ। ଚୀନର ପାର୍ଟି କଂଗ୍ରେସରେ ଦଲାଇଲାମାକୁ ନେଇ ବିବାଦ ସୃଷ୍ଟି ହେବ ଯାହାକୁ ସେ ନିଜେ ପସନ୍ଦ କରିବେ। ଚୀନର ତିବ୍ବତ ଉପରେ ଏବେ ପୂରା ନିୟନ୍ତ୍ରଣ ଅଛି ଏବଂ ତିବ୍ବତ ଚୀନର ଏବେ ଏକ ଅଙ୍ଗ। ଚୀନ ଦ୍ୱାରା ମନୋନୀତ ଦଲାଇଲାମାକୁ ତିବ୍ବତ ଉପରେ ଲଦି ଦେବାରେ ଏକ ବିପଦ ଅଛି। ଏହା କରିବା ଫଳରେ ଚୀନକୁ ଏକ ଜୋର ଜବରଦସ୍ତି ମାଡ଼ି ବସୁଥିବା ଦେଶ ହିସାବରେ ସାରା ପୃଥିବୀରେ ଧାରଣା ସୃଷ୍ଟି ହେବ। ଚୀନର ସେନା ଏବେ ତାଇୱାନ ବିରୁଦ୍ଧରେ ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛି। କିନ୍ତୁ ଏଠାରେ ଆମେରିକାର ମଧ୍ୟ ଗୋଟିଏ ଭୂମିକା ରହୁଛି। ଆମେରିକାର କଂଗ୍ରେସ ଏବେ ଗୋଟିଏ ସର୍ବଦଳୀୟ ପ୍ରସ୍ତାବ ଗ୍ରହଣ କରିଛି ଯେ, କେବଳ ଦଲାଇଲାମା ତାଙ୍କର ଉତ୍ତରାଧିକାରୀ ବାଛିପାରିବେ। ଯେଉଁଥିରେ ଚୀନ ହସ୍ତକ୍ଷେପ କରିପାରିବ ନାହିଁ। ଭାରତ ଓ ଆମେରିକା ଦଲାଇଲାମାଙ୍କର ବଛା ପକ୍ରିୟାରେ ହସ୍ତକ୍ଷେପ କରିପାରନ୍ତି ଯେତେବେଳେ ସମୟ ଆସିବ। ତିବ୍ବତ ସେଥିପାଇଁ ବର୍ତ୍ତମାନ ପ୍ରସ୍ତୁତ ହେଉଛି ଆଗାମୀ ଦିନମାନଙ୍କରେ କ୍ଷମତା ଲଢ଼େଇରେ ପଶିବା ପାଇଁ।

### ଦଲାଇଲାମା ମନୋନୀତ ହେବେ କେମିତି ?

ତିବ୍ବତର ବୌଦ୍ଧ ଆଧ୍ୟାତ୍ମିକ ଗୁରୁ ତାଙ୍କର ୯୦ବର୍ଷ ପୂର୍ତ୍ତି ପୂର୍ବରୁ ତାଙ୍କର ଉତ୍ତରାଧିକାରୀ ବାଛିବାକୁ ଯାଉଛନ୍ତି। ଦଲାଇଲାମା ହେଉଛନ୍ତି ବୌଦ୍ଧ ଧର୍ମର ଗେଲୁଂଗ ସମ୍ପ୍ରଦାୟର ତିବ୍ବତୀୟ ବୌଦ୍ଧ। ପରମ୍ପରା କହେ ଯେ, ବରିଷ୍ଠ ବୌଦ୍ଧ ସନ୍ନ୍ୟାସୀଙ୍କର ଆତ୍ମା ତାଙ୍କର ମୃତ୍ୟୁ ପରେ ଆଉ ଜଣକ ଶରୀରକୁ ପ୍ରବେଶ କରିଥାଏ ଏବଂ ବୌଦ୍ଧ ସନ୍ନ୍ୟାସୀଙ୍କର ପୂନର୍ଜନ୍ମ ହୋଇଥାଏ। ବର୍ତ୍ତମାନର ଦଲାଇଲାମା ହେଉଛନ୍ତି ଚତୁର୍ଦ୍ଦଶ ଅବତାର ଯିଏ ଗତ ଜୁଲାଇ ୬, ୧୯୩୫ରେ ଲାମୋଧୋଣ୍ଡୁପଠାରେ ଜନ୍ମ ହୋଇଥିଲେ। ଗୋଟିଏ କୃଷକ ପରିବାରରୁ ସେ ଆସିଥିଲେ ଯାହା ଉତ୍ତର ପୂର୍ବ ତିବ୍ବତରେ ଅବସ୍ଥିତ। ତାଙ୍କୁ ଯେତେବେଳେ ଦୁଇବର୍ଷ ହୋଇଥିଲା ସେତେବେଳେ ତାଙ୍କ ଦେହରେ ତାଙ୍କ ପୂର୍ବ ଦଲାଇଲାମାଙ୍କର ଆତ୍ମା ପ୍ରବେଶ କରିଥିଲା। ତିବ୍ବତ ସରକାରଙ୍କର ଗୋଟିଏ ଅନୁସନ୍ଧାନକାରୀ ଗୋଷ୍ଠୀ ନିଷ୍ପତ୍ତି ନେଇଥିଲେ କେତୋଟି ସଂକେତ ଉପରେ। ତାଙ୍କର ଦୂରଦୃଷ୍ଟି ଥିଲା ଯେ, ଗୋଟିଏ ବରିଷ୍ଠ ସନ୍ନ୍ୟାସୀଙ୍କର ଆତ୍ମା କାହା ଦେହରେ ପ୍ରବେଶ କରୁ। ବର୍ତ୍ତମାନର ଦଲାଇଲାମାଙ୍କର ୱେବସାଇଟ୍ କହେ ଏହି କଥା। ଅନୁସନ୍ଧାନକାରୀ ଗୋଷ୍ଠୀ ବିଶ୍ୱାସ କରିଥିଲା ଯେ, ସେତେବେଳେ ଦୁଇବର୍ଷର ଶିଶୁ ବିଭିନ୍ନ ଜିନିଷକୁ ଚିହ୍ନିପାରିଥିଲା ଯାହା ତ୍ରୟୋଦଶ ଦଲାଇଲାମାଙ୍କର ଥିଲା। ପିଲାଟି ସେତେବେଳେ କହିଥଲା- 'ଏ ସବୁ ହେଉଛି ମୋର, ଏ ସବୁ ହେଉଛି ମୋର'।

ଫେବ୍ରୁଆରୀ ୨୨, ୧୯୪୦ରେ ଲାମୁଧୋଣ୍ଡୁଙ୍କୁ ଲାସାରେ ଥିବା ପୋଟାଲା ପ୍ୟାଲେସକୁ ନିଆଯାଇଥିଲା। ଯାହା ବର୍ତ୍ତମାନର ମଧ୍ୟ ତିବ୍ବର ରାଜଧାନୀ ଅଟେ ଏବଂ ସେଠାରେ ଆଇନଗତ ଭାବରେ ତାଙ୍କୁ ତିବ୍ବତର ଲୋକମାନଙ୍କର ନେତା ହିସାବରେ ଘୋଷିତ କରାଯାଇଥିଲା। ଦଲାଇଲାମା ରୂପେ ଘୋଷିତ ହେବା ପରେ ଲାମୋଧୋଣ୍ଡୁଙ୍କର ନାମ ବଦଳାଇ ତେନ୍‌ଜିନ୍ ଗ୍ୟାପ୍‌ସୋ ଯିଏକି ବର୍ତ୍ତମାନ ଦଲାଇଲାମା।

### ଉତ୍ତରାଧିକାରୀ କେମିତି ମିଳିବେ ?

ବର୍ତ୍ତମାନର ଦଲାଇଲାମା କହିଛନ୍ତି ଯେ, ତାଙ୍କର ଉତ୍ତରାଧିକାରୀଙ୍କର ଚୟନ ପୁରୁଣା ପରମ୍ପରା ଅନୁସାରେ କରାଯିବା ଉଚିତ୍। ତାଙ୍କର ପୁସ୍ତକ ଭଏସ ଫର ଦି ଭଏସଲେସ୍ ଯାହା ୨୦୨୫ରେ ପ୍ରକାଶିତ ହୋଇଛି ସେଥିରେ ଦଲାଇଲାମା ଲେଖିଛନ୍ତି ଯେ, ତାଙ୍କର ଉତ୍ତରାଧିକାରୀ ଚୀନ ବାହାରେ ଜନ୍ମିତ ହେବ। ଏହି ଆଧ୍ୟାତ୍ମିକ ନେତା ବର୍ତ୍ତମାନ ଉତ୍ତର ଭାରତରେ ଧର୍ମଶାଳାରେ ୧୯୫୯ ମସିହା ଠାରୁ ରହୁଛନ୍ତି ଯିଏକି ଚୀନରୁ ପଳାଇଆସି ସେଠାରେ ରହିଛନ୍ତି। ଚୀନ କମ୍ୟୁନିଷ୍ଟ ସରକାର ବିରୁଦ୍ଧରେ ଆନ୍ଦୋଳନ ବିଫଳ ହେବା ପରେ ସେ ଭାରତକୁ ୧୯୫୦ରେ ପଳାଇ ଆସିଥିଲେ। ଚୀନ ତିବ୍ବତର ଦଖଲ କରିନେଇଥିଲା। ଦଲାଇଲାମା ପ୍ରବାସୀ ତିବ୍ବତ ପାର୍ଲାମେଣ୍ଟର ମୁଖ୍ୟ ଅଟନ୍ତି। ଯାହା ଭାରତର ଧର୍ମଶାଳା ଠାରେ ପ୍ରତିଷ୍ଠିତ। କିନ୍ତୁ ୨୦୧୧ରେ ଦଲାଇଲାମା ତାଙ୍କର ରାଜନୈତିକ ନେତୃତ୍ୱକୁ ଛାଡ଼ି ଦେଇଛନ୍ତି ବର୍ତ୍ତମାନ ସେ କେବଳ ଗୋଟିଏ ଆଧ୍ୟାତ୍ମିକ ଗୁରୁ ଅଟନ୍ତି। ସେ ଗାର୍ଡେନ ଫୋଡରାଙ୍ଗ ପ୍ରତିଷ୍ଠାନ ୨୦୧୫ରେ ସ୍ଥାପନ କରିଥିଲେ ଏହି ପରମ୍ପରାକୁ ରକ୍ଷା କରିବା ପାଇଁ ଓ ଦଲାଇଲାମା ଅନୁଷ୍ଠାନକୁ ବଞ୍ଚାଇ ରଖିବା ପାଇଁ। ସେ କହିଛନ୍ତି ଯେ, କେବଳ ସେ ହିଁ ପରବର୍ତ୍ତୀ ଦଲାଇଲାମାଙ୍କୁ ଚିହ୍ନିବେ ଏ କଥାକୁ ଦଲାଇଲାମା ବର୍ଷ ବର୍ଷ ଧରି ଅନୁମାନକୁ ଭଙ୍ଗ କରିଛନ୍ତି। ସେ ହେଉଛନ୍ତି ଶେଷ ବ୍ୟକ୍ତି ଯିଏ କି ଏହି ପଦ ଗ୍ରହଣ କରିବେ।

ଦଲାଇଲାମାଙ୍କର ପୂନର୍ଜନ୍ମ ଆରମ୍ଭ ହୁଏ ଯେତେବେଳେ ବର୍ତ୍ତମାନର ଦଲାଇଲାମାଙ୍କର ମୃତ୍ୟୁ ହୁଏ। ଜଣେ ପରବର୍ତ୍ତୀ ଦଲାଇଲାମାଙ୍କୁ ଚିହ୍ନଟ କରିବା ପାଇଁ ବର୍ଷ ବର୍ଷ ଲାଗିଥାଏ ଏବଂ ତା' ପରେ ତାଙ୍କୁ ଦାୟିତ୍ୱ ନେବା ପାଇଁ ସମୟ ଲାଗିଥାଏ।

### ଚୀନ କ'ଣ କହେ ?

ଚୀନ କହୁଛି ଯେ, ଦଲାଇଲାମାଙ୍କର ଉତ୍ତରାଧିକାରୀ କିଏ ହେବ ଏ ସମ୍ପର୍କରେ ନିଷ୍ପତ୍ତି ସେମାନେ ନେବେ। ଯେତେବେଳେ ସେଠାରେ ରାଜତନ୍ତ୍ର ଥିଲା ସେତେବେଳେ ଏହି ପରମ୍ପରା ଥିଲା। ଏହି ପରାମ୍ପରା ପଦ୍ଧତି ଯାହା ମଧ୍ୟରେ ସମ୍ଭାବ୍ୟ ପୁନର୍ଜନ୍ମ ହୋଇଥିବା ବ୍ୟକ୍ତିଙ୍କର ନାମ ଥାଏ ତାହା ଗୋଟିଏ ସୁବର୍ଣ୍ଣ ଦୀପରୁ ବାହାରିଥାଏ। ଚୀନ କହୁଛି ୧୭୯୩ରୁ ଦୀପରୁ ବାହାରୁଥିବା ଏ ଧରଣର ପରମ୍ପରା ଚଳିଆସୁଛି ଯେତେବେଳେ ଦେଶରେ କୁଇଙ୍ଗ ରାଜବଂଶର ଶାସନ ଚାଲିଥିଲା ଚୀନା ଅଧିକାରୀମାନେ ବାରମ୍ବାର କହିଛନ୍ତି ଯେ, ଏହି ପଦ୍ଧତି ଦେଶର ଆଇନ ଅନୁସାରେ ପାଳିତ ହେବ। ଯାହା ଦେଶର ସୁବର୍ଣ୍ଣ ଦୀପର କଥା କହିବ ଏବଂ ଚୀନ ସୀମାରେ ପୂର୍ବଜନ୍ମକାରୀ ଲୋକର କଥା କହିବ। ଚୀନର ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ଏକଥା କହିଛନ୍ତି। ସେ କହିଲେ ଯେ, ଦଲାଇଲାମାଙ୍କର ପୁନର୍ଜନ୍ମ ଚୀନରେ ହିଁ ତାଙ୍କର ଉତ୍ତରାଧିକାରୀକୁ ଖୋଜିବାର ପଦ୍ଧତି ଅନୁସାରେ ହେବ ଏବଂ ଚୀନର କେନ୍ଦ୍ର ସରକାର ତାକୁ ଅନୁମୋଦନ କରିବେ। କିନ୍ତୁ ତିବ୍ବତୀୟମାନେ ଏ କ୍ଷେତ୍ରରେ ଚୀନର କୌଣସି ଭୂମିକା ଅଛି ଦଲାଇଲାମାଙ୍କୁ ଏ କ୍ଷେତ୍ରରେ ବାଛିବାକୁ ବୋଲି କହନ୍ତି ନାହିଁ ଏବଂ ଏହି ପରମ୍ପରାକୁ ଆଗେଇ ନେବା ପାଇଁ ଚାହାନ୍ତି ନାହିଁ। ଦଲାଇଲାମା ନିଜେ କହିଛନ୍ତି ଯେ, ଚୀନ କମ୍ୟୁନିଷ୍ଟ ପାର୍ଟି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯିଏ ତିବ୍ବତ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚାହାନ୍ତି। ଏ କ୍ଷେତ୍ରରେ ଲାମାମାନଙ୍କର ପୁନର୍ଜନ୍ମ ହୋଇଥାଏ। କେବଳ ଦଲାଇଲାମା ନୁହନ୍ତି ଅନ୍ୟ ଲାମାମାନଙ୍କର ମଧ୍ୟ ଏ କ୍ଷେତ୍ରରେ ପୁନର୍ଜନ୍ମ ହୋଇଥାଏ। ତାଙ୍କର ପୁସ୍ତକରେ ସେ କହିଛନ୍ତି ଯେ, ତିବ୍ବତୀୟମାନେ ଜଣେ ପ୍ରାର୍ଥୀକୁ ବାଛିବା ଉଚିତ୍ ନୁହେଁ। ରାଜନୈତିକ କାରଣ ଦୃଷ୍ଟିରୁ ଏପରିକି ଚୀନର ସରକାର ମଧ୍ୟ ଏ ବିଷୟରେ ହସ୍ତକ୍ଷେପ କରିପାରିବା କଥା ନୁହେଁ। ଦଲାଇଲାମା ହେଉଛନ୍ତି ଜଣେ ଶାନ୍ତି ପାଇଁ ନୋବେଲ ପ୍ରାଇଜ୍ ପାଇଥିବା ବ୍ୟକ୍ତି। ଲୋକମାନଙ୍କର ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଅଛି। ଚଳିତ ବର୍ଷର ମାର୍ଚ୍ଚ ମାସରେ ଗୋଟିଏ ଚୀନା ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର କହିଥିଲେ ଯେ, ସେ ହେଉଛନ୍ତି ଜଣେ ରାଜନୈତିକ ଉଦାହରଣ ଏବଂ ସେ ତିବ୍ବତ ଜନସାଧାରଣଙ୍କର ପ୍ରତିନିଧି ଆଦୌ ନୁହନ୍ତି। ବେଜିଂ ଏହି ଅଭିଯୋଗକୁ ତାଙ୍କର ତିବ୍ବତର ଜନସାଧାରଣଙ୍କ ଉପରେ ଦମନ ବୋଲି ଆଦୌ କହନ୍ତି ନାହିଁ। ଚୀନ କହେ, ଏହି ଅଞ୍ଚଳର ବିକାଶ ତାଙ୍କ ଦେଶ କରିଛି।

### ଆମେରିକାର ଭୂମିକା

ଭାରତରେ ଏକ ଲକ୍ଷ ତିବ୍ବତୀୟ ବୌଦ୍ଧମାନେ ଅଛନ୍ତି ଯେଉଁମାନେ ଏଠାରେ ସ୍ୱାଧୀନ ଭାବରେ ପାଠପଢ଼ିବା ଓ କାମ କରିବାର ଅଧିକାର ପାଇଛନ୍ତି। ଭାରତରେ ଦଲାଇଲାମାଙ୍କୁ ଅନେକ ସମ୍ମାନ ଦିଆଯାଇଥାଏ। ଆନ୍ତର୍ଜାତିକ ବିଶେଷଜ୍ଞମାନେ କହନ୍ତି ଯେ, ଦେଶରେ ତାଙ୍କର ଉପସ୍ଥିତି ନୂଆଦିଲ୍ଲୀକୁ ଗୋଟିଏ ଚୀନରେ ହସ୍ତକ୍ଷେପ କରିବାର ଅଧିକାର ଦେଇଛି। ଆମେରିକା ଯାହା ଚୀନଠାରୁ ପ୍ରତିଦ୍ୱନ୍ଦ୍ୱିତାରେ ଉଠିଛି ତା'ର ଗୋଟିଏ ବିଶ୍ୱ ପ୍ରାଧାନ୍ୟ ରହୁଛି। ଏ ଦେଶ କହିଛି ଯେ, ତିବ୍ବତୀୟ ଲୋକଙ୍କର ଅଧିକାରକୁ ଏହା ପାଳନ କରିବ। ଆମେରିକାର ବିଧାୟକମାନେ ପୂର୍ବରୁ କହୁଥିଲେ ଯେ, ସେମାନେ ଚୀନକୁ ଦଲାଇଲାମାଙ୍କର ଉତ୍ତରାଧିକାରୀ ବାଛିବାରେ ଅଧିକାର ଦେବେ ନାହିଁ। ୨୦୨୪ରେ ତଦାନୀନ୍ତନ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଗୋଟିଏ ଆଇନ ଗୃହୀତ କରିଥିଲେ ଯାହା ଚୀନକୁ ଚାପ ଦେଇଥିଲା ତିବ୍ବତର ପ୍ରାଧାନ୍ୟ ଉପରେ ଓ ତିବ୍ବତର ବ୍ୟାପକ ଘଟଣା ଉପରେ ହସ୍ତକ୍ଷେପ ନ କରିବା ପାଇଁ।

# ଅଧ୍ୟାପନା କ୍ଷେତ୍ରରେ ଶିକ୍ଷୟିତ୍ରୀଙ୍କ ଭୂମିକା




ଶ୍ରୁତକୀର୍ତ୍ତି ତ୍ରିପାଠୀ
ବିବେକାନନ୍ଦ ମାର୍ଗ , ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮


ଭାରତରେ ଅଧ୍ୟାପନା କ୍ଷେତ୍ରରେ ମହିଳାମାନଙ୍କର ସହାଭାଗିତାରେ ଏକ ଆଖିଦୃଶିଆ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ୟୁନିଫାଏଡ଼ ଡିଷ୍ଟ୍ରିକ୍ଟ ଇନଫରମେଶନ୍ ସିଷ୍ଟମ୍ ଫର ଏଡୁକେସନ (ୟୁ. ଡ଼ି. ଆଇ. ଏସ୍. ଇ)ରୁ ସଂଗୃହୀତ ତଥ୍ୟ ଅନୁସାରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟିତ୍ରୀ ମାନଙ୍କ ସଂଖ୍ୟା (୨୦୧୮ - ୧୯)ରେ ୪୭.୧ ଲକ୍ଷ ଠାରୁ ବୃଦ୍ଧି ପାଇ (୨୦୨୩ - ୨୪) ସୁଦ୍ଧା ୫୨.୩ ଲକ୍ଷ ହୋଇଛି। ତଥ୍ୟ ଅନୁସାରେ ୨୦୧୯ - ୨୦ରେ ହିଁ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ସମୁଦାୟ ଶିକ୍ଷକ ଜନସଂଖ୍ୟାର ୫୦% ଅତିକ୍ରମ କରି ସାରିଥିଲା, ଯାହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ଯଦିଓ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ଜନିତ ବିଭିନ୍ନତା ଏହି ସଂଖ୍ୟାକୁ ପ୍ରଭାବିତ କରେ; ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ସରକାରୀ ଅନୁଷ୍ଠାନ ଠାରୁ ଅପେକ୍ଷାକୃତ ଅଧିକ ଶିକ୍ଷୟିତ୍ରୀ କାର୍ଯ୍ୟ କରନ୍ତି। ବିଗତ କିଛି ବର୍ଷରେ ଏହା ପ୍ରାୟ ୨୦% ବଢିଯାଇଛି। ଏହା ପଛରେ କାରଣ ହେଉଛି ଲୋକଙ୍କ ସହରାଞ୍ଚଳରେ ସ୍ଥାୟୀ ବସବାସ; ଯାହା ସମାଜିକ ସମସ୍ୟା/ସଂଘର୍ଷ ଗୁଡିକୁ ହ୍ରାସ କରେ। ଏକଥାକୁ ମଧ ଅଣଦେଖା କରିହେବ ନାହିଁ ଯେ ଏହି ସମସ୍ୟା ଗୁଡ଼ିକ କେବଳ ସ୍ୱଳ୍ପ ରୋଜଗାର କରୁଥିବା ବ୍ୟକ୍ତି ଏବଂ ମହିଳାମାନଙ୍କର ସାମାଜିକ ବୁଝାମଣାକୁ ପ୍ରତିଫଳିତ କରେ ନାହିଁ ବରଂ ଯେଉଁମାନେ ଅତିରିକ୍ତ ରୋଜଗାରକ୍ଷମ ରୂପେ ମନୋନୀତ ହୋଇଥାନ୍ତି ତାଙ୍କୁ ବି ସହାୟତା କରେ। କେରଳ, ତାମିଲନାଡୁ ଏବଂ ପଞ୍ଜାବର ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ପୁରା ଜନସଂଖ୍ୟା ତୁଳନାରେ ଯଥାକ୍ରମେ ୭୮ %, ୭୬% ଏବଂ ୬୪ %।

ଉଚ୍ଚଶିକ୍ଷା କେବଳ ପୁରୁଷ କୈନ୍ଦ୍ରିକ ହୋଇ ରହିଯାଉଛି ବୋଲି ତଥ୍ୟ ମିଳିଛି। ୨୦୨୧- ୨୨ରେ ସର୍ବଭାରତୀୟ ଉଚ୍ଚ ଶିକ୍ଷାର ସର୍ଭେ ଅନୁଯାୟୀ ମହିଳାମାନଙ୍କ ସଂଖ୍ୟା ୪୩ %। ବୈଶ୍ୱିକ ସ୍ତରରେ, ମହିଳାମାନେ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାରେ ପୁରୁଷମାନଙ୍କୁ ପଛରେ ପକେଇ ଦେଉଥିବା ବେଳେ, ତୃତୀୟ ସ୍ତରରେ କିମ୍ବା ଉଚ୍ଚଶିକ୍ଷାରେ ଏହି ସଂଖ୍ୟା ଆଖିଦୃଶିଆ ଭାବରେ ହ୍ରାସ ପାଉଛି। ୟୁନେସ୍କୋ ଅନୁଯାୟୀ ୬୮% ଶିକ୍ଷୟିତ୍ରୀ ପ୍ରାଥମିକ ଶିକ୍ଷା, ୫୪% ମାଧ୍ୟମିକ ଶିକ୍ଷାରେ ଯୋଗ ଦେଉଥିବା ବେଳେ ଉଚ୍ଚ ଶିକ୍ଷାରେ ମାତ୍ର ୪୧ % ଯୋଗ ଦେଉଛନ୍ତି। ଭାରତ ତୁଳନାରେ ଅନ୍ୟ ଦେଶ ଯେପରି ଋଷରେ ୮୦% ମହିଳା ପ୍ରାଥମିକ ଶିକ୍ଷାରେ ଯୋଗ ଦିଅନ୍ତି, ଆଫ୍ରିକାରେ ସାଂସ୍କୃତିକ ପ୍ରତିବନ୍ଧକ ଯୋଗୁଁ ଏହା ୪୧% ରହିଛି। ଭାରତରେ ଉଚ୍ଚ ଶିକ୍ଷାରେ ଶିକ୍ଷୟିତ୍ରୀ ମାନଙ୍କ ଯୋଗ ନ ଦେବାର କାରଣ ଭିତରେ ସାମାଜିକ ପକ୍ଷପାତିତା, ଲିଙ୍ଗଗତ ପାର୍ଥକ୍ୟ, ମାର୍ଗଦର୍ଶନର ଅଭାବ ଏବଂ ଗୃହକାର୍ଯ୍ୟଜନିତ ଦାୟିତ୍ୱର ଭାର ବୋଲି ତଥ୍ୟ ରହିଛି।

ବିଶେଷଜ୍ଞମାନେ କୁହନ୍ତି ବିଦ୍ୟାର୍ଥୀ ମାନଙ୍କର ପଠନ ଏବଂ ଆବେଗ ସମ୍ବନ୍ଧୀୟ ଉନ୍ନତି ଉପରେ ଶିକ୍ଷୟିତ୍ରୀ ମାନଙ୍କର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ମହିଳାମାନେ ସହାନୁଭୂତି, ଯୋଗାଯୋଗ କୌଶଳ ଏବଂ ପାଳନପୋଷଣ ଭଳି ଅଦ୍ଭୁତ ଶକ୍ତି ପ୍ରଦାନ କରିବାରେ ସହାୟକ, ଯାହା ପିଲାଙ୍କର ଶିଖିବାର ପରିସରକୁ ବୃଦ୍ଧି କରେ। ଏହା ବ୍ୟତୀତ ଶିକ୍ଷାଦାନ କ୍ଷେତ୍ରରେ ଲିଙ୍ଗଗତ ସନ୍ତୁଳନ ଏକ ସମାନତା ଏବଂ ସମାବେଶୀ ସମାଜ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ଗବେଷଣାରୁ ଜଣାପଡିଛି ଯେ ବିଦ୍ୟାର୍ଥୀ, ବିଶେଷ କରି ଛାତ୍ରୀମାନେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପଢା ହେଲେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରନ୍ତି। ଶିକ୍ଷୟିତ୍ରୀ ମାନେ ମାସିକ ଋତୁସ୍ରାବ, ବାଲ୍ୟ ବିବାହ ଉପରେ ସମ୍ବୋଧନ କରି ଏକ ସମାଲୋଚନମୂଳକ ଭୂମିକା ନିର୍ବାହ କରନ୍ତି ଯାହା ପ୍ରଗତିଶୀଳ ରାଷ୍ଟ୍ରଗୁଡ଼ିକରେ ଛାତ୍ରୀମାନଙ୍କ ଶିକ୍ଷାକୁ ବାଧାପ୍ରାପ୍ତ କରେ।

ଆହୁରି ମଧ ଅପର୍ଯ୍ୟାପ୍ତ ବେତନ, ଅସୁରକ୍ଷିତ ପରିବହନ, କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ ଏବଂ ମହଙ୍ଗା ପ୍ରମାଣନ ପ୍ରକ୍ରିୟା ଭଳି ସଂଘର୍ଷ ମହିଳାମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ଚାକିରୀକୁ ପ୍ରବେଶ କରିବାକୁ ବାରଣ କରେ। ଘରକାମ ଓ ଚାକିରୀ ଉଭୟର ଦାୟିତ୍ୱ ସେମାନଙ୍କ କାର୍ଯ୍ୟଦକ୍ଷତାକୁ କମେଇ ଦିଏ। ଏହି ସମସ୍ୟା ଗୁଡିକର ସମାଧାନ ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକ ମହିଳାମାନଙ୍କର ପରିବାରକୁ ସୁହାଇଲା ଭଳି ସରକାରୀ ନୀତି ଯେପରିକି ପରିବର୍ତ୍ତନଶୀଳ ସମୟ ସାରଣୀ ଏବଂ ପିଲାଙ୍କ ଯତ୍ନ ପାଇଁ ସମର୍ଥନର ସୁବିଧା ଯୋଗାଇଦେବା ଉଚିତ।

ସୁଦୂର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡିକର ଶିକ୍ଷୟିତ୍ରୀ ମାନଙ୍କୁ ରହିବା ପାଇଁ ଭତ୍ତା, ଗମନାଗମନର ସୁବିଧା, ସୁରକ୍ଷିତ ପରିବେଶ ଯୋଗାଇ ଦିଆଗଲେ ଶିକ୍ଷାଦାନ ପେଶାରେ ସେମାନଙ୍କର ଯୋଗଦାନକୁ ତ୍ୱରାନ୍ୱିତ କରାଯାଇ ପାରିବ। ଯେଉଁ ଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ଇଚ୍ଛୁକ ଏବଂ ପ୍ରୟାସରତ ସେମାନଙ୍କୁ ଆର୍ଥିକ ସହଯୋଗ ଏବଂ ନେତୃତ୍ୱ ପ୍ରଶିକ୍ଷଣ ଯୋଗାଇ ପ୍ରୋତ୍ସାହିତ କଲେ ପ୍ରଶାସନିକ କ୍ଷେତ୍ରରେ ମଧ ସେମାନେ ସଫଳତା ଲାଭ କରିବେ।

ଶିଶୁ ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ ସମୟରେ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଫଳପ୍ରଦ ହୋଇଥାଏ। ମନସ୍ତତ୍ତ୍ୱ ବିଜ୍ଞାନ କହେ, ଗୋଟିଏ ଶ୍ରେଣୀ ଯଦି ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ପରିଚାଳିତ ହୁଏ, ତେବେ ସେହି ଶ୍ରେଣୀରେ ବିଦ୍ୟାର୍ଥୀମାନଙ୍କର ପାଠପଢାରେ ଯୋଗଦାନ ଅନ୍ୟ ଶ୍ରେଣୀ ଅପେକ୍ଷା ୨୦% ଅଧିକ ହୋଇଥାଏ। ଶିକ୍ଷୟିତ୍ରୀମାନେ ସାଧାରଣତଃ ସାମାଜିକ ଓ ଭାବନାତ୍ମକ (ଆବେଗାତ୍ମକ) ଶିକ୍ଷାକୁ ଏକତ୍ରିତ କରନ୍ତି ଏବଂ ସହଯୋଗୀ ଶିକ୍ଷଣ ପଦ୍ଧତି ଉପଯୋଗ କରନ୍ତି; ଯାହା ବିଦ୍ୟାର୍ଥୀ ମାନଙ୍କର ବିଭିନ୍ନ ଆବଶ୍ୟକତା ପୂରଣ କରିବାରେ ସକ୍ଷମ ହୁଏ। ବିଦ୍ୟାଦାନ ବ୍ୟତୀତ ଶିକ୍ଷୟିତ୍ରୀମାନେ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶ୍ୱସ୍ତ ଏବଂ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତାକୁ ବୃଦ୍ଧି କରିବାରେ ଶିକ୍ଷୟିତ୍ରୀ ହିଁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହାଦ୍ୱାରା ସେମାନଙ୍କର ଦୃଷ୍ଟିକୋଣକୁ ଆକାର ଦେବା ଏବଂ ସମ୍ମାନ ଓ ସମାନତାକୁ ଉତ୍ସାହିତ କରିବା ସମ୍ଭବ ହୁଏ। ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟକୁ କମ୍ କରିବା ଦ୍ୱାରା କେବଳ ସାମାଜିକ ନୁହେଁ, ଆର୍ଥିକ ଲାଭ ମଧ୍ୟ ହୋଇଥାଏ।

ଉଚ୍ଚଶିକ୍ଷା କ୍ଷେତ୍ରରେ ବିବିଧତା ଏବଂ ସମାବେଶିତାକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ କରି ଗବେଷଣା ଏବଂ ନେତୃତ୍ୱ କ୍ଷେତ୍ରରେ ସନ୍ତୁଳିତ ପ୍ରତିନିଧିତ୍ୱର ଆବଶ୍ୟକତା ରହିଥାଏ। ମହିଳା ସଦସ୍ୟ ଶିକ୍ଷଣୀୟ ଚର୍ଚ୍ଚା ଗୁଡିକୁ ନୂତନ ଦୃଷ୍ଟିକୋଣ ପ୍ରଦାନ କରିବେ ଏବଂ ପୁରୁଷ ପ୍ରଧାନ ପରିବେଶରେ ଅଣଦେଖା ରହିଯାଉଥିବା ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରି ନୂତନତାକୁ ପ୍ରେରିତ କରିବେ। ଶିକ୍ଷନୁଷ୍ଠାନ ଗୁଡ଼ିକରେ ଉଚ୍ଚ ପଦପଦବୀରେ ମହିଳାଙ୍କ ଯୋଗଦାନ ଛାତ୍ରୀମାନଙ୍କୁ ଉତ୍ସାହିତ କରିବ ଏବଂ ଅନୁରୂପ ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ ପ୍ରେରଣା ଯୋଗାଇବ। ଯାହା ନାରୀ ସଶକ୍ତିକରଣର ଏକ ଶୃଙ୍ଖଳିତ ପ୍ରକ୍ରିୟା ସୃଷ୍ଟି କରିବ।

ଉଚ୍ଚଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ସମାନତା ପ୍ରାପ୍ତ କରିବା ପାଇଁ କେବଳ ନୀତିଗତ ହସ୍ତକ୍ଷେପ ଯଥେଷ୍ଟ ନୁହେଁ, ଏହା ସହିତ ସାଂସ୍କୃତିକ ପରିବର୍ତ୍ତନ ମଧ୍ୟ ଆବଶ୍ୟକ, ଯାହା ଗଭୀର ରୂଢ଼ିବାଦୀ ଚିନ୍ତାଧାରାକୁ ପ୍ରତିଯୋଗିତା ପାଇଁ ଆହ୍ୱାନ ଜଣେଇବ। ନିଜ କ୍ୟାରିଅରରେ ଆଗକୁ ବଢ଼ିବା ପାଇଁ ସ୍ୱଚ୍ଛ ପଦୋନ୍ନତି ନୀତି ଏବଂ ମାନ୍ୟତା କାର୍ଯ୍ୟକ୍ରମର ଆୟୋଜନ ହେଲେ ଅଧିକରୁ ଅଧିକ ମହିଳା ଦୀର୍ଘ ସମୟ ପର୍ଯ୍ୟନ୍ତ ଶିକ୍ଷା ସହ ଜଡ଼ିତ କ୍ୟାରିଅର ଆପଣେଇ ନେବା ପାଇଁ ଆଗ୍ରହୀ ହେବେ। ଶିକ୍ଷୟିତ୍ରୀ ମାନଙ୍କ ପାଇଁ ସଶକ୍ତିକରଣର ଏଭଳି ପଦକ୍ଷେପ ଶୈକ୍ଷଣିକ ପରିସରକୁ ସମୃଦ୍ଧ କରିବ, ସମାଜର ପ୍ରଗତିକୁ ପ୍ରୋତ୍ସାହିତ କରିବ ଏବଂ ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ।

# ମହାପ୍ରଭୁଙ୍କ ନୀଳାଦ୍ରିବିଜେ




ଡ. ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨


ମହାପ୍ରଭୁଙ୍କ ରଥଯାତ୍ରାର ଶେଷ କାର୍ଯ୍ୟକ୍ରମ ହୋଇଥାଏ ନୀଳାଦ୍ରିବିଜେରେ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଏହି ନୀତିକାନ୍ତିର ପରମ୍ପରା ରହି ଆସିଛି। ଏହାର ବିଧି ବିଧାନ ଅନୁଯାୟୀ ଶ୍ରୀମନ୍ଦିର ରତ୍ନବେଦୀକୁ ମାଉସୀ ମା' ଘରୁ ଫେରି ଠାକୁରମାନେ ବିଜେ ହୋଇଥାନ୍ତି। ସନ୍ଧ୍ୟା ଧୂପ ଶେଷ କାର୍ଯ୍ୟକ୍ରମ ପରେ ବିଜେ କାହାଳୀ ପହଣ୍ଡି କାର୍ଯ୍ୟକ୍ରମର ସୂଚନା ଦେଇଥାଏ। ନୀଳାଦ୍ରିବିଜେରେ ଠାକୁରଙ୍କ ପାଇଁ ଟାହିଆ ପରମ୍ପରା ଅନୁଯାୟୀ ରାଘବଦାସ ମଠ ଯୋଗାଇଥାନ୍ତି। ରତ୍ନ ସିଂହାସନର ତ୍ରିମୁଣ୍ଡିରେ ଏକ ସୁସଜ୍ଜିତ ଚାନ୍ଦୁଆ ବନ୍ଧା ଯାଇ ବିଧି ମୁତାବକ ଅଖଣ୍ଡ ବଇଠା ବସିଥାଏ ଏବଂ ଏହାପରେ ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇ ସିଂହାସନକୁ ଆଗମନ କରିଥାନ୍ତି।

ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଚାରମାଳ ଉପରକୁ ଓହ୍ଲାଇବା ପରେ ଦେବୀ ଲକ୍ଷ୍ମୀ ଠାକୁରାଣୀ ଦେବଦାସୀଙ୍କ ସହ ଭେଟ ମଣ୍ଡପରେ ସାକ୍ଷାତ ଓ ବିଜେର ପରମ୍ପରା ରହିଛି। ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରକୁ ମହାପାତ୍ରେ ଏହାଙ୍କର ବନ୍ଦାପନା କରନ୍ତି। ଲକ୍ଷ୍ମୀ ଭଣ୍ଡାରଘରକୁ ବିଜେ କରନ୍ତି। ଏହାପରେ ଦେବଦାସୀ ଯାଇ ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାରକୁ ଆସିବା ପୂର୍ବରୁ ଦରଜା ବନ୍ଦ କରିଦେଇ ଥାଆନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ଫିଟାଇ ଦିଅନ୍ତି। ତା'ପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି। 'ନୀଳାଦ୍ରିବିଜେ' ଦିନ ଶ୍ରୀଜୀଉଙ୍କ ପାଇଁ ଯେଉଁ ଲୁଗାପଟା ବ୍ୟବହାର ହୋଇଥାଏ ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ସେ ସବୁ ବର୍ଣ୍ଣିତ ରହିଛି। ସଂଗୃହୀତ ତଥ୍ୟ ଅନୁଯାୟୀ ସେଗୁଡ଼ିକ ହେଉଛି ସିଙ୍ଗଡ଼ା ୧ ଗଜକୁ ନେତାଫିଟା ଶାଢ଼ି, ଭିତରଟେରାକୁ ପତନିଫେଟା ଶାଢ଼ି, ବାହରଟେରାକୁ ପତନି ଶାଢ଼ି, ମେକାପ, ସିଂହାସନ ପୋଛାକୁ ଶ୍ରୀକାପତା, ପୁଷ୍ପାଞ୍ଜଳି, ଚକାପୋଛା ଓ ରୁନ୍ଧାକୁ ଶ୍ରୀକାପଡ଼ା, ପୂଜାପଣ୍ଡା ଚାର ଆଜ୍ଞାମାଳକୁ ଶ୍ରୀକାପଡ଼ା, କଟି ସୂତ୍ରକୁ ପତନି ଶାଢ଼ି, ଲୋକନାଥେ ଓ ଜମ୍ବେଶ୍ୱରଙ୍କ କାହାଳିଆ ପତନି ଫେଟା, ତିନିଥର ସେନାପଟି ଲାଗିକୁ ପତନଶାଢ଼ି ଓ ଖଣ୍ଡୁଆ, କେନ୍ଦୁଲି ଶାଢ଼ି ଖଣ୍ଡୁଆ, ଶ୍ରୀ ଅଙ୍ଗଲାଗି ବେଶ ଶାଢ଼ି, ଗରୁଡ଼ ଶୟନକୁ ଦେଶୀ ଶ୍ରୀକାପଡ଼ା, ଚେମେଡ଼ି,



ରଥ ବାହୁକନେବା କେନ୍ଦୁଲି ଶାଢ଼ି, ଚକ୍ରବୁଲା ଏକାଦଶୀ ଓ ଶାଳଗ୍ରାମ ବନ୍ଧାକୁ ପତନିଶାଢ଼ି ପ୍ରଭୃତି।

'ନୀଳାଦ୍ରି ବିଜେ' ପରଦିନ ଶ୍ରୀଜୀଉ ରତ୍ନବେଦୀରେ ବିଜେ କରିବା ପରେ ଭକ୍ତଜନ ମହାପ୍ରସାଦ ଟିକିଏ ପାଇବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଥାନ୍ତି। ଏହି ଦିନ ଯେଉଁ ଅନ୍ନ ମହାପ୍ରସାଦ ବା ଅଭଡ଼ା ଅର୍ପଣ ହୋଇଥାଏ ଏହାକୁ ନୀଳାଚଳ ଅବଢ଼ା ବୋଲି କହନ୍ତି। ସେଥିରୁ କାଣିଚାଏ ପାଇବା ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମନରେ ଅପୂର୍ବ ଉତ୍କଣ୍ଠା ଓ ଆବେଗ ଜାତ ହୋଇଥାଏ।



କେନ୍ଦୁଝର(ଭାସ୍କର ନ୍ୟୁଜ): ସୋମବାର ଦିନ ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୦୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୧୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୯୦ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୧୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ ।

### ବୈତରଣୀର ବନ୍ୟା କୋଚିଳା ନଦୀବନ୍ଧକୁ ବିପଦ

# ବର୍ଷାରେ ଜଳାର୍ଣ୍ଣବ ଧାମନଗର, ପରିବା ଚାଷ ନଷ୍ଟ



ଧାମନଗର(ଭାସ୍କର ନ୍ୟୁଜ): ପାଖା ପାଖି ୧୫ ଦିନ ହେବ ଲଗାଣ ବର୍ଷା ଜାରିଥିବା ବେଳେ ଏହି ପାଞ୍ଚ ଦିନ ହେବ ପ୍ରବଳରୁ ଅତି ପ୍ରବଳ ବର୍ଷା ଦ୍ୱାରା ବୈତରଣୀ ଓ ତାର ଶାଖା କୋଚିଳା ନଦୀର ଆସିଥିବା ବନ୍ୟା ପ୍ରଭାବରେ ଧାମନଗର ବ୍ଲକ୍‌ରେ ତଳିଆ ଅଞ୍ଚଳରେ କ୍ଷତି ଘଟିବାର ଆଶଙ୍କା ରହିଛି । କୋଚିଳା ନଦୀର ସଇଲୋରେ ନଦୀବନ୍ଧ ଦୁର୍ବଳ ଥିବାରୁ ସ୍ଥାନୀୟ ଲୋକ ଆତଙ୍କିତ ଅଛନ୍ତି । ତେବେ ଜଳସେଚନ ବିଭାଗର ଉପଖଣ୍ଡ ଅଧିକାରୀ ଶରତ ଘଡାଇ, ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ କିଶୋର ଦାସ ପରିସ୍ଥିତିକୁ ଲକ୍ଷ୍ୟ ରଖିଛନ୍ତି । ଯଦିଓ ଗୌରାଙ୍ଗପୁର ଓ ମଲିମାହାର ଏସକେଫ ଉଚ୍ଚତା ବୃଦ୍ଧି କରାଯାଇଛି ତାହା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ବନ୍ୟାପାଣି ପଶି ପାରେ । ସେହିପରି ପ୍ରବଳ ବର୍ଷା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ହସନାବାଦ ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ଏପଟେ ରବିବାର ସମଗ୍ର ଅଞ୍ଚଳରେ ଦିନ ତମାମ ଲଗାଣ ବର୍ଷା ଲାଗି ରହିଛି । ମଝିରେ ମଝିରେ ତୁହାକୁତୁହା ପ୍ରବଳ ବର୍ଷା କାରଣରୁ ସାଧାରଣ ଜୀବନଯାତ୍ରା ବ୍ୟାଘାତ ଘଟିବା ସହ ବର୍ଷା ପାଣିରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଛି । ବିଲ ବାଡ଼ିରେ ହୋଇଥିବା ପରିବା ଚାଷ ଏବଂ ଶାରଦ ଧାନଚାଷ ପାଇଁ ବିଲରେ ପଡିଥିବା ତଳି ପାଣିରେ ବୁଡି ନଷ୍ଟ ହୋଇଛି । ଧାମନଗରରେ ପ୍ରବାହିତ ବିଭିନ୍ନ ନଦୀବନ୍ଧରେ ବନ୍ୟାରେ ଯେପରି ଘାଇ ସୃଷ୍ଟି ନହେବ ସେ ଲାଗି ଆଗୁଆ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଧାମନଗର ଜଳସମ୍ପଦ ବିଭାଗ ଅଧିକାରୀ ଜଣାଇଛନ୍ତି । ସେହିପରି ଧାମନଗର ବ୍ଲକର ଅନେକ ପଞ୍ଚାୟତର ଚାଷ ଜମିରେ ବର୍ଷା ଜଳରେ ବୁଡ଼ି ରହିଥିବାରୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବ ହେଉଛି । ସେହିପରି ବୈତରଣୀ ନଦୀରେ ବନ୍ୟା ଆସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କଣ୍ଟା ପାରି ଓ ପିତେଇପୁରରେ ଥିବା ବୋଟ ଚାଳକଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସାହସିକତା ଓ ସେବାର ବଳିଷ୍ଠ ଉଦାହରଣ ସୃଷ୍ଟି କଲା ଆଦାନୀ ଗ୍ରୁପ



ପୁରୀ(ଭାସ୍କର ନ୍ୟୁଜ): ଚଳିତ ରଥଯାତ୍ରାରେ ପୁରୀରେ ୧୦ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବେଳାଭୂମିରେ ଦେଖିବାକୁ ମିଳିଥିଲା ଅନନ୍ୟ ସେବା । ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ବିଶ୍ୱାସ 'ସେବା ହିଁ ସାଧନା ହୈ' ଦ୍ୱାରା ଅନୁପ୍ରାଣିତ ହୋଇ ପୁରୀ ବେଳାଭୂମିରେ ଜୀବନ ରକ୍ଷାକାରୀ ଲାଇଫ୍ ଗାର୍ଡ଼ଙ୍କ ସେବା ଥିଲା ଅନନ୍ୟ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ଏହି ନୋଳିଆ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପିଢ଼ି ପରେ ପିଢ଼ି ପାରମ୍ପରିକ ଜୀବନରକ୍ଷକ ଭାବେ ସେବା କରିଆସୁଛନ୍ତି । ରଥଯାତ୍ରା ସମୟରେ ଆଦାନୀ ଗ୍ରୁପ ଦ୍ୱାରା ନୋଳିଆ ସମ୍ପ୍ରଦାୟକୁ ପ୍ରଦାନ କରାଯାଇଥିବା ଉଦ୍ଧାର ସାମଗ୍ରୀ ବ୍ୟବହାର କରି ଲାଇଫ ଗାର୍ଡ଼ମାନେ ୧୦ ଦିନରେ ୧୫୬ ଜଣଙ୍କ ଜୀବନ ରକ୍ଷା କରଛନ୍ତି । କରୁଣା ଓ କର୍ପୋରେଟ ଦାୟିତ୍ୱର ଏହି ମିଳିତ ସମାଗମ ଓଡ଼ିଶାର ପବିତ୍ର ପୁରୀ ବେଳାଭୂମିର ସୁରକ୍ଷା କରିଛି । ଲାଇଫ୍‌ଗାର୍ଡ଼ମାନଙ୍କର ଅସାଧାରଣ ସେବାକୁ ପ୍ରଶଂସା କରି ଆଦାନୀ ଗ୍ରୁପ ପକ୍ଷରୁ ଏକ ସମୟୋଚିତ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ରଥଯାତ୍ରା ସମୟରେ ବିଭିନ୍ନ ସେବା ଅଧିନରେ ଲାଇଫ ଗାର୍ଡ଼ମାନଙ୍କୁ ଲାଇଫ୍ ଜ୍ୟାକେଟ, ଟର୍ଚ୍ଚ, ଉଦ୍ଧାର ରଶି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପକରଣ ପ୍ରଦାନ କରାଯାଇଥିଲା ଯଦ୍ୱାରା ସେମାନେ ସୁରକ୍ଷିତ ଓ ଆତ୍ମବିଶ୍ୱାସର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ପୁରୀ ବିଚ୍ ଲାଇଫ ଗାର୍ଡ ଫେଡେରେସନ ଅଧୀନରେ କାର୍ଯ୍ୟ କରୁଥିବା ୪୫୦ ରୁ ଉର୍ଦ୍ଧ୍ୱ ନୋଳିଆ ସମ୍ପ୍ରଦାୟର ତାଲିମପ୍ରାପ୍ତ ସଦସ୍ୟ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲେ । ସମାନ୍ତରାଳ ଭାବେ ଆଦାନୀ ଗ୍ରୁପ ପୌରପାଳିକା ସଫେଇ କର୍ମଚାରୀଙ୍କୁ ମଧ୍ୟ ଫ୍ଲୋରୋସେଣ୍ଟ ଜ୍ୟାକେଟ ଓ ଗ୍ଲୋଭ୍ସ ଆଦି ଆବଶ୍ୟକୀୟ ସହାୟତା ପ୍ରଦାନ କରିଛି ।

## '୯ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ ପାଇଁ ଅନୁରୋଧ'

ଯାଜପୁର(ଭାସ୍କର ନ୍ୟୁଜ): ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନର ମିଳିତ ଉଦ୍ୟମରେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୧୭ ଦଫା ଦାବି ନେଇ ଆସନ୍ତା ୯ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଶ୍ରମିକ ନେତା ଡଃ.ରାମଚନ୍ଦ୍ର ଖୁଣ୍ଟିଆ ଡାକରା ଦେଇଛନ୍ତି । ଦାବି ମୁତାବକ ଦରଦାମ ନିୟନ୍ତ୍ରଣ ରଖିବା ପାଇଁ ଧାନ ଓ ଖାଦ୍ୟଜାତୀୟ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରିତ ପାଇଁ ଆଇନ ପ୍ରଣୟନ, ୪ଟି ଶ୍ରମ କୋଡ୍‌ର ପ୍ରତ୍ୟାହାର ପୁରୁଣା ପେନସନ୍ ଲାଗୁ କରିବା, ଭବିଷ୍ୟନିଧି ପେନସନ୍ ମାସିକ ୯୦୦୦ ଟଙ୍କା ସର୍ବନିମ୍ନ ନିର୍ଦ୍ଧାରଣ କରିବା, ମହାତ୍ମାଗାନ୍ଧୀ ନରେଗା ଯୋଜନାରେ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଓ ଦୈନିକ ମଜୁରି ୬୦୦ ଘୋଷଣା , ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ବନ୍ଦ, ମହଙ୍ଗା ବିଦ୍ୟୁତ ଦର ବୃଦ୍ଧି ନ କରିବା, ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷା ତଥା ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ପ୍ରୋଭିଡେଣ୍ଟ ଫଣ୍ଡ ଇଏସ୍‌ଆଇରେ ଅନ୍ତର୍ଭୁକ୍ତ କରିବା, ଅଙ୍ଗନବାଡ଼ି ପାଚିକା ଆଶାକର୍ମୀ ଓ ସରକାରୀ ଓ ବେସରକାରୀ ସଂସ୍ଥାରେ ଠିକା ଓ ଅସ୍ଥାୟୀ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କୁ ସ୍ଥାୟୀ ନିଯୁକ୍ତି, ଯାଜପୁର ଜିଲ୍ଲା ସୁକିନ୍ଦାରେ ସ୍ଥାୟୀ ନିଯୁକ୍ତି ଓ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି । ଦେଶ ଓ ରାଜ୍ୟରେ କଂଗ୍ରେସ ସମେତ ବାମପନ୍ଥୀ ଦଳ ଆନ୍ଦୋଳନକୁ ସମର୍ଥନ କରୁଥିବାରୁ ଯାଜପୁରର ସମସ୍ତ ଶ୍ରମିକ କର୍ମଚାରୀ ଆସନ୍ତା ୯ ସକାଳ ୬ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଧର୍ମଘଟ ଜାରି ପାଇଁ ଶ୍ରମିକ ନେତା ଡଃ ରାମଚନ୍ଦ୍ର ଖୁଣ୍ଟିଆ ନିବେଦନ କରିଥିବା ବେଳେ ଉପସଭାପତି ବିଦ୍ୟାଧର ମହାନ୍ତି, ମଧୁସୂଦନ ଯେନା, ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ଦୀନବନ୍ଧୁ ଖୁଣ୍ଟିଆ, ଭାସ୍କର ମହାନ୍ତି, ଚନ୍ଦ୍ରକାନ୍ତ ଖଣ୍ଡୋଇ, ରାଜେଶ ସାହୁ, ଜଗବନ୍ଧୁ ନାୟକ, ରଘୁନାଥ ମାଝି, ନିରଞ୍ଜନ ପରିଡ଼ା, ନାରାୟଣ ନାୟକ, ବିଜୟ ଦୈତାରି ପ୍ରମୁଖ ଧର୍ମଘଟ ସଫଳ ପାଇଁ ନିବେଦନ କରିଛନ୍ତି ।

## ୫୦ରୁ ଅଧିକ ଗ୍ରାମରେ ପହଞ୍ଚିଲା ବେଦାନ୍ତ ଆଲୁମିନିୟମ୍‌ର ମୋବାଇଲ ସ୍ୱାସ୍ଥ୍ୟସେବା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ପ୍ରମୁଖ ମୋବାଇଲ ସ୍ୱାସ୍ଥ୍ୟୟୁନିଟସ୍ ମାଧ୍ୟମରେ ଓଡ଼ିଶାର ୫୨ଗ୍ରାମର ୩୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛି । ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ଏହି କମ୍ପାନୀ ଗତ ଦୁଇବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳଗୁଡିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିଛି । ଥୁଆମୂଳ ରାମପୁର ଗ୍ରାମର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ନିତେଶ ଝା କହିଛନ୍ତି, ଦୂରବର୍ତ୍ତୀ ଅଞ୍ଚଳରେ ସମ୍ପ୍ରଦାୟ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପରେ ବେଦାନ୍ତର ସକ୍ରିୟ ଭୂମିକାକୁ ମୁଁ ପ୍ରଶଂସା କରୁଛି । ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରି, ସେମାନେ ଏକ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି, ପ୍ରତ୍ୟେକ ବ୍ୟକ୍ତି ମୌଳିକ ଚିକିତ୍ସା ସେବା ପାଇବା ନିଶ୍ଚିତ କରିଛନ୍ତି । କାଶୀପୁରର ସମ୍ପ୍ରଦାୟ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକ କହିଛନ୍ତି, କାଶୀପୁର ଅଞ୍ଚଳରେ ଏହାର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ଦ୍ୱାରଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୁଁ ବେଦାନ୍ତକୁ ପ୍ରଶଂସା କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କେବଳ ଚିକିତ୍ସା ସୁବିଧାକୁ ବୃଦ୍ଧି କରିବ ନାହିଁ ବରଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବ, ଏକ ସୁସ୍ଥ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବ ।

## ବିଜେପି ପୂର୍ବତନ ଜିଲ୍ଲା ସଭାପତି ସଂଗ୍ରାମ ମହାନ୍ତିଙ୍କ ଦେହାନ୍ତରେ ଶୋକ



ପାରାଦୀପ/ଜଗତସିଂହପୁର(ଭାସ୍କର ନ୍ୟୁଜ): ଅବିଭକ୍ତ କଟକ ଜିଲ୍ଲାର ପୂର୍ବତନ ବିଜେପି ସଭାପତି ତଥା ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ମହାନ୍ତି(୮୫)ଙ୍କ ଜଗତସିଂହପୁର କଲେଜ ଛକସ୍ଥ ବାସଭବନରେ ରବିବାର ଦେହାନ୍ତ ହୋଇଯାଇଛି । ସେ ଦୀର୍ଘବର୍ଷ ଜିଲ୍ଲା ବିଜେପି ଦାୟିତ୍ୱ ତୁଲାଇବା ସହ ଜଣେ ଭଲ ଆଇନଜୀବୀ ହିସାବରେ ବେଶ ପରିଚିତ ଥିଲେ । ଜଗତସିଂହପୁର ଜିଲ୍ଲାରେ ତାଙ୍କୁ ବିଜେପିର ଭିସ୍ମ ପିତାମହ ବୋଲି କୁହାଯାଏ । ତାଙ୍କ ବିୟୋଗରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଅବିଭକ୍ତ କଟକ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ମହାନ୍ତିଙ୍କ ଦେହାନ୍ତ ଖବର ଶୁଣି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗଭୀର ଦୁଃଖପ୍ରକାଶ କହିଛନ୍ତି ଯେ ସେ ଜଣେ ସରଳ, କର୍ମନିଷ୍ଠ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ । ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଶୋକବ୍ୟକ୍ତ କରି କହିଛନ୍ତି ଯେ ସଂଗ୍ରାମ ବାବୁଙ୍କ ଦେହାବସାନ ମୋ ପାଇଁ ଏକ ବ୍ୟକ୍ତିଗତ କ୍ଷତି । ଜଗତସିଂହପୁର ଜିଲ୍ଲାର ପୁରାତନ କାର୍ଯ୍ୟକର୍ତ୍ତା ଅଜୟ ଦାଶ, ମୋତିଚାନ୍ଦ ଦାସ, ଶଶାଙ୍କ ଆଚାର୍ଯ୍ୟ, ରାମ ଚନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ବରାଳ, ସୁକାନ୍ତ ମହାନ୍ତି, ସର୍ବେଶ୍ୱର ବଳିୟାରସିଂହ, ନୃସିଂହ ସାହୁ, କୈଳାସ ମଲ୍ଲିକ, ଆଦିତ୍ୟ ରାଉତରାୟ, ସଞ୍ଜୀବ ମିଶ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ପୁଣ୍ୟ ଆତ୍ମାର ସଦଗତି ନିମନ୍ତେ କାମନା କରିଛନ୍ତି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ମିଶନ ଶକ୍ତି କାଫେ ଓ ଶୌଚାଳୟ ବଢ଼ଉଛି ଚିନ୍ତା




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଶନ ଶକ୍ତି କାଫେର ଉଦ୍‌ଘାଟନ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ହୋଇଯାଇଛି । ଉଦ୍‌ଘାଟନ ପରେ କାଫେ ସଠିକ୍ ଚାଲିଥିବା ବେଳେ ବର୍ତ୍ତମାନ ଅନେକ ସମୟରେ କାଫେ ବନ୍ଦ ରହୁଥିବା ହେତୁ ରୋଗୀ ସଂପର୍କୀୟମାନେ ଚା' ବିସ୍କୁଟ ଖାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କ'ଣ ପାଇଁ ଏହି କାଫେ ବନ୍ଦ ରହୁଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ କାଫେର ଉଦ୍‌ଘାଟନ ୪ମାସରୁ ଉର୍ଦ୍ଧ୍ୱ ହେବ ଉଦ୍‌ଘାଟନ ସରିଛି । ଉଦ୍‌ଘାଟନ ପରେ କାଫେ ସଠିକ୍ ଚାଲିଥିଲା । ଲୋକମାନେ ଏଠାରେ ଚା' ବିସ୍କୁଟ ଖାଉଥିବା ବେଳେ ରୋଗୀଙ୍କୁ ମଧ୍ୟ ଖାଦ୍ୟ ଦିଆଯାଉଥିଲା । ଅନେକ ସମୟରେ ଏହି କାଫେ ବନ୍ଦ ରହୁଥିବା କାରଣରୁ ରୋଗୀ ସଂପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଏକ ଶୌଚାଳୟ ଉଦ୍‌ଘାଟନ ସରିଛି । ଶୌଚାଳୟଟି ପରିଚାଳନା କରିବା ପାଇଁ ପରିଷଦ ଜଇନାବାଦର ଏକ ମହିଳା ଗୋଷ୍ଠୀକୁ ହସ୍ତାନ୍ତର କରିଛି । ମାତ୍ର ଏହି ଶୌଚାଳୟ ସଠିକ୍ ସମୟରେ ଖୋଲୁ ନଥିବା ବେଳେ ସଂଧ୍ୟା ନ ହେଉଣୁ ବନ୍ଦ ହୋଇଯାଉଛି । ରୋଗୀ ସଂପର୍କୀୟମାନେ ରାତିସାରା ପେଟ ଚିପି ରହୁଥିବା ବେଳେ ରାସ୍ତା କଡ଼ରେ ଶୌଚ ହେଉଛନ୍ତି । ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

### ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବାରେ ବିଳମ୍ବ

## ସ୍ୱାସ୍ଥ୍ୟ ଅଧିକାରୀ- ଡିଏସ୍‌ଏସ୍‌ଓଙ୍କୁ ନଗରପାଳଙ୍କ ଚିଠି

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲିଟିରେ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବାରେ ବିଳମ୍ବ ଯୋଗୁଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ପତ୍ର ଲେଖିଲେ ଜଳେଶ୍ୱର ନଗରପାଳ ପ୍ରତୀପ କୁମାର ପ୍ରଧାନ । ସୂଚନା ଅନୁସାରେ ଗତ ୨୦୨୪ ମସିହା ଡିସେମ୍ବର ୬ରେ ଜଳେଶ୍ୱର ସହରାଞ୍ଚଳ ୱାର୍ଡ଼ ନମ୍ବର ୧୦ ଶାନ୍ତିଆ ସରକାରୀ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିମନ୍ତେ ଅନଲାଇନ୍ ସାର୍ଟିଫିକେଟ ପ୍ରଦାନ ସହ ନୂତନ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ଭିନ୍ନକ୍ଷମ ଚିହ୍ନଟ ଶିବିର ସରକାରଙ୍କ ତରଫରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ କରାଯାଇଥିଲା । ଇତି ମଧ୍ୟରେ ଦୀର୍ଘ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଶିବିରରେ ଭାଗ ନେଇଥିବା କୌଣସି ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନଲାଇନ ସାର୍ଟିଫିକେଟ ପ୍ରଦାନ ନ କରିବା ହେତୁ ହିତାଧିକାରୀ ଅକଥନୀୟ ଦୁର୍ଦ୍ଦଶା ତଥା ସରକାରୀ ସହାୟତା ପାଇ ପାରୁନାହାନ୍ତି । ପ୍ରକାଶ ଥାଉ କି ଯେଉଁ ଦିବ୍ୟାଙ୍ଗ ପୂର୍ବରୁ ଭତ୍ତା ପାଇ ଆସୁଥିଲେ ସେମାନେ ବର୍ତ୍ତମାନ ସୁଦ୍ଧା ଅନଲାଇନ୍ ସାର୍ଟିଫିକେଟ ଦାଖଲ ନ କରି ପାରିବା ହେତୁ ଭତ୍ତା ପାଇବାରୁ ବଞ୍ଚିତ ହେବା ସହ ଜଳେଶ୍ୱର ପୌରପାଳିକା ଅଫିସକୁ ଆସି ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କୁ ଅବଗତ କରାଇଥିଲେ । ଅନଲାଇନ ସାର୍ଟିଫିକେଟ ଉପଲବ୍ଧ ନ ହେଇଥିବା ହେତୁ କିଛି ହିତାଧିକାରୀଙ୍କ ନାମ ଭତ୍ତା ତାଲିକାରୁ ଅନ୍ତର ହୋଇ ସାରିଲାଣି । ସମସ୍ୟାର ଗମ୍ଭୀରତା ଉପଲବ୍ଧି କରି ଜଳେଶ୍ୱର ନଗରପାଳ ଶ୍ରୀ ପ୍ରଧାନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ତୁରନ୍ତ ଅନଲାଇନ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଅନୁରୋଧ କରିବା ସହ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ଉକ୍ତ ସମସ୍ୟାର ଆଶୁ ସମାଧାନ ନିମନ୍ତେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି ।

## ନିମାପଡ଼ା-ପିପିଲି ପୁରୁଣା ବସ୍‌ଷ୍ଟାଣ୍ଡ୍ ରାସ୍ତାରେ ଲହଡ଼ି ମାରୁଛି ପାଣି, ଯାତାୟତ ଠପ୍



ନିମାପଡ଼ା(ଭାସ୍କର ନ୍ୟୁଜ): ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର କାର୍ଯ୍ୟ କରାଯାଇଥିଲେ ମଧ୍ୟ କାର୍ଯ୍ୟ ଏପରି ନିମ୍ନମାନର ଯାହାକୁ ନେଇ ଜନସାଧାରଣ ହୀନସ୍ତା ଭୋଗୁଛନ୍ତି । ରାସ୍ତା ଉପରେ ପାଣି ଲହଡ଼ା ମାରୁଥିବା ବେଳେ ଠିକାଦାର ମୁରକି ହସ ଦେଇ ସେହି ରାସ୍ତା ଦେଇ ଯାଉଥିବା ବେଳେ ପ୍ରଶାସନ ପକ୍ଷରୁ ପାଣିପମ୍ପ ସାହାଯ୍ୟରେ ପାଣି ଶୁଖାଯାଉଛି । ତଳଅଣ୍ଡିଆରୁ ନିମାପଡ଼ା ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହି ଅର୍ଥ ସଠିକ୍ ବିନିଯୋଗ କରାଯାଇ ନଥିବା ଚର୍ଚ୍ଚା ଏବେ ଜୋର ଧରିଛି । ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ସାମାନ୍ୟ ବର୍ଷାରେ ଦୁଇ ଫୁଟରୁ ଉର୍ଦ୍ଧ୍ୱ ପାଣି ରାସ୍ତାରେ ଲହଡ଼ି ମାରୁଥିବା ବେଳେ ଜନସାଧାରଣ ଯାତାୟତରେ ପ୍ରତିବନ୍ଧକ ସାଜିଛି । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂଧ୍ୟା ଦର୍ଶନ ପାଇଁ ଏହି ରାସ୍ତା ଦେଇ ଅନେକ କାର ଓ ଯାତ୍ରୀବାହୀ ବସ୍ ଯାତାୟତ କରୁଥିବା ବେଳେ ଏପରି ଅବସ୍ଥା ଦେଖି ଲୋକମାନେ ସମାଲୋଚନା କରୁଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଏନ୍‌ଏସି ତଳଅଣ୍ଡିଆରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଅର୍ଥ ବାଟମାରଣା ହୋଇଛି । କୋଉଠି ଡ଼ିପ ତ କୋଉଠି ଖାଲ । ଏକବର୍ଷ ନପୁରୁଣୁ ରାସ୍ତା ଉପରୁ ଗୋଡ଼ି ଉଠି ରାସ୍ତା ଅବସ୍ଥା ବେହାଲ୍ ହୋଇପଡ଼ିଛି । ଗତ ରବିବାର ଲଘୁଚାପ ଜନିତ ବର୍ଷାରେ ଦୁଇ ଫୁଟରୁ ଉର୍ଦ୍ଧ୍ୱ ଜଳ ରାସ୍ତା ଉପରେ ଜମି ରହିଥିବା ବେଳେ ସେହି ରାସ୍ତା ପୋତା ନଯାଇ ପଙ୍କ ମାଟିରେ ସାମାନ୍ୟ କିଛି ଢ଼ଳାଇ କରାଯାଇ ଥିବାରୁ ଏଠାରେ ପାଣି ଜମି ରହିଛି । ସେହିପରି ଜୟଶ୍ରୀ ଛକ, ତଳଅଣ୍ଡିଆ ଛକ ଆଦି ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ରାସ୍ତା ଉପରେ ମୀନ ଖେଳୁଛନ୍ତି । ଠିକାଦାର ମନ ପ୍ରାଣ ଦେଇ କାର୍ଯ୍ୟ କରିଥିବା ବେଳେ ବିଭାଗୀୟ ଅଧିକାରୀ କ'ଣ କରୁଥିଲେ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

## ପିପିଏଲ ଡିଏଭି ସ୍କୁଲ ପକ୍ଷରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସ୍ଥିତ ପିପିଏଲ ଡ଼ି.ଏ.ଭି ପବ୍ଲିକ୍ ସ୍କୁଲ୍‌ରେ ବନ ମହୋତ୍ସବକୁ ଅତି ଉତ୍ସାହ ଏବଂ ପ୍ରତିବଦ୍ଧତା ସହିତ ପାଳିତ ହୋଇଯାଇଛି । ବିଦ୍ୟାଳୟରେ ସପ୍ତାହ ବ୍ୟାପି ଆୟୋଜିତ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷର ମହତ୍ତ୍ୱ ଏବଂ ନିରନ୍ତର ଜୀବନଯାପନ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ପ୍ରଥମ ଦିବସରେ ବୃକ୍ଷ ଉପରେ ଆଧାରିତ କବିତା ଆବୃତ୍ତି, ବକ୍ତୃତା ଏବଂ ପ୍ରବନ୍ଧ ଲେଖା ପ୍ରତିଯୋଗିତା କରାଯାଇଥିଲା । ସେହିପରି ଅନ୍ୟ ଦିବସରେ ବନମହୋତ୍ସବ ବିଷୟବସ୍ତୁ ଉପରେ ସ୍ଲୋଗାନ ଦେଇ ପ୍ଲାକାର୍ଡ ପ୍ରଦର୍ଶନ, ସ୍ଥାୟୀ ପରିବେଶ ବିଷୟ ବସ୍ତୁ ଆଧାରିତ କୋଲାଜ୍ ପ୍ରସ୍ତୁତ, ପତ୍ର ଏବଂ ଫୁଲ ଆଧାରିତ ଚିତ୍ରାଙ୍କନ,ଏକକ ଅଭିନୟ, ଜଙ୍ଗଲ ସଂରକ୍ଷଣ ଏବଂ ଜଳବାୟୁ ସ୍ଥିରତାର ପ୍ରଭାବ ଉପରେ ବିଶେଷଜ୍ଞ ଡ. ଆନନ୍ଦ ଶର୍ମା ଓ ଡ. ବି. ସୁଦର୍ଶନ ପାତ୍ରୋଙ୍କ ଦ୍ୱାରା ଆଲୋଚନା ଚକ୍ର, ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ କଳାତ୍ମକ ହସ୍ତ ଦ୍ୱାରା ନିର୍ମିତ ଚମତ୍କାର ରଙ୍ଗୋଲୀ, ସପ୍ତମ ତଥା ଶେଷ ଦିନରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ପ୍ରତିଜ୍ଞା ନେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପିପିଏଲର ମୁଖ୍ୟ ପ୍ରବନ୍ଧକ ଏନ. ଡି. ପାଇ ପାନାଣ୍ଡିକର, ଯୁଗ୍ମ ପ୍ରବନ୍ଧକ ଅମ୍ବିକେଶ ମିଶ୍ର ଏବଂ ପିପିଏଲର ବରିଷ୍ଠ ପଦାଧିକାରୀଙ୍କ ସହ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଯୋଗଦେଇ ବୃକ୍ଷରୋପଣ କରି ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ଅତିଥି ମାନେ ସମସ୍ତଙ୍କୁ ଅନ୍ତତଃ ଗୋଟିଏ ବୃକ୍ଷରୋପଣ ପାଇଁ ବାର୍ତ୍ତା ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ସଙ୍ଗୀତ, କଳା, ବିଜ୍ଞାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ହୋଇଥିଲା । କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗ ମୁଖ୍ୟ ଶିକ୍ଷକ ସମ୍ବିତ ସ୍ୱାଇଁ ଓ ଇଂରାଜୀ ବିଭାଗ ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ ସୁଚାରୁ ରୂପେ ପରିଚାଳନା କରିଥିଲେ । ବିଦ୍ୟାଳୟର ସଂଯୋଜକ ବୃନ୍ଦାବନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହଟି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା ।

## ରଥଯାତ୍ରାରେ ଜିନ୍ଦଲ ଫାଉଣ୍ଡେସନ୍‌ର ୨୦ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା



ପୁରୀ(ଭାସ୍କର ନ୍ୟୁଜ): ପୁରୀର ପବିତ୍ର ରଥଯାତ୍ରା ସମୟରେ ଭକ୍ତଙ୍କୁ ସେବା କରିବାର ଏହାର ଦୀର୍ଘ ପରମ୍ପରାକୁ ଜାରି ରଖି ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ଏହିବର୍ଷ ଭକ୍ତଙ୍କ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଭୋଜନ ସେବା ଯୋଗାଇ ଦେଇଛି । ନବଯୌବନ ଦର୍ଶନ ଦିନଠାରୁ ଆରମ୍ଭକରି ସୁନାବେଶ ପର୍ଯ୍ୟନ୍ତ ୧୧ ଦିନ ଧରି ଜିନ୍ଦଲ ଫାଉଣ୍ଡେସନ ସତେଜ ଗରମ ରନ୍ଧାଖାଦ୍ୟ ବଣ୍ଟନ କରିଥିଲା । ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା ପାଇଁ ରେଳଷ୍ଟେସନ ନିକଟ ଏବଂ ଗୁଣ୍ଡିଚା ମନ୍ଦିର ପାଖ ବସ୍‌ଷ୍ଟାଣ୍ଡରେ ଦୁଇଟି ବଡ଼ ଷ୍ଟଲ୍ ଖୋଲା ଯାଇଥିଲା । ଷ୍ଟଲରେ ସତେଜ ରନ୍ଧା ଯାଇଥିବା ପୁଷ୍ଟିକର ପାରମ୍ପରିକ ଓଡ଼ିଆ ଖାଦ୍ୟ ଅରୁଆ ଅନ୍ନ, ଡାଲମା ଏବଂ ଖଟା ପ୍ରଦାନ କରାଯାଇଥିଲା । ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ଆଧ୍ୟାତ୍ମିକ ଭାବାବେଗକୁ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା । ୧୬୦ରୁ ଅଧିକ ସ୍ୱେଚ୍ଛାସେବୀ ଓ କର୍ମଚାରୀ ରନ୍ଧନ, ପରିବହନ ଓ ବଣ୍ଟନ କାର୍ଯ୍ୟରେ ନିୟୋଜିତ ଥିଲେ । ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ବସ୍‌ଷ୍ଟାଣ୍ଡ ଷ୍ଟଲର ଶୁଭାରମ୍ଭ କରିଥିବା ବେଳେ ରେଳଷ୍ଟେସନ ପାଖଷ୍ଟଲକୁ ଏଡିଆର୍‌ଏମ୍ ଡିକେ ବେହେରା ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ରଥଯାତ୍ରାରେ ଜଣେ ବି ଶ୍ରଦ୍ଧାଳୁ ଯେପରି ଭୋକରେ ରହିବେ ନାହିଁ ସେଥିପାଇଁ ବିଗତ ୧୧ ବର୍ଷ ଧରି ଆମର ଏହି ସମର୍ପିତ ପ୍ରୟାସ ଜାରି ରହିଛି । ଏହି ପବିତ୍ର ଶ୍ରଦ୍ଧା ଓ ଏକତାର ପର୍ବରେ ଆମେ ସେବା କରିପାରୁଥିବାରୁ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଉଛୁ । ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେସନ୍ ୨୦୧୫ ମସିହାରୁ ରଥଯାତ୍ରା ମହୋତ୍ସବରେ ଭକ୍ତଙ୍କୁ ସେବା କରିଆସୁଛି ।

## ନିଆଳିରେ ପ୍ରେସ କ୍ଲବ୍ କାର୍ଯ୍ୟାଳୟ ଉଦ୍‌ଘାଟିତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି-ଫୁଲନଖରା ୬୦ ନଂ ରାଜ୍ୟ ରାଜପଥ ହଳଦୀବସନ୍ତ ଛକରେ ନିଆଳି ପ୍ରେସ କ୍ଲବ୍ ପକ୍ଷରୁ ଏକ କାର୍ଯ୍ୟାଳୟ ଖୋଲାଯାଇଛି । କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି ବାବା ଦିବ୍ୟରାଜ ମହନ୍ତ । ଉତ୍ସବରେ ଜିଲ୍ଲା ଓ ବ୍ଲକସ୍ତରୀୟ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୀତିକ ଦଳ ନେତା ଓ କର୍ମୀ, ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଡାକ୍ତର ଯୋଗ ଦେଇଥିଲେ । ପ୍ରେସ କ୍ଲବ୍ ପକ୍ଷରୁ ୨ ୱେବ ଚ୍ୟାନେଲର ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । କ୍ଲବ୍ ପକ୍ଷରୁ ଥାନା ଓ ବ୍ଲକ୍‌କୁ ଆସୁଥିବା ଗରିବ ଲୋକଙ୍କୁ ବିଭିନ୍ନ କାଗଜପତ୍ରର ଜେରକ୍ସ ମାଗଣାରେ ଯୋଗାଇ ଦିଆଯିବ । ଦୁର୍ଘଟଣାରେ ମୃତ୍ୟୁବରଣ କଲେ ୨ ହଜାର ଟଙ୍କା ଶବ ସଂସ୍କାର ପାଇଁ ମୃତକଙ୍କ ପରିବାରକୁ ଦିଆଯିବ । କ୍ଲବ୍‌ରେ ଲାଇବ୍ରେରୀ ସୁବିଧା ଛାତ୍ରଛାତ୍ରୀ ମଧ୍ୟ ନେଇପାରିବେ । ସରପଞ୍ଚ ଓ ସମିତିସଭ୍ୟଙ୍କୁ ଓଡିଶା ଗ୍ରାମ ପଞ୍ଚାୟତ ମାନୁଆଲ ବହି ଯୋଗାଇ ଦିଆଯିବ । ଛାତ୍ରଛାତ୍ରୀଙ୍କ ପାଇଁ କମ୍ପୁଟର ଶିକ୍ଷା ନିମନ୍ତେ ମାଗଣା ବ୍ୟବସ୍ଥା । ୧୦ରୁ ବିଭିନ୍ନ ସ୍କୁଲରେ କ୍ଲବ୍‌ର ନୂତନ ସଦସ୍ୟ ଛାତ୍ରଛାତ୍ରୀଙ୍କୁ ଖାତା କଲମ ଯୋଗାଇ ଦେବେ । କାର୍ଯ୍ୟକ୍ରମରେ ଅନ୍ୟ ପ୍ରେସ କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ ।

## ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା, ଡ୍ରେନେଜ୍‌କୁ ନେଇ ବଢୁଛି ସମସ୍ୟା

ନିମାପଡ଼ା(ଭାସ୍କର ନ୍ୟୁଜ): ଆସିଲା ବର୍ଷାଦିନ ସରିଲାନି ଡ୍ରେନେଜ୍ କାମ । ଲଘୁଚାପ ଜନିତ ବର୍ଷାରେ କଲୋନୀବାସୀ ଅଣନିଶ୍ୱାସୀ । କଲୋନୀରେ ପାଣି ପଶି ଯାଇଥିବା ବେଳେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଡ୍ରେନେଜ୍ ନିର୍ମାଣ ନାମରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଏହି ଖର୍ଚ୍ଚ କାହା ପକେଟ୍‌କୁ ଯାଉଛି ତାହା ଅଧିକାରୀ ଜାଣିଥିବେ ବୋଲି ଲୋକେ କହୁଛନ୍ତି । ଦୀର୍ଘବର୍ଷ ଧରି ଡ୍ରେନେଜ୍ କାମ ନାମରେ ବ୍ୟାପକ ଅର୍ଥ ଚଳୁ କରାଯାଇଛି । କେତେକ ୱାର୍ଡ଼ରେ ଡ୍ରେନେଜ୍ ନଥିବା ବେଳେ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ । ଅନେକ ପ୍ରଭାବଶାଳୀ ବ୍ୟକ୍ତି ପାଣି ନିଷ୍କାସନ ପଥ ବନ୍ଦ କରି ଗୃହ ନିର୍ମାଣ କରିଥିବାରୁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ୧୧ଟି ୱାର୍ଡ଼ରେ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଅଣ୍ଡିଆ ସାହି ସ୍କୁଲ ବୁଡ଼ିଥିବା ବେଳେ ଠାକୁରଙ୍କ ମନ୍ଦିରକୁ ପାଣି ଲାଗି ଯାଇଛି । କୁଶଭଦ୍ରା ନଦୀବନ୍ଧ ଦାଡ଼ରେ ଏକ ଡ୍ରେନେଜ୍ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଉନି । ଶ୍ୟାମସୁନ୍ଦରପୁରରୁ ଜଇନାବାଦ ପ୍ରହରାଜ ସାହି ଦେଇ ନଦୀବନ୍ଧ ଦାଡ଼ରେ ଏକ ବିରାଟକାୟ ଡ୍ରେନ୍ ଯିବ ବୋଲି କୋଟି କୋଟି ଟଙ୍କା ବିନିଯୋଗ କରାଯାଇଛି । ମାତ୍ର ଡ୍ରେନ୍‌ରେ ଜଳ ନିଷ୍କାସନ ନହୋଇ ଲଟାଝଟା ମାଡ଼ିଥିବା ବେଳେ ଡ୍ରେନ୍ ପାଲଟିଛି ସରୀସୃପଙ୍କ ଆଡ୍ଡାସ୍ଥଳୀ । ପାଟପୁର ୨ନଂ ୱାର୍ଡ଼ରେ ଡ୍ରେନେଜ୍ ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଛି । ୧ନଂ ୱାର୍ଡ଼ରେ ମଧ୍ୟ ସେହି ଅବସ୍ଥା । ୩ନଂ ୱାର୍ଡ଼ରେ ଡ୍ରେନ୍ ସମସ୍ୟାକୁ ଦେଖିଲେ ଲୋକମାନେ ପରିଷଦକୁ ଟାହିଟାପରା କରୁଛନ୍ତି । ଶ୍ରୀକୃଷ୍ଣନଗର, ମହାବୀରକଲୋନୀ, ଜଇନାବାଦ, ନୁହାରକିରି, ତଳଅଣ୍ଡିଆରେ ଡ୍ରେନେଜ୍ ନଥିବା ବେଳେ ବଜାର ମଧ୍ୟରେ ଆଳୁସିରା କାଟିବା ଭଳି ସୋଡ଼ପା ଡ୍ରେନେଜ୍ ନିର୍ମାଣ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଇଛି । ଡ୍ରେନେଜ୍‌ରେ ଜଳ ନିଷ୍କାସନ ହୋଇ ନପାରି ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବିରାଟକାୟ ଡ୍ରେନ୍ ନିର୍ମାଣ କରାଯାଇ ଥିବାବେଳେ ପାଣି ନିଷ୍କାସନ ପାଇଁ ବାଟ ନାହିଁ । ପାଣି ଜମି ରହି ଦୁର୍ଗନ୍ଧ ବାହାରୁ ଥିବାବେଳେ ମହାମାରୀ ଜୀବାଣୁର ସଂଖ୍ୟା ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକ ଭଲ ହେବାକୁ ଆସିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ଅବସ୍ଥା ଦେଖିଲେ ରୋଗୀ ରୋଗରେ ପୀଡ଼ିତ ହୋଇପଡୁଛି । ଡ୍ରେନ୍ ନିର୍ମାଣ ନାମରେ ବ୍ୟାପକ ଅର୍ଥ ଏଠାରେ ଚଳୁ କରାଯାଇଥିଲେ ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ନାହିଁ । ଦୀର୍ଘବର୍ଷ ହେବ ପୂର୍ବ ସରକାର ଅମଳରେ କର୍ମୀ ଓ ଠିକାଦାରଙ୍କୁ ପୋଷିବା ପରି କାର୍ଯ୍ୟ କରାଯାଇଥିବା ଘଟଣା ନେଇ ତୀବ୍ର ସମାଲୋଚନା ଚାଲିଛି ।

# ବର୍ଷାରେ ଭାଙ୍ଗିଲା ରାସ୍ତା, ୪୦ରୁ ଉର୍ଦ୍ଧ୍ୱ ପରିବାର ହନ୍ତସନ୍ତ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବର୍ଷାଦିନ ଆରମ୍ଭରୁ ବର୍ଷାଜଳ ନିଷ୍କାସନ ନ ହୋଇ ପାରିବା ଫଳରେ ଜଳ ଜମି ରହି ଯାତାୟାତରେ ବିଭିନ୍ନ ସମସ୍ୟା ଦେଖାଦେବାରେ ଲାଗିଛି । ସୂଚନାରୁ ପ୍ରକାଶ ଆଜକୁ ପ୍ରାୟ ୭ ଦିନରୁ ଉର୍ଦ୍ଧ୍ୱ ହେବ ଆଳି ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ଆଳି ବ୍ଲକ ନିଆଳ ପଞ୍ଚାୟତ ୪ନଂ ୱାର୍ଡର ତୋଟା ସାହିକୁ ଯିବା ପାଇଁ ଥିବା ଏକମାତ୍ର ରାସ୍ତା ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଥିବା ରାସ୍ତାରେ ଜଳ ଜମି ରହି ମାଟି ଅତଡ଼ା ଖାଇବା ଫଳରେ ରାସ୍ତା ଦୁର୍ବଳ ହୋଇ ମଝିରୁ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଫଳରେ ଏହି ରାସ୍ତା ଉପର ଦେଇ ଆଣ୍ଠୁଏ ଉଚ୍ଚର ଜଳ ପ୍ରବାହିତ ହେଉଛି । ଏହି ରାସ୍ତା ଉପରେ ନିର୍ଭର କରୁଥିବା ୪ନଂ ୱାର୍ଡର ୪୦ରୁ ଉର୍ଦ୍ଧ୍ୱ ପରିବାରର ୩୦୦ରୁ ଅଧିକ ଲୋକଙ୍କ ଯାତାୟାତ ଏକ ପ୍ରକାର ଠପ ହୋଇଯାଇଛି । ପ୍ରତ୍ୟେକ ବର୍ଷ ବର୍ଷାଦିନରେ ଉକ୍ତ ରାସ୍ତାରେ ଜଳ ଜମି ରହୁଥାଏ । ରାସ୍ତା ଭାଙ୍ଗିବା ପରେ କୌଣସି ଦୁର୍ଘଟଣାକୁ ନଜରରେ ରଖି ଗ୍ରାମବାସୀ ଗଛ ଡାଳ ଓ ଝଟା ପକାଇ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ପିଲାମାନେ ସେହି ଜଳ ମଧ୍ୟ ଦେଇ ବିଦ୍ୟାଳୟକୁ ନ ଆସିପାରିବା ଫଳରେ ପାଠପଢାରୁ ବଞ୍ଚିତ ହୁଅନ୍ତି । ଏ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଭେଟି ଜଳ ନିଷ୍କାସନ ନିମନ୍ତେ ଏକ ଡ୍ରେନେଜ ନିର୍ମାଣ ପାଇଁ ଦାବି କରିଆସୁଥିଲେ ହେଁ ଏହା ପ୍ରଶାସନ ନଜରକୁ ଆସି ପାରିନାହିଁ । ବର୍ଷା ଲାଗିରହିବା ହେତୁ ଉକ୍ତ ରାସ୍ତାରେ ଜଳ ପ୍ରବାହିତ ହେଉଥିବା ଫଳରେ ସ୍ଥାନୀୟ ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ବଜାରକୁ ଯାଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସଦର ମହକୁମାକୁ ଲାଗି ଏହି ପଞ୍ଚାୟତ ଥିବାବେଳେ ପ୍ରଶାସନ ପାଖରେ ଏ ଘଟଣା ନେଇ ଖବର ନ ପହଞ୍ଚିବା ସ୍ଥାନୀୟ ଗ୍ରାମବାସୀ ଦିବେଶ ପଲେଇ, ଚିରଞ୍ଜୀବ ପଲେଇ, ମନୋଜ ଦାସ, ପଦିଆ ମଲିକ, ରସାନନ୍ଦ ମଲିକ, ଶତ୍ରୁଘ୍ନ ମଲିକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



କୋରାପୁଟ, (ଭାସ୍କର ନ୍ୟୁଜ) ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଓ ନୂତନ କ୍ୟାମ୍ପସ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିପୂଜା କରିଛନ୍ତି । ସରକାରୀ ଉଚ୍ଚ ସ୍କୁଲ ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଛି । ଜଗନ୍ନାଥ ସାଗର ନିକଟରେ ୮ଏକର ଜମିରେ ୪୦କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କ୍ୟାମ୍ପସ ନିର୍ମାଣ ହେବା ନେଇ ଭୂମି ପୂଜା କରି ମନ୍ତ୍ରୀ ଭିତି ପ୍ରସ୍ତର ଦେଇଛନ୍ତି । ନୂତନ ବିଦ୍ୟାଳୟରେ ୨ଶହ ଛାତ୍ରଛାତ୍ରୀଙ୍କ ନାମ ଲେଖା ସରିଛି । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଉଦ୍‌ଘାଟନି ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟା ନନ୍ଦ ଗଣ୍ଡ, ମତ୍ସ୍ୟ ଏବଂ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲ୍ଲାପାଳ ଭି କିର୍ତି ଭାସନ, ଏସ୍‌ପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ସମାବେଶରେ ଜୟପୁର ବିଧାୟକ ବାହିନୀପତି ଜୟପୁରସ୍ଥିତ ଆଇନ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବା, ବନ୍ଦେ ଭାରତ ଟ୍ରେନକୁ ଜଗଦଲପୁରକୁ ସମ୍ପ୍ରସାରଣ କରିବା, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଭିତିଭୂମିର ବିକାଶ ସହ ତୁରନ୍ତ ଜାଗା ଦେବାକୁ ଦାବି କରିଥିଲେ ।

# ବ୍ରାହ୍ମଣୀ ନଦୀରେ ଫସିଲେ ହାତୀ ପଲ



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡ଼ୋଳ ଫରେଷ୍ଟ ସେକ୍ସନ ଅଧିନସ୍ଥ ପାଳସାହି ଗାଁ ପାଖ ବ୍ରାହ୍ମଣୀ ନଦୀରେ ପାର ହେବା ସମୟରେ ଫସି ରହିଲେ ୩ ହାତୀ । ସୂଚନା ମୁତାବକ ୪୦ରୁ ଊର୍ଦ୍ଧ୍ୱ ହାତୀ ପରଜଙ୍ଗ ଅଞ୍ଚଳରୁ ନଦୀ ପାର ହୋଇ ଓଡାପଡା ଅଞ୍ଚଳକୁ ଯାଉଥିଲେ, କିନ୍ତୁ ଦୀର୍ଘ ସମୟ ଧରି ନଦୀ ଭିତରେ ଜଳସ୍ରୋତ ପ୍ରଖର ଥିବାରୁ ଜୀବନ ମରଣ ସହିତ ଗୋଟିଏ ଗୋଠ ଛଡା ଦନ୍ତା ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା । ଏ ନେଇ ରାତିସାରା ଡିହଡୋଳ ବନପାଳ ଚନ୍ଦ୍ରମଣି ବେହେରା ଓ ହାତୀ ସ୍କୁଆର୍ଡ଼ ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ବହୁ ଚେଷ୍ଟା ଚଳାଇ ଥିବାବେଳେ, ହାତୀ ପଲଙ୍କ ମଧ୍ୟରୁ ୩ଟି ହାତୀ ପାଳସାହି ଗାଁ ନିକଟ ନଦୀ ଟାପୁରେ ଫସି ରହିଥିଲେ । ସେଥିମଧ୍ୟରୁ ୨ଟି ହାତୀ ନଦୀ ପାର ହୋଇ ଖଡ଼ପ୍ରସାଦ ଅଞ୍ଚଳକୁ ଯାଇଥିଲେ । ହେଲେ ପାଣିରେ ଫସି ରହିଥିବା ଗୋଠ ଛଡ଼ା ଦନ୍ତାକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ବହୁ ଚେଷ୍ଟା ପରେ ଦୀର୍ଘ ସମୟ ଧରି ଜୀବନ ମରଣ ସହିତ ସଂଘର୍ଷ କରି ଫସି ରହିଥିବା ଦନ୍ତା ହାତୀଟି ଉଦ୍ଧାର ହୋଇଥିବା ସୂଚନା ମିଳିଛି । ଏଥିପାଇଁ ବନବିଭାଗ ହାତୀ ପଲଙ୍କ ଗତିବିଧିକୁ ନଜର ରଖି ଲୋକମାନଙ୍କୁ ସତର୍କ କରାଇଥିଲେ ।



## ସୁନା ବେଶରେ ତିନିଠାକୁର

ଉମରକୋଟ, (ଭାସ୍କର ନ୍ୟୁଜ୍) : ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ସୁନାବେଶ ବଡ଼ ଏକାଦଶୀ ଅବସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ବହୁବିଧ ଅଳଙ୍କାରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସୁସଜ୍ଜିତ କରାଯାଇଥିଲା । ପାଗ ଅନୁକୂଳ ଥିବାରୁ ସୁନା ବେଶ ଦର୍ଶନ ପାଇଁ ଉମରକୋଟ ସହରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଓ ମନ୍ଦିର କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା ।

## ଜାତୀୟ ରାଜପଥରେ ଦୁଇ ଫୁଟର ଖାଲ ନେଇ ସଚେତନତା



ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ସହର ୩୫୩ ନୁମ୍ବର ଜାତୀୟ ରାଜ ପଥ ଖଡ଼ିଆଳ ସହର ମଝି ଗର୍ଭ ହନୁମାନ ମନ୍ଦିର ରାସ୍ତାରେ ପିଚୁ ଉଠି ଦୁଇ ଫୁଟରୁ ଅଧିକ ହେବ ଖାଲ ଖମାଳ ହୋଇ ଝରି ବର୍ଷାରେ ଭରି ରିହିଛି । ଖାଲରେ ପାଣି ଜମି ରହିଥିବାରୁ ବିଭିନ୍ନ ଗାଡି ମଟର ସେହି ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ସ୍କୁଲ ପିଲାମାନେ ଓ ସହରକୁ ଆସୁଥିବା ଲୋକେ ମଧ୍ୟ ଦୁର୍ଘଟଣାର ଶିକାର ହେଉଥିବା ଦେଖି ଖଡ଼ିଆଳ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଲୋକେ ସୁରକ୍ଷା ପାଇଁ ଲାଲ କପଡା ବନ୍ଧୀ ଲୋକଙ୍କୁ ସଚେତନ କରିଛନ୍ତି । ତେଣୁ ସହର ମୁଖ୍ୟ ସ୍ଥଳରେ ରାସ୍ତା ଖାଲ ଖମାଳ ହୋଇଥିବାରୁ ତାକୁ ଶୀଘ୍ର ମରାମତି କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦାବି ହେଉଛି ।

## ନବ ଉତ୍କଳ ସଂଗଠନ ପକ୍ଷରୁ ଚରୁଅନ୍ନ ବଣ୍ଟନ



ଡେରାବିଶ, (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ାର ନବ ଉତ୍କଳ ସଂଗଠନ ପକ୍ଷରୁ ଆଜି ବାହୁଡ଼ା ଯାତ୍ରା ଅବସରରେ ମାହାଳ ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଚରୁଅନ୍ନ ବଣ୍ଟନ କରାଯାଇଛି । ଏହି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉତ୍ସାହୀ ଯୁବକ ଯୁବତୀ ମାନେ ଗତ ଚାରି ବର୍ଷ ଧରି ମାହାଳ ଠାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଉପସ୍ଥିତ ରହି ଭକ୍ତମାନଙ୍କୁ ପ୍ରାଥମିକ ସେବା ପ୍ରଦାନ କରିବା ସହ ଚରୁଅନ୍ନ ବଣ୍ଟନ, ଲେମ୍ବୁ ପାଣି, ଦହିପାଣି ବଣ୍ଟନ ସହ ଗୀତା ବହି ବଂଟନ କରିଥିଲେ । ଏହି ସଂଗଠନର କର୍ମକର୍ତାମାନେ କୁହନ୍ତି ଶ୍ରୀ ଜୀଉଙ୍କ ରଥ ଟାଣିବାକୁ ଆସୁଥିବା ଭକ୍ତମାନଙ୍କ ସେବା କରି ଆମ୍ଭେମାନେ ଆନନ୍ଦ ପାଇଥାଉ । ଏଥିସହିତ ଭକ୍ତ ମାନଙ୍କର ତୃଷା ନିବାରଣ ପାଇଁ ଆମ୍ଭେମାନେ ଯତ୍‌କିଞ୍ଚିତ ମାତ୍ର ଚେଷ୍ଟା କରିଥାଏ । ଚଳିତବର୍ଷ ଏହି ସଂଗଠନ ପକ୍ଷରୁ ଭକ୍ତମାନଙ୍କୁ ମାଗଣାରେ ଗୀତା ବହି ବଣ୍ଟନ କରାଯାଇଥିଲା । ଚଳିତ ବର୍ଷ ଏହି ସଂଗଠନ ପକ୍ଷରୁ କରାଯାଇଥିବା ଷ୍ଟଲରେ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

## ପୁରାତନ ଛାତ୍ର ପରିଷଦ ଦ୍ୱାରା ଭିଏନ୍ କଲେଜର ପ୍ରତିଷ୍ଠା ଦିବସ ପାଳିତ



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସୋମଂଶାଶିତ ମହାବିଦ୍ୟାଳୟ ପୁରାତନ ଛାତ୍ରପରିଷଦ (ଆଲୁମିନି) ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଥିବା ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପରିଷଦର ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ୬୦ତମ ପ୍ରତିଷ୍ଠା ଦିବସ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପରିଷଦର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଆବାସିକ ସମ୍ପାଦକ ଡ଼ କୁଶଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଫୁଲ୍ଲ ନାୟକ, ଅଧ୍ୟାପକ ଅମୁଲ୍ୟ କୁମାର ସ୍ୱାଇଁ, ସୁରେନ୍ଦ୍ର ସାହୁ ପ୍ରମୁଖ ବ୍ୟାସଦେବଙ୍କ ନାମରେ ନାମିତ ଏହି ମହାବିଦ୍ୟାଳୟ ଟାରେ ଗୌରବ ବଜାଇ ରଖିବା ସହିତ ବହୁ ମେଧାବୀ ଛାତ୍ର, ଛାତ୍ରୀ ଓଡିଶା ତଥା ଭାରତବର୍ଷରେ ଦକ୍ଷତା ପ୍ରତିବାଦନ କରିବାସହ ଏହାର ସମ୍ମାନ ବଜାଇ ରଖିଥିବାରୁ ପୁରାତନ ଛାତ୍ର ପରିଷଦ ଗର୍ବ ଅନୁଭବ କରୁଛି ବୋଲି ବକ୍ତା ମାନେ ନିଜ ନିଜର ଅଭିଭାଷଣ ରଖିଥିଲେ ।

## ରାଜସ୍ୱ ଅମଲା ସଂଘର କଳାବ୍ୟାଜ ପରିଧାନ



ଗୁଣପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଅମଲା ସଂଘ ତରଫରୁ ୯ଦଫା ଦାବି ପୂରଣ ନେଇ ଚଳିତ ମାସ ୭ତାରିଖ ଠାରୁ କଳାବ୍ୟାଜ ପରିଧାନ ପୂର୍ବକ ଆନ୍ଦୋଳନ ଆରମ୍ଭ ହୋଇଛି । ରାଜ୍ୟ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ ସଭାପତି ମନୋଜ ରଥ, ସମ୍ପାଦକ ଅଜୟ ନାହାକ, ସହ ସମ୍ପାଦକ ବବିତା ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ସୀମାଞ୍ଚଳ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ରାଜସ୍ୱ ଅମଲା କଳାବ୍ୟାଜ ପରିଧାନ କରିବା ନିମନ୍ତେ ଅନୁରୋଧ କରିଛନ୍ତି, ଏବଂ ପ୍ରତିନିଧି ଦଳ ଜିଲାପାଳ ଶ୍ରୀମତୀ ପରୂଲ ପଟୱାରୀଙ୍କୁ ସାକ୍ଷାତ କରି ଅମଲା ମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି । ଅମଲା ମାନଙ୍କ ଚାକିରୀ ପ୍ରବେଶ ମୂଳ ଦରମା ଲେବୁଲ ୦୯ ଅନୁଯାୟୀ ପ୍ରଦାନ, ଅମଲା ମାନଙ୍କ କ୍ରେଡ଼ ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କ ବୀମା ପ୍ରଦାନ, ୨୦୨୦ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, ପୁରୁଣା ପେନ୍‌ସନ୍ ଲାଗୁ କରିବା ଆଦି ବିଭିନ୍ନ ଦାବି ସରକାର ଯଥାଶୀଘ୍ର ପୁରଣ କରିବା ନେଇ ଅମଲା ମାନେ ଦାବି କରିବା ସହ କଳାବ୍ୟାଜ ପରିଧାନ ପୂର୍ବକ ଆନ୍ଦୋଳନ ଜାରି ରଖିଛନ୍ତି । ଯଦି ସରକାର ଏ ଦିଗରେ ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ୧୪ଜୁଲାଇ-୨୦୨୫ରୁ ରାଜ୍ୟର ସମସ୍ତ ଅମଲା କାର୍ଯ୍ୟବନ୍ଦ କରିବା ସହ ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବେ । ଆବଶ୍ୟକ ସ୍ଥଳେ ଶୋଭାଯାତ୍ରା କରି ନିଜର ଦାବି ପୂରଣ ନିମନ୍ତେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ସମ୍ପାଦକ ଅଜୟ ନାହାକ ସୂଚନା ଦେଇଛନ୍ତି । ଆଜି ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ, ଉପଖଣ୍ଡ ସ୍ତରରେ ଉପ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପଦାନ କରାଯାଇଥିଲା । ଗୁଣପୁରରେ ଅଜୟ ନାହାକଙ୍କ ସମେତ ସେକ୍ସନ ଅଫିସର ମନରଞ୍ଜନ କାର୍ଜି, ମନୋଜ ପାତ୍ର, ରାଧା ସେଠି, ଘନସି ମାଳି, ନନ୍ଦିତା ଶବର, ସୁମତି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁଲି ବୁଲି ଚାରା ବାଣ୍ଟିଲେ ପ୍ରକୃତି ବନ୍ଧୁ ଦମ୍ପତି

ବାଙ୍କୀ,(ଭାସ୍କର ନ୍ୟୁଜ୍) : ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ଦମ୍ପତି । ଉଭୟ ଦମ୍ପତି କଟକ ଜିଲ୍ଲାର ଡମପଡା ବ୍ଲକରେ ଶିକ୍ଷକତା କରୁଛନ୍ତି । ନିଜର ଘର ହେଉଛି ଡମପଡା ବ୍ଲକର ପ୍ରାକୃତିକ ପରିବେଶ ପୂର୍ଣ୍ଣ ପାହାଡ ପର୍ବତ ଘେରା ଡ଼ଂସର ଗ୍ରାମ ପଞ୍ଚାୟତରେ । ବଳରାମ ପାଇକରାୟ ବାଙ୍କୀ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବେଳେ, ନିବେଦିତା ପାଇକରାୟ ଗୋପାଳପୁର ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ପେଶା ସିନା ଶିକ୍ଷକତା । ହେଲେ ନିଶା ହେଉଛି ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା । ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୨୦୨୦ ମସିହାରେ ଶ୍ରୀଯୁକ୍ତ ପାଇକରାୟଙ୍କୁ ଓ ୨୦୨୫ ମସିହାରେ ଶ୍ରୀମତୀ ପାଇକରାୟଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ଜନକ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି । ଉଭୟ ଦମ୍ପତି ପ୍ରକୃତିକୁ ଏତେ ଭଲ ପାଉଛନ୍ତି ଯେ ୭୬ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ପ୍ରତି ଦିନ ନିଜ ସ୍କୁଟିରେ ନିଜେ ସଯତ୍ନରେ ବଢାଇଥିବା ଚାରାକୁ ବିନା ମୂଲ୍ୟରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, କାର୍ଯ୍ୟଳୟରେ ବଣ୍ଟନ କରିବା ସହିତ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଇ ଚାରାରୋପଣ କରି ପରିବେଶ ପ୍ରତି ଆଗ୍ରହ ସୃଷ୍ଟି କରାଉଛନ୍ତି । ସେମାନଙ୍କ ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ପରିବେଶ ସହିତ ଜଡିତ କରାଇ, ପରିବେଶ ପ୍ରତି ଆଗ୍ରହ ସୃଷ୍ଟି କରାଇଲେ, ନିଶ୍ଚୟ ଭାବେ ସବୁଜ ବନାନୀ ଭରା ସୁନ୍ଦର ପରିବେଶ ଟିଏ ଗଠନ ହୋଇପାରିବ । ଯାହା ଫଳରେ ପରିବେଶ ସନ୍ତୁଳନ ହେବା ସହିତ ପୃଥିବୀ ପୃଷ୍ଠରେ ସମସ୍ତ ଜୀବ ଜଗତ ଶାନ୍ତିରେ ଜୀବନଯାପନ କରି ପାରିବେ । ତାଙ୍କର ଏହି ମହତ ଉଦ୍ୟମ ପାଇଁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ପରିବେଶବିତ୍ ମାନେ ଉଚ୍ଚ ପ୍ରଶଂସା କରୁଛନ୍ତି ।

## ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରଶିକ୍ଷଣ ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଯୋଡା ସ୍ଥିତ ଟାଟା ଡିଏଭି ସ୍କୁଲରେ କେନ୍ଦୁଝର ଜିଲ୍ଲା ଚେସ ସଂଘ ତରଫରୁ ଏକ ଦିନିକିଆ ଚେସ୍ ପ୍ରଶିକ୍ଷଣ ଓ ସଚେତନତା ଶିବିର ସନ୍ତୋଷଜନକ ଭାବରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଚେସ ସଂଘର ସମ୍ପାଦକ ଅମର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ରାଜ୍ୟ ଚେସ ସଂଘ ସଭାପତି ତଥା ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ କ୍ରୀଡା ପୁରସ୍କାର ପ୍ରାପ୍ତ ବିଜେତା ସତ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଏସ୍‌ଆର ଚେସର ବରିଷ୍ଠ ପ୍ରଶିକ୍ଷକ ଅବିନାଶ ଦାସ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ଚେସ୍ ଖେଳର ମୌଳିକ ଜ୍ଞାନ ଓ ବିଭିନ୍ନ ପ୍ରକାର କୌଶଳ ବିଷୟରେ ଶିକ୍ଷାଦାନ କରି ପିଲାମାନଙ୍କୁ ଚେସ୍ ଖେଳ ପ୍ରତି ଉତ୍ସାହିତ କରାଇଥିଲେ । ସ୍ଥାନୀୟ ଅଞ୍ଚଳର ୪ଟି ମୁଖ୍ୟ ବିଦ୍ୟାଳୟ ଯଥା ସେଣ୍ଟ ଟେରେସା, ସେଣ୍ଟ ମେରି, ବଡବିଲର ଜିନ୍ଦଲ ସ୍କୁଲ ଓ ଟାଟା ଡିଏଭିର ପ୍ରାୟ ୪୦ ଜଣ ଦକ୍ଷ ପ୍ରଶିକ୍ଷାର୍ଥି ଏଥିରେ ଅଂଶଗ୍ରହଣ କରିଥିଲେ । ଖେଳାଳି ଏବଂ ଅଭିଭାବକମାନେ ଶିବିର ଦେଖି ପ୍ରଶଂସା କରିବା ସହ ଉତ୍ସାହିତ ହୋଇଥିଲେ ଏବଂ ଆଶା କରିଥିଲେ ଯେ ଏହିପରି ଆହୁରି ଅନେକ ଶିବିର ବାରମ୍ବାର ଆୟୋଜନ କରାଯିବା ଆବଶ୍ୟକ । ଟାଟା ଡିଏଭି ସ୍କୁଲର ପ୍ରିନ୍‌ସିପାଲ, ସାଇ ସାର, ସମସ୍ତ କର୍ମଚାରୀଙ୍କ ସହ ପୁରବୀ ଦାସ ଓ ସ୍ଥାନୀୟ ସାମ୍ବାଦିକ ଶାନ୍ତନୁ କୁମାର ଦାଶ ସହଯୋଗ କରିଥିଲେ ।



## ୨ ଯୁବକଙ୍କ ସାଇକେଲରେ ଭାରତ ଭ୍ରମଣ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଦେଶରେ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ବଳାତ୍କାର, ଭ୍ରୂଣ ହତ୍ୟା ଭଳି ନାରୀ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି, ଏହାକୁ କିଭଳି ବନ୍ଦ କରାଯିବ ଏବଂ ନାରୀଙ୍କୁ ସୁରକ୍ଷା ମିଳିବ ସେନେଇ ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାର ୨ ଜଣ ଯୁବକ ସାଇକେଲରେ ସୋମବାର ଭାରତ ଭ୍ରମଣ ଯାତ୍ରାରେ ବାହାରିଛନ୍ତି । ଏମାନେ ହେଲେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଅଧୀନ ବାଟଛତ୍ରପୁର ଗାଁର କିରଣ କୁମାର ସେଠୀ ଓ ଧରାକୋଟ ବ୍ଲକ, କଳାସୁତା ଗ୍ରାମର ଦୀପକ କୁମାର ଗୌଡ । ପୂର୍ବରୁ ୧୨ ଜ୍ୟୋର୍ତିଲିଙ୍ଗ ଦର୍ଶନ କରିଥିବା ବେଳେ ନାରୀ ସୁରକ୍ଷା ବାର୍ତ୍ତା ନେଇ ଚାରିଧାମ ଦର୍ଶନ ପାଇଁ ବାହାରିଛି ଏବଂ ଜନସାଧାରଣ ଏବଂ ସ୍କୁଲ ଓ କଲେଜ ପିଲାଙ୍କୁ ସଚେତନ କରିବି ବୋଲି ଧରାକୋଟ ବ୍ଲକ, କଳାସୁତା ଗ୍ରାମର ଦୀପକ କହିଛନ୍ତି । ଏହି ଅବସରରେ ବଜରଙ୍ଗ ଦଳର ଏସ.ରାମକ୍ରୀଷ୍ଣା ରେଡ୍ଡୀ ଉଭୟଙ୍କୁ ସମ୍ବର୍ଦ୍ଧନା ଦେବା ସହ ଏଭଳି ମହତ କାର୍ଯ୍ୟ ପାଇଁ ସାଇକେଲରେ ଭାରତ ଭ୍ରମଣରେ ବାହାରିଥିବାରୁ ପ୍ରଶଂସା ସହ ଶୁଭେଚ୍ଛା ଜଣାଇଥିଲେ ।

## ବାହୁଡା ଯାତ୍ରା ହେଲା ଶେଷ ଯାତ୍ରା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଦୁଇ ବନ୍ଧୁଙ୍କ ବାହୁଡ଼ା ଯାତ୍ରା ହେଲା ଶେଷ ଯାତ୍ରା । ଟ୍ରାକ୍ଟର - ବାଇକ ମୁହାଁମୁହିଁ ଧକ୍କାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ହେବା ସହ ଜଣେ ସାଙ୍ଗ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛି । ଏମିତି ଦୁଃଖଦ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ପଦ୍ମଗିରି ପଞ୍ଚାୟତସ୍ଥ ତଙ୍ଗପାଲି ଗ୍ରାମରେ । ଶନିବାର ଥିଲା ବାହୁଡ଼ା ଯାତ୍ରା । ତଙ୍ଗପାଲି ଗ୍ରାମର ତିନିଜଣ ସାଙ୍ଗ ରାଜେଶ ସୋଡି (୨୦), ବସନ୍ତ କବାସୀ (୧୯), ବବୁଲ ମାଢ଼ି (୧୮) ଏକ ବାଇକ ଯୋଗେ ନିକଟସ୍ଥ ପଦ୍ମଗିରିକୁ ଯାଇଥିଲେ ବାହୁଡ଼ା ଯାତ୍ରା ଦେଖିବାକୁ । ସେମାନେ ଯାତ୍ରା ଦେଖି ଶନିବାର ରାତିରେ ଘରକୁ ଫେରୁଥିଲେ । କିଏ ଜାଣି ଥିଲା ମୃତ୍ୟୁ ତାଙ୍କ ଆଗରେ ଆସୁଛି ବୋଲି । ଆଉ କିଛି ବାଟ ଯାଇଥିଲେ ଗାଁରେ ପହଞ୍ଚି ଥାନ୍ତେ । ଏମଭି୮୪ ଗ୍ରାମ ଛକ ନିକଟରେ ହଠାତ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ବାଇକ ସହିତ ଧକ୍କା ଲାଗିଥିଲା । ତିନିଜଣ ସାଙ୍ଗ ଦୂରକୁ ଛିଟିକି ପଡିଥିଲେ । ଘଟଣା ସ୍ଥଳରେ ରାଜେଶ ଓ ବସନ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ବବୁଲ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀ ମାଲକାନଗିରି ହସ୍ପିଟାଲକୁ ନେଇଯାଇ ଥିଲେ । ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ । ବବୁଲ ଜିଲ୍ଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏ ସମ୍ପର୍କରେ ପରିବାର ଲୋକେ ମାଲକାନଗିରି ଥାନାରେ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରିଛନ୍ତି । ଦୁର୍ଘଟଣା ସମ୍ପର୍କରେ ଏକ ମାମଲା ରୁଜୁକରି ଟ୍ରାକ୍ଟରକୁ ଜବତ କରିବା ସହିତ ଡ୍ରାଇଭର କ୍ରିଷ୍ଣା ମଲିକକୁ ଗିରଫ କରି ତଦନ୍ତ ଚଳାଇଛନ୍ତି । ତିନି ସାଙ୍ଗ ଘରେ ପହଞ୍ଚିବା ବଦଳରେ ଦୁଇଜଣଙ୍କ ଶବ ଗଲା ମଶାଣିକୁ । ଏହି ଘଟଣା ତଙ୍ଗପାଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ଖୋଲା କୂପରୁ ବାର୍‌ହା ଉଦ୍ଧାର

ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ବାଘମାରୀ ଗ୍ରାମର ବଡସାହିର ଏକ ଖୋଲା କୂପରେ ଆଜି ଅପରାହ୍ନରେ ଜଙ୍ଗଲୀ ବାର୍‌ହା ପଡ଼ି ଯାଇଥିଲା । ସୂଚନା ଅନୁଯାୟୀ ଜଙ୍ଗଲ ଅବକ୍ଷୟ ଯୋଗୁଁ ବାରାହା ଜନବସତି ମୁହାଁ ହୋଇ ସାହି ମଧ୍ୟରେ ପଶି ଯାଇଥିଲା । ଫଳରେ ଜନ ସାଧାରଣ ବାରାହାଟିକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ । ଫଳରେ ବାରାହାଟି ଯାଇ ଏକ ଖୋଲା କୂପରେ ପଡ଼ି ଯାଇଥିଲା । ତେବେ ସ୍ଥାନୀୟ ଲୋକମାନେ ବହୁ କଷ୍ଟରେ ବାରାହାଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିଲେ ।

## ବିପଦସଂକୁଳ କୁଶଭଦ୍ରା-ଧନୁଆ ନଦୀବନ୍ଧ

ଗୋପ,(ଭାସ୍କର ନ୍ୟୁଜ୍) : ହୀରାକୁଦରେ ୨୦ ଗେଟ୍ ଖୋଲିଲା ପରେ ଗୋପର ତଳିଆ ଅଞ୍ଚଳରେ ଭାଳେଣି ପଡିଛି । କୋଟି କୋଟି ଟଙ୍କା ବ୍ୟୟରେ ସୁଦୃଢୀକରଣ କରାଯାଇଥିବା କୁଶଭଦ୍ରା ଓ ଧନୁଆ ନଦୀ ବନ୍ଧ ଏବେ ବିପଦସଂକୁଳ ଭାବରେ ରହିଛି । ଗୋପ କୁଶଭଦ୍ରା ନଦୀ ବନ୍ଧର ଷୋଳପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀବନ୍ଧ ଦୁଇ ଫାଳ ହୋଇପଡିଛି । ଠିକ୍ ଏକ ବର୍ଷ ତଳେ ଏକ କୋଟି ଟଙ୍କା ବ୍ୟୟରେ ଏହି ନଦୀବନ୍ଧ ରାସ୍ତାକୁ ସୁଦୃଢୀକରଣ କରାଯାଇଥିଲା ମାତ୍ର ଏହି ରାସ୍ତା ଏବେ ସମ୍ପୁର୍ଣ୍ଣ ଭାବେ ଅନୁପଯୁକ୍ତ ହୋଇପଡିଛି । ସବୁଠାରୁ ଏବେ ବିପଦରେ ରହିଛି ଷୋଳପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀବନ୍ଧ । ଏହାର ମଝିରେ ରହିଥିବା ତିନିମୁହାଣି ସ୍ୱିଇସ୍ ଗେଟ୍ ମଧ୍ୟ ବନ୍ଧ ଧସିଯାଇଥିବାରୁ ବିପଦରେ ରହିଛି । ମାତ୍ର ଏସବୁକୁ କୌଣସି ପ୍ରକାର ନଜର ନପକାଇ ଏବେ ଜଳସମ୍ପଦ ବିଭାଗ ରାସ୍ତା କାର୍ଯ୍ୟରେ ମାତିଛି । ଗତ ବର୍ଷ ଠିକ୍ ଏହି ସମୟରେ ଧସିଯାଇଥିବା ସ୍ଥାନରେ ପଲିଥିନ୍ ଏବଂ ବାଲିବସ୍ତା ପକାଇ ବନ୍ୟାଜଳର ମୁକାବିଲା କରାଯାଇଥିଲା ମାତ୍ର ତାହାର ପ୍ରତିକାର ନିମନ୍ତେ ନଦୀବନ୍ଧକୁ ଲାଗିରହିଥିବା କେନାଲ ଭିତରେ କଂକ୍ରିଟ୍ ଟଫୱାଲ୍ କରାଯାଉଛି । ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ସେ ମଧ୍ୟ ଭୁଷୁଡିଯିବା ଅବସ୍ଥାରେ । ଏହାର ନିର୍ମାଣ ସମୟରେ ଅନେକ ଅନିୟମିତତା କରାଯିବାର ପ୍ରମାଣ ସହିତ ଖବର ପ୍ରକାଶ ପାଇବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ବଦଳି ହେବାକୁ ପଡିଥିଲା । ଏବେ ନୂତନ ଅଧିକ୍ଷଣ ଯନ୍ତ୍ରୀ ଯୋଗଦାନ କରିବା ପରେ ଅନେକ ଆଶା କରାଯାଉଥିଲା ଯେ ନିଶ୍ଚିତ ଭାବେ କିଛି ନୂଆ ହେବ । ମାତ୍ର ଉକ୍ତ ନଦୀବନ୍ଧର କୌଣସି ମରାମତି କରାଗଲା ନାହିଁ କିମ୍ବା ଏହି ପ୍ରକଳ୍ପର କୌଣସି ଆଖିଦୃଶିଆ କାର୍ଯ୍ୟ କରାଗଲା ନାହିଁ । କୁଶଭଦ୍ରା ନଦୀର କୁଶୁପୁରୁ, ଦିଘାଳୋ, ଅରିଷଣ୍ଡ, ଷୋଳପୁର, ଖଣ୍ଡିଆକୁଦ, ମାଟିଆଖାତ, ତିନିତିଅର ଭଳି ସ୍ଥାନରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି । ମାତ୍ର ତାହାର ନିରାକରଣ ବଦଳରେ ଠିକାଦାରୀ କାର୍ଯ୍ୟରେ ମାତିଛି ବିଭାଗ । ଯାହାକୁ ନେଇ ଏବେ ତଳିଆ ଅଞ୍ଚଳର ଲୋକ ଭୟଭୀତ ହେବା ସ୍ୱାଭାବିକ । ଅନ୍ୟପକ୍ଷରେ ଧନୁଆ ନଦୀବନ୍ଧ କାର୍ଯ୍ୟରେ ବ୍ୟାପକ ଅନିୟମିତତା ୯ ପଞ୍ଚାୟତର ଲୋକମାନଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରିଛି । ସରକାରଙ୍କ ଅର୍ଥ ଲୋକଙ୍କ ଉଦ୍ଦେଶ୍ୟରେ ଥିବା ବେଳେ ଏବେ ସେ କେବଳ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ପେଟ ପୋଷିବା କାର୍ଯ୍ୟରେ ଲାଗିଛି । ଏ ନେଇ ପୁରୀ ଜିଲ୍ଲା ଆମ ଆଦମୀ ପାର୍ଟୀର ଜିଲ୍ଲା ସଭାପତି ସଂଜିବ କୁମାର ମହାନ୍ତି କହିଛନ୍ତି ଯେ ଯଦି ଜଳସମ୍ପଦ ବିଭାଗର କାର୍ଯ୍ୟ ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧର ସୁରକ୍ଷା, ଚାଷୀ ମାନଙ୍କ ଜମିକୁ ଜଳସେଚନ କରିବାରେ ବିଫଳ ହେଉଛି ଏବଂ ରାସ୍ତା କାର୍ଯ୍ୟରେ ବ୍ୟସ୍ତ ରହି ଠିକାଦାର ପୋଷୁଛି ତେବେ ଆମେ ଆସନ୍ତା ସପ୍ତାହରେ ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ।

# ନିଷ୍କାସନ ହୋଇପାରୁନି ଚାଷ ଜମିରୁ ବର୍ଷାପାଣି

## ଜମି ମାଫିଆଙ୍କ କବଜାରେ କେନାଲ, ଉଚ୍ଛେଦ ପାଇଁ ଦାବି

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳ ଚଣ୍ଡୀ ଖୋଲରୁ ଛତିଆ ଦେଇ ଯାଇଥିବା ଦୁଇଟି ରାଜପଥ କଡରେ ଥିବା ନୟନ ଜୋରି ଓ ଆହୁରି ଅନେକ ଛୋଟ ମୋଟ ନାଳକୁ କିଛି ଜମି ମାଫିଆମାନେ ଜୋର ଜବରଦସ୍ତ ଦଖଲ କରିବାରୁ ଏହି ସବୁ ଅଞ୍ଚଳରେ ବର୍ତ୍ତମାନ ଲଘୁଚାପ ଜନିତ ଲଗାଣ ବର୍ଷା ହେଉଛି । ଏହା ଫଳରେ ଚାଷ ଜମିରୁ ପାଣି ନିଷ୍କାସନରେ ଘୋର ଅସୁବିଧା ସୃଷ୍ଟି ହେଉଥିବାରୁ ଅନେକ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖରେ ହେଉଛନ୍ତି । ସାମାନ୍ୟ ବର୍ଷା ହେଲେ ଚାଷ ଜମିରେ କୃତ୍ରିମ ବନ୍ୟା ହେଲା ଭଳି ପରିସ୍ଥିତି ଉପୁଜି ଥାଏ । ଜମି ମାଫିଆମାନେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରୁ ଜମି କିଣି ବେଆଇନ ଭାବେ ଜମିର କିସମ ପରିବର୍ତ୍ତନ କରି ମାଟି ମୋରମ ପକାଇ ଲକ୍ କରି ଦେଇଛନ୍ତି । କିଛି ଜାଗାରେ ଯେଉଁ ପ୍ରକାରେ ସୋଠ ବା ପୋଲ କରିବା କଥା ସେପରି ହୋଇ ନଥିବାରୁ ସେହି ସ୍ଥାନରେ ବର୍ଷା ପାଣି ଯିବା ଆସିବାରେ ଅସୁବିଧା ହେଉଥିବାରୁ ପୁରା ମୌଜାରେ ପାଣି ଫୁଲ୍ ଜମା ରହିଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଛି । ଜମି କିଣିଥିବା ମାଫିଆମାନଙ୍କ କବଳରୁ ତୁରନ୍ତ ଜବରଦଖଲ କରିଥିବା ନାଳକୁ ମୁକ୍ତ କରିବାକୁ ପ୍ରଶାସନକୁ ଚାଷୀ ମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ୧୬ ନମ୍ବର ଜାତୀୟ ରାଜପଥ ଛତିଆ ନିକଟସ୍ଥ ନେଳିଆ ଠାରୁ ଚଣ୍ଡିଖୋଲ ଏବଂ ୫୩ ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ଠାରୁ ବାଲିଚନ୍ଦ୍ରପୁର ନିକଟସ୍ଥ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନୟନଜୋରି ନାଳ ଏବଂ ଅନେକ ସ୍ଥାନରେ କିଛି ଛୋଟ ଛୋଟ ନାଳ ରହିଛି ଜାତୀୟ ରାଜପଥ କଡରେ । ଏହି ସବୁ ନାଳ ପାଖାପାଖି ଜମି କିଣୁ ଥିବା ଜମି ମାଫିଆ ମାନେ ଉକ୍ତ ନାଳକୁ ଜବର ଦଖଲ କରି ଜମିର କିଣା ମୂଲ୍ୟ ଠାରୁ ଅଧିକ ମୂଲ୍ୟ ବଢ଼ାଇବାକୁ ଏପରି ଜବର ଦଖଲ କରୁଥିବା ଜଣାଯାଇଛି । ବିଶେଷ କରି ଏହି ସବୁ ରାଜପଥ କଡ଼ରୁ ରାଜ୍ୟର ବହୁ କୋଟିପତି ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର କିଛି ଜମି ଦଲାଲଙ୍କୁ ଧରି ଅଳ୍ପ ଦରରେ ଜମି କିଣି ସେଠାରେ ଥିବା ମୂଲ୍ୟବାନ ଗଛକୁ କାଟିବା ସହିତ ନାଳ ଗୁଡିକୁ ଜବର ଦଖଲ କରୁଥିବା ଅଭିଯୋଗ ହୋଇଛି । ପ୍ରଥମେ ବହୁ ମୂଲ୍ୟରେ ଜମି କିଣି ଏହାକୁ ଜମିର କିସମ ପରିବର୍ତ୍ତନ କରିବାକୁ ତହସିଲ କାର୍ଯ୍ୟାଳୟରେ ପହଞ୍ଚି କିସମ ପରିବର୍ତ୍ତନ କରିନେଉଛନ୍ତି । ସରକାରୀ ଭାବେ ଜମିର କିସମ ପରିବର୍ତ୍ତନ କରିବାକୁ ସରକାରଙ୍କ କୌଣସି ଆଇନକୁ ଜମି ମାଫିଆ ମାନେ ପାଳନ କରୁ ନଥିବା ଅଭିଯୋଗ ହେଉଛି । ଏହାକୁ ନେଇ ସମଗ୍ର ବଡ଼ଚଣା ଅଞ୍ଚଳରେ ଏବେ ଜମି କିଣିଥିବା ସ୍ଥାନୀୟ ଜମି ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଲାଣି । ବିଶେଷ କରି ଛତିଆ ବଜାର ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାଜପଥର ବିଭିନ୍ନ ଅଞ୍ଚଳରେ ଜିଲ୍ଲା ବାହାରୁ କୋଟିପତି ବ୍ୟବସାୟୀ ମାନେ ଜମି କିଣିବାକୁ ସହଜ ମନେ କରୁଛନ୍ତି । କିଛି ଚାଷୀ ଏହାର ପ୍ରତିବାଦ କରିବା ସହିତ ଜବର ଦଖଲ କରିଥିବା ଜମି ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ସମାଧାନ କରାନଗଲେ ଚାଷୀ ମାନେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାଇ ଦେଇଛନ୍ତି ।

## ଯୋକେଇ ଓ ସଂଲଗ୍ନ ନାଳର ପୁନଃରୁଦ୍ଧାର ପାଇଁ ଅନୁଦାନ

**ଉପକୃତ ହେବେ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଚାଷୀ**

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍) : ଯୋକେଇ ଓ ଏହା ସଂଲଗ୍ନ ନାଳ ଗୁଡ଼ିକର ପୁନଃରୁଦ୍ଧାର ପାଇଁ ୧୭ କୋଟି ୨୬ ଲକ୍ଷ ୩୬ ହଜାର ୫୩୦ ଟଙ୍କା ଅନୁଦାନର ବ୍ୟବସ୍ଥା ହୋଇଛି । ଜଳସମ୍ପଦ ବିଭାଗ ଅଧୀନ ଏହି ନାଳର ପୁନଃରୁଦ୍ଧାର ଦାୟିତ୍ୱ ନେଇ ମେସର୍ସ ଓଡ଼ିଶା କନ୍‌ଷ୍ଟ୍ରକସନ କର୍ପୋରେସନ ଲିମିଟେଡ କାର୍ଯ୍ୟାରମ୍ଭ କରିଛି । ନାଳର ଉଭୟ ପାର୍ଶ୍ୱ ମାଟିକୁ ଜେସିବି ସାହାଯ୍ୟରେ ଉଠାଯାଇଛି । ତେବେ ନାଳରେ ପ୍ରାୟ ୬ ରୁ ୭ ଫୁଟ ପାଣି ଥିବାରୁ ଖନନ ପାଇଁ ଆସିଥିବା ମେସିନ ପଡ଼ିରହିଛି । ନାଳ ଗର୍ଭରୁ ମାଟି ଖୋଳା ଯାଇ ପାରୁନି । ବ୍ରାହ୍ମଣୀ, ବୈତରଣୀ ନଦୀ ପାର୍ଶ୍ୱର ଏହି ନାଳ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ହଜାର ହଜାର ଚାଷୀଙ୍କ ପାଇଁ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ । ଚଳିତ ବର୍ଷ ଫେବୃଆରୀ ମାସ ୨୦ ତାରିଖରୁ କାର୍ଯ୍ୟାରମ୍ଭ ହୋଇ ୨୦୨୬ ଅଗଷ୍ଟ ମାସ ୧୯ ତାରିଖରେ ସଂପୂର୍ଣ୍ଣ ହେବା କଥା । ତେବେ କାର୍ଯ୍ୟାରମ୍ଭରେ କିଛିଟା ବିଳମ୍ବ ଘଟିଛି । ଠିକଣା ସମୟରେ ହୋଇଥିଲେ ନାଳ ଖୋଳା କାର୍ଯ୍ୟ ହୋଇପାରିଥାନ୍ତା । ବିଗତ ବର୍ଷ ମାନଙ୍କରେ ନାଳ ଖୋଳା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିଲା । ମାତ୍ର ଏଥର ପୁନଃରୁଦ୍ଧାର ଦାୟିତ୍ୱ ଓସିସି ଲିମିଟେଡ ଭଳି ନାମୀ ଦାମୀ ଏଜେନସି ନେଇଛି । ଉନ୍ନତ ମାନର କାର୍ଯ୍ୟ ଓ ଉପଯୁକ୍ତ ଢଙ୍ଗରେ ପୁନରୁଦ୍ଧାର କାର୍ଯ୍ୟ ହେବ ବୋଲି ଆଶା ରହିଛି । ଆଗାମୀ ବର୍ଷରେ ଚାଷୀକୁଳ ଏଥିରୁ ଯଥେଷ୍ଟ ଉପକୃତ ହେବେ ଏଥିରେ ସନ୍ଦେହ ନାହିଁ ।



ବାରିପଦା (ଭାସ୍କର ନ୍ୟୁଜ୍): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୬ନଂ ୱାର୍ଡର ପୁରୁଣାହାଟସାହି ସ୍ଥିତ ନିଜ ବାସଭବନରେ ରାକେଶ କୁମାର ରଘୁବଂଶୀ ନିଜ ପିତା ସ୍ୱର୍ଗତ ଭରତଲାଲ ରଘୁବଂଶୀ ଓ ମାତା ସ୍ୱର୍ଗୀୟା କମଳା ଦେବୀଙ୍କ ଶ୍ରାଦ୍ଧ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଜନ୍ମଦିନ ଓ ବିବାହ ବାର୍ଷିକୀରେ ବ୍ୟକ୍ତିଗତ ରକ୍ତଦାନ କରିବା ଅଥବା ଶିବିର ଆୟୋଜନ କରିବାର ପ୍ରଥା ଆରମ୍ଭ ହୋଇଥିଲାବେଳେ ପିତାମାତାଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର ଆୟୋଜନକୁ ମୁଖ୍ୟ ଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବେଶ୍ ପ୍ରଶଂସା କରିଛନ୍ତି । ଏହି ଶିବିରରେ ଶ୍ରୀ ରଘୁବଂଶୀଙ୍କ ୩୮ ଜଣ ସାଙ୍ଗସାଥି ଓ ସମ୍ପର୍କୀୟ ରକ୍ତଦାନ କରିଥିବାରୁ ସମ୍ମାନିତ ଅତିଥି ଇଂ. ବିପ୍ଳବ ଭଞ୍ଜନ ଭୁଗୁଡେଇ ରକ୍ତଦାତାଙ୍କୁ ବଧାଇ ଜଣାଇଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ନିରୋଜ ସାହୁ, ସମାଜସେବୀ ଅମର କୁମାର ସେଠି, ମନୋଜ ସାହୁ ଓ ହେମନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ରଘୁବଂଶୀ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରୀନା ରଘୁବଂଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପରିଚାଳନା କରିବାରେ ରାଜବୀର ରଘୁବଂଶୀ, ରଣବୀର ରଘୁବଂଶୀ, ରୀତିକା ରଘୁବଂଶୀ, ପ୍ରିୟାଂଶୁ ସୋନକାର, ଲକ୍ଷ୍ମୀଧର ବେହେରା, ଆକାଶ କୁମାର ବେହେରା, ଅମିତ ମଣ୍ଡଳ, ଶିବାନନ୍ଦ ସି, ଭିକି କୁଅଁରବାବୁ ଓ ମାନସ ରଞ୍ଜନ ବେହେରା ପରିଚାଳନା କରିବାରେ ସହଯୋଗ କରିଥିଲେ। ଓଡିଶା ରକ୍ତ କେନ୍ଦ୍ର, ବାରିପଦାର ଡ. ଆଶୀର୍ବାଦ ଶର୍ମାଙ୍କ ନେତୃତ୍ୱରେ ରୁଚିକା ଖୁରାନା, ଶକୁନ୍ତଳା ମହାନ୍ତ ଓ ବିଶ୍ୱଜିତ ପରିଡା ରକ୍ତ ସଂଗ୍ରହ କରିଥିଲେ।

### ସରିଲା ଇ-କେୱାଇସି ଯାଞ୍ଚ ଅବଧି

## ବାଦ୍ ପଡିବେ ୩ ହଜାରରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ରାସନ କାର୍ଡର ଇ-କେୱାଇସି ଯାଞ୍ଚର ଅବଧି ଶେଷ ହୋଇଛି। ସରକାର ବାରମ୍ବାର ସୁଯୋଗ ଦେବା ପରେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୯୪. ୬ପ୍ରତିଶତ ତଥା ୬୩ହଜାର ୭ଶହ ୪୭ଜଣ ଇ-କେୱାଇସି ଯାଞ୍ଚ କରିଛନ୍ତି। ଅବଶିଷ୍ଟ ୫ପ୍ରତିଶତରୁ ଊର୍ଦ୍ଧ୍ୱ ତଥା ୩ ହଜାର ୫୫ଜଣ ହିତାଧିକାରୀ ଇ-କେୱାଇସି ଯାଞ୍ଚ କରିନାହାନ୍ତି ବୋଲି ଜଣାପଡିଛି। ଯାହା ଅଯୋଗ୍ୟ ଓ ଭୂତ ହିତାଧିକାରୀ ବୋଲି କୁହାଯାଉଛି। ଜୁଲାଇ ମାସରୁ ଏମାନଙ୍କ ଚାଉଳ ବନ୍ଦ କରାଯିବ। ୩ ମାସ ମଧ୍ୟରେ ଯଦି ଏମାନେ ଇ-କେୱାଇସି ଅପଡେଟ ନ କରନ୍ତି, ତେବେ ତାଲିକରୁ ସମ୍ପୂର୍ଣ୍ଣ ବାଦ୍ ପଡିବେ ବୋଲି ସରକାର ଚେତାଇ ଦେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇଆସୁଥିଲା। ନୂଆ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଞ୍ଚିତ ହେଉଥିଲେ। ନୂଆ ସରକାର ଆସିବା ପରେ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ତାରିଖରୁ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଯେଭଳି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରିବେ ସେଥିପାଇଁ ସରକାର ପ୍ରାୟ ୫ଥର ଏହାର ଅବଧି ବୃଦ୍ଧି କରିଥିଲେ। ଏପରିକି ବାହାରେ ଥିବା ବ୍ୟକ୍ତିଙ୍କୁ ବି କରିବାକୁ ଇ-କେୱାଇସି ଅପଡେଟ କରିବାର ସୁଯୋଗ ଦିଆଯାଇଥିଲା। ସବୁ ପରେ ଶେଷରେ ଅବଧିକୁ ବନ୍ଦ କରାଯାଇଛି। ଜୁନ ଶେଷ ସୁଦ୍ଧା ଯେଉଁମାନେ ଇ -କେୱାଇସି କରିନାହାନ୍ତି ସେମାନଙ୍କୁ ବାଦ୍ ଦିଆଯିବା ଏକପ୍ରକାର ନିଶ୍ଚିତ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଂଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୭ହଜାର ୩ଶହ ୯୬ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି। ଅଗଷ୍ଟରୁ ନଭେମ୍ବର ୩ମାସ ମଧ୍ୟରେ ଅସ୍ତରଙ୍ଗ ବ୍ଲକରେ ୮୪ପ୍ରତିଶତ ହୋଇଥିବା ବେଳେ ଡିସେମ୍ବର ବେଳକୁ ୯୦ପ୍ରତିଶତ ହୋଇଥିଲା। ପୁଣି ଅବଧି ବଢିଥିଲେ ବି ୬ ମାସରେ ଅର୍ଥାତ ଜୁନ ଶେଷ ସୁଦ୍ଧା ଆଉ ମାତ୍ର ପାଖାପାଖି ୪ପ୍ରତିଶତ ଊର୍ଦ୍ଧ୍ୱ ବଢ଼ି ୯୪. ୬ପ୍ରତିଶତ ହୋଇଛି। ଅର୍ଥାତ୍ ଅସ୍ତରଙ୍ଗ ବ୍ଲକରେ ୯୪. ୬ପ୍ରତିଶତ ତଥା ୬୩ହଜାର ୭ଶହ ୪୭ଜଣ ହିତାଧିକାରୀ ଇ-କେୱାଇସି ଯାଞ୍ଚ କରିଛନ୍ତି। ବଳକା ୩ହଜାର ୫୫ଜଣ ଜଣଙ୍କୁ ବାରମ୍ବାର ସୁଯୋଗ ଦେବା ପରେ ମଧ୍ୟ କରିନାହାନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ୧ହଜାର ୨ଶହ ୬୫ ଜଣ ମୃତବ୍ୟକ୍ତି ବା ଭୂତ ହିତାଧିକାରୀ ଚିହ୍ନଟ ହୋଇ ବାଦ ଦିଆଯାଇଥିବା ଜଣାଯାଇଛି। ବର୍ଷ ବର୍ଷ ଧରି ଏହି ମୃତ ବ୍ୟକ୍ତିଙ୍କ ନାଁରେ ମଧ୍ୟ ଚାଉଳ ଉଠୁଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ସୁଯୋଗ ପରେ ମଧ୍ୟ ସରକାର ଶେଷ ସୁଯୋଗ ଦେଇଛନ୍ତି। ଜୁଲାଇରୁ ଏମାନଙ୍କ ଚାଉଳ ବନ୍ଦ ହେବ। ୩ମାସ ମଧ୍ୟରେ ଇ-କେୱାଇସି ଯାଞ୍ଚ ନକଲେ ସମ୍ପୂର୍ଣ୍ଣ ବାଦ୍ ଦିଆଯିବ ବୋଲି କୁହାଯାଇଛି। ଭୟରେ ଇ-ଯାଞ୍ଚ କରୁନଥିବା ଜଣାଯାଇଛି। କାରଣ ଅନେକ ବ୍ୟକ୍ତିଙ୍କ ଚାରି ଚକିଆ, ୬ ଚକିଆ ଗାଡି ଥିବା ସତ୍ତ୍ୱେ ରାସନ ସାମଗ୍ରୀ ଉଠାଉଥିବାରୁ ଇ-କେୱାଇସି କଲେ ରାସନ ସାମଗ୍ରୀ କଟିଯିବା ଭୟରେ କରୁନାହାନ୍ତି, ଆଗାମୀ ଦିନରେ ନକଲେ ସମ୍ପୂର୍ଣ୍ଣ କଟିଯିବ। ସେହିଭଳି ଶଯ୍ୟାଶାୟୀ, ଛୋଟ ଶିଶୁ ଇ-କେୱାଇସି କରିବାରେ ସମସ୍ୟା ରହିଥିବା ସୂଚନା ମିଳିଛି।

### ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାପ୍ରୋସ୍କୋପି ଅସ୍ତ୍ରୋପଚାର

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାପ୍ରୋସ୍କୋପି ଜରିଆରେ ପରିବାର ନିୟୋଜନ, ବନ୍ଧ୍ୟାକରଣ ଓ ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଛି। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ଼ା ସ୍ୱାଧୀନ କୁମାର ରଥଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଏକ ଡ଼ାକ୍ତରୀ ଟିମ୍ ଏହି ଅପରେସନ କରିଥିଲେ। କେଉଁଝରର ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ତଥା ସର୍ଜରୀ ବିଶେଷଜ୍ଞ ଡ଼ା ମୁକ୍ତିକାନ୍ତ ନାୟକଙ୍କ ନେତୃତ୍ୱରେ ଏକ ୫ ଜଣିଆ ଡ଼ାକ୍ତର ଟିମ୍ ଯୋଗଦେଇ ୪୯ ଜଣଙ୍କ ଲାପ୍ରୋସ୍କୋପି ଅସ୍ତ୍ରୋପଚାର କରିଛନ୍ତି। ସେଥିରୁ ୫ ଜଣଙ୍କ ହାଇଡ୍ରୋସିଲ ଓ ଅନ୍ୟମାନଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଛି। ବନ୍ଧ୍ୟାକରଣ ଅସ୍ତ୍ରୋପଚାର ମଧ୍ୟରେ ରହିଛନ୍ତି ୨ଜଣ ପୁରୁଷ ଓ ଅନ୍ୟମାନେ ମହିଳା। ଦକ୍ଷିଣ ଓଡ଼ିଶାରେ ଏହା ପ୍ରଥମ ଅସ୍ତ୍ରୋପଚାର ବୋଲି କହିଛନ୍ତି ଡ଼ା ରଥ। ଶିବିରରେ ମୋଟ ୬୦ଜଣ ପଞ୍ଜିକରଣ କରିଥିଲେ। ଏହି ଶିବିରକୁ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ୍ ସାରଦା ରେଡି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଏସ୍ କିଶୋର ଚନ୍ଦ୍ର ରେଡ଼ି, ବନଜ ନାହାକ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ପ୍ରତାପ ସେନାପତିଙ୍କ ସମେତ ବହୁ ଗ୍ରାମବାସୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦୁଇ ବାଇକ୍ ଧକ୍କା : ଜଣେ ମୃତ, ୨ ଗୁରୁତର



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ ଥାନା ଅନ୍ତର୍ଗତ ବୋଡ଼େନ - ଦାବ୍ରିପଦର ରାସ୍ତା ମଝିରେ ସୋମବାର ମଧ୍ୟାହ୍ନ ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଥିବା ଜଣାପଡିଛି। ମୃତକ ଜଣକ ତରାପୁର ଗ୍ରାମର ପୁଲସ୍ତ ଚଣ୍ଡି ବୋଲି ସୂଚନା ମିଳିଛି। ସୂଚନା ଯେ ଓଡି ୦୮ ୱାଇ ୪୪୬୦ ନମ୍ବର ବିଶିଷ୍ଟ ଏଚଏଫ ଡିଳକ୍ସ ବାଇକ୍ ଯୋଗେ ତରାପୁର ଗ୍ରାମର ପୁଲସ୍ତ ଚଣ୍ଡୀ ଓ କେଦାର ବାଗ ଧର୍ମଗଡରୁ ନିଜ ଗାଁକୁ ଫେରୁଥିଲେ। ଠିକ୍ ଏତିକି ବେଳକୁ ବିପରୀତ ଦିଗରୁ ଓଡି ୧୭ ଏବି ୬୪୧୯ ନମ୍ବର ବିଶିଷ୍ଟ ପଲସର ବାଇକ ଯୋଗେ ଧର୍ମଗଡ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରମାନନ୍ଦ ଭୋଇ କାର୍ଯ୍ୟ ସାରି ଧର୍ମଗଡ ଆସୁଥିବା ବେଳେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ୩ ଜଣ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଥିଲେ। ହେଲେ ପୁଲସ୍ତ ଚଣ୍ଡି ଙ୍କ ମୃତ୍ୟୁ ହୋଇଥିବା ସେଠାରେ ଡାକ୍ତର ଘୋଷଣା କରିଥିଲେ। ତେବେ ଗୁରୁତର କନିଷ୍ଠ ଯନ୍ତ୍ରୀ ରମାନନ୍ଦ ଭୋଇଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ୪୭ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ଭୁବନ (ଭାସ୍କର ନ୍ୟୁଜ୍): ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ଗ୍ରାମ ପଞ୍ଚାୟତ ସଭାଗୃହରେ ଢ଼େଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ସମୁଦାୟ ୪୭ଟି ଅଭିଯୋଗ ଦାଖଲ ହୋଇଥିଲା ବେଳେ ସେଥିରୁ ୩୭ଟି ବ୍ୟକ୍ତିଗତ ଅଭିଯୋଗ, ୮ଟି ଗ୍ରାମ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଦୁଇଟି ଅଭିଯୋଗ ଦାଖଲ ହୋଇଥିଲା। ଦୁଇ ଜଣଙ୍କୁ ସିଏମ୍ଆର୍‌ଏଫ୍‌ରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, କାମାକ୍ଷା ନଗର ଉପଜିଲ୍ଲାପାଳ ଦିନମଣି ନାୟକ, ଭୁବନ ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।

## ଶିକ୍ଷାବିତ୍‌ଙ୍କ ଡକ୍ଟରେଟ ଲାଭ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ଫ୍ଲୋରିଡ଼ାର କେନେଡ଼ି ୟୁନିଭରସିଟି ପକ୍ଷରୁ ଡକ୍ଟରେଟ୍ ଲାଭ କରିଛନ୍ତି । ଶ୍ରୀ ରାଉତଙ୍କ ଦ୍ୱାରା ଲିଖିତ "Education and Social Empowerment" ସନ୍ଦର୍ଭ ପାଇଁ ତାଙ୍କୁ ଦିଲ୍ଲୀ ଠାରେ ୟୁନିଭରସିଟି ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ସାର୍ଟିଫିକେଟ୍ ଓ ମାନପତ୍ର ପ୍ରଦାନ କରାଯାଇଛି । ଶିକ୍ଷାବିତ୍ ଶ୍ରୀ ରାଉତଙ୍କ ଏହି କୃତୀତ୍ୱ ପାଇଁ ତାଙ୍କୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧୀଜୀବମାନେ ଅଭିନନ୍ଦନ ଜଣାଇଛନ୍ତି ।

## ଟାଟା ଷ୍ଟିଲ୍ ପକ୍ଷରୁ ୩ ଦିନିଆ ଆଦିବାସୀ ଖାଦ୍ୟ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ତିନି ଦିନିଆ ଆଦିବାସୀ ଖାଦ୍ୟ ପ୍ରସ୍ତୁତି କର୍ମଶାଳା ରବିବାର ଗୋବରଘାଟିରେ ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି। ଏହି ଅଭିନବ ପଦକ୍ଷେପରେ ତ୍ରିଜଙ୍ଗା ଆର୍ ଆଣ୍ଡ ଆର୍ କଲୋନୀ, ଗୋବରଘାଟି ଫେଜ-୨, ଜାମପସି, ନ୍ୟୁ ଚାମ୍ପାକୋଇଲା ସେଲଫ ରିହାବ କଲୋନୀ ଏବଂ ରାମଠେଙ୍ଗା ଗ୍ରାମର ୩୫ଜଣ ଆଦିବାସୀ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଆଦିବାସୀ ଖାଦ୍ୟ ପ୍ରସ୍ତୁତି ଜ୍ଞାନର ସଂରକ୍ଷଣ ଓ ପ୍ରଚାର ସହିତ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା। ଏହି କର୍ମଶାଳା ଅଂଶଗ୍ରହଣକାରୀଙ୍କୁ ପାରମ୍ପରିକ ଆଦିବାସୀ ରୋଷେଇ କୌଶଳରେ ଦକ୍ଷତା ବୃଦ୍ଧି ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରଥମ ଦିନରେ ପାରମ୍ପରିକ ଏବଂ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦଳ ଭିତ୍ତିକ ଆଲୋଚନା, ପ୍ରତ୍ୟେକ ଦଳ ପକ୍ଷରୁ ପ୍ରସ୍ତୁତି ଓ ଏକ ଡକ୍ୟୁମେଣ୍ଟାରୀ ମାଧ୍ୟମରେ ପୁରୁଣା ଜନଜାତୀୟ ଖାଦ୍ୟ ପ୍ରଥାର ଐତିହ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କର୍ମଶାଳାର ଦ୍ୱିତୀୟ ଦିବସରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁରକ୍ଷିତ ଭାବରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ବ୍ୟବହାରିକ ଅଭ୍ୟାସ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ନୂତନ ଜ୍ଞାନ ଆହରଣ କରିଥିଲେ। ତୃତୀୟ ଦିନ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଉପରେ କେନ୍ଦ୍ରିତ ହୋଇଥିଲା। ମାଣ୍ଡିଆ (ରାଗି) ଜୁସ୍ ଏବଂ ନାନାଦି ଆଦିବାସୀ ହରବାଲ୍ ଚା' ପ୍ରସ୍ତୁତି ଏହି ଦିନର ମୁଖ୍ୟ ଆକର୍ଷଣ ଥିଲା, ଯାହାକି ସେମାନଙ୍କର ଉଚ୍ଚ ପୁଷ୍ଟିଗୁଣ ଏବଂ ସ୍ୱାସ୍ଥ୍ୟ ଉପକାରିତା ପାଇଁ ପ୍ରସିଦ୍ଧ। ଏହି କର୍ମଶାଳା ଟାଟା ଷ୍ଟିଲ ଫାଉଣ୍ଡେସନର ସାଂସ୍କୃତିକ ସଂରକ୍ଷଣ ଏବଂ ଜନସାଧାରଣଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଆଦିବାସୀ ଘରୋଇ ରୋଷଣାଙ୍କୁ ଉନ୍ନତ ଖାଦ୍ୟ ପ୍ରସ୍ତୁତ କୌଶଳ ଏବଂ ସୁସ୍ଥ ଖାଦ୍ୟ ପ୍ରଥା ବିଷୟରେ ଜ୍ଞାନ ପ୍ରଦାନ କରି, ଏହି ଅଭିନବ ପଦକ୍ଷେପ ସେମାନଙ୍କୁ ସଶକ୍ତ କରିଛି। ଏହି କର୍ମଶାଳା ମାଧ୍ୟମରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଆଦିବାସୀ ରୋଷେୟାଙ୍କୁ ଉନ୍ନତ ଖାଦ୍ୟ ପ୍ରସ୍ତୁତ କୌଶଳ ଓ ସ୍ୱାସ୍ଥ୍ୟକର ଅଭ୍ୟାସ ପ୍ରଥା ଶିଖାଇ ସେମାନଙ୍କ ସାଂସ୍କୃତିକ ପରମ୍ପରା ସଂରକ୍ଷଣ ଓ ସମାଜ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି।

### ୪ ମହାବିଦ୍ୟାଳୟର ହେବ ଉନ୍ନତିକରଣ

## ୩ କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର

ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ଚାରୋଟି ମହାବିଦ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କର ଶିକ୍ଷା ବିଭାଗ ତରଫରୁ ୧୩କୋଟି ୧୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଥିବା ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଛାତ୍ରୀ ନିବାସ ପାଇଁ ୩ କୋଟି ୫୦ ଲକ୍ଷ ସହିତ ଖେଳ ପଡ଼ିଆ ନିର୍ମାଣ କରିବାକୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ଛାତ୍ରୀ ନିବାସ ପାଇଁ ୩ କୋଟି ୩୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଜଣାଯାଇଛି। ଏହି କଲେଜରେ ଖେଳ ପଡ଼ିଆ ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କା ଦିଆଯାଇଛି। ବିଷ୍ଣୁ ସାମନ୍ତରାୟ କଲେଜର ଉନ୍ନତି ପାଇଁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥରୁ କଲେଜ ଖେଳ ପଡ଼ିଆ ନିର୍ମାଣ କରିବାକୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସାହାସପୁର କଲେଜ ବାଲିଚନ୍ଦ୍ରପୁର ପାଇଁ ୫ କୋଟି ଟଙ୍କା ମଞ୍ଜୁର ହୋଇଛି। ସମସ୍ତ କଲେଜରେ ଆବଶ୍ୟକ ଥିବାରୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏହି ଅର୍ଥ ମଞ୍ଜୁର କରାଯାଇଥିବା କୁହାଯାଉଛି । ବିଶେଷ କରି ସବୁ କଲେଜରେ ଛାତ୍ରୀମାନଙ୍କ ରହିବା ପାଇଁ ଛାତ୍ରୀ ନିବାସର ଆବଶ୍ୟକତା ଥିବାରୁ ଏହି ଅନୁଦାନ ଅର୍ଥ ବହୁ ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## କଣ୍ଟାପଡ଼ା ରାସ୍ତା ପାଲଟିଛି ମରଣଯନ୍ତା, ୧୮ନଂ ୱାଡବାସୀଙ୍କ ବ୍ଲକ ଘେରାଉ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥ ପୁର ପଞ୍ଚାୟତ କଣ୍ଟାପଡା ଗ୍ରାମର ୧୮ନଂ ୱାର୍ଡ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ରଘୁନାଥପୁର ସୁଧାଭୂମି ଧନିପୁର ମୁଖ୍ୟରାସ୍ତର ବିରାଟକଟକ ଛକ ଠାରୁ ପ୍ରାୟ ୧/୫୦୦ କିମି କଣ୍ଟାପଡ଼ା ଗ୍ରାମକୁ ସଂଯୋଗ କରିଛି। ଏହି ଗ୍ରାମରେ ଅଧିକାଂଶ ଦଳିତ ପରିବାର ରହୁଥିବାରୁ ଏହା ଅତି ଅବହେଳିତ ଅବସ୍ଥାରେ ରହିଛି। ଏଥିରେ ଦୀର୍ଘ ୪୦ବର୍ଷ ତଳେ ମେଣ୍ଟାଲ ମୋହରମ ପଡିଥିଲା। ସେବେଠାରୁ ଏହି ରାସ୍ତାରେ ଆଉ ମାଟିମୁଠାଏ ପଡିନାହିଁ ଏବଂ ଦୀର୍ଘବର୍ଷର ମେଣ୍ଟାଲ ମୋହରମ ଧୋଇଯାଇ ଏଥିରେ ମାଟି ଚଢିଯାଇଛି। ଯାହାଫଳରେ ରାସ୍ତା ଅବସ୍ଥା ଅତିଶୋଚନୀୟ ହୋଇପଡିଛି ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଏହି ରାସ୍ତା ଉପରେ ଗ୍ରାମର ୧୧୦ ପରିବାର ୨୮୦ ସଦସ୍ୟ ନିର୍ଭର କରିଥାନ୍ତି। ଆଣ୍ଠୁଏ କାଦୁଅ ଯୋଗୁ ସ୍କୁଲ, କଲେଜ ଅଙ୍ଗନୱାଡି ଶିଶୁ, ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବାଧିକ ଯନ୍ତ୍ରଣା ଭୋଗୁଛନ୍ତି ପ୍ରସୂତି ମହିଳା ମାନେ। ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସ ପଶିପାରୁ ନଥିବାରୁ ରୋଗୀସେବା ଏକପ୍ରକାର ବିପର୍ଯ୍ୟସ୍ତ ଘଟିଛି। ଏହି ଗ୍ରାମକୁ ୪ଚକିଆ ଯାନ ପଶିବା ତ ଦୂରର କଥା ଦୁଇ ଚକିଯାନ ଓ ସାଇକେଲ ମଧ ଯିବା କଷ୍ଟକର ହୋଇପଡିଛି। ଯାହାକୁ ନେଇ ଗ୍ରାମର ୧୮ନଂ ୱାର୍ଡର ଧରିତ୍ରୀ ମଲ୍ଲିକ, ଉମା ମଲ୍ଲିକ, ରିନା ମଲ୍ଲିକ, ମିନତୀ ମଲ୍ଲିକ, ମଧୁସ୍ମିତା ମଲ୍ଲିକ, କୁନି ମଲ୍ଲିକ, ଶଶୀ ମଲ୍ଲିକ, କୁନ୍ତଳା ମଲ୍ଲିକ, ସୁଭଦ୍ରା ମଲ୍ଲିକଙ୍କ ସମେତ ଶତାଧିକ ମହିଳା ସୋମବାର ବିଡିଓଙ୍କ କାର୍ଯ୍ୟାଳୟକୁ ଘେରିବା ସହିତ ଏକ ଦାବିପତ୍ର ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ଦେଇଥିବା ଜଣାଯାଇଛି। ଅଭିଯୋଗ ପାଇ ବିଡିଓ ଶ୍ରୀ ବେହେରା ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ସରପଞ୍ଚଙ୍କ ସହିତ କଥାହୋଇ ରାସ୍ତାର ଅସ୍ଥାୟୀ ବ୍ୟବସ୍ଥା କରାଯିବ। ବର୍ଷାଦିନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବାର ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### କତାମାଟେରୁ ଗ୍ରାମରେ ଶାନ୍ତି କମିଟି ବୈଠକ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ଜୁନ ୨୧ ତାରିଖରେ ଏହି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇ ଅନେକ ଆହତ ହୋଇଥିଲେ। ଏହାକୁ ନେଇ ଅଞ୍ଚଳରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆହତ ବ୍ୟକ୍ତି ମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ହୋଇଥିବାରୁ ଏହାକୁ ନେଇ ବିଗତ ଦିନରେ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରି କ୍ଷୋଭ ପ୍ରକାଶ କରଯାଇଥିଲା। ତେବେ ଏସବୁକୁ ନେଇ ଅଞ୍ଚଳରେ କିପରି ଶାନ୍ତି ପ୍ରତିଷ୍ଠା ହେବ ଏବଂ ଲୋକେ ପୂର୍ବ ପରି ଭାଇଚାରା ସହ ରହିବେ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକର ଆୟୋଜନ କରଯାଇଥିଲା। ପୂର୍ବରୁ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝାସୁଝା କରାଯାଇ ଥିବାବେଳେ ଆୟୋଜିତ ଏହି ବୈଠକରେ ମାଲକାନଗିରି ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପୁଲିସ ଏସ୍‌ଡିପିଓଙ୍କ ସହ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ସ୍ଥାନୀୟ ଅଞ୍ଚଳର ନେତୃ ମଣ୍ଡଳୀ ଓ ଉଭୟ ଗୋଷ୍ଠୀର ଲୋକେ ଉପସ୍ଥିତ ରହିଥିଲେ। ସମସ୍ତଙ୍କୁ ଶାନ୍ତିରେ ମିଳିମିଶି ରହିବାକୁ ବୁଝାସୁଝା କରାଯାଇଥିଲା ।

### ବରିଷ୍ଠ ନାଗରିକ ପରିଷଦର ମଣ୍ଡଳସ୍ତରୀୟ ସମାରୋହ

## 'ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ସଚେତନତାର ଆବଶ୍ୟକତା ରହିଛି'




ଧାମନଗର (ଭାସ୍କର ନ୍ୟୁଜ୍): ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାଗୃହ ପରିସରରେ ପରିଷଦର ଚତୁର୍ଥ ମଣ୍ଡଳ ସ୍ତରୀୟ ସମାବେଶ ୨୦୨୫ ସୋମବାର। ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ତହସିଲଦାର ଶାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଯୋଗଦେଇ ସମାଜରେ ବରିଷ୍ଟ ନାଗରିକଙ୍କ ଆସନ ବହୁତ ଉପରେ ସେମାନେ ସବୁବେଳେ ସମ୍ମାନର ଅଧିକାରୀ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଯୋଗ ଦେଇ ସମାଜରେ ବରିଷ୍ଟ ନାଗରିକଙ୍କୁ ସବୁ ସମୟରେ ସୁରକ୍ଷା ଦିଆଯିବ ସେମାନେ କେବେ ନିଜକୁ ଅସହାୟ ମନେ କରିବେ ନାହିଁ। ପରେ କିପରି ଭାବେ ବରିଷ୍ଟ ମାନେ ସାଇବର କ୍ରାଇମ୍‌ର ଶିକାର ନହେବ ସେ ଦିଗରେ ଉପସ୍ଥିତ ବରିଷ୍ଟ ନାଗରିକଙ୍କୁ ସଚେତନ କରାଇ ଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗର ମେଡ଼ିକାଲ ଅଧିକାରୀ ଡାକ୍ତର ମନ୍ମୟ କୁମାର ସାମନ୍ତସିଂହାର ବୟସ ଅଧିକ ହେଲେ ବରିଷ୍ଟମାନେ କିପରୀ ସ୍ୱାସ୍ଥ୍ୟର ଯତ୍ନ ନେବେ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧାମନଗର ଥାନାଧିକାରୀ ଗୋପାଳ କୃଷ୍ଣ ଜେନା ଆଇନଶୃଙ୍ଖଳା ନିୟନ୍ତ୍ରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ଦଶରଥ ଦାଶ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ନିରାକାର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ରବିନ୍ଦ୍ର ସାହୁ ଓ ପ୍ରହଲ୍ଲାଦ ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ଶଚ୍ଚୀକାନ୍ତ ପଣ୍ଡା ଉଦେଶ୍ୟ ଜ୍ଞାପନ କରିଥିଲେ। ମହେଶ୍ୱର ସ୍ୱାଇଁ ପରିଷଦର ସଦସ୍ୟ ଙ୍କ ବିଭିନ୍ନ ସମସ୍ୟା ଅତିଥିଙ୍କୁ ଅବଗତ କରାଇ ଥିଲେ। ଏହି ସମାରୋହରେ ଧାମନଗର ଏନଏସି ଅଞ୍ଚଳ ଏବଂ ଭଗବାନପୁର ପଞ୍ଚାୟତକୁ ନେଇ ମଣ୍ଡଳ ସ୍ତରୀୟ ସଭାପତି ଭାବେ ଅଭିମନ୍ୟୁ ମଲ୍ଲିକଙ୍କୁ ମନୋନୀତ କରା ଯାଇଥିଲା । ସଭ୍ୟ ରାମଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

**ମଙ୍ଗଳବାର, ୦୮ ଜୁଲାଇ ୨୦୨୫**



**ମେଷ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣଙ୍କ ଅସୁବିଧା ମଧ୍ୟ ବଢିପାରେ।



**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ:** ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ସ୍ୱାସ୍ଥ୍ୟ ମଧ୍ୟ ଉନ୍ନତି କରିପାରିବ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ।



**କୁମ୍ଭ:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର





ଉମରକୋଟ, (ଭାସ୍କର ନ୍ୟୁଜ୍): ଗାଡି ଚୋରି ଘଟଣାରେ ସଂପୃକ୍ତ ଥିବା ୪ ଜଣଙ୍କୁ ଉମରକୋଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଡେପ ଗୁଡାର ରାଜକୁମାର ହରିଜନ (୨୫),ଚଢେଇ ଗୁଡା ଗ୍ରାମର ବାବୁଲା ହରିଜନ (୨୦), ଗାଖୀ ଛକର ଆକାଶ ନାୟକ (୩୦) ଓ ଡାବୁଗାଁ ଥାନା ଅର୍ନ୍ତଗତ ଘୁସରା ବେଡ଼ା ଗ୍ରାମର ସମୀର ହରିଜନ (୨୨)। ଘଟଣା ପ୍ରକାରେ ଉମରକୋଟ ସବ ଜର୍ଜ କୋର୍ଟ ରେ କାର୍ଯ୍ୟରତ ଥିବା ପିଅନ ସିମାଞ୍ଚଳ ପାଢି ଚଳିତ ମାସ ୩ ତାରିଖ ଦିନ କୌଣସି କାମରେ ସବ ଜର୍ଜଙ୍କ ଘରକୁ ଯାଇଥିବା ସମୟରେ ମୋଟର ସାଇକେଲଟିକୁ ବାହାରେ ରଖି ଘର ଭିତରକୁ ଯାଇଥିଲେ।କାମ ସାରି ବାହାରକୁ ଆସି ଦେଖିଲେ ଯେ ବାହାରେ ରଖାଯାଇଥିବା ମୋଟର ସାଇକେଲ(ଓଆର୍ ୨୪ଭି ୫୧୫୪) ଗାଡିଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଏନେଇ ସିମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ଉମରକୋଟ ପୋଲିସ ଘଟଣାର ତଦନ୍ତ କୁ ଗୁରୁତର ସହ ନେଇ ଏସଆଇ ଶିବଜି ପଣ୍ଡା, ଅକ୍ଷୟ ମିଶ୍ର ଓ କନେଷ୍ଟବଲ ନରେନ୍ଦ୍ର ନାୟକ ମିଳିତ ତଦନ୍ତ ଚଳାଇଥିଲେ। ଗତକାଲି ଡାବୁଗାଁ ଠାରେ ଘୁସରା ବେଡ଼ା ଗ୍ରାମର ସମୀର ହରିଜନ ଙ୍କୁ ବାଇକ୍ ସହିତ ଗିରଫ କରିଥିଲେ। ସମୀର କୁ ଉମରକୋଟ ଥାନା କୁ ଆଣି ପଚରାଉଚରା କରିବାରୁ ଏହି କାମରେ ସାହାଯ୍ୟ କରିଥିବା ଅନ୍ୟ ସହଯୋଗୀ ମାନଙ୍କ ନା କହିଥିଲା। ପୋଲିସ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ମା'ମାଝୀ ଘରିଆଣୀଙ୍କ ହୁଣ୍ଡି ଖୋଲିଲା



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଅଧିଷ୍ଠାତ୍ରୀ ମା' ମଝିଘରିଆଣୀ ମନ୍ଦିର ଦାନ ହୁଣ୍ଡି ୬ ମାସ ପରେ ସୋମବାର ଖୋଲା ଯାଇଛି। ଦେବୋତ୍ତର ବିଭାଗ, ସ୍ଥାନୀୟ ତହସିଲଦାର, ଆରଆଇ, ମନ୍ଦିର ପରିଚାଳନା କମିଟି ସହ ପୋଲିସଙ୍କ ତତ୍ତ୍ୱାବଧାନରେ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଉପସ୍ଥିତି ରେ ୧ଟି ଦାନ ହୁଣ୍ଡି ସୋମବାର ସକାଳ ୯ ଘଟିକା ସମୟରୁ ଖୋଲାଯାଇ ଗଣତି ଚାଲିଛି। ହୁଣ୍ଡିରୁ ଦାନ ଅର୍ଥ ଗଣତି କାର୍ଯ୍ୟରେ ବିଭିନ୍ନ ସଂଘଟନର ମହିଳା ଓ ପୁରୁଷ ସେଚ୍ଛାସେବି ସଦସ୍ୟ ଓ କିଛି ଛାତ୍ରଛାତ୍ରୀଙ୍କୁ ନିୟୋଜି କରାଯାଇଛି। ଏଥିରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଗଣତି ପ୍ରକ୍ରିୟାରେ ନିୟୋଜିତ ହୋଇଛନ୍ତି। ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମନେ କରିଛନ୍ତି ଏସ.ଏଚ୍.ଜି ମହିଳା ସଦସ୍ୟ। ଚଳିତ ଥର ୨୦ ଲକ୍ଷରୁ ୧ କୋଟି ଟଙ୍କା ମିଳିବ ବୋଲି ଆଶା ରଖିଛି ମନ୍ଦିର କମିଟି। ଗତ ୬ ମାସ ତଳେ ଅର୍ଥାତ ଜାନୁଆରୀ ୨୭ ତାରିଖ ଦିନ ହୁଣ୍ଡିରୁ ନଗଦ ୯୪ ଲକ୍ଷ ୪୯ ହଜାର ୦୫୪ ଟଙ୍କା, ୯୩ ଗ୍ରାମ ୧ ମିଲିଗ୍ରାମ ସୁନା, ୨ କେଜି ୧୭୦ ଗ୍ରାମ ଓଜନର ରୁପା ସହ ୭ଟି ବିଦେଶୀ ମୁଦ୍ରା ମିଳିଥିଲା। ହୁଣ୍ଡିରୁ ମିଳିବା ଅର୍ଥକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଜମା କରାଯିବ। ଏହି ଅର୍ଥରୁ ମିଳୁଥିବା ସୁଧରେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ସହ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବ ବୋଲି କହିଛନ୍ତି ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ପରିବା ଦର ଆକାଶ ଛୁଆଁ, ଚିନ୍ତାରେ ଖାଉଟି

ଉମରକୋଟ, (ଭାସ୍କର ନ୍ୟୁଜ୍): ପୁଣି ଦର ବୃଦ୍ଧି ଲେଉଟିଛି। ଦୁଇ ସପ୍ତାହ ହେବ ପନିବରିବା ଦର ବୃଦ୍ଧି ହେଇ ଏବେ ଆକାଶ ଛୁଆଁ ହେବାରେ ଲାଗିଛି। ଗରିବଙ୍କୁ ସତେ ଯେମିତି ପନିପରିବା ବଜାର ମନା ହୋଇଛି। ପରିବା କିଣିଲେ ପକେଟ ଖାଲି ହେଲେ ଭର୍ତ୍ତି ହେଉନି ବ୍ୟାଗ୍। ସବୁ ପରିବା ଦର ୫୦ରୁ ଶହେ। ଅଧିକାଂଶ ସ୍ଥାନରେ ସବୁଜ ପରିବା ଦର କିଲୋ ପ୍ରତି ଶହେ ଟଙ୍କା। ଉତ୍ପାଦନକୁ ବାଧା ଦେଉଛି ଲଗାଣ ବର୍ଷା। ବର୍ଷା ପାଇଁ ପ୍ରଭାବିତ ହୋଇଛି ପରିବା ବଜାର। ଆବଶ୍ୟକ ଅନୁସାରେ ପରିବା ଆସି ପାରୁନାହିଁ। ଆଉ ଯାହା ଆସୁଛି ସେସବୁ ପଚିସଢି ଯାଉଛି। ଯେଉଁଥିପାଇଁ ଏବେ ପରିବା ଦର ଶୁଣିଲେ ଡର ମାଡୁଛି। ନିତିଦିନ ବ୍ୟବହାର ହେଉଥିବା ସବୁ କଞ୍ଚା ପନିପରିବା କିଛି ବି ୫୦ ଟଙ୍କା ତଳକୁ ନାହିଁ। ତାହା ପୁଣି ପଡୋଶୀ ଉପରେ ଭରସା। ଏବେ ପ୍ରଶ୍ନ ଉଠୁଛି, କେବେ ଆତ୍ମନିର୍ଭରଶୀଳ ହେବ ଆମ ରାଜ୍ୟ। ବଜାରରେ ବିଭିନ୍ନ ପ୍ରକାରର ପରିବା ଅଛି ସତ ହେଲେ ହାତ ମାରି ବାକୁ ଡର ଲାଗୁଛି। ବାଇଗଣ କିଲୋ ପ୍ରତି ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଜହ୍ନି ୫୦, କଲରା ୮୦, କାକୁଡ଼ି ୫୦, ଭେଣ୍ଡି ୫୦, ପୋଟଳ



୬୦-୮୦, ବିନ୍ସ ୧୦୦-୧୨୦, ଝୁଡଙ୍ଗ ୪୦, ଟମାଟୋ ୪୦ ଟଙ୍କା, ଗାଜର ୫୦ ଟଙ୍କା କିଲୋରେ ବିକ୍ରି କରୁଛନ୍ତି ଖୁଚୁରା ବ୍ୟବସାୟୀ। ଅନ୍ୟପଟେ ପରିବା ଦୋକାନୀ ନିଜେ କିଣିବାକୁ ଡରୁଛନ୍ତି, ବିକିବେ କ'ଣ ବୋଲି ପଚାରିବା ସାଙ୍ଗକୁ ବର୍ଷା ପାଇଁ ପରିବା ଆସିବା ବନ୍ଦ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାହକ ମଧ୍ୟ ଚଢ଼ା ଦରରେ ପରିବା କିଣୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳରେ ପନି ପରିବା ଉତ୍ପାଦନ ସମୟରେ ଦର ନିୟନ୍ତ୍ରଣ ରହୁଛି। କିନ୍ତୁ ଯେତେବେଳେ ସ୍ଥାନୀୟ ଅଞ୍ଚଳର ଉତ୍ପାଦନ କମିଯାଉଛି ସେତେବେଳେ ବାହାର ରାଜ୍ୟର ପନିପରିବା ଆସୁଛି ସେତେବେଳେ ହିଁ ଦର ବୃଦ୍ଧି ଘଟୁଛି। ସ୍ଥାନୀୟ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ଅଭାବ ଯୋଗୁଁ ଚାଷୀ ସେମାନଙ୍କ ଉତ୍ପାଦିତ ପନିପରିବାକୁ ଶାଗ ମାଛ ଦରରେ ମଧ୍ୟସ୍ଥିଙ୍କ ମାଧ୍ୟମରେ ବିକ୍ରି କରି ଦେଉଛନ୍ତି। ଯେଉଁଥିପାଇଁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଶୀତଳ ଭଣ୍ଡାର ସୁବିଧା ଥିଲେ ହୁଏତ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ ରଖି ବଜାରର ଚାହିଦା ମୁତାବକ ନିଜ ସାମଗ୍ରୀ ବିକ୍ରି କରି ଲାଭାନ୍ୱିତ ହେଇ ପାରନ୍ତେ। କିନ୍ତୁ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଦର ଦାମ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବାରୁ ଖାଉଟି ମୁଣ୍ଡରେ ଚଡକ ପଡିଛି। ବର୍ତ୍ତମାନ ଅଧିକାଂଶ ପନିପରିବା ବାହାର ରାଜ୍ୟ ଆନ୍ଧ୍ର, ରାୟପୁର, ଭଳି ଜାଗାରୁ ଆସୁଥିବା ବେଳେ ବର୍ଷା ଯୋଗୁଁ ଅର୍ଦ୍ଧେକ ବାଟରେ ପଚି ନଷ୍ଟ ହୋଇଯାଉଛି। କିଛି ପରିବା ଟ୍ରକ ବର୍ଷା ପାଇଁ ଆସି ପାରୁନାହିଁ। ତେଣୁ ବସ୍ତାଏ ପରିବା ଅଧା ନଷ୍ଟ ବାହାରୁ ଥିବାରୁ ଆଉ ଅଧା ପରିବାକୁ ଏମିତି ଅଧିକ ଦରରେ ବିକିବାକୁ ଖୁଚୁରା ବ୍ୟବସାୟୀ ବାଧ ହେଉଥିବା ନେଇ କହିଛନ୍ତି ଗୋଦାମ ମାଲିକ। ତେବେ ବର୍ଷା ଲାଗିରହିଲେ ଆଗକୁ ପନିପରିବା ଦରବୃଦ୍ଧି ତ ଦୂର କଥା ମିଳିବା ମୁସ୍କିଲ ହୋଇଯିବ ବୋଲି ମତ ପ୍ରକାଶ ପାଇଛି।

## ଚେକ ଡ୍ୟାମ୍ ସାମଗ୍ରୀ ଚୋରି ଘଟଣା, ୨ କୋର୍ଟଚାଲାଣ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ବରଗାଁ ଠାରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ଚେକ ଡ୍ୟାମର ସାମଗ୍ରୀ ଚୋରି ଘଟଣାରେ ୨ ଚୋର କୋର୍ଟଚାଲାଣ ହୋଇଥିବାବେଳେ ଜଣେ ଫେରାର ଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ଜୁନ ୪ ତାରିଖ ଅପରାହ୍ନ ତିନି ଘଣ୍ଟା ସମୟରେ ତିନି ଜଣ ଯୁବକ ଜୋରରେ ପାଣି ଅଟକାଇ ଚାଷ ଜମିରେ ବ୍ୟବହାର ପାଇଁ ନିର୍ମାଣ ହୋଇଥିବା ଚେକ ଡ୍ୟାମର ଗେଟ ଓ ଲୁହାର ଅନ୍ୟାନ୍ୟ ସାମଗ୍ରୀ ଚୋରାଉଥିବା ବେଳେ କିଛି ଗ୍ରାମର ଲୋକେ କାହିଁକି ଚେକ ଡ୍ୟାମର ସାମଗ୍ରୀ କଟୁଛ। ଯୁବକ ମାନଙ୍କ କଥାର ତାରତମ୍ୟ ନ ଥିବାରୁ ପୋଲିସର ୧୦୨କୁ ଫୋନ କରିବା ପରେ ଖଡ଼ିଆଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣ ଯୁବକକୁ ଗିରଫ କରିଥିଲା। ସେମାନେ ହେଲେ ନୂଆପଡା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ଖରମାଲ ଗ୍ରାମର ଅଜିତ ନାଗ (୩୨) ଓ କାହ୍ନା ଶବର (୨୫)। ସେମାନଙ୍କୁ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଖଡ଼ିଆଳ ଥାନା ଅନ୍ତର୍ଗତ ବରଗାଁ ଗ୍ରାମର ଭଜନ ଶବର ଫେରାର ଅଛି। ସେମାନଙ୍କ ଠାରୁ ଗୋଟିଏ ପିକପ ଗାଡି ଓଡ଼ି ୨୬ ୫୮୪୬, ଦୁଇଟି



ଗ୍ୟାସ ସିଲିଣ୍ଡର, ଦୁଇଟି ଅକ୍ସୀଜେନ ସିଲିଣ୍ଡର ଓ ଗୋଟିଏ ଗ୍ୟାସ କଟର ମସିନ ଜବତ କରିଛି। ଖଡ଼ିଆଳ ଥାନା ତଦନ୍ତ ଅଧିକାରୀ ଏସଆଇ ଅଶୋକ କୁମାର ବିହାରୀ ଆହୁରି ତଦନ୍ତ ଚଳାଇଥିବା କହିବା ସହ ତୁରନ୍ତ ଆସାମୀକୁ ଗିରଫ କରାଯିବ ବୋଲି ବୋଲି ପ୍ରକାଶ କରିଛନ୍ତି।

## ଖୋଲିଲା ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବାମ ପାର୍ଶ୍ୱ ମୁଖ୍ୟ କେନାଲ

ନୂଆପଡ଼ା, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଖରିଫ ଚାଷ ପାଇଁ ଜଳସେଚନ ପାଇଁ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତରଫରୁ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ବାମ ପାର୍ଶ୍ୱ ମୁଖ୍ୟ କେନାଲ ରେ ଜଳ ନିଷ୍କାସିତ ହୋଇଅଛି। କାର୍ଯ୍ୟକ୍ରମରେ ଅଧିକ୍ଷଣ ଯନ୍ତ୍ରୀ କେନାଲ ବିଭାଜନ ଖଡ଼ିଆଳ, ସୌମ୍ୟ କିଶୋର ଜୟପୁରୀୟା, ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସଂପୃକ୍ତ ସମସ୍ତ ଯନ୍ତ୍ରୀ, ମା' ରକ୍ତାମ୍ବରି ଡିଷ୍ଟ୍ରିବ୍ୟୁଟାରି କମିଟି ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଦୁଷ୍ମନ୍ତ ବେହେରା, ଭୂପେନ୍ଦ୍ର ମହାରଥୀ ତଥା ଅନ୍ୟମାନଙ୍କ ଉପସ୍ଥିତିରେ ବାମ ପାର୍ଶ୍ୱ ମୁଖ୍ୟ କେନାଲର ଫାଟକ ଖୋଲାଯାଇ ଜଳଯୋଗାଣ ଆରମ୍ଭ କରାଯାଇଥିଲା। ଏହି ଜଳଯୋଗାଣ



ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ଜଣାପଡିଛି। ଲଗାଣ ବର୍ଷା ଯୋଗୁଁ ଜମିରେ ଜଳ ପ୍ରଚୁର ପରିମାଣ ରେ ରହିଅଛି। ତିଖାଳି ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ର ୨୯ ହଜାର ୯୯୦ ହେକ୍ଟର ଜମିରେ ଜଳ ସେଚିତ ହେବା ବୋଲି ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏପେକ୍ସ କମିଟିର ନିଷ୍ପତ୍ତି କ୍ରମେ ଜଳ କେନାଲ ମାଧ୍ୟମରେ ଛଡା ଯାଉଅଛି। ଆଜି ୨ ଓ ୩ ନମ୍ବର ଗେଲରୁ ୩ କ୍ୟୁବିକ ଲିଟର ଜଳ ନିଷ୍କାସିତ ହେଉଅଛି। ବର୍ତ୍ତମାନ ପ୍ରକଳ୍ପ ରେ ୨୬୦.୦୨ ମିଟର ଜଳ ଥିବା ବେଳେ ୨୬୫ ମିଟର ଜଳ ଧାରଣ କ୍ଷମତା ରହିଅଛି।

## ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତିକ ପରିଷଦର ମିଳିତ ଆନୁକୁଲ୍ୟରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଠାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ତଥା ଉପାନ୍ତପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା,ଗୁରୁ ରଘୁନାଥ ପାତ୍ର ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗଜପତି ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ, ଇତିହାସ, ଭୌଗଳିକ, ଐତିହ୍ୟ, ପର୍ଯ୍ୟଟନସ୍ଥଳୀ, ସାମଗ୍ରିକ ବିକାଶ, ଇତ୍ୟାଦି ଗଜପତି ଜିଲ୍ଲାର ସମସ୍ତଙ୍କୁ ନେଇ ଗଜପତି ଡ଼କ୍ୟୁମେଣ୍ଟାରୀ ବୃତ୍ତଚିତ୍ରକୁ ଗଜପତି ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥିଙ୍କ ଉପସ୍ଥିତିରେ ଶୁଭ ମୁକ୍ତିଲାଭ କରିଛି। ଏହି ବୃତ୍ତଚିତ୍ରକୁ ଗଜପତି ଜିଲ୍ଲାର ପ୍ରଖ୍ୟାତ ଗବେଷକ ଏବଂ ଲେଖକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଲେଖିଥିବା ବେଳେ ବର୍ଣ୍ଣନା କରିଛନ୍ତି ଅମୂଲ୍ୟ କୁମାର ପାଣିଗ୍ରାହୀ। ଏହି ବୃତ୍ତଚିତ୍ର ର ସମ୍ପୂର୍ଣ୍ଣ ପରିକଳ୍ପନା, ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସୁଜ୍ଞାନ ସାଗର। ପ୍ରଥମ ସନ୍ଧ୍ୟାରେ ଭାରତ ଲୀଳା ନୃତ୍ୟ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ଗୁଣି ଗାରେଡ଼ି ସନ୍ଦେହରେ ଯୁବକଙ୍କୁ ନିର୍ମମ ହତ୍ୟା

କୋଇଡା, (ଭାସ୍କର ନ୍ୟୁଜ୍): ଗୁଣି ଗାରେଡ଼ିକୁ ସନ୍ଦେହ କରି ପଥରରେ ଛେଚି ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଘଟିଛି କୋଇଡା ଥାନା ଅନ୍ତର୍ଗତ ମାଲଦା ପଞ୍ଚାୟତର କାକରପାଣି ଗ୍ରାମର। ମୃତ ଯୁବକ ଅମିତ୍ ଯୋଜୋ ଝାଡ଼ଖଣ୍ଡ ଅଞ୍ଚଳରୁ ଆସି କିଛି ବର୍ଷ ହେବ କାକରପାଣି ଗ୍ରାମରେ ରହିଆସୁଥିଲେ। ଏହି ଘଟଣାର ସେହି ଗ୍ରାମର ଗାବ୍ରିଏଲ୍ ସୁରିନ(୨୧) କୁ ପୋଲିସ ଅଟକ ରଖି ପଚରଉଚରା ଜାରି ରଖିଛି। ସୂଚନା ମୁତାବକ ଉଭୟ ଯୁବକ ଗାବ୍ରିଏଲ ସୁରିନ ଓ ଅମ୍ରିତ ଯୋଜୋଙ୍କ ଝାଡ଼ଖଣ୍ଡ ଅଞ୍ଚଳରୁ ଆସି କାକରପାଣି ଗ୍ରାମରେ ୨୦ ବର୍ଷ ହେବ ରହିଆସୁଛନ୍ତି। ଉଭୟ ମଧ ମିଉଲ ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ପୂର୍ବେ ଗାବ୍ରିଏଲ ସୁରିନ୍ ଅସୁସ୍ଥ ଥିଲେ। ବହୁ ଚିକିତ୍ସା ହେଲା ପରେ ମଧ ତାଙ୍କର ଦେହ ଭଲ ନହେବାରୁ ମନରେ ସନ୍ଦେହ ଉପୁଜିଥିଲା। ତାଙ୍କ ପଡୋଶୀ ଅମ୍ରିତ ଗୁଣିଗାରେଡି କରି ଏ ଭଳି ମୋ ଦେହକୁ ଖରାପ କରୁଛି ଭାବି ଅମ୍ରିତକୁ ସନ୍ଦେହ କରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶନିବାର ଦିନ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଝଗଡ଼ା ଏତେ ତୀବ୍ରତର ହେଲାଯେ ଗବ୍ରିଏଲ ରାଗିଯାଇ ଅମ୍ରିତକୁ ଜୀବନରୁ ମାରିବାକୁ ଯୋଜନା ଆରମ୍ଭ କରିଥିଲା। ବେଳକୁ ସେଦିନ ଉଭୟ ମାଲଦାକୁ ବାହୁଡ଼ା ଯାତ୍ରା ଦେଖିବାପାଇଁ ଆସିଥିଲେ। ଯାତ୍ରା ଦେଖି ସାରି ପ୍ରାୟ ରାତି ୧୦ ସମୟରେ ଗାଁ କୁ ଫେରୁଥିବା ସମୟରେ ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ସହ ଉଭୟଙ୍କ ମଧ୍ୟରେ ଠେଲାପେଲା ମାରପିଟ୍ ହେବାଫଳରେ ଅମ୍ରିତ ତଳେ ପଡିଯିବାରୁ ଗାବ୍ରିଏଲ୍ ଏକ ପଥର ସାହାଯ୍ୟରେ ଅମ୍ରିତକୁ ନୃଂଶସ ଭାବେ ଛେଚି ହତ୍ୟା କରିଥିଲା। କିଛି ଗ୍ରାମବାସୀ ସେଇ ରାସ୍ତା ଦେଇ ଯାଉଥିବା ସମୟରେ ଅମ୍ରିତର ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଗାବ୍ରିଏଲ୍ ଅମ୍ରିତର ମୃତ ଦେଖି ନିଜେ ଆସି କୋଇଡା ଥାନାରେ ଆତ୍ମ ସମର୍ପଣ କରିଥିଲା। କୋଇଡା ପୋଲିସ ଖବର ପାଇ କୋଇଡା ଥାନା ଅଧିକାରୀ ଜ୍ୟୋତିରଂଜନ ପତି ଏବଂ ଟିମ୍ ପହଞ୍ଚି ଶବ ଜବତ କରିଥିଲେ। ରବିବାର ଦିନ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ଯାଞ୍ଚ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ କୋଇଡା ମେଡ଼ିକାଲକୁ ପଠାଇଥିଲେ।

## ବିପିଏମ ହାଇସ୍କୁଲ ଭଁଅରଖୋଲର ସ୍ୱର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ଭଗବାନ ପ୍ରଧାନ ମେମୋରିଏଲ ହାଇସ୍କୁଲ (ବିପିଏମ)ର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ବିଦ୍ୟାଳୟ ପରିସରରେ ଏନେଇ ପୁରାତନ ଛାତ୍ର ମାନେ ବୈଠକ କରିଥିଲେ। ଆସନ୍ତା ଜୁଲାଇ ୧୪ ତାରିଖ ୫୦ ବର୍ଷରେ ପଦାର୍ପଣ କରିବ ବିପିଏମ ହାଇସ୍କୁଲ। ଏଥିପାଇଁ ବିଦ୍ୟାଳୟରେ ଦ୍ୱୀପ ପ୍ରଜ୍ୱଳନ କରାଯିବ। ଏହିସମୟରେ ବିଦ୍ୟାଳୟର ସମସ୍ତ ପୂର୍ବତନ ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ଏବେକାର ଶିକ୍ଷକ ଶିକ୍ଷୟତ୍ରି ଉପସ୍ଥିତ ରହିବେ। ଏହାସହ ଆଗାମୀ ଡିସେମ୍ବର ମାସରେ ଧୁମଧାମରେ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବ। ଏଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଯୋଗଦେବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ଡ଼ଏଭି ଏନଏଲ ଶର୍ମା, ରେଜିଷ୍ଟ୍ରାର ଡ଼ଏନ ଭି ଜଗନ୍ନାଧା ରାଓ, ପରୀକ୍ଷା ନିୟନ୍ତ୍ରକ ଡ଼ ପି ବିଜୟ କୁମାର ପ୍ରମୁଖ ଯୋଗ ଦେଇ ପ୍ରଥମେ ଚାରାରୋପଣ କରି ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଗୁଣୁପୁର ବନ ବିଭାଗର ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର, ବନପାଳ ପୂର୍ଣ୍ଣଚନ୍ଦ୍ର ପାତ୍ର, ବନରକ୍ଷୀ ରାମ କୁମାର ନାୟକ ,ରତ୍ନମାଳା ହିଆଲା ସୂର୍ଯ୍ୟ ନାରାୟଣ ମହାଙ୍କୁଡ ,କେଦାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ



ଅଧିକାରୀ ବାଣୀ ପ୍ରସାଦ ନାୟକ, ୟୁନିଟ-୧, ସେବା ଯୋଜନାର ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହାନ୍ତି, ଅଧ୍ୟାପିକା ଡ ନିର୍ମଳା ପଟେଲ, ଡ ରଜେଶ୍ୱରୀ ଦାସ, ଡ ସୁମନ ଜି ସାହୁ, ସୁଚାରିତା ପଣ୍ଡା, ସିଭିଲ ଇଂଜିନିୟରିଂ ବିଭାଗ ମୁଖ୍ୟ ଡ ଆଶିଷ କୁମାର ସାମଲ, କମ୍ପୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଡେପୁଟି ଡିନ କେ ମୁରଲୀ ଗୋପାଳ, କୃଷି ମହାବିଦ୍ୟାଳୟର ଡିନ ଡ .ଭି ଏସ ଦେବଦାସ, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ଡ ସୌମେନ୍ଦ୍ର ଦାସ, ଏସ ଏନ ଦାସ, ଡ ଜ୍ୟୋତିର୍ମୟ ମିଶ୍ର, ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ,ଅଧ୍ୟାପକ ,ଅଧ୍ୟାପିକା ,ଛାତ୍ର ଛାତ୍ରୀ ଯୋଗ ଦେଇ ବିଶ୍ୱ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ରାଜସ୍ଥାନରେ ଓଡ଼ିଆ ସଂସ୍କୃତିର ଝଲକ ଦେଖାଇଲେ କୁଚିଣ୍ଡା ଝିଅ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ରାଜସ୍ଥାନରେ ଓଡ଼ିଆ ସଂସ୍କୃତିର ଝଲକ ଦେଖାଇଲେ କୁଚିଣ୍ଡା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ସୁଶ୍ରୀ ରୁପାଲୀ ପଣ୍ଡା। ରାଜସ୍ଥାନର ନାଗୌର ଜିଲ୍ଲା ଅବସ୍ଥିତ ଦେଃ ଗ୍ରାମରେ ନବରସ ଫାଉଁଡେସନ ଦ୍ୱାରା ଆୟୋଜିତ ଜାତୀୟ ଯୁବ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୁଚିଣ୍ଡା ଓ ଓଡ଼ିଶାର ଗର୍ବ ବଢ଼ାଇଛନ୍ତି। ଏହି ବୃହତ୍ ଶିବିରର ଉଦ୍ଦେଶ୍ୟ ଥିଲା ଦେଶର ବିଭିନ୍ନ ରାଜ୍ୟର ଯୁବାମାନଙ୍କ ମଧ୍ୟରେ ସାଂସ୍କୃତିକ ବିନିମୟ, ଏକତା, ଭାଇଚାରା ଓ ଜ୍ଞାନ ବୃଦ୍ଧି ଘଟାଇବା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଯୁବାମାନେ ନିଜ-ନିଜ ସଂସ୍କୃତି ଦର୍ଶାଇଥିଲେ ଓ ଅନ୍ୟ ରାଜ୍ୟର ସଂସ୍କୃତି ବିଷୟରେ ଶିଖିଥିଲେ। ଶିବିର ର ଦୈନିକ କ୍ରମ ଥିଲା ସକାଳେ ଯୋଗାସନ, ଭାଷା ଶିକ୍ଷା, ତାପରେ ଶିକ୍ଷାତ୍ମକ ସେସନ୍ ଏବଂ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ। ଏହି ଶିବିରରେ ମୋଟ ୬ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ – ଅମୃତା, ରିତିକା, ସୁଭଶ୍ରୀ, ପ୍ରିୟଦର୍ଶିନୀ, ସ୍ନେହା ଏବଂ ରୂପାଲି। ସୁଶ୍ରୀ ରୁପାଲୀ ୬ ଜଣିଆ ଦଳର ଏକ ଅଂଶ ଥିଲେ, ଯେଉଁଥିରେ ସେମାନେ ଓଡ଼ିଶାର ପବିତ୍ର ଓ ଖ୍ୟାତିନାମ ଜଗନ୍ନାଥ ରଥଯାତ୍ରା ଉପରେ ଆଧାରିତ ଏକ ସାଂସ୍କୃତିକ ନାଟକ "ପାହାଡ଼ି ବିଜେ" ପ୍ରସ୍ତୁତ କରିଥିଲେ। ଏହି ନାଟକ ଦ୍ୱାରା ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅନ୍ୟ ରାଜ୍ୟର ସଭାଗୃହ ମଧ୍ୟରେ ପ୍ରତିନିଧିତ୍ୱ କରିଥିଲେ। ସେହି କାର୍ଯ୍ୟକ୍ରମ ଦର୍ଶକଙ୍କ ମଧ୍ୟରେ ବହୁତ ଆକର୍ଷଣ ଓ ପ୍ରଶଂସା ଆର୍ଜନ କରିଥିଲ। ସେ ଶିବିରରୁ କୁଚିଣ୍ଡା ଫେରିବା ପରେ କୁଚିଣ୍ଡା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଲମତୀ କୁମୁରା ଓ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ମିସ୍ ରୁପାଲୀଙ୍କ ଏହି ସଫଳ ଅଂଶଗ୍ରହଣ ପାଇଁ ତାଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଛନ୍ତି।



## ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ

## ପ୍ରତିଟି ପ୍ରତିଭା ଉଜ୍ଜୀବିତ ହୋଇ ରାଷ୍ଟ୍ର ହିତରେ ଉପଯୋଗ ହେଉ: ମନ୍ତ୍ରୀ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): କୁଚିଣ୍ଡା ଉପଖଣ୍ଡୀୟ ମହକୁମାସ୍ଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡରେ ମ୍ୟାଟ୍ରିକ ଓ +୨ରେ କୃତୀତ୍ୱ ହାସଲ କରିଥିବା ୪୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ, ଗ୍ରାମ୍ୟଉନ୍ନୟନ ଏବଂ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ପ୍ରତିଟି ଛାତ୍ରଛାତ୍ରୀ ନିଜ ପ୍ରତିଭାକୁ ବିକଶିତ କରି ରାଷ୍ଟ୍ରର ହିତ ଲାଗି ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ଏଥିରେ କୁଚିଣ୍ଡା ସମ୍ମନ୍ଵିତ



ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ପ୍ରାକ୍ତନ ଉପଜିଲାପାଳ ହେମସାଗର ହୋଇ ମୂଖ୍ୟ ବକ୍ତା ଭାବେ ଯୋଗ ଦେଇ ଏପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିରଳ ବୋଲି ଅବିହିତ କରି ପ୍ରତି ଅଭିଭାବକ ସନ୍ତାନ ସନ୍ତତିଙ୍କୁ ଚାପଗ୍ରସ୍ତ କରିବା ପରିବର୍ତ୍ତେ ତାଙ୍କ ମୂଲ୍ୟବାନ ପ୍ରତିଭାକୁ ଉନ୍ମୋଚନ କରିବାରେ ସହାୟକ ହେବାକୁ ଆହ୍ୱାନ କରିଥିଲେ। ସଭାରେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାଷ ନାଏକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସାନ୍ତନୁ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଦବୋଧନ ଦେଇଥିଲେ। ସଭାକୁ ଅଧ୍ୟାପକ ପ୍ରଶାନ୍ତ ପଟେଲ ସଂଯୋଜନା କରିଥିଲେ। ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ୨୨ବର୍ଷ ଧରି ଚାଲିଥିବା ଅଭିଯାନର ଉଦ୍ଦେଶ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ସାହାଜବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣି ସ୍ୱାଗତ ବକ୍ତବ୍ୟ ଦେଇଥିଲେ ଏବଂ କ୍ରୀଡା ଅଧାପକ ଦେବେନ୍ଦ୍ର ନାଏକ ବିବରଣୀ ପାଠ କରିଥିଲେ। ସଂଯୋଜକ ରମେଶ କିସାନ କାର୍ଯ୍ୟକ୍ରମର ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇଥିଲେ। କୁଚିଣ୍ଡା ମହାବିଦ୍ୟାଳୟ ଆଲମ୍ନୁନୀ ସଭାପତି ତଥା ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ଚୌଧୁରୀ, ପ୍ରଧାନ ଶିକ୍ଷକ ରତନଲାଲ ସିଂ, ଅଭିଯାନର ବରିଷ୍ଠ କାର୍ଯ୍ୟକର୍ତ୍ତା ରମାକାନ୍ତ ମହାକୁଲ, ବରିଷ୍ଠ ଶିକ୍ଷକ ଚକ୍ରଧର ମାଝୀ, ରାଜେଶ ଶର୍ମା, ଅରୁଣ ଅଗ୍ରୱାଲା, ସାମାଜିକ କର୍ମି ବିଭୂରାଜ ନାଗ, ଟିକେଶ୍ୱର ନାଏକ,ତନୟା ହଂସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୁଚିଣ୍ଡା, ଜମନକିରା, ବାମରା ବ୍ଲକରେ ମ୍ୟାଟ୍ରୀକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ପ୍ରତି ବ୍ଲକର ଦଶ ଜଣ ଅନୁଯାୟୀ ୩୦ଜଣଙ୍କୁ ଏବଂ ଉପଖଣ୍ଡରେ +୨ରେ କଳା,ବିଜ୍ଞାନ ଓ ବାଣିଜ୍ୟରେ କୃତୀତ୍ୱ ହାସଲ କରିଥିବା ଶ୍ରେଷ୍ଠ ୯ଜଣଙ୍କୁ ଓ ସର୍ବଭାରତୀୟ ସ୍ତରରେ ଜେଇଇ ମ୍ୟାନରେ କୃତୀତ୍ୱ କରିଥିବା ଦୁଇ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ପରିଷଦ ବୈଠକ

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଏକ ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲା ସଭାପତି ଶିବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ଜାବେଦ ଆଖତର ଯୋଗ ଦେଇଥିଲେ। ଶ୍ରୀ ଆଖତର ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ଅତ୍ୟଧିକ କାର୍ଯ୍ୟଭାର ସହ ଅଣ ରାଜସ୍ୱ କାର୍ଯ୍ୟ ଭାର ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଭିତ୍ତି ଭୂମିର ଅଭାବ,ବିଦ୍ୟୁତ୍ ସଂଯୋଗ, ମୋବାଇଲ ଭତ୍ତା ଅନାଦେୟ,କାଗଜ ,କେଟ୍ରିଜ୍ ଭଳି ସାମଗ୍ରୀ ତଥା ଯାତାୟାତ ଭତ୍ତା ନେଇ ସମସ୍ୟା ରହିଥିବା କହିବା ସହ ରାଜ୍ୟ ସ୍ତରୀୟ ଦାବି ଉପରେ କହିଥିଲେ। ବୈଠକ ରେ ଭୁବନେଶ୍ୱର ମହା ନଗର ନିଗମର ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ସଂଘ ତରଫରୁ ନିନ୍ଦା କରାଯାଇଥିଲା। ରାଜ୍ୟ ଡିଜିଟାଲ ରାଜସ୍ୱ ସେବା ନିୟମ ୨୦ର ଉଲ୍ଲଙ୍ଘନ କରି ତହସିଲଦାର ମାନଙ୍କ ଦ୍ୱାରା ଘନ ଘନ ବଦଳି ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକୁ ତହସିଲ ସଂଘମାନଙ୍କ ଦ୍ୱାରା ସଂଗ୍ରହ କରାଯାଇ ଜିଲ୍ଲା ସଂଘକୁ ଅବଗତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲାର ସମସ୍ତ ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଗ୍ରୁପ ଡି ପିଅନ ପୋଷ୍ଟ ଶୀଘ୍ର ପୂରଣ,ତହସିଲ ସ୍ତରୀୟ ଶାଖା ଗଠନ, ଜିଲ୍ଲାରେ ସଂଘର ଏକ ରାଜସ୍ୱ ଗୃହ ନିର୍ମାଣ,ରାଜ୍ୟ ସଂଘକୁ ନ୍ୟାୟ ସଙ୍ଗତ ଦାବୀ ଗୁଡ଼ିକ ପୂରଣରେ ସହଯୋଗ କରିବାକୁ ଜିଲ୍ଲା ସଂଘକୁ ସହାୟତା କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ରାଜ୍ୟ ସରକାରଙ୍କୁ ବିଭିନ୍ନ ଦାବି ଉପସ୍ଥାପନ ଯଥା କ୍ୟାଡ଼ର ପୁନର୍ଗଠନ, ଶିକ୍ଷାଗତ ଯୋଗ୍ୟତା ସ୍ନାତକକୁ ବୃଦ୍ଧି, ରାଜସ୍ୱ ପରିଦର୍ଶକଙ୍କ ପଦନାମ ପରିବର୍ତ୍ତନତଥା ପିଅନ ପଦବୀଗୁଡ଼ିକ ଯଥାଶୀଘ୍ର ପୂରଣ ନେଇ ଆଲୋଚନା ହୋଇଥିଲା। ୬୮ ଟି ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଲାପଟପ୍ ପ୍ରଦାନ ହେତୁ ଜିଲ୍ଲା ପ୍ରଶାସନକୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶେଷରେ ରାଜସ୍ୱ ନିରୀକ୍ଷକ ପ୍ୟାହାକୁ ପଦନତି ପାଇଥିବା ତିନି ଜଣଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସଂଘର ପରାମର୍ଶଦାତା ପି ଉଦୟ କୁମାର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଉମରକୋଟ ଜୋନ ଉପସଭାପତି ରେଖା କାଞ୍ଜିଲାଲ, ପରାମର୍ଶଦାତା ଅନିଲ କୁମାର ଦାସ ଡାବୁଗାଁ ତହସିଲ ର ଗଙ୍ଗା ମହାଙ୍କୁଡ ଓ ଚୈତନ୍ୟ ବେହେରା ସହ ଜିଲ୍ଲା ର ୧୦ ଗୋଟି ବ୍ଲକ ର ରାଜସ୍ୱ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ।



ବୋଲଗଡ(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ଡ୍ରାଇଭର ମହାସଂଘ ବୋଲଗଡ଼ ବ୍ଲକ ଶାଖା ପକ୍ଷରୁ ୧୦ଦଫା ଦାବୀ ପୂରଣ ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ବିରୁଦ୍ଧରେ ୮ତାରିଖ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନ କରାଯିବ।ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି।ଏଥିନେଇ ବୋଲଗଡ଼ ବିଡ଼ିଓ,ତହସିଲଦାର, ଥାନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଆକ୍ରୋସର ଶିକାର ହେଉଥିବା ଡ୍ରାଇଭର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ୫୫ବର୍ଷ ପରେ ପେନସନ,ଡ୍ରାଇଭର ମାନଙ୍କୁ ଆବାସ ଯୋଜନା ଅନ୍ତର୍ଭୁକ୍ତ,ଗାଡ଼ିଗୁଡ଼ିକ ପାକିଂ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମନେବାପାଇଁ ପାକିଂ ସ୍ଥଳରେ ବିଶ୍ରାମଗାର ଏବଂ ଶୌଚାଳୟ ର ବ୍ୟବସ୍ଥା (ପ୍ରତେକ୍ ୧୦୦ କି.ମି. ଅନ୍ତରରେ),ଦୁର୍ଘଟଣାରେ ପ୍ରାଣ ହରାଉ ଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ଲକ୍ଷ ଟଙ୍କାର ବିମା ରଶି ଏବଂ ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କାର ବିମାରାଶି ସହିତ ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ଡ୍ରାଇଭର ମାନଙ୍କୁ ୫ଲକ୍ଷଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବିମା ସୁବିଧା। ଗାଡ଼ି ଚଳାଇବା ପାଇଁ ସମୟସୀମା ଧାର୍ଯ୍ୟ,ଡ୍ରାଇଭରଙ୍କ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା,ରାଜରାସ୍ତା ଉପରେ ପ୍ରଶାସନ ପକ୍ଷ ରୁ ଡ୍ରାଇଭର ମାନଙ୍କୁ ହଇରାଣ( କାଗଜପତ୍ର ଯାଞ୍ଚ ଆଳରେ)ନକରିବା,ଲାଇସେନ୍ସ ପାଇଁ ନିଆଯାଉଥିବା ୧୫ହଜାର ଟଙ୍କା କୁ କମ କରିବା ଆଦି ଦାବି ପୂରଣ ପାଇଁ ବୋଲଗଡ ଡ୍ରାଇଭର ମହାସଂଘ ସଭାପତି ସୁକାନ୍ତ ବେହେରାଙ୍କ ନେତୃତ୍ୱରେ ଆହୁତ ଷ୍ଟିଅରିଂ ଛାଡ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ସଂଘ ଉପସଭାପତି ପ୍ରତାପ ତାରେଣିଆ,ସଂପାଦକ ଏସ. କେ କାଦଲ,ଜିପି ସଂଯୋଜକ ଓ ଆଡମିନ କାଳୁ, ବିଜୟ, ବଇଁଶୀ,ଉଦ୍ଧବ ଏବଂ ବାଦଲ ପ୍ରମୁଖ ଏହି ଆନ୍ଦୋଳନକୁ ସଫଳ କରିବାକୁ ନିବେଦନ କରିଛନ୍ତି।

# 'ପତ୍ରପତ୍ରିକା ବଞ୍ଚିବାକୁ ହେଲେ ପାଠକଙ୍କ ଆଗ୍ରହ ବଢିବା ଆବଶ୍ୟକ'



ଆଠଗଡ(ଭାସ୍କର ନ୍ୟୁଜ୍): ଆଠଗଡରୁ ପ୍ରକାଶ ପାଉଥିବା ମାସିକ ସାହିତ୍ୟ ପତ୍ରିକା ଲାବଣ୍ୟବତୀର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ରାଧାଗୋବିନ୍ଦ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଲାବଣ୍ୟବତୀ ର ସମ୍ପାଦକ ଲଲାଟେନ୍ଦୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗଡଜାତ ପରିକ୍ରମା ସଭାପତି ପ୍ରାଣକୃଷ୍ଣ ଦାଶ ଯୋଗଦେଇ କହିଲେ ପତ୍ରପତ୍ରିକା ବଞ୍ଚିବାକୁ ହେଲେ ପାଠକ ମାନଙ୍କର ଆଗ୍ରହ ବଢିବା ଆବଶ୍ୟକ ତାହେଲେ ଯାଇ ଓଡ଼ିଶାରେ ପତ୍ରପତ୍ରିକା ବଞ୍ଚିପାରିବ । ଏହି ସଭାରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ଼ ନାରାୟଣ ପଣ୍ଡା ଯୋଗଦେଇ କହିଲେ ଓଡ଼ିଶାରେ ଅନେକ ପତ୍ରପତ୍ରିକା ବନ୍ଦ ହୋଇଗଲାଣି କଟକରୁ ମଧ୍ୟ ଅନେକ ସାହିତ୍ୟ ପତ୍ରିକା ଆର୍ଥିକ ଅନାଟନ ଯୋଗୁ ବନ୍ଦ ହୋଇଯାଇଛି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୈନିକ କାଳାନ୍ତର ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟ ଏବଂ ଆଠଗଡ ସାହିତ୍ୟ ସମାଜ ସଭାପତି ସୁରେଶ ଚନ୍ଦ୍ର ପରିଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଲାବଣ୍ୟବତୀ ପତ୍ରିକାର ଉତ୍ତରୋତ୍ତର ଉନ୍ନତିକାମନା କରିଥିଲେ । ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟିକକ ଡ଼ ଶରତ ଚନ୍ଦ୍ର ମାଝୀ । ଲାବଣ୍ୟବତୀର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବରେ ଲେଖକ କୁମୁଦ ଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ନାୟକଙ୍କୁ ଲାବଣ୍ୟବତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଠଗଡ ମହାତ୍ମାଗାନ୍ଧୀ ଇଂରାଜୀ ମିଡ଼ିଅମ ସ୍କୁଲର ଅଧ୍ୟକ୍ଷ ପୁଲିନ ମିଶ୍ରଙ୍କ ନାତି କ୍ୟାଡେଟ ଅଗ୍ନି ମିଶ୍ର ଭୁବନେଶ୍ୱର ସୈନିକ ସ୍କୁଲ ଦ୍ୱାରା ଚୟନ ହୋଇଥିବା ଯୋଗୁ ଲାବଣ୍ୟବତୀ ତରଫରୁ ସମ୍ମାନିତ କରାଯାଇଥିଲା । ଆଠଗଡ ସାହିତ୍ୟ ସମାଜ ସଭ୍ୟ ପୁଲିନ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରତ୍ନଭଣ୍ଡାର...

ହୋଇଥିବା ବେଳେ ବାହାର ଭଣ୍ଡାର ଘର ଦୁଆର ରୁପା ଛାଉଣୀ କରାଯିବ । ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ କରାଯାଇଛି । ପ୍ରାଥମିକ ଭାବେ ଅସ୍ଥାୟୀ ଭଣ୍ଡାର ଘରୁ ରତ୍ନଗୁଡିକୁ ସ୍ଥାନାନ୍ତର କରାଯିବ । ଏହା ପରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସ୍ୱତନ୍ତ୍ର ଏସଓପି ମାଧ୍ୟମରେ ରତ୍ନ ଭଣ୍ଡାରର ରତ୍ନଗୁଡିକର ଗଣତି ମଣତି କାର୍ଯ୍ୟ କରାଯିବ । ୧୪ ଜୁଲାଇ ୨୦୨୪ ରତ୍ନ ଭଣ୍ଡାର ଖୋଲାଯାଇଥିଲା । ପ୍ରାଥମିକ ଭାବେ ପ୍ରଥମେ ବାହାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ତାରିଖରେ ଆଇରନ ସିନ୍ଦୁକ ସ୍ଥାନାନ୍ତର ହୋଇଥିଲା । ପରେ ସେପ୍ଟେମ୍ବର ୨୪ ତାରିଖରେ ଏଏସ୍ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ ଯାଞ୍ଚ କରିଥିଲା । ଏହା ପରେ ରିପୋର୍ଟ ଆଧାରରେ ୧୭ ଡିସେମ୍ବରର କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହାକି ୨୮ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଜାରି ରହିଥିଲା । ତେବେ ଭଣ୍ଡାର ମରାମତି କାର୍ଯ୍ୟ କରିବାକୁ ପ୍ରାୟ ୬ ମାସରୁ ଅଧିକ ସମୟ ଲାଗିଥିଲା । ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ।

### ପହଲଗାମ୍...

ହୋଇ ଏହାକୁ ବନ୍ଦ କରିବା ଆବଶ୍ୟକ। ସେଥିରେ ଦ୍ୱୈତ ମାନଦଣ୍ଡକୁ ଆଦୌ ଗ୍ରହଣ କରାଯିବ ନାହିଁ । ଅନ୍ତର୍ଜାତୀୟ ଆଇନ ଓ ଜାତିସଂଘର ନିୟମ ଅନୁସାରେ ଆତଙ୍କବାଦର ମୁକାବିଲା କରାଯିବା ଜରୁରି ବୋଲି ଏଥିରେ ଦର୍ଶାଯାଇଛି। ମିଳିତ ଘୋଷଣାନାମାର ଅନୁଚ୍ଛେଦ ୩୪ରେ ଉଲ୍ଲେଖ ରହିଛି ଯେ ଆମେ ୨୦୨୫ ଏପ୍ରିଲ ୨୨ରେ ଜାମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରୁଛୁ, ଯେଉଁଥିରେ ଅତି କମ୍‌ରେ ୨୬ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବ୍ରିକ୍ସ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆତଙ୍କବାଦ ମାନବ ସମାଜ ପାଇଁ ବଡ଼ ଚାଲେଞ୍ଜ ବୋଲି ଅଭିହିତ କରିଥିଲେ।

### ମନମୋହନଙ୍କ...

ନାମାଙ୍କନ ଭରିଥିବାରୁ ମତଦାନର ଆବଶ୍ୟକତା ପଡ଼ିବ ନାହିଁ। ଫଳରେ ମନମୋହନଙ୍କ ହାତରେ ହିଁ ରାଜ୍ୟ ବିଜେପିର ନେତୃତ୍ୱ ରହିବ। ମନମୋହନ ପୂର୍ବରୁ ଦୁଇଥର ଓଡ଼ିଶା ବିଜେପିର ସଭାପତି ରହିଛନ୍ତି। ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ସେ ରାଜ୍ୟ ସଭାପତି ଭାର ତୁଲାଇଥିଲେ। ସେତେବେଳେ ରାଜ୍ୟରେ ମେଣ୍ଟ ସରକାର ରହିଥିଲା। ଏହାପରେ ୨୦୨୪ ସାଧାରଣ ନିର୍ବାଚନର ବର୍ଷେ ପୂର୍ବରୁ ଅର୍ଥାତ୍ ୨୦୨୩ ମାର୍ଚ୍ଚରେ ଦଳ ପୁଣି ତାଙ୍କୁ ଗୁରୁ ଦାୟିତ୍ୱ ଦେଇ ରାଜ୍ୟ ସଭାପତି କରିଥିଲା। ତାଙ୍କ ନେତୃତ୍ୱରେ ବିଜେପି ୨୦୨୪ ସାଧାରଣ ନିର୍ବାଚନରେ ବିପୁଳ ସଫଳତା ପାଇଥିଲା। ପ୍ରଥମ ଥରପାଇଁ ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିଥିଲା। ସେହିପରି ୨୧ରୁ ୨୦ ସଂସଦୀୟ ଆସନରେ ବିଜେପି ପ୍ରାର୍ଥୀ ଏକାକୀ ବିଜୟୀ ହୋଇଥିଲେ। କଳା ଓ ଓକିଲାତିରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମନମୋହନ ଛାତ୍ର ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ। ୧୯୭୯ ମସିହାରେ ସେ ଭଦ୍ରକ କଲେଜର ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ଏବିଭିପିର ସଦସ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ଜନତାପାର୍ଟିରେ ଯୋଗ ଦେଇଥିଲେ। ୨୦୦୪ ବିଧାନସଭା ନିର୍ବାଚନରେ ଧାମନଗର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୦୯ ଯାଏ ବିଧାୟକ ଥିବା ମନମୋହନ ମେଣ୍ଟ ସରକାରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ରାଜସ୍ୱ ମନ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ତୃତୀୟ ଥରପାଇଁ ସଭାପତି ହେବା ନିଶ୍ଚିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ଭସାଇଲା...

ଝାରସୁଗୁଡ଼ାର ଲଇକେରାରେ ପ୍ରବଳ ବର୍ଷାରେ ରାସ୍ତା ଧୋଇଯିବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ମୟୂରଭଞ୍ଜ ଉଦଳାସ୍ଥିତ ଜାମ୍ମୁଘାଟ ପୋଲ ଉପରେ ୩ ଫୁଟର ପାଣି ଚାଲୁଥିବାରୁ ଯାତାୟତ ଠପ୍ ହୋଇପଡ଼ିଛି। ଅତ୍ୟଧିକ ବର୍ଷା ଯୋଗୁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ କୌଣସି ନଦୀରେ ଜଳସ୍ତର ବିପଦସଂକେ ଉପରେ ପ୍ରବାହିତ ହେଉନାହିଁ। ତଳି ଅଞ୍ଚଳରେ ବର୍ଷାପାଣି ଜମି ରହିଥିବାରୁ ଲୋକଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି। ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଓ ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖିବାକୁ ପରାମର୍ଶ ଦିଆଯାଇଛି। ଏନଡିଆରଏଫ ଓ ଓଡ୍ରାଫ ଟିମକୁ ସଜାଗ କରାଯାଇଛି। ଯଦି ବନ୍ୟାସ୍ଥିତି ଉପୁଜେ ତେବେ ଲୋକମାନେ ତୁରନ୍ତ ବନ୍ୟା ଆଶ୍ରୟସ୍ଥଳୀକୁ ପଳାଇ ଆସିବାପାଇଁ ଶ୍ରୀ ପୂଜାରୀ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳମାନଙ୍କୁ ମଗାଯାଇଛି। ରିପୋର୍ଟ ମିଳିବାପରେ ଜିଲ୍ଲାପାଳମାନଙ୍କ ନିକଟକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଅନ୍ୟପକ୍ଷରେ ବୈତରଣୀ ନଦୀ ବିପଦ ସଂକେତ ଟପି ନଥିଲେ ବି ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ସେଠାରେ ସତର୍କ ସଂକେତ ୧୭.୮୩ ମିଟର ରହିଥିବାବେଳେ ୧୮.୦୭ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ରାଜ୍ୟରେ ଏବେ ବନ୍ୟାସ୍ଥିତି ଉପୁଜିନାହିଁ । ଆଇଏମ୍‌ଡିର ଆକଳନ ନଥିବାବେଳେ ବର୍ଷା ପ୍ରବଳ ହେବାରୁ ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ଜଳସମ୍ପଦ ବିଭାଗ ପ୍ରସ୍ତୁତ ଥିବା ସେ କହିଛନ୍ତି। ତେବେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ବ୍ୟାପକ କ୍ଷତି ଘଟାଇଛି। ଚାଷ ଜମିରେ ପାଣି ମାଡ଼ିଯିବା ସହ ପନିପରିବା ଫସଲ ନଷ୍ଟ ହୋଇଛି।

### ମହାପ୍ରଭୁଙ୍କ ଅବକାଶ...

ଅବକାଶ ଶେଷ, ୦୮.୪୫ ରୁ ୦୯.୨୫ ତିନି ରଥ ବେଶ ଶେଷ, ୦୯.୫୫ ରୁ ୧୦.୧୫ ତିନି ରଥ ଗୋପାଳବଲ୍ଲଭ, ୧୨.୧୫ ରୁ ୧.୦୫ ସକାଳ ଧୂପ, ୧. ୧୦ ରୁ ୧. ୩୦ରେ ତିନି ରଥ ମଇଲମ, ୧.୩୫ ରୁ ୨.୦୫ ତିନି ରଥ ମହାସ୍ନାନ ଓ ସର୍ବାଙ୍ଗ, ୨.୧୦ ରୁ ୨.୪୦ ତିନିରଥ ବେଶଶେଷ, ୦୩.୦୫ ରୁ ୦୩.୪୫ରେ ତିନିରଥ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ପାଣିଆ ଆପଟ ସେବାୟତଙ୍କ ଦ୍ୱାରା ଛାଉଣି ମଠ କୂଅରୁ ଗରାରେ ପାଣି ଅଣାଯାଇ ଅଧରହାଣ୍ଡିରେ ଯୋଗାଯାଇଥିଲା। ମହାସୁଆର ସେବକ ସେଥିରେ କ୍ଷୀର, ସର, ଛାଚି, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର ଏବଂ ଜାଇଫଳ ପକାଇ ପଣା ପ୍ରସ୍ତୁତ କରିଥିଲେ। ପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପୂଜା ପାଠ କରିଥିଲେ। ପୂଜାପଣ୍ଡା ସେବକଙ୍କ ଦ୍ୱାରା ପଞ୍ଚୋପଚାରରେ ମହାପ୍ରଭୁଙ୍କୁ ପଣାଭୋଗ କରାଯାଇଥିଲା। ତେବେ ଅଧରପଣା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡଓଡ଼ିଆ ମଠ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଅଧରପଣା ହାଣ୍ଡି ଭଙ୍ଗାଯିବା ପରେ ରଥଉପର ପରିଷ୍କାର କରାଯାଇଥିଲା। ପରେ ମହାପ୍ରଭୁ ମହାସ୍ନାନ ହୋଇଥିଲେ। ପୁଣିଥରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା। ଏହା ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ, ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ଅନୁଷ୍ଠିତ ହୋଇଥିଲା। ଗରୁଡଶୟନ ନୀତି ପରେ ମହାପ୍ରଭୁଙ୍କୁ ରାତ୍ରପହୁଡ କରାଯାଇଥିଲା। ଆଜିର ଏହି ଅଧରପଣା ନୀତି ମଧ୍ୟାହ୍ନ ଧୂପ ପରେ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୮ ଟା ସୁଦ୍ଧା ଅଧରପଣା ନୀତି ସଂପୂର୍ଣ୍ଣ ହେବାର ଥିବା ବେଳେ ନୀତି ବିଳମ୍ବ ଯୋଗୁ ରାତ୍ର ୯ଟା ରେ ଅଧରପଣା ନୀତି ସମ୍ପୂର୍ଣ୍ଣ ହୋଇଥିଲା। ତେବେ ପ୍ରସ୍ତୁତ ହୋଇଥିବା ପାତ୍ରଗୁଡ଼ିକୁ ଅର୍ପଣ ପରେ ପୁନର୍ବ୍ୟବହାର ନହେଉ ବୋଲି, ମନ୍ତ୍ର ଉଚ୍ଚାରଣ ସହିତ ଭାଙ୍ଗି ଦିଆଯାଏ ଏବଂ ଏହି ପାନୀୟ ରଥ ଉପରେ ଢାଳି ଦିଆଯାଏ। ଏହି ନୈବେଦ୍ୟ କେବଳ ଦେବତା ଓ ସେମାନଙ୍କ ଦିବ୍ୟ ସହଯାତ୍ରୀମାନଙ୍କ ପାଇଁ ଅର୍ପିତ ବୋଲି ପ୍ରମାଣିତ ଅଛି। କିମ୍ବଦନ୍ତୀ ଅନୁସାରେ, ଏହି ଦିନ ଅନେକ ଦୁଷ୍ଟ ଆତ୍ମାମାନେ ମଧ ମୋକ୍ଷ ପାଇବା ଆଶାରେ ଏହି ପବିତ୍ର ପାନୀୟର ଅନୁଗ୍ରହ ଆଶା କରନ୍ତି। ତେଣୁ ପାତ୍ର ଭାଙ୍ଗି ଦିଆଯାଏ, ଯାହା ଅଶୁଦ୍ଧ ଶକ୍ତିର ବିନାଶର ପ୍ରତୀକ ବୋଲି ମାନ୍ୟତା ରହିଛି। ଅଧରପଣା କେବଳ ଏକ ରୀତି ନୁହେଁ- ଏହା ହେଉଛି ଭକ୍ତି, ଶୁଦ୍ଧତା, ନୈତିକତା ଓ ଦିବ୍ୟଶକ୍ତି ସହିତ ଜଡ଼ିତ ଏକ ଗଭୀର ଧାର୍ମିକ ଅନୁଷ୍ଠାନ। ଆଜିର ଏହି ନୀତି ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇ ଥିବାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ଦ୍ୱରା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ରଥଯାତ୍ରା ଶେଷକରି ମଙ୍ଗଳବାର ଶ୍ରୀମନ୍ଦିରକୁ ବିଜେ କରିବେ ଚତୁର୍ଦ୍ଧାମୂରତି। ରଥଉପରୁ ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିବେ ମହାବାହୁ। ଘଣ୍ଟ, ଘଣ୍ଟା, କାହାଳି ଓ ମୃଦଙ୍ଗର ତାଳରେ ତାଳ ମିଳାଇ ଝୁଲି ଝୁଲି ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ବାଟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମାନଭଞ୍ଜନ କରାଇବେ। ରୁକ୍ମିଣୀ ବିବାହ ସମୟର ଗଇଁଠାଳ ଫିଟାଯିବ। ପରମ୍ପରା ଅନୁଯାୟୀ ବିଭିନ୍ନ ମଠ ଏବଂ ସେବକ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପନ୍ତି ଭୋଗ କରାଯିବ। ଏଥି ସହ ଶେଷ ହେବ ଚଳିତ ବର୍ଷର ଘୋଷଯାତ୍ରା।

# ଏମଜିଏମ୍ ମିନେରାଲ୍ସ ଲିମିଟେଡ୍‌କୁ ଫାଇଭ୍‌ଷ୍ଟାର ରେଟିଂ



ଜୟପୁର: ଖଣି ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌କୁ ଫାଇଭଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ସୋମବାର ରାଜସ୍ଥାନର ଜୟପୁରରେ ରାଜସ୍ଥାନ ଇଣ୍ଟରନ୍ୟାସନାଲ ସେଣ୍ଟରଠାରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି.କିଶନରେଡ୍ଡୀ, ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ, ଆଇବିଏମ୍‌ର ମହାନିୟନ୍ତ୍ରକ ୟୁସ୍ ନାରାୟଣ ଶର୍ମା, ରାଜସ୍ଥାନ ସରକାରଙ୍କ ପେଟ୍ରୋଲିୟମ ଓ ଖଣି ବିଭାଗର ପ୍ରମୁଖ ଶାସନ ସଚିବ ଟି.ରବିକାନ୍ତ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇ ଦେଶର ୯୫ଟି ଖଣିକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ସୁନ୍ଦରଗଡ଼ସ୍ଥିତ ପାଟବେଡାର ଏମଜିଏମ ମିନେରାଲ୍ସକୁ ଫାଇଭଷ୍ଟାର ରେଟିଂ ଦିଆଯାଇଥିଲା। ଏମଜିଏମ୍ ମିନେରାଲ୍ସ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏମଜିଏମ ମିନେରାଲ୍ସ ସମେତ ଓଡ଼ିଶାର ମୋଟ ୭ଟି ଖଣିକୁ ଏହି ପୁରସ୍କାର ମିଳିଥିଲା। ସୂଚନାଯୋଗ୍ୟ ଯେ ଭଲ ପ୍ରଦର୍ଶନ, ମୂଲ୍ୟାୟନ ଏବଂ ଦାୟିତ୍ୱସମ୍ପନ୍ନ ଖଣି ପରିଚାଳନା ପାଇଁ ୯୧ରୁ ୧୦୦ ପ୍ରତିଶତ ସ୍କୋର କରୁଥିବା ଖଣିକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି ବୈଠକ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଭବନ, ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ, ପୁରୀ ରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ଆସନ୍ତା ୧୧/୦୭/୨୦୨୫ ତାରିଖ ରେ ବିରୋଧିଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଙ୍କ ଭୁବନେଶ୍ୱରରେ ସମ୍ବିଧାନ ବଂଚାଓ କାର୍ଯ୍ୟକ୍ରମରେ ଯୋଗଦେବେ, କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶାର ମହିଳା ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ । ଏବଂ ରଥଯାତ୍ରା ରେ ହୋଇଥିଲା ଅନିୟମିତତା ସଂପର୍କରେ ରାଜ୍ୟ ସରକାର ଙ୍କୁ ଦାୟୀ କରିଥିଲେ । ସେହିପରି ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭା ରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶ ମୂଳକ ବ୍ୟବହାର କଥା ରଖିବା ସହିତ ଦଳର ସମସ୍ତ କର୍ମୀ ମାନଙ୍କୁ କଂଗ୍ରେସ କରିଥିବା ଉନ୍ନତି କରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଲେ ।ପିସିସି ସଂପାଦକ ଶିଳ୍ପିଶ୍ରୀ ହରିଚନ୍ଦନ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ର ଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର ପୁରୀ ଜିଲ୍ଲା ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଆଭିମୁଖ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନିଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଭାସ୍କର ସେଠ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ମନୋଜ କୁମାର ରଥ, ଅବଧୂତ ସ୍ୱାଇଁ, ବିପିନ ମହାନ୍ତି, ସୈମ୍ୟକାନ୍ତ ଖୁଣ୍ଟିଆ, ଲଲାଟେନ୍ଦୁ ଦାସ, ମିତ୍ରଭାନୁ ମହାପାତ୍ର, ପ୍ରେମଜିତ ମହାନ୍ତି, ରାମଚନ୍ଦ୍ର ସାହୁ, ମନୋଜ କୁମାର ସାହୁ, ନିର୍ମଳ ପରିଡ଼ା, ଆର୍ତ୍ତତ୍ରାଣ ସାହୁ, ବିଷ୍ଣୁପ୍ରସାଦ ମିଶ୍ର, ନଗର କଂଗ୍ରେସ 'ଖ' ସଭାପତି ଅମରେନ୍ଦ୍ର ପାଇକରାୟ , ପିସିସି ପୂର୍ବତନ ସଂପାଦକ ବିଶ୍ୱନାଥ ଦାଶ, ସିତାକାନ୍ତ ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, ନିମାପଡ଼ା ବ୍ଲକ ସଭାପତି କାଳନ୍ଦି ବାରିକ, ଶ୍ରୀବତ୍ସ ମିଶ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ଜିବେଶଚନ୍ଦ୍ର ରଥ, ଉମାକାନ୍ତ ବେହେରା, ଦୁର୍ଗାପ୍ରସାଦ ସାମନ୍ତରାୟ, ଚେତନ ମିଶ୍ର, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ବିଶ୍ୱରଂଜନ ସାମନ୍ତରାୟ, ବିଶ୍ୱରଂଜନ ମହାପାତ୍ର, ସୈମ୍ୟକାନ୍ତ ପ୍ରଧାନ ଏବଂ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ରାହୁଲଙ୍କ ଓଡ଼ିଶା ଗସ୍ତକୁ ସଫଳ କରିବା ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୧ ତାରିଖ ଦିନ ଲୋକସଭାର ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ସମେତ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଓ ସାଧାରଣ ସମ୍ପାଦକ (ସଂଗଠନ) କେ.ସି ଭେନୁଗୋପାଲ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦାନ କରିବେ ଓ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଂଯୋଜକ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ବିଧାୟକ ଅଶୋକ ଦାସଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବର୍ଗ ପ୍ରସ୍ତୁତି ବୈଠକରେ ଯୋଗଦାନ କରିଥିଲେ। ଏଥିପାଇଁ ଜିଲ୍ଲାର ବିଭିନ୍ନ ନେତୃବର୍ଗ ନିଜର ସୁ-ଚିନ୍ତିତ ମତାମତ ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବେ ବୋଲି କହିଥିଲେ । ଆଜିର ଏହି ପ୍ରସ୍ତୁତି ବୈଠକରେ ଶିବାନନ୍ଦ ରାୟ, କିଶୋର ଜେନା, ସୁବ୍ରତ ମହାପାତ୍ର, ଅଶୋକ ଦାସ, ଗୀତାଞ୍ଜଳୀ ମହାନ୍ତି, ରଜନୀ ମହାନ୍ତି, ପ୍ରଶାନ୍ତ ଚମ୍ପତି, ମୋହନ ଜେନା, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ମନୋରଞ୍ଜନ ଜେନା,ବଳଦେବ ରଥ ପ୍ରମୁଖ ଏହି ପ୍ରସ୍ତୁତ ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# କ୍ୟାପ୍‌ଟେନ ବିକ୍ରମ ବତ୍ରାଙ୍କ ବଳିଦାନ ଦିବସରେ କେନ୍ଦ୍ରମନ୍ତ୍ରୀଙ୍କ ନମନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କ୍ୟାପଟେନ ବିକ୍ରମ ବତ୍ରାଙ୍କ ବଳିଦାନ ଦିବସରେ ତାଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କାରଗିଲ୍‌ର ବରଫ ଶିଖର ଉପରେ ଅଦମ୍ୟ ସାହସ ଓ ରାଷ୍ଟ୍ରଭକ୍ତିର ଅଦ୍ୱିତୀୟ ଉଦାହରଣ ସୃଷ୍ଟି କରିଥିବା ପରମବୀର ଚକ୍ରରେ ସମ୍ମାନିତ କ୍ୟାପଟେନ ବିକ୍ରମ ବତ୍ରାଙ୍କ ବଳିଦାନ ଦିବସରେ ତାଙ୍କୁ କୋଟି କୋଟି ପ୍ରଣାମ । 'ଏ ଦିଲ୍ ମାଙ୍ଗେ ମୋର' ହୁଙ୍କାର ସହିତ ସେ ତାଙ୍କ ପ୍ରାଣବଳି ଦେଇ ତିରଙ୍ଗାର ଗରିମାକୁ ସର୍ବୋପରି ରଖିଥିଲେ। କ୍ୟାପ୍ଟେନ୍ ବତ୍ରାଙ୍କର ଅଦ୍ୱିତୀୟ ପରାକ୍ରମ, ମାତୃଭୂମି ପ୍ରତି ଅତୁଟ ସମର୍ପଣ ଓ ଯୁଦ୍ଧଭୂମିରେ ଦେଖାଇଥିବା ଅଦ୍ଭୁତ ନେତୃତ୍ୱ ଆସନ୍ତା ପିଢିମାନଙ୍କୁ ଦେଶଧର୍ମ ପାଳନ କରିବା ଓ ପ୍ରତ୍ୟେକ ଚ୍ୟାଲେଞ୍ଜ ସାମ୍ନା କରିବା ପାଇଁ ପ୍ରେରଣା ଦେଇ ଚାଲିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତାଙ୍କର ଜୀବନ ହେଉଛି ଦେଶଭକ୍ତିର ଏମିତି ଏକ ଅଧ୍ୟାୟ, ଯାହା ପ୍ରତ୍ୟେକ ଭାରତବାସୀର ହୃଦୟରେ ସଦା ସର୍ବଦା ଅମର ରହିବ।

# ଗଦାସାହି ଉନ୍ନୟନ ପରିଷଦ ପକ୍ଷରୁ ବନ ମହୋତ୍ସବ ପାଳିତ



ଆଠଗଡ(ଭାସ୍କର ନ୍ୟୁଜ): ଆଠଗଡ ଗଦାସାହି ଉନ୍ନୟନ ପରିଷଦ ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ନବଗ୍ରହ ମଣ୍ଡପ ଠାରେ ଅନୁଷ୍ଠିତ ଏକ ସଭାରେ ସାହି ମୁରବି ଆଇନଜୀବୀ ଶ୍ୟାମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହି ମୁରବି ଅଦ୍ୱୈତ ନନ୍ଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଆଠଗଡ ରେଞ୍ଜର ରବିନ୍ଦ୍ରନାଥ ନାୟକ, ଉଦୟ ଲାବଣ୍ୟ ସମ୍ପାଦକ ଲଲାଟେନ୍ଦୁ ସେନାପତି, ଫରେଷ୍ଟର ଏବଂ ଆଠଗଡ ରେଞ୍ଜ ଅଫିସର ସମସ୍ତ ଷ୍ଟାଫ ଯୋଗଦେଇ କହିଲେ 'ମା ଟିଏ ଗଛ ଟିଏ' ସେହି ସ୍ଲୋଗାନ ଦେଇ ଆଜି ବୃକ୍ଷକୁ ବଞ୍ଚାଇବାକୁ ପଡିବ ବୋଲି ଅତିଥିମାନେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ଗଦାସାହି ଉନ୍ନୟନ ପରିଷଦ ସମ୍ପାଦକ ହର ପ୍ରସାଦ ସେଠି, ପୂର୍ବତନ କାଉନ ସିଲର ସୋମନାଥ ଭକ୍ତା, ସୁଧାକର ସାହୁ, ସଞ୍ଜୟ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ): ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର୍ ଭଏସ୍‌ଲେସ୍ ଓ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଯୁବ ରେଡକ୍ରସ, ଏନ୍‌ସିସି, ଜାତୀୟ ସେବା ଯୋଜନା ତରଫରୁ ଜଗତପୁର ସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁନିତା ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡକ୍ଟର ଅଟଳ ବିହାରୀ ବଳ, ଡକ୍ଟର ପ୍ରବିଣା ସାହୁ, ବିଶ୍ୱଜିତ ସାହୁ, ସମ୍ପାଦକ ଡକ୍ଟର ବିଭୁଦ ଖଣ୍ଡାୟତ ରାୟ, ଅବିନାଶ ନାୟକ, ଯମୁନା ସାହୁ, କବିତା ସ୍ୱାଇଁ, ସୁପ୍ରିୟା ସାହୁ, ସଂଘମିତ୍ରା ବେହେରା, ତୃପ୍ତିରେଖା ନାୟକ, ଶିଳ୍ପି ସାନିନ୍ଦା ଶତପଥୀ, ଶୁଭଶ୍ରୀ ଭଳ, ସୁରେଖା ବାରିକ ଓ ଝରଣା ବାରିକ ପ୍ରମୁଖ ଯୋଗ ଦେଇଥିଲେ।

**AFFIDAVIT**

By virtue of an affidavit No-4602 sworn before Executive Magistrate, Rajnagar on dated: 07.07.2025, I Karunakar Samal, S/o- Krushna Chandra Samal, resident of village- Balikana, Post- Jagannathpur Sasan, PS- Rajnagar, Dist- Kendrapara, declares that I have change my minor daughter's name from jangyasni Samal to Jangyaseni Samal. Henceforth She shall be known as Jangyaseni Samal for all purposes.

**Sd- Karunakar Samal**

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଚକ୍ରଧରପୁର, ଦକ୍ଷିଣ-ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କ୍ରମିକ ନଂ: ଇ-ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, ବିଭାଗୀୟ ମୂଲ୍ୟ, ଅମାନତ ଜମା ନିମ୍ନରେ ଉଲ୍ଲେଖ। ୧)ସିଓଏମ୍ ୫୪-ଏଏମଏନ-ଆରଓୟୁ-ପିଏଚ୍-୨୫, ତାରିଖ- ୦୧.୦୭.୨୦୨୫, ରାଉରକେଲା ରେଳଷ୍ଟେସନଠାରେ ପରିମାଣ ଅନୁଯାୟୀ ୭୩୦ଦିନ ନିମନ୍ତେ ପାର୍ସଲ ଟ୍ରଲି ଏବଂ ହାଇଡ୍ରୋଲିକ୍ ହ୍ୟାଣ୍ଡପାଲେଟ୍ ଟ୍ରକ୍‌ରେ ଶ୍ରମିକ ନିୟୋଜିତ ପାଇଁ। ଟ.୮୧,୩୭,୯୨୩.୨୦/-, ଟ.୧,୬୨,୮୦୦.୦୦/-। ୨)ସିଓଏମ୍ ୫୪-ଏଏମଏନ-ଟାଟା-ପିଏଚ୍-୨୫, ତାରିଖ: ୦୧.୦୭.୨୦୨୫, ଟାଟାନଗର ରେଲୱେ ଷ୍ଟେସନଠାରେ ୭୩୦ ଦିନ ପାଇଁ ପରିମାଣ ଅନୁଯାୟୀ ପାର୍ସଲ ଟ୍ରଲି ଏବଂ ହାଇଡ୍ରୋଲିକ ହାଣ୍ଡପାଲେଟ୍ ଟ୍ରକରେ ଶ୍ରମିକ ନିୟୋଜିତ ପାଇଁ । ଟ.୧,୭୦,୭୨,୯୪୮.୦୦/-, ଟ.୨,୩୫,୪୦୦.୦୦/-। ୩) ସିଓଏମ୍ ୫୪-ଏଏମଏନ-ଜେଏସ୍‌ଜି-ପିଏଚ୍-୨୫, ତାରିଖ: ୦୧.୦୭.୨୦୨୫, ଝାରସୁଗୁଡ଼ା ରେଲୱେ ଷ୍ଟେସନଠାରେ ୭୩୦ ଦିନ ପାଇଁ ପରିମାଣ ଅନୁଯାୟୀ ପାର୍ସଲ ଟ୍ରଲି ଏବଂ ହାଇଡ୍ରୋଲିକ ହାଣ୍ଡପାଲେଟ୍ ଟ୍ରକରେ ଶ୍ରମିକ ନିୟୋଜିତ ପାଇଁ । ଟ.୫୨,୨୦,୧୦୫.୯୦/-, ଟ.୧,୦୪,୪୦୦.୦୦/-। ୪) ସିଓଏମ୍ ୫୪-ଏଏମଏନ-ସିକେପି-ପିଏଚ୍-୨୫, ତାରିଖ: ୦୧.୦୭.୨୦୨୫, ଚକ୍ରଧରପୁର ରେଲୱେ ଷ୍ଟେସନଠାରେ ୭୩୦ ଦିନ ପାଇଁ ପରିମାଣ ଅନୁଯାୟୀ ପାର୍ସଲ ଟ୍ରଲି ଏବଂ ହାଇଡ୍ରୋଲିକ ହାଣ୍ଡପାଲେଟ୍ ଟ୍ରକରେ ଶ୍ରମିକ ନିୟୋଜିତ ପାଇଁ । ୫) ସିଓଏମ୍ ୮୧-ଟିଟିଆରଆର-ଜେଏସ୍‌ଜି-ଆରଓୟୁ-୨୫, ତାରିଖ: ୦୨.୦୭.୨୦୨୫, ରାଉରକେଲା ଏବଂ ଝାରସୁଗୁଡ଼ା ରେଲୱେ ଷ୍ଟେସନଠାରେ ୧୦୯୬ ଦିନ ପାଇଁ ପରିମାଣ ଅନୁଯାୟୀ ଟିଟିଇ ବିଶ୍ରାମ କକ୍ଷର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱପାଇଁ ନିୟୋଜିତ। ଟ.୧,୧୧,୩୫,୨୨୮.୪୮/-, ଟ.୨,୦୫,୭୦୦/-। ୬) ସିଓଏମ୍ ୮୧-ଟିଟିଆରଆର-ସିକେପି-ଟାଟା-୨୫, ତାରିଖ: ୦୨.୦୭.୨୦୨୫, ଟାଟାନଗର ଏବଂ ଚକ୍ରଧରପୁର ରେଲୱେ ଷ୍ଟେସନଠାରେ ୧୦୯୬ ଦିନ ପାଇଁ ପରିମାଣ ଅନୁଯାୟୀ ଟିଟିଇ ବିଶ୍ରାମ କକ୍ଷର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱପାଇଁ ନିୟୋଜିତ। ଟ.୯୬,୦୯,୭୭୧.୮୧/-, ଟ.୧,୯୨,୨୦୦.୦୦/-। ଟେଣ୍ଡର ପେପର ମୂଲ୍ୟ- ୫୦୦୦/- (କ୍ରମିକ ନଂ ୧-୩ ଏବଂ ୫-୬, ୩୦୦୦ (କ୍ରମିକ ନଂ ୪ ପାଇଁ) ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୩.୦୭.୨୦୨୫ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ (କ୍ରମିକ ନଂ ୧୦ାରୁ ୪ ପର୍ଯ୍ୟନ୍ତ) ଏବଂ ୨୪.୦୭.୨୦୨୫ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ (କ୍ରମିକ ନଂ ୫ ଏବଂ ୬), ୱେବସାଇଟ୍ ବିବରଣୀ: www.ireps.gov.in (କ୍ରମିକ ନଂ ୧ ଏବଂ ୬ ପାଇଁ)।

(PR-363)

**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**

MANAPPURAM HOME FINANCE LTD.

ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏ ୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

**ପଜେସନ୍ ନୋଟିସ୍** (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩(୪) ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ /ବ୍ରାଞ୍ଚ | ବନ୍ଧକ ସମ୍ପତ୍ତିର ବିବରଣୀ ଯେଉଁ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନ ତାରିଖ |
|---|---|---|---|---|
| ୧ | ବନ୍ଦିତା ବିହାରୀ, ଦେବରାଜ ପାତ୍ର/ ଏମଏଚଏଲ୦୦୮୦୦୨୨୭୬୦/ କଟକ | ଆରଓଆର ନଂ ୩୩୭/୭୭୪ ଏବଂ ପ୍ଲଟ ନଂ୬୫୦/୧୬୪୩/୨୧୮୬ (ଏ.୦.୦୧୦ ଡିସିମିଲ ଘରବାରୀ) ମୌଜା-ସିମିଳିଆ, ତହସିଲ- ଢେଙ୍କାନାଳ, ପିଏସ୍- ଢେଙ୍କାନାଳ ସଦର, ଜିଲ୍ଲା- ଢେଙ୍କାନାଳ, ପୋଷ୍ଟ- ଢେଙ୍କାନାଳ ରେଲୱେ ଷ୍ଟେସନ, ଢେଙ୍କାନାଳ, ଓଡ଼ିଶା, ପିନ୍- ୭୫୯୦୧୩, ପୂର୍ବ: ଖାଲି ଜମି, ପଶ୍ଚିମ- ଅନ୍ୟମାନଙ୍କ କୋଠା, ଦକ୍ଷିଣ- ୧୦ଫୁଟର ଓସାରିଆ ରାସ୍ତା, ଉତ୍ତର- ସତ୍ୟଭାମା ସାହୁଙ୍କ ଖାଲି ପ୍ଲଟ୍। | ୧୦.୦୪.୨୦୨୫ ଏବଂ ଟ. ୪୧୬୧୪୩/- | ୦୨.୦୭.୨୦୨୫ |
| ୨ | ସୁମିତ୍ରା ସାହୁ, ଅଭୟ କୁମାର ସାହୁ/ ଏମଏଲଏଫି୦୭୮୦୦୬୭୪୫/ ଖୋର୍ଦ୍ଧା | ମୋଟ ଜମିର ଏ୦.୦୫୫ ଡିସିମିଲ (୦.୦୨୨୩ ହେକ୍ଟର), ଖାତା ନଂ- ୨୬୮/୮୯, ପ୍ଲଟ ନଂ ୩୮/୮୮୫, ମୌଜା- ଦୁର୍ଗାପୁର-୭୨, ନିମାପଡ଼ା, ଜିଲ୍ଲା-ପୁରୀ, ଓଡ଼ିଶା-୭୫୨୧୧୪, ପୂର୍ବ- କେନାଲ, ପଶ୍ଚିମ- ଗ୍ରାମ୍ୟ ରାସ୍ତା, ଦକ୍ଷିଣ- ବିକ୍ରେତା ଏବଂ ଅଂଶୀଦାର, ଉତ୍ତର- ଉଦୟନାଥ ସେଠୀ। | ୧୨.୦୪.୨୦୨୫ ଏବଂ ଟ. ୨୮୨୧୫୧/- | ୦୨.୦୭.୨୦୨୫ |

ତାରିଖ: ୦୮ ଜୁଲାଇ ୨୦୨୫
ସ୍ଥାନ: ଓଡ଼ିଶା

ସ୍ୱା/-ପ୍ରାଧିକୃତ ଅଧିକାରୀ,
ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍

OFFICE OF THE SUPERINTENDING ENGINEER:RWSS DIVISION:BERHAMPUR
Near JaradaBunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. EERWSSBAM- 08 /2025-26

**O-387**

The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 1 No |
| 3 | Estimated cost (Approximate) | Rs 280.83 Lahs |
| 4 | Period of completion | 360 days |
| 5 | Date & Time of availability of bid document in the Portal. | From 09 -07-2025 at11.00 hrs to 23-07-2025 up to 17.00 hrs |
| 6 | Last date & time for seeking clarification | 21-07-2025 up to 17.00 hrs |
| 7 | Dt. of opening of Bid | 24-07-2025 at 11.00 hrs |
| 8 | Last date / Time for receipt of bids in the Portal | 23-07-2025 up to 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in

Sd/-Superintending Engineer
RWS&S Division, Berhampur

OIPR 25035/11/0023/2526

Directorate of Ports & Inland Water Transport,
Fortune Tower, Ground Floor, Zone – A,
Chandrasekharpur, Bhubaneswar
Phone: 0674-2300885, Email: - portsniwt.od@nic.in

**JJ-27**

**e-PROCUREMENT NOTICE**

**Bid Identification No. DPIWT – 06/2025-26**

| | | | |
|---|---|---|---|
| 01. | Name of work | :- | Construction of Protection Wall to the Left Side of Basin Area in the Premises of IWT Jetty at Chandbali in Bhadrak District. |
| 02. | No. of work | :- | 1 (One) No |
| 03. | No. of Covers | :- | Double cover |
| 04. | Approximate Value of work | :- | Rs.1.91 Crore |
| 05. | Bid Cost | :- | Rs.10,000.00 |
| 06. | Period of Completion | :- | 05 (Five) Calendar Months |
| 07. | Date & Time of availability of bid document in the portal | :- | 10.07.2025 to 30.07.2025 upto 05.00 P.M. |
| 08. | Date & Time of Bid Clarification | :- | 10.07.2025 to 17.07.2025 upto 03.00 P.M. |
| 09. | Last date & time for receipt of bids in the portal | :- | 30.07.2025 up to 05.00 P.M. |
| 10. | Date of opening of bid document (Cover-I) | :- | 31.07.2025 at 11.30 A.M. |
| 11. | Date of document verification | :- | Within five (05) working days from the date of Technical Bid (Cover-I) opening |
| 12. | Class of Contractor | :- | "B" & "A" Class Contractor |
| 13. | Name and address of officer inviting Tender (OIT) | :- | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax-2396885. e-Mail: - portsniwt.od@nic.in |

Further details can be seen from the e-Procurement market place, https//tendersodisha.gov.in .
The Addendum / Corrigendum if any will be hosted in the website only.

Sd/- Director
Ports & IWT, Odisha

OIPR 38035/11/0037/2526




ନୂଆଦିଲ୍ଲୀ: ମୁମ୍ବାଇରେ ୨୦୦୮ ମସିହାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ସାମିଲ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ତହବୁର ରାଣା। ରାଣାକୁ ଭାରତ ଅଣାଯିବା ପରେ ପଚରାଉଚରା ସମୟରେ ସେ ହେଡଲି ଏବଂ ଲସ୍କର-ଏ-ତୈବା ସହିତ ତାଙ୍କର ସମ୍ପର୍କ ବିଷୟରେ ବିସ୍ତୃତ ସୂଚନା ଦେଇଛି। ହେଡଲି ହେଉଛି ସେହି ଆତଙ୍କବାଦୀ ଯିଏ ଆକ୍ରମଣ ପୂର୍ବରୁ ମୁମ୍ବାଇ ଆସିଥିଲା ଏବଂ ତାଜ ହୋଟେଲ, ଚାବାଦ ହାଉସ, ଲିଓପୋଲ୍ଡ କାଫେ ସମେତ ମୁମ୍ବାଇର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରେକି କରିଥିଲା। ପରେ, ଆଇଏସଆଇ ଏବଂ ପାକିସ୍ତାନୀ ସେନା ଦ୍ୱାରା ପ୍ରଶିକ୍ଷିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଆତଙ୍କବାଦୀମାନେ ମୁମ୍ବାଇର ତାଜ ହୋଟେଲ, ବାର ରେଷ୍ଟୋରାଁ ଏବଂ ଚାବାଦ ହାଉସ ସମେତ ଅନେକ ସ୍ଥାନରେ ଆକ୍ରମଣ କରିଥିଲେ। ଯେଉଁଥିରେ ୧୬୬ ଜଣଲୋକ ପ୍ରାଣ ହରାଇଥିଲେ।

# ବ୍ରିକ୍ସ ସମ୍ମିଳନୀ ଅବସରରେ କ୍ୟୁବାର ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ବ୍ରାଜିଲର ରିଓ ଡି ଜେନେରୋଠାରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀ ଅବସରରେ କ୍ୟୁବାର ରାଷ୍ଟ୍ରପତି ମିଗୁଏଲ ଡିଆଜ୍-କାନେଲ ବରମୁଡେଜଙ୍କୁ ସାକ୍ଷାତ କରିଛନ୍ତି। ଏହା ପୂର୍ବରୁ ୨୦୨୩ରେ ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ରାଷ୍ଟ୍ରପତି ଡିଆଜ୍-କାନେଲଙ୍କୁ ଭେଟିଥିଲେ, ଯେଉଁଠାରେ କ୍ୟୁବା ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଥିଲେ। ଦୁଇ ନେତା ଆର୍ଥିକ ସହଯୋଗ, ବିକାଶ ସହଭାଗିତା, ଫିନ୍‌ଟେକ, କ୍ଷମତା ନିର୍ମାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ। ଡିଜିଟାଲ କ୍ଷେତ୍ରରେ ବିଶେଷଜ୍ଞତାକୁ ସ୍ୱୀକାର କରି ରାଷ୍ଟ୍ରପତି ଡିଆଜ୍-କାନେଲ ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ୟୁପିଆଇ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଆୟୁର୍ବେଦକୁ କ୍ୟୁବାର ସ୍ୱୀକୃତି ପାଇଁ ପ୍ରଶଂସା କରିଥିଲେ ଏବଂ କ୍ୟୁବାର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆୟୁର୍ବେଦକୁ ସମନ୍ୱିତ କରିବା ପାଇଁ ସମର୍ଥନ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ କ୍ୟୁବା ଦ୍ୱାରା ଭାରତୀୟ ଫାର୍ମାକୋପୋଇଆକୁ ସ୍ୱୀକୃତି ଦେବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ଭାରତୀୟ ଜେନେରିକ ଔଷଧର ଉପଲବ୍ଧତା ସହଜ କରାଇବ। ଦୁଇ ନେତା ଗ୍ଲୋବାଲ ସାଉଥ ପାଇଁ ଚିନ୍ତାର କାରଣ ସ୍ୱାସ୍ଥ୍ୟ, ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ର ଉପରେ କାମ କରିବାକୁ ସହମତ ହୋଇଥିଲେ। ସେମାନେ ବହୁପକ୍ଷୀୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ପ୍ରଶଂସା କରିଥିଲେ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ରେସ୍‌ରେ ୩ ମହିଳା



ନୂଆଦିଲ୍ଲୀ: କିଏ ହେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଆସନ୍ତା କିଛି ଦିନ ମଧ୍ୟରେ ବିଜେପିକୁ ମିଳିପାରନ୍ତି ନୂଆ ମୁଖିଆ । ଅଧିକାଂଶ ରାଜ୍ୟ ବିଜେପିକୁ ନୂଆ ସଭାପତି ମିଳି ସାରିଛନ୍ତି । ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନରେ ଏମାନଙ୍କର ଭୂମିକା ରହିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ୨୦୨୦ରୁ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ରହିଛନ୍ତି । ତାଙ୍କ କାର୍ଯ୍ୟକାଳ ୨୦୨୩ରେ ସରିଥିବା ବେଳେ ପରେ ଏହାକୁ ୨୦୨୪ ଯାଏଁ ବଢା ଯାଇଥିଲା । ଗତ କିଛି ମାସ ଧରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ଅନେକ ନାଁ ଚର୍ଚ୍ଚା ହେଉଥିବା ବେଳେ କୁହାଯାଉଛି, ବିଜେପିକୁ ପ୍ରଥମ ମହିଳା ମୁଖିଆ ମିଳିପାରନ୍ତି। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ, ଡି ପୁରନ୍ଦେଶ୍ୱରୀ ଓ ବନଥି ଶ୍ରୀନିବାସନଙ୍କ ନାଁ ରେସରେ ଆଗରେ ରହିଛି । ବିଜେପିକୁ ପ୍ରଥମ ମହିଳା ଅଧ୍ୟକ୍ଷା ମିଳିବା ଚର୍ଚ୍ଚା ମଧ୍ୟରେ ରେସରେ ସବୁଠୁ ଆଗରେ ରହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଦିଲ୍ଲୀ ମୁଖ୍ୟାଳୟରେ ନିକଟରେ ଜେପି ନଡ୍ଡା ଓ ଦଳର ସାଧାରଣ ସଂପାଦକ ବିଏଲ୍ ସନ୍ତୋଷଙ୍କୁ ଭେଟିଥିଲେ ନିର୍ମଳା। କ୍ୟାବିନେଟରେ ଅଭିଜ୍ଞତା ସାଙ୍ଗକୁ ସାଂଗଠନିକ ଦକ୍ଷତା ପାଇଁ ନିର୍ମଳା ସୀତାରମଣଙ୍କ ନାଁ ଚର୍ଚ୍ଚା ହେଉଛି । ସୀତାରମଣଙ୍କ ସହ ପୂର୍ବତନ ଆନ୍ଧ୍ରପ୍ରଦେଶ ବିଜେପି ରାଜ୍ୟ ସଭାପତି ଡି ପୁରନ୍ଦେଶ୍ୱରୀଙ୍କ ନାଁ ମଧ୍ୟ ବିଜେପିର ଟପ୍ ପୋଷ୍ଟ ପାଇଁ ଚର୍ଚ୍ଚାରେ ରହିଛି। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନଟି ରାମାରାଓଙ୍କ ଝିଅ ହେଉଛନ୍ତି ପୁରନ୍ଦେଶ୍ୱରୀ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ବନଥି ଶ୍ରୀନିବାସନଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି । ଆଇନଜୀବୀରୁ ରାଜନେତା ପାଲଟିଥିବା ବନଥି ତାମିଲନାଡୁର କୋଏମ୍ବାଟୁର ଦକ୍ଷିଣ ସିଟରୁ ବିଧାୟିକା ରହିଛନ୍ତି । ବିଜେପି ଅଧ୍ୟକ୍ଷ ପଦ ପାଇଁ ଦଳ ମୁଖ୍ୟତଃ ୩ଟି ଦିଗ ଉପରେ ଗୁରୁତ୍ୱ ଦେଉଛି । ସାଂଗଠନିକ ଅଭିଜ୍ଞତା, ଆଞ୍ଚଳିକ ସନ୍ତୁଳନ ସହ ଜାତିଗତ ସମୀକରଣକୁ ଫୋକସ୍ କରାଯାଉଛି ।

# ବସ୍ତରରେ ନକ୍ସଲବାଦର ମୂଳୋତ୍ପାଟନ, ବିକାଶ କାର୍ଯ୍ୟ ତ୍ୱରାନ୍ୱିତ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ବିଭିନ୍ନ କ୍ଷେତ୍ରରେ ସମୃଦ୍ଧ। ଏହାର ସାଂସ୍କୃତିକ ବୈଭବ, ଘନ ଜଙ୍ଗଲ ଏବଂ ବହୁବିଧ ଜନଜାତି ସମୁଦାୟଙ୍କୁ ନେଇ ଏହା ନିଜ ଗର୍ବ କରେ। ତେବେ ବସ୍ତରରେ ନକ୍ସଲବାଦ ଏପରି ଏକ ସ୍ଥିତିରେ ପହଞ୍ଚିଥିଲା ଯାହାଫଳରେ ବିକାଶ କାର୍ଯ୍ୟରେ ବାଧା ଉପୁଜିଥିଲା। ଏବେ ବସ୍ତରରୁ ନକ୍ସଲଙ୍କୁ ସଂପୂର୍ଣ୍ଣ ମୂଳପୋଛ କରିବା ପାଇଁ ଶେଷ ନିର୍ଣ୍ଣାୟକ ଲଢ଼େଇ ଜାରି ରହିଛି। ବସ୍ତର ସମ୍ଭାଗ ନିଜ କଳା ଓ ସଂସ୍କୃତି ପାଇଁ ରାଜ୍ୟରେ ପ୍ରସିଦ୍ଧ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ଲାଲ ଆତଙ୍କଙ୍କୁ ସଫା କରିଦେବା ପାଇଁ ସୁରକ୍ଷାକର୍ମୀମାନେ ଜୋରଦାର ଲଢ଼େଇ ଜାରି ରଖିଛନ୍ତି। ଫଳରେ ସେମାନଙ୍କ ଅଣ୍ଟା ଭାଙ୍ଗି ଯାଇଛି। ମୌସୁମୀ ଋତୁ ଆସିଲେ ନକ୍ସଲମାନେ କ୍ୟାମ୍ପ କରି ପରବର୍ତ୍ତୀ ହିଂସା ପାଇଁ ଯୋଜନା ପ୍ରସ୍ତୁତ କରିଥାନ୍ତି। କିନ୍ତୁଆମର ସୁରକ୍ଷାକର୍ମୀ, ପାହାଡ, ପର୍ବତ ଓ ଜଙ୍ଗଲ ତଥା ରାସ୍ତା ନଥିବା ସ୍ଥାନକୁ ବର୍ଷାରେ ଯାଇ ନକ୍ସଲମାନଙ୍କ ସହ ଲଢ଼େଇ କରୁଛନ୍ତି। ଏହି ସୁରକ୍ଷା କର୍ମୀଙ୍କ ଅଦମ୍ୟ ସାହାସ ଓ ବଳିଦାନ କେବଳ ଆମର ଜୀବନର କର୍ତ୍ତବ୍ୟ ଓ ନିଷ୍ଠାକୁ ଦର୍ଶାଉ ନାହିଁ ବରଂ ସେମାନଙ୍କ ସାହସିକତାକୁ ସାରା ଦେଶ ସକରାତ୍ମକ ଢ଼ଙ୍ଗରେନେଇ ପ୍ରଶଂସା କରୁଛି। ଛତିଶଗଡର ଅବୁଝମାଡ ଜଙ୍ଗଲରେ ୨୬ ନକ୍ସଲ ସୁରକ୍ଷା କର୍ମୀଙ୍କ ହାତରେ ନିହତ ହେବା ଆମ ପାଇଁ ଏକ ବଡ ସଫଳତା। ଶ୍ରୀ ସାଏ ଆହୁରି କହିଥିଲେ ଯେ,ସୁକମା ଜିଲ୍ଲାରେ ମଧ୍ୟ ନକ୍ସଲମାନଙ୍କୁ ଶେଷ କରିଦେବା ପାଇଁ ଉଦ୍ୟମ ଚାଲୁ ରହିଛି। ଏପରିକି ସେଠାରେ କୋଟିଏ ଟଙ୍କାର ମୁଣ୍ଡ ଥିବା ନକ୍ସଲକୁ ଦମନ କରାଯାଇଛି। ନକ୍ସଲଙ୍କ ଭୟରେ ପ୍ରଶାସନ ଗାଁଗୁଡିକୁ ଯାଇ ପାରୁନଥିଲା। ଏବେ କିନ୍ତୁ ସେଥିରେ ପରିବର୍ତ୍ତନ ଘଟିଛି। ବିକାଶର କାର୍ଯ୍ୟ ଘରେ ଘରେ ପହଞ୍ଚୁଛି। ପୋଲିସ ଏବଂ ସୁରକ୍ଷା କର୍ମୀ ପୁରା ଦମ୍‌ରେ ନକ୍ସଲଙ୍କୁ ଶେଷ କରିବା ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ଶ୍ରୀ ସାଏ ପ୍ରଶଂସା କରିଥିଲେ।

# ମୋତେ ହତ୍ୟା କରିବାକୁ ଉଦ୍ୟମ କରିଥିଲା ଇସ୍ରାଏଲ: ମାସୁଦ



ନୂଆଦିଲ୍ଲୀ: ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲା ଇସ୍ରାଏଲ। ଏକ ସାକ୍ଷାତକାର ଅବସରରେ ମାସୁଦ ଏହା ସ୍ପଷ୍ଟ କରିଛନ୍ତି। ଇସ୍ରାଏଲ ତାଙ୍କୁ ହତ୍ୟା ଖରିବାକୁ ଉଦ୍ୟମ କରିଥିଲା, କିନ୍ତୁ ବିଫଳ ହୋଇଥିଲା ବୋଲି ମାସୁଦ କହିଛନ୍ତି। ଆମେରିକାର ବରିଷ୍ଠ ସାମ୍ବାଦିକ ଟକର କାର୍ଲସନ ସହିତ ସାକ୍ଷାତକାର ସମୟରେ ଏକ ପ୍ରଶ୍ନର ଉତ୍ତରରେ ମାସୁଦ କହିଥିଲେ, ଆମେରିକା ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିନାହିଁ। ଇସ୍ରାଏଲ ଉଦ୍ୟମ କରିଥିଲା। ସେ ସେତେବେଳେ ଏକ ବୈଠକରେ ଥିଲେ। ଇସ୍ରାଏଲ ପକ୍ଷରୁ ସେହି ଅଞ୍ଚଳରେ ବୋମାମାଡ଼ କରାଯାଇଥିଲା।

# ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ, ଜଳିଗଲା ଅନେକ ଫ୍ଲାଟ୍



ପାଟନା : ବିହାର ରାଜଧାନୀ ପାଟନାର ବାହାଦୂରପୁର ଥାନା ଅଞ୍ଚଳରେ ଥିବା ସିଦ୍ଧନାଥ ଆପାର୍ଟମେଣ୍ଟରେ ସୋମବାର ନିଆଁ ଲାଗିଯାଇଛି। ଦେଖୁ ଦେଖୁ ଆପାର୍ଟମେଣ୍ଟରେ ନିଆଁ ବ୍ୟାପି ଯାଇଥିବା ବେଳେ ପାଖାପାଖି ୫ଟି ଫ୍ଲାଟ ଜଳି ପାଉଁଶ ହୋଇଯାଇଛି। ଫ୍ଲାଟରେ ନିଆଁ ବ୍ୟାପିବା ମାତ୍ରେ ଲୋକେ ଆତଙ୍କିତ ହୋଇ ପଡିବା ସହ ଯିଏ ଯେଉଁପଟେ ବାହାରକୁ ଚାଲି ଆସିଛନ୍ତି। ଆପାର୍ଟମେଣ୍ଟରେ ନିଆଁ ଲାଗିଥିବା ନେଇ ତୁରନ୍ତ ଦମକଳ ବିଭାଗକୁ ସୂଚନା ଦିଆଯାଇଥିଲା। ସୂଚନା ମିଳିବାମାତ୍ରେ ୧୦ଟି ଦମକଳ ଗାଡ଼ି ଘଟଣାସ୍ଥଳକୁ ପହଞ୍ଚିବା ସହ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ଘଟଣାକୁ ନେଇ ଥାନା ପ୍ରଭାରୀ ସଞ୍ଜୟ ଶଙ୍କର କହିଛନ୍ତି ଯେ ନିଆଁ ତୀବ୍ର ବ୍ୟାପିବାକୁ ଲାଗିଥିଲା। ଦେଖୁ ଦେଖୁ ଅନେକ ଫ୍ଲାଟରେ ନିଆଁ ଧରିଯାଇଥିଲା। ତେବେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବାର ଅନୁମାନ କରାଯାଉଛି। ହେଲ ନିଆଁ ଆୟତ୍ତ ହେବା ପରେ ଯାଞ୍ଚରୁ ପ୍ରକୃତ କାରଣ ଜଣାପଡିବ ବୋଲି ସଞ୍ଜୟ ଶଙ୍କର କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅନୁସାରେ ଶ୍ୟାମ ମନ୍ଦିର ରୋଡସ୍ଥିତ ସିଦ୍ଧନାଥ ଆପାର୍ଟମେଣ୍ଟର ଏକ ଫ୍ଲାଟରୁ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ଦେଖୁ ଦେଖୁ ନିଆଁ ଅନ୍ୟ ଫ୍ଲାଟ୍ କୁ ବ୍ୟାପି ଯାଇଥିଲା। ଲୋକେ ପହଞ୍ଚିବା ବେଳକୁ ନିଆଁ ବିକରାଳ ରୂପ ଧାରଣ କରିସାରିଥିଲା। ଏଣୁ ଦମକଳ ବିଭାଗକୁ ସୂଚନା ଦିଆଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ଆଶଙ୍କା କରାଯାଉଛି।

# ଦଲାଇଲାମାଙ୍କୁ ମିଳିବ ଭାରତ ରତ୍ନ !



ନୂଆଦିଲ୍ଲୀ: ତିବ୍ବତୀୟ ଧାର୍ମିକ ନେତା ଦଲାଇ ଲାମା ଏବେ ନିରନ୍ତର ଆଲୋଚନାରେ ରହି ଆସୁଛନ୍ତି। ହିମାଚଳ ପ୍ରଦେଶର ଧର୍ମଶାଳାରେ ତାଙ୍କ ୯୦ତମ ଜନ୍ମଦିନ ପାଳନ କରୁଥିବା ସମୟରେ, ଦଲାଇ ଲାମା ତାଙ୍କ ଉତ୍ତରାଧିକାରୀଙ୍କ ବିଷୟରେ ଏକ ବଡ଼ ଘୋଷଣା କରିଥିଲେ, ଯାହା ପରେ ଚାଇନାରୁ ତୀବ୍ର ପ୍ରତିକ୍ରିୟା ଆସିବା ସ୍ୱାଭାବିକ ଘଟଣା ଥିଲା। ଏହାରି ଭିତରେ ଦଲାଇ ଲାମାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି କୁହାଯାଉଛି। ଇକୋନୋମିକ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଭାରତୀୟ ସାଂସଦମାନଙ୍କର ସର୍ବଦଳୀୟ ଫୋରମ ଦଲାଇ ଲାମାଙ୍କୁ ଭାରତ ରତ୍ନ ଦେବା ପାଇଁ ପରାମର୍ଶ ଦେଇଛି। କେବଳ ଏତିକି ନୁହେଁ, ୮୦ ଜଣ ସାଂସଦ ମଧ୍ୟ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ଏହାକୁ ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଇପାରେ। ତିବ୍ବତ ଉପରେ ସର୍ବଦଳୀୟ ଭାରତୀୟ ସଂସଦୀୟ ଫୋରମ ସଂଯୋଜକ ଭର୍ତ୍ତୃହରି ମହତାବଙ୍କ ନେତୃତ୍ୱରେ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ ସହିତ ଅନେକ ଥର ସାକ୍ଷାତ କରିଛି। ସେହି ସମୟରେ, ରାଜ୍ୟ ସଭା ଏମପି ସୁଜିତ କୁମାର ମଧ୍ୟ ଏହି ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ମେକାନିକାଲ୍ ସପ ସାମୁଦାୟିକ ଏକ ପୁରୁଣା କୋଲ୍ଡ ସିଣ୍ଟର ସ୍କ୍ରିନ୍ କୁ ସଫଳତାର ସହ ପୁନଃନିର୍ମାଣ କରିଛି, ଯାହା ସିଣ୍ଟର ପ୍ଲାଣ୍ଟ-୨ ର ନିରନ୍ତର ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଟେ। ଏସପି-୨ ବିଭାଗକୁ ପୁନଃନିର୍ମାଣ ହୋଇଥିବା ଉପକରଣ ହସ୍ତାନ୍ତର କରିବା ପାଇଁ ଜୁନ୍ ୨୮ ତାରିଖରେ ମେକାନିକାଲ୍ ସପରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ମେକାନିକଲ ଓ ସପ୍ସ ବିଭାଗର ତତ୍କାଳୀନ ସିଜିଏମ ଇନ ଚାର୍ଜ ଆର.ଏନ. ରାଜେନ୍ଦ୍ରନ ଏହି ଉତ୍ସବରେ ସିଣ୍ଟର ବିଭାଗର ସିଜିଏମ ଶେଖର ନାରାୟଣ, ଏସପି-୨ ବିଭାଗର ଜିଏମ ଇନ ଚାର୍ଜ ଏସ.କେ. ପାଢ଼ି, ଡିଜାଇନ୍, ସପ୍ସ - ମେକାନିକାଲ୍ ଏବଂ ଫାଉଣ୍ଡ୍ରି ବିଭାଗର ଜିଏମ ଇନ ଚାର୍ଜ ଏସ.କେ. ଦାସ ତଥା ସପ୍ସ, ଡିଜାଇନ୍ ଏବଂ ମେକାନିକାଲ୍ ସପ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପୁନଃକଣ୍ଡିସନ୍ ହୋଇଥିବା ସିଣ୍ଟର ସ୍କ୍ରିନ୍ ଉପଭୋକ୍ତା ବିଭାଗକୁ ହସ୍ତାନ୍ତର କରିଥିଲେ।

# ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଏବଂ ଖଣ୍ଡବନ୍ଧ ଖଣିକୁ ୫ ତାରକା ରେଟିଂ ପୁରସ୍କାର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ୍ ଲୌହ ଖଣି ଏବଂ ଖଣ୍ଡବନ୍ଧ ଖଣିକୁ ସମ୍ମାନଜନକ ଷ୍ଟାର ରେଟିଂ ଆୱାର୍ଡ, ରାଜସ୍ଥାନର ଜୟପୁରସ୍ଥିତ ରାଜସ୍ଥାନ ଇଣ୍ଟରନ୍ୟାସନାଲ ସେଣ୍ଟରରେ ସୋମବାର ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଷ୍ଟାର ରେଟିଂ ଆୱାର୍ଡ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଯୋଡ଼ା ଇଷ୍ଟ ଖଣି ଏପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ୫ ତାରକା ରେଟିଂ ପୁରସ୍କାର ପାଇଛି। ଏହି ଅବସରରେ, ଝାଡ଼ଖଣ୍ଡରେ ଅବସ୍ଥିତ କମ୍ପାନିର ନୁଆମୁଣ୍ଡି ଲୌହ ଖଣି ସାତ ଷ୍ଟାର ରେଟିଂ ପୁରସ୍କାର ଲାଭ କରିଛି। କମ୍ପାନୀର ଓଏମ୍‌କ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଏବଂ ନୁଆମୁଣ୍ଡି ଖଣି ଚିଫ ଡି. ବିଜୟେନ୍ଦ୍ର, ନୁଆମୁଣ୍ଡି ଖଣି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି, ଯୋଡ଼ା ଇଷ୍ଟ ଖଣି ଚିଫ ରାଜେଶ କୁମାର ସେହି ଖଣି ପୁରସ୍କାର ଗ୍ରହଣ କରିଥିଲେ ଓ ଖଣ୍ଡବନ୍ଧ ଖଣି ପାଇଁ ଉଦ୍ଦିଷ୍ଟ ପୁରସ୍କାର ଖଣ୍ଡବନ୍ଧ ଖଣି ଚିଫ ଜି.ଭି. ସତ୍ୟନାରାୟଣ ଏବଂ ଓଏମକ୍ୟୁ ଡିଭିଜନ ପ୍ଲାନିଂ ଚିଫ ଅବନିଶ କୁମାର ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଭାରତ ସରକାରଙ୍କ କୋଇଲା ଏବଂ ଖଣି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଏବଂ ଭାରତ ସରକାରଙ୍କ କୋଇଲା ଏବଂ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇବା ପରିପ୍ରେକ୍ଷୀରେ ଭାଇସ ପ୍ରେସିଡେଣ୍ଟ (ର-ମ୍ୟାଟେରିଆଲ ଡିଭିଜନ) ସନ୍ଦୀପ କୁମାର କହିଛନ୍ତି ଯେ, ଆମେ ଏହି ପୁରସ୍କାର ପାଇଥିବାରୁ ଗର୍ବିତ, ଯାହା ଆମର ସ୍ଥାୟୀ ଖନନ ପ୍ରତି ରହିଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ। ଟାଟା ଷ୍ଟିଲର ନୁଆମୁଣ୍ଡି ଖଣି, ଯୋଡ଼ା ଇଷ୍ଟ ଖଣି ଏବଂ ଖଣ୍ଡବନ୍ଧ ଖଣି ଆଧୁନିକ ପ୍ରଯୁକ୍ତି ଏବଂ ସର୍ବୋତ୍ତମ ଖନନ ପ୍ରଣାଳୀ କାର୍ଯ୍ୟକାରୀ କରିବାରେ ଶିଳ୍ପରେ ଅଗ୍ରଣୀ ରହିଛନ୍ତି। ଟାଟା ଷ୍ଟିଲ ଖଣି କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ମାନଦଣ୍ଡ ସ୍ଥାପନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କମ୍ପାନି ନିଜର ସମସ୍ତ ଖଣି କାର୍ଯ୍ୟକଳାପରେ ସୁରକ୍ଷା, ସ୍ଥାୟୀତ୍ୱ ଏବଂ ଉତ୍କର୍ଷତାର ସଂସ୍କୃତି ସୁଦୃଢ଼ କରିବା ପାଇଁ ସମର୍ପିତ ରହିଛି।

# ଏମ୍‌ଭି ଫଟୋଭୋଲଟାଇକ୍ ପାୱାର ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ସୋଲାର ଫଟୋଭୋଲଟାଇକ୍ ମଡ୍ୟୁଲ୍ ଓ ସୋଲାର୍ ସେଲ୍ ନିର୍ମାତା ଏମ୍‌ଭି ଫଟୋଭୋଲଟାଇକ୍ ପାୱାର ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩୦୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏହି ଆଇପିଓରେ ୨,୧୪୩.୮୬ କୋଟି ଟଙ୍କାର ନୂଆ ସେୟାର ଜାରି କରାଯିବ ଏବଂ ପ୍ରତିଷ୍ଠାତାମାନେ ଅଫର ଫର ସେଲ୍‌ରେ ୮୫୬.୧୪ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି ହାସଲ କରିଥିବା ଋଣକୁ ପରିଶୋଧ କରିବାରେ ଏବଂ ଅବଶିଷ୍ଟ ଅଂଶକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବା ପ୍ରସ୍ତାବ ରହିଛି। ବେଙ୍ଗାଲୁରୁର ଏହି କମ୍ପାନି ପ୍ରି-ଆଇପିଓ ପ୍ଲେସମେଂଟ୍ ଜରିଆରେ ୪୨୮.୭୭ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି। ଯଦି ତାହା ସମ୍ଭବ ହେବ ତେବେ ମୋଟ ଇସ୍ୟୁ ଆକାର ସେହି ଅନୁସାରେ କମ୍ ହୋଇଯିବ। ଏମ୍‌ଭି ଫଟୋଭୋଲଟାଇକ୍ ପାୱାର ହେଉଛି ଏକ ଅଗ୍ରଣୀ ସମନ୍ୱିତ ସୋଲାର ପିଭି ମଡ୍ୟୁଲ ଓ ସୋଲାର ସେଲ୍ ନିର୍ମାଣ କରୁଥିବା କମ୍ପାନି। ୨୦୨୫ ମେ' ୩୧ ସୁଦ୍ଧା ଏହାର ପିଭି ସୋଲାର ମଡ୍ୟୁଲ ଉତ୍ପାଦନ କ୍ଷମତା ୭.୮୦ ଜିଡବ୍ଲୁ ଓ ସୋଲାର ସେଲ୍ ଉତ୍ପାଦନ କ୍ଷମତା ୨.୯୪ ଜିଡବ୍ଲୁ ରହିଛି। କ୍ରିସିଲ୍‌ର ରିପୋର୍ଟ ଅନୁସାରେ ଆମଦାନି ନିର୍ଭରଶୀଳତା କମ କରିବା ପାଇଁ ଭାରତ ସରକାରଙ୍କ ନୀତି, ବଜାର ସ୍ଥିତି ଓ ଅକ୍ଷୟ ଶକ୍ତି ପ୍ରତି ବର୍ଦ୍ଧିତ ପ୍ରତିବଦ୍ଧତା ଅନୁସାରେ ଭାରତର ସୋଲାର ପିଭି ମଡ୍ୟୁଲ ଓ ସେଲ୍ ନିର୍ମାଣ କ୍ଷମତା ୨୦୨୨ର ୨୧ ଜିଡବ୍ଲୁ ଓ ୩.୨ ଜିଡବ୍ଲୁରୁ ବୃଦ୍ଧି ପାଇ ୨୦୨୫ ମାର୍ଚ୍ଚ ସୁଦ୍ଧା ଯଥାକ୍ରମେ ୮୨ ଜିଡବ୍ଲୁ ଓ ୨୩ ଜିଡବ୍ଲୁ ହୋଇଛି। ୨୦୨୯-୩୦ ସୁଦ୍ଧା ଘରୋଇ ମଡ୍ୟୁଲ ଓ ସେଲ ଉତ୍ପାଦନ ଶିଳ୍ପ ଯଥାକ୍ରମେ ୧୭୫-୧୮୫ ଜିଡବ୍ଲୁ ଓ ୮୫-୯୫ ଜିଡବ୍ଲୁକୁ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ରିପୋର୍ଟରେ ଆକଳନ କରାଯାଇଛି।

# ଟାଫେ ଓ ଏଜିସିଓ ସହବନ୍ଧିତ

ନୂଆଦିଲ୍ଲୀ: ବିଶ୍ୱର ଅନ୍ୟତମ ସର୍ବବୃହତ ଟ୍ରାକ୍ଟର ଓ କୃଷି ଉପକରଣ ନିର୍ମାତା ଟାଫେ ପକ୍ଷରୁ କମ୍ପାନୀ ବ୍ରାଣ୍ଡ, ବାଣିଜ୍ୟିକ ସମସ୍ୟା ଓ ସେୟାରହୋଲ୍ଡିଙ୍ଗ ସମ୍ବନ୍ଧିତ ସମସ୍ତ ପ୍ରସଙ୍ଗରେ ଏଜିସିଓ ସହ ଏକ ବିସ୍ତୃତ ସମାଧାନରେ ପହଂଚିଛି। ଏହି ସେଟେଲମେଣ୍ଟ ଅନୁଯାୟୀ, ମାସି ଫର୍‌ଗୁସନ ବ୍ରାଣ୍ଡର ମାଲିକାନା ଭାରତ, ନେପାଳ ଓ ଭୁଟାନ ପାଇଁ ଏକମାତ୍ର ଓ ସ୍ୱତନ୍ତ୍ର ମାଲିକ ଭାବେ ଟାଫେ ନିକଟରେ ରହିବ ଯେଉଁଥିରେ ମାସି ଫର୍ଗୁସନରେ ସମସ୍ତ ଅଧିକାର, ଟାଇଟଲ ଓ ସ୍ୱାର୍ଥ ଏବଂ ସମ୍ବନ୍ଧିତ ଟ୍ରେଡ୍‌ମାର୍କ ଓ ଏହାସହ ଜଡିତ ସମସ୍ତ ସଭାବନା ସାମିଲ ରହିବ। ଟାଫେରେ ଥିବା ଏଜିସିଓର ସେୟାରଗୁଡିକୁ କମ୍ପାନୀ ୨୬୦ ମିଲିୟନ ଡଲାରରେ କ୍ରୟ କରିବ ଯାହାର ମୂଲ୍ୟ ଟାଫେର ଇକ୍ୱିଟର ୨୦.୭% ହେବ। ଏହା ଟାଫେକୁ ଚେନ୍ନାଇରେ ମୁଖ୍ୟାଳୟ ଥିବା ଏକ ବହୁମୂଖୀ ଶିଳ୍ପ ସଂସ୍ଥା ଆମାଲଗମେଶନ୍ସ ଗ୍ରୁପର ଏକ ସମ୍ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀରେ ପରିଣତ କରିବ। ଏହି ସେଟେଲମେଂଟ ମୁତାବକ, ଟାଫେ ୧୬.୩%ର ଏକ ମାଲିକାନା ସ୍ତରରେ ଏଜିସିଓରେ ନିଜର ସେୟାରହୋଲ୍ଡିଂ ବଜାୟ ରଖିବ ଏବଂ କିଛି ବ୍ୟତିକ୍ରମ ସ୍ଥିତିରେ ନିଜର ସମାନୁପାତିକ ମାଲିକାନା ବଜାୟ ରଖିବା ପାଇଁ ଏଜିସିଓର ଭବିଷ୍ୟତର ବାୟବ୍ୟାକ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବ। ଟାଫେ ଅଂଶଧାରକଙ୍କ ବୈଠକରେ ଏଜିସିଓର ବୋର୍ଡ ଡାଇରେକ୍ଟରମାନଙ୍କ ସମସ୍ତ ସୁପାରିଶ ସପକ୍ଷରେ ଏହାର ଅଂଶଧନଗୁଡିକୁ ଚୟନ କରି ଏଜିସିଓକୁ ସମର୍ଥନ କରିବ। ଟାଫେ ଏଜିସିଓ ନେତୃତ୍ୱ ସହିତ ଯୋଜନାବଦ୍ଧ ଆଲୋଚନା ମାଧ୍ୟମରେ ଏଜିସିଓରେ ଦୀର୍ଘାବଧି ନିବେଶକ ଭାବେ ଜାରି ରହିବ। ଟାଫେ ଓ ଏଜିସିଓ ମଧ୍ୟରେ ସମସ୍ତ ବ୍ୟବସାୟିକ ଚୁକ୍ତି ଦ୍ୱିପାକ୍ଷିକ ସହମତିରେ ସହମତ ହେବା ପରେ ଟାଫେ ବଳକା ସପ୍ଲାଇ ଅର୍ଡରକୁ ସମ୍ମାନ ଦେବ ଏବଂ ସହମତ ହୋଇଥିବା ସର୍ତ୍ତରେ ସମସ୍ତ ବଜାର ପାଇଁ ପାର୍ଟସର ଯୋଗାଣ ଜାରି ରଖିବ। ସମସ୍ତ ଜାରି ରହିଥିବା ଆଇନଗତ ପ୍ରକ୍ରିୟାକୁ ବିନା ସର୍ତ୍ତରେ ପ୍ରତ୍ୟାହାର କରାଯିବ। ବର୍ତ୍ତମାନ ଭାରତର ମାଡ୍ରାସ ହାଇକୋର୍ଟରେ ବିଚାରାଧୀନ ଥିବା ମାସି ଫର୍ଗୁସନ ବ୍ରାଣ୍ଡ ସମ୍ବନ୍ଧିତ ୩ଟି ମାମଲାରେ ସହମତିରେ ଏକ ଆଇନଗତ ଆଦେଶ ଲୋଡାଯିବ। ଉଭୟ କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିଗୁଡିକ ଭାରତରେ ଏଜିସିଓ ଓ ଟାଫେର କିଛି ନିର୍ଦ୍ଦିଷ୍ଟ ସରକାରୀ ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ପ୍ରଭାବୀ ହେବ। ଏ ସମ୍ପର୍କରେ ଟାଫେର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମଲ୍ଲିକା ଶ୍ରୀନିବାସନ କହିଛନ୍ତି, 'ଆମେ ଟାଫେର ଅଭିବୃଦ୍ଧି କାହାଣୀର ଏକ ନୂତନ ଯୁଗରେ ପ୍ରବେଶ କରିଥିବାରୁ, ଆମେ ଏଜିସିଓ ସହ ଥିବା ଆମର ଦୀର୍ଘ ସହଭାଗିତାକୁ ସ୍ୱୀକୃତି ଓ ସମ୍ମାନ ଜଣାଉଛୁ ଏବଂ ଏକ ନିୟୋଜିତ ଅଂଶଧାରକ ଭାବେ ଏଜିସିଓକୁ ଆମର ସମର୍ଥନ ବଜାୟ ରଖିବୁ।

# ଦୀର୍ଘ ସ୍ଥାୟିତ୍ୱ ଓ ମାନବ ଅଧିକାର ପ୍ରତି ଟାଟା ଷ୍ଟିଲ୍ ଦୃଢ ପ୍ରତିବଦ୍ଧ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ପକ୍ଷରୁ ମୂଲ୍ୟବୋଧ ନୀତି ଆଧାରରେ ମାନବ ଅଧିକାର ଓ ପରିବେଶ ଉପଯୋଗୀ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇ ବ୍ୟବସାୟ ଅଭ୍ୟାସକୁ ନୂଆ ଆକାର ପ୍ରଦାନ କରାଯାଉଛି। ସହଭାଗୀମାନଙ୍କ ସହ ଆଲୋଚନା ଜରିଆରେ ପରିବେଶ ଅନୁକୂଳ ଦିଗରେ ଦୀର୍ଘ ମିଆଦି ରଣନୀତି ପ୍ରସ୍ତୁତ କରାଯାଇ ସାମାଜିକ ଓ ପରିବେଶ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ପ୍ରାଥମିକତାର ସହ ସମାଧାନ କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ପରିବେଶ ପ୍ରଦୂଷଣ ହ୍ରାସ କରିବା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଅନେକ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଇଣ୍ଡଷ୍ଟ୍ରିଆଲ୍ ବାଇ-ପ୍ରଡକ୍ଟସ୍ ମ୍ୟାନେଜମେଂଟ୍ ଡିଭିଜନ ଓ ଷ୍ଟିଲ୍ ରିସାଇକ୍ଲିଂ ବ୍ୟବସାୟ ସ୍କ୍ରାପ୍ ବ୍ୟବହାରରେ ଉନ୍ନତି ଆଣିବା ସହିତ ବାଇ-ପ୍ରଡକ୍ଟ (ଉପ ଉତ୍ପାଦ)ର ପୁନଃ ବ୍ୟବହାର କରାଯାଇ ବର୍ଜ୍ୟ ପରିଚାଳନା ପ୍ରତି ପ୍ରଭାବଶାଳୀ ଯୋଗଦାନ ପ୍ରଦାନ କରାଯାଇ ପାରୁଛି। ଏଥିରେ କମ୍ପାନି ପକ୍ଷରୁ ଲୁଧିଆନାରେ ଏକ ଲୋ-ଏମିସନ ଇସ୍ପାତ ଉତ୍ପାଦନ କାରଖାନା ସ୍ଥାପନ କରାଯାଇଥିବା ବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍ ପରିଚାଳନାକୁ ଡିକାର୍ବନାଇଜ୍ କରାଯାଇଛି। ପରିବେଶ ଓ ଜୈବ ବିବିଧତାର ଯତ୍ନ ନେବା ସହିତ କମ୍ପାନି ପକ୍ଷରୁ କର୍ମଚାରୀ ଓ ପରିପାର୍ଶ୍ୱିକ ସମୁଦାୟର କଲ୍ୟାଣକୁ ପ୍ରାଥମିକତା ପ୍ରଦାନ କରାଯାଉଛି। ଟାଟା ଷ୍ଟିଲ୍ ପକ୍ଷରୁ ଅଭିବୃଦ୍ଧି, ମାନ୍ୟତା ଓ ସନ୍ତୁଷ୍ଟି ଉପରେ ଧ୍ୟାନ ଦେଉଥିବା ଏକ ବ୍ୟାପକ ଏଚ୍‌ଆର୍ (ମାନବ ସମ୍ବଳ) ନୀତି ସହିତ କାର୍ଯ୍ୟ କରୁଛି। ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଶାଖା ଟାଟା ଷ୍ଟିଲ୍ ଫାଉଣ୍ଡେସନ ଜରିଆରେ ମହିଳା, ଶିଶୁ ଓ ଆଦିବାସୀ ସମୁଦାୟ ଭଳି ଅନଗ୍ରସର ବର୍ଗ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା ଉପରେ ଗୁରୁତ୍ୱାରୋପ କରାଯାଉଛି। ମାନବିକ ଅଧିକାର ପ୍ରତି ଟାଟା ଷ୍ଟିଲ୍ ଗଭୀର ଭାବେ ପ୍ରତିବଦ୍ଧ ରହିଛି। କମ୍ପାନି ପକ୍ଷରୁ ୧୮ ବର୍ଷକୁ ସର୍ବନିମ୍ନ ନିଯୁକ୍ତି ବର୍ଷ ଭାବେ ଲାଗୁ କରାଯାଇଛି ଏବଂ ଶିଶୁ ଶ୍ରମିକ ପ୍ରଥାର ମୂଳ ସମସ୍ୟାର ମୁକାବିଲା କରିବା ଲାଗି ଶିକ୍ଷାଗତ କାର୍ଯ୍ୟକ୍ରମରେ ନିବେଶ କରାଯାଉଛି। ଟାଟା ଷ୍ଟିଲ୍ ବଳ ପୂର୍ବକ ଶ୍ରମ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ବେଳେ କୌଣସି କର୍ମଚାରୀଙ୍କ ବ୍ୟକ୍ତିଗତ ଦସ୍ତାବିଜକୁ ଜବତ ରଖାଯାଉନାହିଁ। ଏକ ଉତ୍ସର୍ଗୀକୃତ କଂଟ୍ରାକ୍ଟର୍ସ ସେଲ୍ ଉଚିତ୍ ଶ୍ରମ ଅଭ୍ୟାସକୁ ସମର୍ଥନ କରୁଛି। କମ୍ପାନି ପକ୍ଷରୁ କର୍ମଚାରୀମାନଙ୍କୁ ସ୍ୱଚ୍ଛ ଓ ପାରଦର୍ଶୀତା ଅନୁଯାୟୀବେତନ ପ୍ରଦାନ କରାଯାଉଛି ଯାହା ଆଇନଗତ ହାରଠାରୁ ଅଧିକ। ଟାଟା ଷ୍ଟିଲ୍ ପକ୍ଷରୁ ବାର୍ଷିକ ରିପୋର୍ଟ ଜରିଆରେ ସ୍ୱଚ୍ଛତା ସୁନିଶ୍ଚିତ କରାଯାଉଛି, ଯେଉଁଥିରେ ଶ୍ରମ ଅଭ୍ୟାସରେ ହୋଇଥିବା ପ୍ରଗତି ଓ ପରିବେଶ ପ୍ରଦର୍ଶନ ଉପରେ ଆଲୋକପାତ କରାଯାଉଛି। ଆଇଏସ୍‌ଓ ସାର୍ଟିଫିକେସନ ଭଳି ଅ'ର୍ଜାତୀୟ ମାନକକୁ ପାଳନ କରି କମ୍ପାନୀ ନିଜର ପ୍ରଶାସନିକ ଢାଞ୍ଚା ବା ଗଭର୍ଣ୍ଣାସ୍‌ଫ୍ରେମ୍‌ୱର୍କକୁ ସୁଦୃଢ଼ କରୁଛି। ବିଶ୍ୱସ୍ତରୀୟ ମାନକ ଓ ସହଭାଗୀଙ୍କ ଆଶା ଅନୁସାରେ ନିଜ କାର୍ଯ୍ୟକ୍ଷେତ୍ର ପରିଚାଳନାକୁ ସମନ୍ୱିତ କରି ଟାଟା ଷ୍ଟିଲ୍ ଏକ ସମ୍ମାଜନକ, ସ୍ଥାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ଭବିଷ୍ୟତକୁ ସୁଦୃଢ଼ କରିବାକୁ ପ୍ରତିବଦ୍ଧ ରହିଛି।

# ଏଚ୍‌ପି ପକ୍ଷରୁ ସୁଲଭ ଓମ୍‌ନିବୁକ ଲାପ୍‌ଟପ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଏଚ୍‌ପି ପକ୍ଷରୁ ଭାରତରେ ଏହାର ସବୁଠାରୁ ସୁଲଭ ନେକ୍ସଟ-ଜେନ ଏଆଇ ପିସି ଶୃଙ୍ଖଳାର ଉନ୍ମୋଚନ କରାଯାଇଛି। ନୂଆ ଏଚ୍‌ପି ଓମ୍‌ନିବୁକ ୫ ଓ ୩ ସିରିଜକୁ ବଜେଟ ସଚେତନ ଉପଭୋକ୍ତାଙ୍କ ପାଇଁ ଶକ୍ତିଶାଳୀ ନେକ୍ସଟ-ଜେନ ଏଆଇ କ୍ଷମତା ଆଣିବା ପାଇଁ ଡିଜାଇନ କରାଯାଇଛି। ଓମ୍‌ନିବୁକ ୫ରେ କ୍ୱାଲକମ ସ୍ନାପଡ୍ରାଗନ ଏକ୍ସ ପ୍ଲସ ପ୍ରୋସେସର ଏବଂ ଓମ୍‌ନିବୁକ ୩ରେ ଏଏମ୍‌ଡି ରାଇଜେନ ଏଆଇ ୩୦୦ ସିରିଜ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଉତ୍ସର୍ଗୀକୃତ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନପିୟୁ) ସହ ସୁସଜ୍ଜିତ ରହିଛି ଯାହା ସେକେଣ୍ଡ ପିଛା ୪୫ରୁ ୫୦ ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ଅଟେ। ଭିଡିଓ କଲ୍, ସହଭାଗିତା ଓ କାର୍ଯ୍ୟଦକ୍ଷତାକୁ ଉନ୍ନତ କରୁଥିବା ପରବର୍ତ୍ତୀ ପିଢିର ଏଆଇ ଫିଚରଗୁଡିକ ସହିତ ଏଚ୍‌ପି ଓମ୍‌ନିବୁକ ଶୃଙ୍ଖଳାରେ ୧୪ ଇଂଚ ଏଚ୍‌ପି ଓମ୍‌ନିବୁକ ୫, ୧୫.୬ ଇଂଚ ଏଚ୍‌ପି ଓମ୍‌ନିବୁକ ୩ ଓ ୧୪ ଇଂଚ ଏଚ୍‌ପି ଓମ୍‌ନିବୁକ ୩ ଅନ୍ତର୍ଭୁକ୍ତ ରହିଛି। ଏଚପି ଓମ୍‌ନିବୁକ ୫ରେ ଏକ ଅଲ୍‌ଟ୍ରା-ସ୍ଲିମ ଡିଜାଇନରେ ବିଶ୍ୱର ସବୁଠାରୁ ଦୀର୍ଘ ବ୍ୟାଟେରୀ ଲାଇଫ (୩୪ ଘଂଟା ପର୍ଯ୍ୟନ୍ତ) ରହିଛି। ଏଚ୍‌ପି ଓମ୍‌ନିବୁକ ୫ ୧୪-ଇଂଚର ପ୍ରାରମ୍ଭିକ ମୂଲ୍ୟ ୭୫,୯୯୯ ଟଙ୍କା, ଏଚ୍‌ପି ଓମ୍‌ନିବୁକ ୩ ୧୪-ଇଂଚର ପ୍ରାରମ୍ଭିକ ମୂଲ୍ୟ ୬୯,୯୯୯ ଟଙ୍କା ଏବଂ ଏଚ୍‌ପି ଓମ୍‌ନିବୁକ ୩ ୧୫-ଇଂଚର ପ୍ରାରମ୍ଭିକ ମୂଲ୍ୟ ୬୯,୯୯୯ ଟଙ୍କା ରହିଛି । ଏସମସ୍ତ ଲାପଟପ ଏଚ୍‌ପି ଅନଲାଇନ ଷ୍ଟୋର ଓ ଅଫଲାଇନ ରିଟେଲ ଷ୍ଟୋରଗୁଡିକରେ ଗ୍ଲାସିଅର ସିଲ୍‌ଭର କଲରରେ ଉପଲବ୍ଧ ହେଉଛି। ଉପଭୋକ୍ତାମାନେ ଏଚ୍‌ପି ୱାର୍ଲ୍ଡ ଷ୍ଟୋର, କ୍ରୋମା, ରିଲାଏନ୍ସ ଡିଜିଟାଲ ଭଳି ଅଫ୍‌ଲାଇନ ଚ୍ୟାନେଲ ମାଧ୍ୟମରେ ୮ ମାସର ନୋ-କଷ୍ଟ ଇଏମଆଇ ସୁବିଧା ପାଇପାରିବେ। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବିନୀତ ଜିହାନି କହିଛନ୍ତି, 'ଆମର ନୂଆ ଏଚ୍‌ପି ଓମ୍‌ନିବୁକ ନେକ୍ସଟ-ଜେନ ଏଆଇ ପିସିଗୁଡିକର ଶୁଭାରମ୍ଭ ସହିତ ଆମେ ଏଆଇ ଟେକ୍ନୋଲୋଜିକୁ ଏକ ବିସ୍ତୃତ ଉପଭୋକ୍ତା ଆଧାର ନିକଟରେ ପହଂଚାଇଛୁ। ଏହି ନୂତନ ଶୃଙ୍ଖଳା ସୁଲଭ ମୂଲ୍ୟରେ ଇଂଟେଲିଜେଂଟ ଫିଚର, ଦୃଢ କାର୍ଯ୍ୟଦକ୍ଷତା ଓ ଉନ୍ନତ ଡିଜାଇନ ପ୍ରଦାନ କରୁଛି।



ଫ୍ୟାଟି ଲିଭରରେ ମୁଗ ଡାଲି ପାଣି ପିଇବାର ଲାଭ: ମୁଗ ଡାଲି ପାଣି ଯକୃତ କୋଷରେ ଜମା ହୋଇଥିବା ମଇଳାକୁ ଡିଟକ୍ସିଫାଇ କରିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ଯକୃତର କାର୍ଯ୍ୟକ୍ଷମତା ଉନ୍ନତ ହୁଏ। ମୁଗ ଡାଲି ପାଣି ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବାରେ ଏବଂ ଧମନୀକୁ ସଫା ରଖିବାରେ ପ୍ରଭାବଶାଳୀ, ଯାହା ହୃଦରୋଗର ଆଶଙ୍କା ମଧ୍ୟ କମ କରେ। ଫ୍ୟାଟି ଲିଭର ଏବଂ କୋଲେଷ୍ଟ୍ରଲ ସମସ୍ୟା ପାଇଁ, ସକାଳେ ଖାଲି ପେଟରେ ଏହି ପାଣି ପିଇବା ସବୁଠାରୁ ଲାଭଦାୟକ। ଓଜନ ହ୍ରାସରେ ସହାୟକ: ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ମୁଗ ଡାଲି ପାଣି ଏକ ଭଲ ଉପାୟ। ଏଥିରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ, ଯାହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରାଏ, ଅସ୍ୱାସ୍ଥ୍ୟକର ଲାଳସା ହ୍ରାସ କରେ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: ମୁଗ ଡାଲି ପାଣି ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ବୃଦ୍ଧି କରେ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସହାୟକ ହୁଏ। ଏକ ରୋଗ ପ୍ରତିରୋଧକ ଶକ୍ତି ଆପଣଙ୍କୁ ରୋଗ ସହିତ ଲଢ଼ିବା ଏବଂ ସୁସ୍ଥ ରହିବାରେ ସାହାଯ୍ୟ କରେ।

## 'କକ୍‌ଟେଲ-୨' ସୁଟିଂ ପୂର୍ବରୁ କ୍ରୀତିଙ୍କ ବ୍ରେକ୍



ନିକଟରେ ମ୍ୟାଡ୍‌ଡକ ଫିଲ୍ମସ କାର୍ଯ୍ୟାଳୟରେ ନଜର ଆସିଥିଲେ କ୍ରୀତି ସାନନ । ଏହା ପରଠୁ ତାଙ୍କର ଅପ୍‌କମିଙ୍ଗ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନିକଟରେ ସେ 'ତେରେ ଇଶ୍କ ମେଁ'ର ସୁଟିଂ ଶେଷ କରିଛନ୍ତି । ଏବେ 'କକ୍‌ଟେଲ୨'ର ସୁଟିଂ ପାଇଁ ପ୍ରସ୍ତୁତ ହେଉଛନ୍ତି । ଆସନ୍ତା ଅଗଷ୍ଟରେ ଫିଲ୍ମଟି ସୁଟିଂ ଫ୍ଲୋରକୁ ଓହ୍ଲାଇବ। ଇତିମଧ୍ୟରେ କ୍ରିତି ଏବେ ଛୋଟ ବ୍ରେକ୍ ନେଇଛନ୍ତି। ଫିଲ୍ମ ସହ ସଂଶ୍ଲିଷ୍ଟ ଏକ ସୂତ୍ର ଅନୁସାରେ, କ୍ରିତି ଆସନ୍ତା ଅଗଷ୍ଟରେ 'କକ୍‌ଟେଲ-୨'ର ସୁଟିଂ ଆରମ୍ଭ ପୂର୍ବରୁ ଛୋଟ ବ୍ରେକ୍ ନେଇଛନ୍ତି । ହିନ୍ଦୀ ସିନେ ଇଣ୍ଡଷ୍ଟ୍ରିର ସବୁଠୁ ଡିମାଣ୍ଡିଂ ଆକ୍ଟ୍ରେସ୍ ହୋଇଥିବାରୁ ଗୋଟିଏ ଫିଲ୍ମର ସୁଟିଂ ସରୁ ସରୁ ତାଙ୍କୁ ଆଉ ଗୋଟିଏରେ କାମ ଆରମ୍ଭ କରିବାକୁ ପଡୁଛି । ନିକଟରେ ଧନୁଷଙ୍କ ସହ ଫିଲ୍ମ 'ତେରେ ଇଶ୍କ ମେଁ'ର ସୁଟିଂ ଶେଷ କରିବା ଖବର କ୍ରିତି ନିଜ ଇନ୍‌ଷ୍ଟା ପୋଷ୍ଟ୍‌ରେ ଶେୟାର କରିଥିଲେ । ଆନନ୍ଦ ଏଲ ରାୟଙ୍କ ନିର୍ଦ୍ଦେଶିତ ଓ ହିମାଂଶୁ ଶର୍ମାଙ୍କ ଲିଖିତ ଏହି ଫିଲ୍ମ ଏକ ପ୍ରେମ କାହାଣୀ ଉପରେ ପର୍ଯ୍ୟବେସିତ । କ୍ରିତି ଏଥିରେ ମୁକ୍ତି ଭୂମିକାରେ ଅଭିନୟ କରିଛନ୍ତି । ଧନୁଷ-କ୍ରିତିଙ୍କୁ ଏକାଠି ପରଦାରେ ଦେଖିବାକୁ ଫ୍ୟାନ୍ ଖୁବ୍ ଉତ୍ସାହିତ ଅଛନ୍ତି । 'କକ୍‌ଟେଲ-୨' ୨୦୧୩ ମସିହା ହିଟ୍ ଫିଲ୍ମ 'କକ୍‌ଟେଲ'ର ସିକ୍ୱେଲ, ଯେଉଁଥିରେ ସୈଫ୍ ଅଲି ଖାନ୍, ଦୀପିକା ପାଦୁକୋନ ଓ ଡାଏନା ପେଣ୍ଟି ମୁଖ୍ୟ ଭୂମିକାରେ ନଜର ଆସିଥିଲେ । ସିକ୍ୱେଲରେ କ୍ରିତିଙ୍କ ସହିତ ଶାହିଦ କପୁର ଓ ରଶ୍ମିକା ମନ୍ଦାନା ମୁଖ୍ୟ ଭୂମିକାରେ ଅଭିନୟ କରିବେ ।



## 'ସେୟାରା'ରେ ଅନନ୍ୟାଙ୍କ ଭାଇ

ଏବେ ବଲିଉଡ୍‌ରେ ବହୁ ନବାଗତ ଅଭିନୟ ଜୀବନ ଆରମ୍ଭ କରୁଥିବା ଦେଖାଯାଇଛି। ବର୍ତ୍ତମାନ ସବୁଠୁ ଚର୍ଚ୍ଚାରେ ଅଛନ୍ତି ଆହାନ୍ ପାଣ୍ଡେ। ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ଦାଦାପୁଅ ଭାଇ ଆହାନ୍ ୨୭ବର୍ଷ ବୟସରେ ବଲିଉଡ୍ ଡେବ୍ୟୁ କରୁଛନ୍ତି। ତାଙ୍କର ପ୍ରଥମ ଫିଲ୍ମର ଟିଜର ଓ ଗୀତ ଦର୍ଶକଙ୍କୁ ପସନ୍ଦ ଆସିଛି। ଆହାନ୍‌ଙ୍କ ଅଭିନୀତ ଗୀତ ଏବେ ଟ୍ରେଣ୍ଡ୍ କରୁଥିବା ବେଳେ ସେ ପ୍ରଥମ ଫିଲ୍ମରୁ ହିଁ ଦର୍ଶକଙ୍କୁ ପ୍ରଭାବିତ କରିଛନ୍ତି। ଯଶ ରାଜ୍ ଫିଲ୍ମସ୍ ଦ୍ୱାରା ପ୍ରଯୋଜିତ 'ସେୟାରା'ରେ ଡେବ୍ୟୁ କରୁଥିବା ଆହାନ୍‌ଙ୍କ ବିପକ୍ଷରେ ନାୟିକା ଭାବରେ ଅନୀତ ପଡ୍ଡାଙ୍କୁ ଦେଖିବାକୁ ମିଳିବ। ସେ ଶେଷଥର ପାଇଁ 'ବିଗ୍ ଗାର୍ଲସ୍ ଡୋଣ୍ଟ୍ କ୍ରାଏ'ରେ ନଜର ଆସିଥିଲେ। ଏହି ରୋମାଣ୍ଟିକ୍ ଲଭ୍ ଷ୍ଟୋରିର ନିର୍ଦ୍ଦେଶନା ଦେଇଛନ୍ତି ଜଣାଶୁଣା ନିର୍ଦ୍ଦେଶକ ମୋହିତ ସୁରୀ। ଫିଲ୍ମର ଟିଜର ଓ ଗୀତ ଖୁବ୍ ଭାଇରାଲ୍ ଓ ଲୋକପ୍ରିୟ ହୋଇଥିବା ବେଳେ ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ନିର୍ମାତା ଆଶା ରଖିଛନ୍ତି। 'ସେୟାରା' ଜୁଲାଇ ୧୮ରେ ରିଲିଜ୍ ହେବ ବୋଲି ଜଣାଯାଇଛି। ୧୯୯୭ ଡିସେମ୍ବର ୨୩ରେ ମୁମ୍ବାଇରେ ଜନ୍ମିତ ଆହାନ୍ ଅଭିନୟ ଜୀବନ ଆରମ୍ଭ ପୂର୍ବରୁ ସହ-ନିର୍ଦ୍ଦେଶକ ଭାବେ ଅନେକ ବଲିଉଡ୍ ଫିଲ୍ମରେ କାମ କରି ଅଭିଜ୍ଞତା ସାଉଁଟିଛନ୍ତି।

## ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ'ରେ ନଜର ଆସିବେ ପୁନିତ ଇସର






ଦିନେ ତାଙ୍କୁ ଆମେ ଛୋଟ ପରଦାରେ ଦେଖିଥିଲେ । ଖତରନାକ୍ ଚେହେରା ସହ ବଳିଷ୍ଠ ସ୍ୱର । ତାଙ୍କର ଗୋଟିଏ ସଂଳାପ ଛାତି ଥରାଇଦେଉଥିଲା । ୮୦ଦଶକର ଲୋକପ୍ରିୟ ପୌରାଣିକ ହିନ୍ଦୀ ଧାରାବାହିକ 'ମହାଭାରତ'ରେ ଦୁର୍ଯ୍ୟୋଧନ ଭୂମିକାରେ ଆସି ସମସ୍ତଙ୍କ ପସନ୍ଦର ଖଳନାୟକ ପାଲଟିଥିଲେ । ବହୁ ହିନ୍ଦୀ, ତେଲୁଗୁ, ତାମିଲ ସହ ଭୋଜପୁରୀ ଫିଲ୍ମରେ ଅଭିନୟ କରିବା ପରେ ଏବେ ଓଡ଼ିଆ ଫିଲ୍ମରେ ନଜର ଆସିବେ ଅଭିନେତା ପୁନିତ ଇସର । ଅଭିନେତା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଆଗାମୀ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ପୁନିତ ଦମ୍‌ଦାର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । ଓଡ଼ିଶା ଆସି ନିଜେ ପୁନିତ ଏହି ସୂଚନା ଦେଇଛନ୍ତି । ପ୍ରଥମ ଥର ପାଇଁ ପୁନିତ ଏକ ଓଡ଼ିଆ ଫିଲ୍ମ କରିବାକୁ ଯାଉଥିବାରୁ ତାଙ୍କର ଶୁଭେଚ୍ଛୁମାନେ ଉତ୍ସାହିତ ହୋଇପଡ଼ିଛନ୍ତି । ନିକଟରେ ଚ୍ୟାଲେଞ୍ଜର ଫାଷ୍ଟଲୁକ୍ ପୋଷ୍ଟର ମଧ୍ୟ ରିଲିଜ୍ ହୋଇଛି । ପୋଷ୍ଟରରେ କେବଳ ପୁନିତ ରହିଛନ୍ତି । ପାଟିରେ ଏକ ଜ୍ୱଳନ୍ତ ସିଗାରେଟ୍ ସହ ମୁହଁରେ ରକ୍ତ ଲାଗିଥିବା ପୁନିତଙ୍କ ଲୁକ୍ ମଧ୍ୟ ଭୟଙ୍କର ଲାଗୁଛି । ଓଡ଼ିଆ ଦର୍ଶକମାନେ ଏହାକୁ ଖୁବ୍ ? ପସନ୍ଦ କରିଛନ୍ତି । ପ୍ରକାଶ ଥାଉକି, ଆଗାମୀ ଦଶହରାକୁ ଆଖିଆଗରେ ରଖି 'ଚ୍ୟାଲେଞ୍ଜ' ପ୍ରସ୍ତୁତ କରାଯାଉଛି । ଏହାର ପ୍ରଯୋଜକ ଆଦିକନ୍ଦ ସାହୁ ରହିଥିବା ବେଳେ ସାଇକିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି । ସେହିପରି ପୁନିତଙ୍କ ପୂର୍ବରୁ ବଲିଉଡ୍‌ର ବ୍ୟାଡ୍‌ମ୍ୟାନ୍ ରଣଜିତ୍, ରଜା ମୁରଦ, ଜ୍ୟାକି ସ୍ରଫ୍, ଶକ୍ତି କାପୁର, ସଦାଶିବ ଅମ୍ରାପୁର୍କର, ରାହୁଲ ଦେବ, ଆଶିଷ ବିଦ୍ୟାର୍ଥୀ, ପ୍ରଦୀପ ରାୱତ, ମୁକେଶ ରିଶିଙ୍କ ଭଳି ଅଭିନେତା ଓଡ଼ିଆ ଫିଲ୍ମରେ ଖଳ ଭୂମିକାରେ ନଜର ଆସି ସଫଳତା ଓ ଭଲ ପାଇବା ସାଉଁଟିଛନ୍ତି ।

## ରାହୁ ରତ୍ନ ଗୋମେଦ



*ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ । ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ। ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ। ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜବୁତ ହୋଇଥାନ୍ତି...*

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ।
- ମୋତି ଓ ମୁଙ୍ଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ।

## ଅଣ୍ଡା ଆକୃତିର ଡାଇନିଂ ଟେବୁଲ



ସମସ୍ତଙ୍କ ଘରେ ଡାଇନିଂ ଟେବୁଲ ଅଛି। କିନ୍ତୁ ଆମେ ଯେଉଁ ଡାଇନିଂ ଟେବୁଲ କଥା କହୁଛୁ ଆପଣ କେବେ ଏହାକୁ ଦେଖିନଥିବେ। ଏହି ଡାଇନିଂ ଟେବୁଲର ଆକୃତି ଠିକ୍ ଅଣ୍ଡା ପରି। ଏହାକୁ ଏଭଳି ତିଆରି କରାଯାଇଛି ଯେ, ସବୁଗୁଡ଼ିକୁ ଏକାଠି କରିଦେଲେ ତାହା ଅଣ୍ଡା ପରି ଦେଖାଯାଏ। ତୁର୍କର ପ୍ରଡକ୍ଟ ଡିଜାଇନର୍ ଫତିହ କାନ ସରିଓଜ୍‌ଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଡାଇନିଂ ଟେବୁଲର ନାଁ 'କୁରେ ଡାଇନିଂ' ଟେବୁଲ। ଗୋଲାକାର ଟେବୁଲ ଚାରିପଟେ ଛଅଟି ଚେୟାର ଏଭଳିଭାବେ ଫିଟ୍ ହୋଇ ରହିଥାଏ ଯେ, ଚେୟାରଗୁଡ଼ିକୁ ଟାଣି ବାହାରକଲେ ଫୁଲର ପାଖୁଡ଼ା ମେଲିବା ଭଳି ଦେଖାଯାଏ। ଟେବୁଲ ଉପରେ ଲୁକ୍କାୟିତ ଭାବେ ଏକ ପଡ୍ ଥାଏ। ତାହା ଖୋଲିଯାଏ ଓ ଏକ ଲମ୍ବା ଏଲ୍‌ଇଡି ଲାଇଟ୍‌ରେ ପରିଣତ ହୋଇଯାଏ। ଫଳରେ ଡାଇନିଂ ଟେବୁଲଟି ଏକ ସ୍ପେସ୍‌ଶିପ୍ ପରି ଦେଖାଯାଏ। ତେଣୁ ଏହା କେବଳ ଏକ ଫର୍ନିଚର ନୁହେଁ, ବରଂ ଏହା ଉପରେ ବସି ଖାଇଲେ ବିଜ୍ଞାନଭିତ୍ତିକ ଫିଲ୍ମର ଅନୁଭୂତି ମିଳିଥାଏ।



## ଏହି ଦେଶରେ ମିଳିଲା ୨୦ ହଜାର ବର୍ଷ ପୁରୁଣା ଥ୍ରିଡି ମ୍ୟାପ

ବୈଜ୍ଞାନିକମାନେ ଫ୍ରାନ୍ସର ଏକ ଗୁମ୍ଫାରେ ଏକ ଥ୍ରୀଡି ମ୍ୟାପର ସନ୍ଧାନ କରିଛନ୍ତି ଯାହା ବିଶ୍ୱର ସବୁଠାରୁ ପୁରୁଣା ଥ୍ରୀଡି ମ୍ୟାପ୍ କୁହାଯାଉଛି । ଏହା ପ୍ରାୟ ୨୦ ହଜାର ବର୍ଷୁ ପୁରୁଣା । ପ୍ୟାରିସର ଦକ୍ଷିଣରେ ସ୍ୟାଣ୍ଡଷ୍ଟୋନ୍ ମାସିକ ଗୁମ୍ଫାରେ ଅନେକ ଚକିତ କରିଦେବା ଭଳି ଜିନିଷ ମିଳିଛି ।

ପ୍ରତ୍ନତତ୍ତ୍ୱବିତ୍ ଏହାକୁ ପ୍ରାୟ ୨୦ ହଜାର ବର୍ଷ ପୁରୁଣା ବୋଲି ଅନୁମାନ କରୁଛନ୍ତି । ମେଡାର୍ଡ ଥିରି ଏବଂ ଏନ୍ଥନୀ ମିଲ୍ସଙ୍କ ନେତୃତ୍ୱରେ ଚାଲିଥିବା ଏହି ଗବେଷଣାରୁ ଜଣାପଡିଛି କି ମଣିଷମାନେ ଗୁମ୍ଫାକୁ ସାବଧାନତାର ସହ ଡିଜାଇନ୍ କରିଛନ୍ତି ଯାହା ଫଳରେ ଜଙ୍ଗଲ, ରାସ୍ତା, ହ୍ରଦ ଆଦି ସ୍ପଷ୍ଟ ଭାବେ ଜଣାପଡୁଛି । ଅର୍ଥାତ୍ ମ୍ୟାପରେ ପାଣି ପ୍ରବାହିତ ହେଉଛି, ରାସ୍ତା, ଏପରିକି ପାହାଡ ମଧ୍ୟ ଥ୍ରୀଡି ଭାବେ ଜଣାପଡୁଛି। ଗୁମ୍ଫାରେ ଘୋଡା ଓ ଅନ୍ୟ କିଛି ପଶୁପକ୍ଷୀଙ୍କ ଚିତ୍ର ମଧ୍ୟ ମିଳିଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମହେଶ୍ୱର ଉଚ୍ଚ ବିଦ୍ୟାଳୟ ଗୁଲାଲିପୁର ଠାରେ ସୋମବାର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ବନ ମହୋତ୍ସବ ଭିତ୍ତିକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ତଥା ସ୍କୁଲ ପ୍ରତିଷ୍ଠାତାଙ୍କ ପୁତ୍ର ଜ୍ଞାନରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନସିସି ଅଫିସର ରାଜକିଶୋର ସାହୁ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ସ୍କୁଲ ପିଲାଙ୍କ ଦ୍ୱାରା ଏକ ସଚେତନା ରାଲି କରି ଗ୍ରାମ୍ୟ ଭ୍ରମଣ କରାଯିବା ସହ ସ୍କୁଲ ପ୍ରାଙ୍ଗଣରେ ସଚେତନା ସଭାର ଆୟୋଜନ କରାଯାଇ ପିଲାମାନଙ୍କୁ ପରିବେଶ ସଚେତନତା ଉପରେ ପରାମର୍ଶ ଦିଆଯାଇ ଥିଲା। ଶେଷରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏନସିସି ତଥା କ୍ରୀଡ଼ା ଶିକ୍ଷକ ଚେନ୍ନୁଗୋପାଳ ମିଶ୍ର, ଅମୁଲ୍ୟ ନାୟକ, ମୋନାଲିସା ପାଢ଼ୀ, ସାମା କାନୁନଗୋ, ସରିତା ଦାସ, ଲିପସା ଦୋସୁନ୍ଧା, ଅମିଷା ସ୍ୱାଇଁ, ଗୀତା ରାଉତ, ଦେବଯାନୀ ମହାପାତ୍ର, ଭାରତୀ ନାୟକ, ରାଜଲକ୍ଷ୍ମୀ ପାତ୍ର, ଜ୍ଞାନରଞ୍ଜନ ଖଟୁଆ, ପରେଶ ମହାପାତ୍ର ପ୍ରମୁଖ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।



# ତିହିଡ଼ି ବ୍ଲକରେ ବିଏଲଓ ପ୍ରଶିକ୍ଷଣ ଶିବିର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ସ୍ଥିତ ନୀଳମଣି ସଭାଗୃହରେ ସୋମବାର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଡିଓ ନିରଞ୍ଜନ ବାରିକ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ତହସିଲଦାର ନମିତା ଧଳ, ଏବିଡିଓ ମାନସ କୁମାର ଜେନା, ପ୍ରଶିକ୍ଷକ ଭାବେ ମାଧାଧର ସାହୁ, ବିଶ୍ୱନାଥ ଦାସ, ଆନନ୍ଦ ଚନ୍ଦ୍ର ଦାସ, ଅଶୋକ କୁମାର ପଣ୍ଡା, ବିଦ୍ୟାଧର ମହାନ୍ତି, ଦେବାନନ୍ଦ ବିଶ୍ୱାଳ, ମନ୍ମଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଭୋଟର ମାନଙ୍କୁ ତାଲିକାଭୁକ୍ତ କରିବା, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ୍‌ଦେବା, ବୁଥ୍ ବାହାରେ ଓ ବିଦେଶରେ ରହୁଥିବା ଭୋଟରମାନଙ୍କ ସମ୍ପର୍କରେ ତଥ୍ୟ ନେଇ ନିର୍ବାଚନ ବିଭାଗକୁ ଅବଗତ କରାଇବା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିରରେ ବ୍ଲକର ସମସ୍ତ ବିଏଲଓମାନେ ଅଂଶଗ୍ରହଣ କରିଥିଲେ।

# ବର୍ଷା ଯୋଗୁ ଦୁଇ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଠାରୁ ନଇଗାଁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଜଗଦଳା ପୋଲ ଉପରେ ୪ ଫୁଟ୍ ଉଚ୍ଚର ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ଶନିବାର ଦିନ ଠାରୁ ଲଗାତାର ବର୍ଷା ଲାଗି ରହିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜଗଦଳା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଦୁଇଟି ପଞ୍ଚାୟତ କଣ୍ଡରାପଶି ଏବଂ ପର୍ଜନପୁର ମୁଖ୍ୟାଳୟକୁ ଯୋଡୁଥିବା ରାସ୍ତାରେ ଯୋଗାଯୋଗ ଏକଦମ୍ ଠପ୍ ହୋଇପଡ଼ିଛି। ରବିବାର ଅପରାହ୍ନ ୨ଟା ସୁଦ୍ଧା ଜଳସ୍ତର କମିନଥିବାରୁ ଉଭୟପଟୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଗତକାଲି ସନ୍ଧ୍ୟାରେ



ସତୀକୁଦର-କଣ୍ଡରାପଶି ରାସ୍ତାର ଜଗଦଳା ପୋଲ, ଦେଉଳଡିହା-ସତୀକୁଦର ରାସ୍ତା, ପାଟୁଙ୍ଗ-ପର୍ଜନପୁର ରାସ୍ତା ଉପରେ ୩ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହୋଇ ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଦେଉଳଡିହା ନିକଟରେ ଏକ ବାଇକ୍ ପାଣିରେ ଭାସିଯାଇଥିବା ବେଳେ ଦୁଇଜଣ ଯୁବକ ଅଳ୍ପକେ ରକ୍ଷା ପାଇଯାଇଥିବା ଖବର ମିଳିଛି। ତେବେ କଣ୍ଡରାପଶି ଠାରୁ ନଇଗାଁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବର୍ଷାଯୋଗୁଁ ଶୋଚନୀୟ ହୋଇପଡ଼ିଛି। ବଢ଼ିପାଣି ଯୋଗୁଁ ରାସ୍ତା ଧୋଇ ହୋଇଯାଇଥିବାରୁ ଜଗଦଳା ପୋଲ ନିକଟରେ ବିରାଟ ଗର୍ତ୍ତ ସୃଷ୍ଟିହୋଇ ଯାତାୟତ ଅନୁପଯୋଗୀ ହୋଇପଡିଛି। ତେବେ ପୂର୍ବ ସରକାର ଅମଳରେ ଏଠାରେ ଆରମ୍ଭ କରାଯାଇଥିବା ପୋଲର ନିର୍ମାଣ କାର୍ଯ୍ୟ ଏକବର୍ଷ ହେଲା ବନ୍ଦ ପଡିଥିବା ବେଳେ ଏହା ବର୍ତ୍ତମାନର ନୂଆ ସରକାର ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ଦାବି କରାଯାଉଛି।

# ମା ଓ ଶିଶୁକନ୍ୟା ପାଣିରେ ବୁଡି ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡାଗୁଡା ଗାଁ'ରେ ପାଣିରେ ବୁଡି ମାଆ ଓ ୫ ମାସର ଶିଶୁ କନ୍ୟା ମୃତ୍ୟୁ ବରଣ କରିଛନ୍ତି। ସୂଚନା ଅନୁଯାୟୀ ସୋମବାର ସକାଳୁ ଧଉଡାଗୁଡା ଗ୍ରାମର ଗୁରୁନାଥ ବାଗରିଙ୍କ ସ୍ତ୍ରୀ ହିରା ନିଜ ୫ ମାସର ଶିଶୁ କନ୍ୟା ପିଙ୍କିକୁ ନେଇ ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। ସକାଳେ ଯାଇ ଆଉ ଘରକୁ ଫେରି ନଥିଲେ ଉଭୟ ମା ଓ ଝିଅ। ତେବେ ଦୀର୍ଘ ସମୟ ଧରି ନଫେରିବାରୁ ଘର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିବା ବେଳେ ସନ୍ଧ୍ୟା ସମୟରେ ଉଭୟଙ୍କ ମୃତ ଦେହ ପୋଖରୀରୁ ଭାସୁଥିବା ଦେଖିଥିଲେ ଗାଁ ଲୋକେ। ତୁରନ୍ତ ଏନେଇ ମାଥିଲି ଅଗ୍ନିଶମ ଓ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି କରିଛି।

# ବୋଲେରୋ ଦୁର୍ଘଟଣାରେ ଜିଲ୍ଲାପରିଷଦଙ୍କ ସ୍ୱାମୀ ଆହତ

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ଦେବୀ କଦଳ ଦ୍ୱିପାଞ୍ଚଳ ଏରଞ୍ଚ ପଞ୍ଚାୟତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟରେ ବୋଲର ଧକ୍କା ଦେଇଛି। ଏହି ଗାଡ଼ିଟିକୁ କଣ୍ଟାପଡ଼ା ବ୍ଲକ ୯ ନମ୍ବର ଜୋନର ଜିଲ୍ଲାପରିଷଦ କ୍ରିଷ୍ଣା ରାଣୀ ବେହେରାଙ୍କ ସ୍ୱାମୀ ପ୍ରକାଶ ବେହେରା ଚଳାଉଥିବା ନେଇ ସୂଚନା ମିଳିଛି। ଗାଡିଟି ବିଦ୍ୟୁତ ଖୁଣ୍ଟରେ ପିଟି ହେବା ଫଳରେ ଆହତ ହୋଇଛନ୍ତି ପ୍ରକାଶ। ତାଙ୍କୁ ଚିକିତ୍ସା ନିମନ୍ତେ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏରଞ୍ଚରୁ ନିଜ ଘର ମାଗୁରାକୁଦ ଫେରୁଥିବା ସମୟରେ ଆଜି ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିବା ନେଇ ସୂଚନା ମିଳିଛି। ଗାଡ଼ିର ବେଗ ଅଧିକ ଥିବାରୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ବୋଲର ଉପରେ ପଡାଥିବା ନେଇ ସୂଚନା ମିଳିଛି।

# ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ବ୍ଲକ କତାମେଟା ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ୩୨୬ ନମ୍ବର ଜାତୀୟ ରାଜପଥର ରାସ୍ତା କଡରେ ଏକ ବାଇକ ଯାଉଥିବା ବେଳେ ଏକ ଟମାଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ରେ ଓଲଟି ବାଇକ ଉପରେ ପଡିଥିଲା। ବାଇକରେ ଆସୁଥିବା ସ୍ୱାମୀ, ସ୍ତ୍ରୀ ଦୁଇଜଣ ଟ୍ରକ ତଳେ ଚାପି ହୋଇଯାଇ ଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ମାଥିଲି ଡାକ୍ତରଖାନା କୁ ସ୍ଥାନାନ୍ତର କରା ଜାଇଥିବା ବେଳେ ଡାକ୍ତର ବାଇକ ଆରୋହିଙ୍କୁ ମୃତ ଘୋଷଣା କରିଥିଲେ, ସ୍ତ୍ରୀ ଗୁରୁତର ଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡ଼ିଛି। ମୃତକ ଜଣକ କୃଷ୍ଣ ପୂଜାରୀ ମାଥିଲି ବ୍ଲକ ଧଉଡ଼ାଗୁଡା ଗ୍ରାମର ହୋଇଥିବା ବେଳେ ସେ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡିଛି। ଘଟଣା ସ୍ଥଳରେ ମାଲକାନଗିରି ପୋଲିସ ଖବର ପାଇ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ରାଷ୍ଟ୍ରୀୟ ଧର୍ମ ସୁରକ୍ଷା ମଞ୍ଚ ତରଫରୁ ପଦଯାତ୍ରା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ରାଷ୍ଟ୍ରୀୟ ହିନ୍ଦୁ ମଞ୍ଚ ଶାନ୍ତି ପ୍ରତିଷ୍ଠା ଏବଂ ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ହିନ୍ଦୁ



ମଞ୍ଚ ତରଫରୁ ସୋମବାର ମାଲକାନଗିରି ବସଷ୍ଟାଣ୍ଡ ଠାରୁ ଏକ ପଦଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପଦଯାତ୍ରାରେ ମାଲକାନଗିରି ଜିଲ୍ଲାର କୋଣ ଅନୁକୋଣା ରୁ ହଜାର ହଜାର ଭିନ୍ନ ଭିନ୍ନ ସମ୍ପ୍ରଦାୟର ସନତନି ଧର୍ମର ପୁରୁଷ, ମହିଳା, ଯୁବକଯୁବତୀମାନେ ଏକତ୍ରିତ ହେଇଥିବାର ଦେଖିବାକୁ ମିଳିଛି। ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାଲକାନଗିରି ଜିଲ୍ଲାରେ ସାମ୍ପ୍ରଦାୟିକ ସଦଭାବନାକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ ଧର୍ମର ଲୋକଙ୍କ ମଧ୍ୟରେ ଭାଇଚାରାର ଭାବନାକୁ ସୁଦୃଢ଼ କରିବା ସହ ଗୋ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଦାବି କରାଯାଇଛି।

# ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଅଳସିଗୁଡା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ପାତ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର (୨୦୨୪-୨୫) ଦେଇ ସମ୍ମାନିତ କରାଯିବା ସହ ମାନପତ୍ର ଏବଂ ଦଶ ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରାଯାଇଛି। ଚାଲାଣଗୁଡା ନିକଟସ୍ଥ ନର୍ଶରିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରୁ ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଡିଏନ, ଚାଲାଣଗୁଡା ସରପଞ୍ଚ ଅରକ୍ଷିତ ନାୟକ, ଏସଇଏଫ ମୁନସୁନ ଖେମୁଣ୍ଡୁ,ପିଡି ରାଜକିଶୋର ସବର ପ୍ରମୂଖ ଯୋଗ ଦେଇଥିଲେ। କାଲିମେଳା ବ୍ଲକର ବିଦ୍ୟାଳୟ ପରିସରରେ ବିଭିନ୍ନ ଗଛ ଲଗାଇ ସ୍ଥାନୀୟ ଅଂଚଳରେ ଉତ୍ତମ ପରିବେଶ ସୃଷ୍ଟି କରିବାରୁ ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଦେଇ ଉତ୍ସାହିତ କରାଯାଇଥିଲା। ତେବେ କାଲିମେଳା ବ୍ଲକର କେବଳ ଜଣେ ଶିକ୍ଷକ ପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ମାସିକ ଦରମା ଦାବିରେ ସହସମ୍ପାଦକଙ୍କ ଧାରଣା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା କୃଷି ସେବା ସମବାୟ ସମିତି ଲିଃର ସହକାରୀ ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ଗତ ଜାନୁୟାରୀ ଠାରୁ ବକେୟା ମାସିକ ଦରମା ପ୍ରଦାନ ଦାବିରେ ସମିତି ସମ୍ମୁଖରେ ସୋମବାର ସପରିବାର ଧାରଣା ଦେଇଛନ୍ତି। ଏଥିପାଇଁ ସମିତି ସଭାପତି ଓ କାର୍ଯ୍ୟରତ ସମ୍ପାଦକଙ୍କୁ ଦାୟୀ କରି ଗତ ଜୁନ ୨୯ ତାରିଖରେ ଦରମା ନମିଳେ ଧାରଣା ଦେବେ ବୋଲି ଭଦ୍ରକ ସମବାୟ ସମିତି ସହକାରୀ ନିବନ୍ଧକଙ୍କୁ ଦାସଙ୍କ ସମେତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ସମବାୟ ମନ୍ତ୍ରୀଙ୍କୁ ଜଣାଇଥିଲେ। ଗତ ମଇ ୧୩ ତାରିଖରେ ଉପନିବନ୍ଧଙ୍କୁ ସାକ୍ଷାତ କରି ବ୍ୟକ୍ତିଗତ ଭାବେ ସମସ୍ତ ବିଷୟ ଜଣାଇବା ସହ ଓକିଲ ନୋଟିସ କରିଥିଲେ। ଗତ ଜୁନ ୧୧ ତାରିଖରେ ଉପନିବନ୍ଧକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୬ ଅନୁଯାୟୀ ସମ୍ପୃକ୍ତ ସମିତି ସଭାପତିଙ୍କୁ ଆଇନଗତ ଜଟିଳତା ଏଡାଇବା ନିମନ୍ତେ ସହସମ୍ପାଦକ





ଦାସଙ୍କୁ ଦରମା ପ୍ରଦାନ ପାଇଁ କହିଥିଲେ। ପୁନଶ୍ଚ ଉପନିବନ୍ଧକ ଚଳିତ ମାସ ୨ ତାରିଖରେ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୩୨୦ ଅନୁଯାୟୀ ପୂର୍ବ ଅନୁରୋଧ କାର୍ଯ୍ୟକାରୀ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ୩ ଦିନ ମଧ୍ୟରେ ଦରମା ପ୍ରଦାନ ପାଇଁ ସଭାପତିଙ୍କୁ ଅନୁରୋଧ କରିଥିଲେ। ତାହା ପାଳନ କରାଯାଇନଥିବାରୁ ଆର୍ଥିକ ତାଡନାରେ ଦାସ ସୋମବାର ଦିନ ୧୦ଟା ଠାରୁ ସପରିବାରେ ଧାରଣାରେ ବସିରହିଛନ୍ତି। ଅନ୍ୟପକ୍ଷରେ ସମିତିର ୨୦୨୩-୨୪ ଓ ୨୦୨୪-୨୫ ଆର୍ଥୀକ ବର୍ଷର ବଜେଟ ପ୍ରସ୍ତୁତ କରାଯାଇନଥିବା, ସହସମ୍ପାଦକ ନୂତନ ସମ୍ପାଦକ ଅଜୟ କୁମାର ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନଥିବା ଓ ନିୟମିତ ସମିତିକୁ ଆସୁନଥିବା ଆଦି କାରଣ ପାଇଁ ଦରମା ପ୍ରଦାନ କରାଯାଇନାହିଁ ବୋଲି ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଦେଶୀ ମଦ ଜବତ, ୩ ଗିରଫ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ବେତନଟୀ ଅବକାରୀ ବିଭାଗ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ ଲିଟର ଦେଶୀ ଜବତ କରିଛି। ଏହା ସହିତ ୩ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅନ୍ତର୍ଗତ ଆମ୍ବଯୋଡା ଗ୍ରାମର ନିର୍ମଳ ଦେହୁରୀ, ପୁରିନ୍ଦା ଗ୍ରାମର ବସନ୍ତ ବାରିକ ଓ ବୈଶିଙ୍ଗା ଥାନା ଅଧୀନ ବିରଳା ଗ୍ରାମର ମିନା ଦେହୁରୀ। ଘଟଣାରୁ ପ୍ରକାଶ ବେଆଇନ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଟିମ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ସେବାକାର୍ଯ୍ୟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ଶ୍ରୀ ସିଦ୍ଧ ବଳଦେବଜିଉଙ୍କ ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁମାନଙ୍କୁ ଅନ୍ନପ୍ରସାଦ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ରଥ ଦାଣ୍ଡରେ ହଜାରହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେବାକାର୍ଯ୍ୟର ନେତୃତ୍ୱ ନେଇଥିଲେ ସଙ୍ଘ ସଭାପତି ଶରତ କୁମାର ବେହୁରା ଓ ଯୁବ ସଂଗଠକ ସୁଧାଂଶୁ କୁମାର ବେଉରା। ଅନନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଚନ୍ଦନ ପରିଡା, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଢିଆରୀ, ଉପସଭାପତି ଭାଗିରଥି ଜେନା, ଉପସଭାପତି ଡ଼. ଚୈତନ୍ୟ ଚରଣ ପରିଡା, ଉପଦେଷ୍ଟା ନରୋତ୍ତମ ପରିଡା, ଗଙ୍ଗାଧର ପରିଡା, ଧନେଶ୍ୱର ରାଉତ, ରଶ୍ମିରଞ୍ଜନ ରାଉତ, ତରୁଣ ରଞ୍ଜନ ପ୍ରଧାନ, ସଂଗଠନ ସମ୍ପାଦକ ଦିଲ୍ଲିପ କୁମାର ରାଉତ, ମାର୍ଶାଘାଇ ସଭାପତି ରଞ୍ଜନ କୁମାର ନାୟକ, ଆଳି ସଭାପତି ସୁକାନ୍ତ କୁମାର ରାଉତ, କେନ୍ଦ୍ରାପଡ଼ା ସଭାପତି ପୀତବାସ ବେହେରା, କୋଷାଧ୍ୟକ୍ଷ ସୁଶିଲ କୁମାର ସାମଲ, ଦିଲ୍ଲିପ ଜେନା, ମଳୟ ରାଉତ, ରାଜକିଶୋର ମହାନ୍ତି, ଉମାକାନ୍ତ ବଳ, ଗୋଲେଖ ଚନ୍ଦ୍ର ପରିଡା, ରଞ୍ଜନ ନାୟକ, ଚିତ୍ତରଞ୍ଜନ ବଳ, ମାନସ ରାଉତରାୟ, ଚନ୍ଦ୍ରଶେଖର ଜେନା, ବୀରେନ କୁମାର ଦାସ, ପ୍ରଭାତ ସ୍ୱାଇଁ, ବିଶ୍ୱଜିତ ରାୟ, ପ୍ରେମାନନ୍ଦ ସ୍ୱାଇଁ, ଦେବବ୍ରତ ସ୍ୱାଇଁ, ରଘୁନାଥ ସାହୁ, ମଧୁସୂଦନ ମହାନ୍ତି, ଅମ୍ଳାନ ନାୟକ, କ୍ଷୀରୋଦ ଚନ୍ଦ୍ର ମେକାପ, ନିରଞ୍ଜନ ପରିଡା, ପରେଶ ଦାସ, ଅବନୀ ସ୍ୱାଇଁ, ପାର୍ଥସାରଥୀ ସାହୁ, ନିର୍ମଳ ଜେନା, ଗୌରାଙ୍ଗ ପ୍ରଧାନ, ତ୍ରିଲୋଚନ ରାଉତ, ରାଜକିଶୋର ରାଉତରାୟ, ରୁଦ୍ରର ବଳ, ନିରଞ୍ଜନ ସୁନ୍ଦରରାୟ, ହୃଷିକେଶ ବେହେରା, ଜଗନ୍ନାଥ ଧଳ, ପ୍ରଭାକର ସ୍ୱାଇଁ, ଅମୂଲ୍ୟ ସାହାଣୀ, ରାଜକିଶୋର ସାହୁ, ବିଜୟ କୁମାର ସ୍ୱାଇଁ, ଆଇନଜୀବୀ ତମସା ପାତ୍ର, ମଧୁସ୍ମିତା ନାୟକ, ମଞ୍ଜୁଲତା ସାମଲ, ସରୋଜିନୀ ମହାନ୍ତି, କଲ୍ୟାଣୀ ଜେନା, କଳ୍ପନା ଲେଙ୍କା, ଆଦ୍ୟାଶା ପରିଡ଼ା, ମନୀଷା ପରିଡ଼ା, ଚିତ୍ରରେଖା ଖୁଣ୍ଟିଆ ପ୍ରମୁଖ ଏହି ପବିତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ସୁନାଇଲୋ ଗ୍ରାମର ଜଣେ ଯୁବକ ନିଜ ଘରେ ଆତ୍ମହତ୍ୟା କରିଥିବା ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଏହି ଗ୍ରାମର ଯୁବକ ଅଶୋକ କୁମାର ସାହୁ କୌଣସି କାରଣରୁ ମାନସିକ ସ୍ତରରେ ଆଘାତ ପାଇ ନିଜ ଘରେ ଆତ୍ମହତ୍ୟା କରିଥିବାର ଜଣାଯାଇଛି। ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତି କରି ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଶୁଭମ ଇଏନ୍‌ଟି ଅଟୋ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା 'ଅଶୋକ ଲେଲ୍ୟାଣ୍ଡ'ର ଉଦ୍‌ଘାଟନ





ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ସହର ଉପକଣ୍ଠସ୍ଥ ଭୀମପୁରା ନିକଟରେ ଅଶୋକ ଲିଲ୍ୟାଣ୍ଡ ର ଶୁଭମ ଇଏନଟି ଅଟୋ ପ୍ରାଇଭେଟ ଲିମିଟେଡ଼ ତରଫରୁ ଉତ୍ତର ଓଡ଼ିଶାରେ ପ୍ରଥମ ଥର ପାଇଁ ବଜାର ପ୍ରବେଶ କରିଛି। ଶୁଭମ ଇ.ଏନ୍. ଟି ପ୍ରାଇଭେଟ୍ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ଅନୁପ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜନେସ୍ ହେଡ୍ ବିପ୍ଳବ ସାହା ଯୋଗ ଦେଇ ଗ୍ରାହକ ମାନେ ସ୍ୱଳ୍ପ ଦାମରେ ଅତିରିକ୍ତ ସୁବିଧା ପାଇ ଲାଭାନ୍ୱିତ ହୋଇପାରିଲେ ଏ ବ୍ୟୟ ବହୁଳ ସମାଜରେ ନିଜକୁ ରାଜା ଭଳି ଅଧିଷ୍ଠିତ କରିପାରିବେ ଏବଂ ଜଣେ ଗ୍ରାହକ କିମ୍ବା କୃଷକ ରାଜା ହେଲେ ଦେଶ ସମୃଦ୍ଧ ହେବା ସୁନିଶ୍ଚିତ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ବାଲେଶ୍ୱରର ଆର ଟି ଓ ରଶ୍ମି ରଞ୍ଜନ ଦଳବେହେରା, ସମ୍ମାନିତ ଅତିଥି ଷ୍ଟେଟ ହେଡ୍ ଯତୀନ ଝପିଆଲ, ଜୋନାଲ ହେଡ୍ ଅତୁଳ କ୍ଷୀର ସାଗର, ଜେନେରାଲ ମ୍ୟାନେଜର ସିଲାଦିତ୍ୟ ଘୋଷାଲ ଯୋଗ ଦେଇ ବାଣିଜ୍ୟିକ ଯାନବାହାନ ଗ୍ରାହକ ମାନଙ୍କ ସୁବିଧା ନିମନ୍ତେ ଏହା ଏକ ଉତ୍କୃଷ୍ଟ ସେବା ଯୋଗାଇବାରେ ମୁଖ୍ୟ ଉତ୍ସ ହେବ ବୋଲି ମତ ପୋଷଣ କରିଥିଲେ। ଏହା ଉତ୍ତର ଓଡ଼ିଶାର ପ୍ରମୁଖ ସହର ବାଲେଶ୍ୱର ସହ ଅନ୍ୟ ଶାଖା ଯେପରିକି ବାରିପଦାର ମଞ୍ଚା ବନ୍ଧା ଓ ଭଦ୍ରକର ଚରମ୍ପା ପଣ୍ଡା ଗଡ଼ିଆ ଠାରେ ମଧ୍ୟ ଏହାର ଶାଖା ଖୋଲା ଯାଉଛି। ପରିଚାଳନା ନିର୍ଦ୍ଦେଶକ ସଦା ସର୍ବଦା ଗ୍ରାହକ ମାନଙ୍କର ହିତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ବାଲେଶ୍ୱରରେ ହୋଇଥିବା ଏହି ସୋରୁମରେ ଗ୍ରାହକ ମାନେ ବ୍ୟବସାୟ ନିମନ୍ତେ ଦୋସ୍ତ,ସାଥି, ପାର୍ଟନର, ମିତ୍ର ବସ ଆଦି କ୍ରୟ କରିପାରିବେ ବୋଲି ସୂଚନା ଦେଇଥିଲେ। ଏହା ସହ ପ୍ରଥମ ଏଗାର ଜଣ ନୂତନ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର ସହ ଗାଡି ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୋରୁମର କର୍ମଚାରୀ ସପନ ପାଇକରାୟ, ଶରତ ଚନ୍ଦ୍ର ବେହେରା, ହିତେଶ ଓ୍ୱାଗଲେ, ତପନ ସାହୁ , ନୀଳମାଧବ ଘୋସାଲ, ରବୀନ୍ଦ୍ର ଗିରି, ସୁଧାଂଶୁ ମିଶ୍ର, ଦେବାଶିଷ ପ୍ରାମାଣିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ସମସ୍ୟା ଘେରରେ ଜମରା ସରକାରୀ ଉଚ୍ଚ ବିଦ୍ୟାଳୟ

# ବିପଦ ସଙ୍କୁଳ ଗୃହରେ ଚାଲିଛି ଶିକ୍ଷାଦାନ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସରକାର ବିଦ୍ୟାଳୟର ଭିତି ଭୂମି ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ବିଦ୍ୟାଳୟର ଶିକ୍ଷକ ଅଭାବ ଜନିତ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରୁନଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ନଗ୍ନ ନମୂନା ନିଶ୍ଚିନ୍ତକୋଇଲି ବ୍ଲକ ଜମରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ବିପଦ ସଙ୍କୁଳ ଗୃହରେ ଶିକ୍ଷାଦାନ କରାଯିବା ସହ ଶିକ୍ଷକ ଅଭାବ ଜନିତ କାରଣରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। ଜମରା ସରକାରୀ ଉଚ୍ଚ ବିଦ୍ୟାଳୟ ଗତ ୧୯୫୦ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଛି। ଏହି ଶ୍ରେଣୀରେ ୧୪୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତ ବର୍ଷ ସରକାରଙ୍କ ତରଫରୁ ଏହି ବିଦ୍ୟାଳୟରେ ବାଲ ବାଟିକା ଶ୍ରେଣୀ ନୂତନ ଭାବେ ଖୋଲାଯାଇଛି। ତେବେ ବାଲ ବାଟିକାକୁ ମିଶାଇଲେ ବିଦ୍ୟାଳୟରେ ୧୧ଟି ଶ୍ରେଣୀ ରହିଛି। ଏହି ୧୧ଟି ଶ୍ରେଣୀ ନିମନ୍ତେ ଅତିକମରେ ୧୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବା କଥା। ଏହି ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତ୍ର ୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ସରକାର ରାଷ୍ଟ୍ରଭାଷା ହିନ୍ଦୀ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଦୀର୍ଘ ବର୍ଷ ହେଲା ଏହି ବିଦ୍ୟାଳୟରେ କୌଣସି ହିନ୍ଦୀ ଶିକ୍ଷକ ନାହାନ୍ତି। ଯାହାଦ୍ୱାରା ଛାତ୍ର ଛାତ୍ରୀମାନେ ରାଷ୍ଟ୍ରଭାଷା ହିନ୍ଦୀ ଶିକ୍ଷାଲାଭରୁ ବଂଚିତ ହେଉଥିବାର ଅଭିଭାବକ ମହଲରେ ଅଭିଯୋଗ



ହୋଇଛି। ସେହିପରି ଭାବେ ଏହି ବିଦ୍ୟାଳୟର ୨ ବର୍ଷ ହେଲା କୌଣସି ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବାର ଅଭିଯୋଗ ହୋଇଛି। ଫଳରେ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନଥିବା କାରଣରୁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ଶିକ୍ଷାଲାଭ କରିନପାରି ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଭାବେ ଏହି ବିଦ୍ୟାଳୟରେ କୌଣସି କିରାଣୀ ନାହାନ୍ତି। କିରାଣୀ ପଦବୀ ଖାଲି ପଡିଥିବା କାରଣରୁ ବିଦ୍ୟାଳୟର ସରକାରୀ କାଗଜପତ୍ର ପ୍ରସ୍ତୁତି, ଛାତ୍ରଛାତ୍ରୀଙ୍କ ନାମଲେଖା ସମେତ ବିଭିନ୍ନ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟରେ ମଧ୍ୟ ପିଅନ ନାହାନ୍ତି। ଅପରପକ୍ଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଆବଶ୍ୟକୀୟ ଶ୍ରେଣୀ ଗୃହ ନାହିଁ। ଫଳରେ ବିପଦ ସଙ୍କୁଳ ଗୃହରେ ଶିକ୍ଷାଦାନ କରାଯାଉଛି। ଏହି ବିପଦ ସଙ୍କୁଳ ଗୃହ କେତେବେଳେ କୋମଳମତୀ ଛାତ୍ର ଛାତ୍ରୀଙ୍କ ଜୀବନ ଦୀପକୁ ଲିଭାଇ ଦେବ ତାହା କହିହେଉନାହିଁ। ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବା କାରଣରୁ ଗୋଟିଏ ଗୋଟିଏ ଗୃହରେ ଦୁଇ ତିନଟି ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷା ପ୍ରଦାନ କରୁଥିବାର ଜଣାଯାଇଛି। ସେହିପରି ଭାବେ ଏହି ବିଦ୍ୟାଳୟ ପରିସରରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ରହିଛି। ବିଦ୍ୟାଳୟ ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ଏମସିଏଲ (ବାତ୍ୟା ଆଶ୍ରୟସ୍ଥଳୀ) ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ଗୃହ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିମନ୍ତେ ବିପଦର କାରଣ ପାଲଟିଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ନିମନ୍ତେ କୌଣସି ଘର ନଥିବା କାରଣରୁ ବିପଦ ସଙ୍କୁଳ ଗୃହରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟର ଛାତ୍ର ଛାତ୍ରୀ ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିମନ୍ତେ କୌଣସି ପରିସ୍ରାଗାର କିମ୍ବା ଶୌଚାଳୟ ନଥିବା କାରଣରୁ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବିଦ୍ୟାଳୟ ନାନା ସମସ୍ୟା ଘେରରେ ରହିଥିଲେ ମଧ୍ୟ ଏହାର ସମାଧାନ କରାଯିବା ଦିଗରେ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନଥିବାର ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ନେଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ବିଦ୍ୟାଳୟରେ ପଢାଇବା ନିମନ୍ତେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଦିନକୁ ଦିନ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର କର୍ମଚାରୀ ପଦବୀ ପୁରଣ କରାଯିବା ନିମନ୍ତେ ଛାତ୍ରାଭିଭାବକ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଛାତ୍ର ଛାତ୍ରୀମାନେ ବାଧ୍ୟ ହୋଇ ଆନ୍ଦୋଳାନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପରେ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

# ରାସ୍ତା ପାଲଟିଛି ମରଣଯନ୍ତା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ସରକାର ଗମନା ଗମନ ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁଁ ଅନେକ ଲୋକ ଗମନା ଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ବ୍ଲକ ପଲସାଗୋରା ପଞ୍ଚାୟତ ମଲ୍ଲିକପଦର ଗ୍ରାମରୁ। ପଲସାଗୋରା ଠାରୁ ମଲ୍ଲିକପଦର ଯାଇଥିବା ଗ୍ରାମ୍ୟ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଯାହାକି ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ କାଦୁଅରେ ଯିବାକୁ ବାଧ୍ୟ ହୁଅନ୍ତି



ଲୋକେ। ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଚାରଭାଟି, ଡେଙ୍ଗପଦର, କୁଣ୍ଡାମାଲ, ଝିକେରପାଲି, ରୁଗୁଡ଼ିପାଲି, କମଘାଟ ଆଦି ଆଖପାଖ ୮ ଖଣ୍ଡ ଗାଁର ଲୋକେ ଯିବା ଆସିବା କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ୮ ଖଣ୍ଡ ଗ୍ରାମର ଲୋକଙ୍କ ଯାତାୟାତ ପୁରା ଠପ୍ ହୋଇଯାଏ। ବର୍ଷା ହେଲେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ଅନେକ ସମୟରେ ଛାତ୍ରଛାତ୍ରୀ ରାସ୍ତାରେ ପଡ଼ି ଆହତ ହେବା ସହ କାଦୁଅରେ ବହିପତ୍ର ନଷ୍ଟ ହେବାର ଅଭିଯୋଗ ହୋଇଛି। ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜଣାଇ ଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର କୌଣସି ସମାଧାନ ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି।

# ୭ଦଫା ଦାବିରେ ୮ରେ ଆନ୍ଦୋଳନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବି ନେଇ ମଙ୍ଗଳବାର ଦିନ ରାଜ୍ୟ ବ୍ୟାପି ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି। ଯାହାକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ପକ୍ଷରୁ ସ୍ୱତନ୍ତ୍ର ବୈଠକ କରାଯାଇଛି। ଜନସାଧାରଣ ସହଯୋଗ କାମନା କରାଯିବା ସହିତ ସରକାର ଙ୍କୁ ଦାବି ପୂରଣ କରିବାକୁ ଅନୁରୋଧ ଜଣାଯାଇଛି। ଡ୍ରାଇଭର ସଂଘ ରଖିଥିବା ୭ଦଫା ଦାବୀ ମଧ୍ୟରେ ଓ୍ୱେଲ ଫେୟାର ବୋର୍ଡ ରେ ଅଟୋ ଡ୍ରାଇଭର ଙ୍କୁ ସାମିଲ କରିବା, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଆଇନି ଆଣିବା, ପ୍ରତ୍ୟେକ ଶହେ କିମିରେ ଡ୍ରାଇଭରଙ୍କ ପାଇଁ ପାର୍କିଂ, ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଇବା, ସେପଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବା, ଗାଡି କାଗଜ ଯାଞ୍ଚ ଦାୟିତ୍ୱ ପୁଲିସକୁ ଦିଆନଯିବା ଆଦି ରହିଛି। ଏହି ବୈଠକ ରେ ଅସ୍ତରଙ୍ଗ ବ୍ଲକ ଡ୍ରାଇଭର ମହାସଙ୍ଘ ସଭାପତି କୃପାସିନ୍ଧୁ ବସ୍ତିଆ, ଜିଲ୍ଲା କମିଟି ମେମ୍ବର ସତ୍ୟବ୍ରତ ଲେଙ୍କା, ଉପସଭାପତି ବସନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଶିରା-ଡିମିରିଡିହା ପ୍ରଧାନମନ୍ତ୍ରୀ ରାସ୍ତା ବନ୍ୟାରେ ଧୋଇ ଯାଇଛି । ଲଗାଣ ବର୍ଷାରେ ରାତ୍ର ସାଢେ ୮ଟା ପାଖାପାଖି ନିକଟରେଥିବା ଛିଟିଙ୍ଗା ନାଳ ଫୁଲି ଉଠିଥିଲା । ପାଖାପାଖି ୧୨ଫୁଟ ଉଚ୍ଚତାରେ ବନ୍ୟାଜଳ ରାସ୍ତା ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି । ଘଣ୍ଟାଘଣ୍ଟା ଧରି ପାଣି ରାସ୍ତା ଉପରେ ଚାଲିବା ଯୋଗୁଁ ବିରାଟ ଗଛ ଉପୁଡି ପଡିବା ସହ ପିଚୁ ରାସ୍ତା ଧୋଇ ଯାଇ ୧୨ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ପଦ୍ମପୁର ଅଞ୍ଚଳକୁ ଯାତାୟତ ଠପ୍ ହୋଇଛି । କଶିରା, କଶିରାପାଟଣା, ଅମୃତପଡା, ଜଗନ୍ନାଥପୁର ଆଦି ଗ୍ରାମର ହଜାର ହଜାର ଲୋକେ ଯାଆସ କରିନପାରି ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । କଲଣ୍ଡା, ପାଟୁଙ୍ଗ ପଳାସପଙ୍ଗା ଦେଇ ଲୋକେ ଜରୁରୀକାଳୀନ ବଜାର ସମେତ ମେଡିକାଲ ଓ ଅନ୍ୟାନ୍ୟ କାମରେ ଯାତାୟତ କରୁଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ କେଶବ ଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଲଛମନ ମାଝୀ, ଜଗେଶ୍ୱର ମହାନ୍ତ, ରଞ୍ଜନ ମହାନ୍ତ, ଦେବାଶିଷ ଦେଓ, ସମାଜସେବୀ ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ଅରୁଣ କୁମାର ମହାନ୍ତ ପ୍ରମୁଖ ଅଞ୍ଚଳବାସୀ ପ୍ରମୁଖ ଦାବି କରିଛନ୍ତି ।



## ବାରୋ ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତର ସରପଞ୍ଚ ଉଦ୍ଧବ ଚରଣ ନାୟକ (୬୭)ଙ୍କର ହୃଦଘାତରେ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ବାରୋ ପଞ୍ଚାୟତରେ ୨୦୧୨ ରୁ ୨୦୧୭ ମସିହା ପର୍ଯ୍ୟନ୍ତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପୁନର୍ବାର ୨୦୨୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇ ସରପଞ୍ଚ ଭାବେ କାର୍ଯ୍ୟରତ ଥିଲେ । ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଜେଡି ବରିଷ୍ଠ ନେତା ଡାକ୍ତର ସଂଜୟ ଦାସ, ହରେକୃଷ୍ଣ ଜେନା, କମଳାକାନ୍ତ ଲେଙ୍କା, ସୁଧାଂଶୁ ମହାଲିକିକ, କୀର୍ତ୍ତନ ରାଉତ, ବିଶ୍ୱରଂଜନ ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଧନଞ୍ଜୟ ନାୟକ, ଗାନ୍ଧିନଗର ସମିତି ସଭ୍ୟାଦକ ଅଚ୍ୟୁତ ମହାନ୍ତି ପ୍ରମୁଖ ଶବାଧରରେ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଅଶୋକ କୁମାର ଦାସ, ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଂଜୁଲତା ମଣ୍ଡଳ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ, ଶିକ୍ଷାବିତ୍ ଭଗବାନ ଚନ୍ଦ୍ର ନାୟକ, ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ଓ ରାଜନେତାମାନେ ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ଓଡ଼ିଶା ସରକାର 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଦ୍ୱାରା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବଦ୍ଧ ପରିକର । ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ବିଶେଷଜ୍ଞ ଡାକ୍ତର ଏଥିପାଇଁ ଆଜି ନବରଙ୍ଗପୁର ଜିଲ୍ଲା କୁ ଗସ୍ତ କରିଛନ୍ତି । ଏହି ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ବିଭିନ୍ନ ରୋଗ ସ୍ନାୟୁ, ପେଟ ଓ ଗ୍ୟାସ ଜନିତ ରୋଗ, ମୂତ୍ରାଶୟ ଜନିତ ରୋଗ, ହୃଦରୋଗ, କିଡନୀ ଜନିତ ରୋଗ ରେ ପୀଡ଼ିତ ବ୍ୟକ୍ତି ୯୩୮ ଜଣ ୬ ତାରିଖ ସୁଦ୍ଧା ନିଜର ନାମକୁ ବିଭିନ୍ନ ବ୍ଲକରେ ଅବସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଞ୍ଜୀକୃତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜରୁ ସ୍ନାୟୁ ବିଭାଗ ଡ ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡ ବିଶ୍ୱଜିତ ସାହୁ, କିଡନୀ ଜନିତ ବିଭାଗ ଡ ଲିପିକା ପାଣିଗ୍ରାହୀ, ହୃଦରୋଗ ବିଭାଗ ଡ ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ ଜନିତ ବିଭାଗ ଡ ରାକେଶ ମହାନ୍ତି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ରେ ଅନୁଷ୍ଠିତ ମୁଖ୍ୟ ମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮ ଓ ୯ ତାରିଖରେ ରୋଗୀମାନଙ୍କୁ ସୁପର ସ୍ପେସିଆଲିଷ୍ଟ ବରିଷ୍ଠ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି । ୧୦ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ । ସୋମବାର ମୋଟ ୨୬୩ ଜଣ ରୋଗୀ ନିଜର ନାମ ପଞ୍ଜିକୃତ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ଏହି ଶିବିରକୁ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କୁ ନିରୀକ୍ଷଣ ସହ ରୋଗୀମାନଙ୍କ ଯେଉଁଳି କୌଣସି ଅସୁବିଧା ନ ହୁଏ ତା ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କୁ କହିଥିଲେ । ଏହି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱ ରେ ଡି ପି ଏଚ ଓ ଡ ନବକିଶୋର ବେହେରା, ଡ ସୁକାନ୍ତ ଶତପଥୀ, ଡି ପି ଏମ, ଏନ୍ ଏଚ ଏମ ଶଙ୍କର ଆଚାର୍ଯ୍ୟ, ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।

## ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବାରେ ବିଳମ୍ବ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ମ୍ୟୁନିସିପାଲିଟିରେ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବାରେ ବିଳମ୍ବ ଯୋଗୁଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ପତ୍ର ଲେଖିଲେ ଜଳେଶ୍ୱର ନଗରପାଳ ପ୍ରତୀପ କୁମାର ପ୍ରଧାନ । ସୂଚନା ଅନୁସାରେ ଗତ ୨୦୨୪ ମସିହା ଡିସେମ୍ବର ୬ ତାରିଖ ରେ ଜଳେଶ୍ୱର ସହରାଞ୍ଚଳ ୱାର୍ଡ଼ ନମ୍ବର ୧୦ ଶାନ୍ତିଆ ସରକାରୀ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ନିମନ୍ତେ ଅନଲାଇନ୍ ସାର୍ଟିଫିକେଟ ପ୍ରଦାନ ସହିତ ନୂତନ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ଭିନ୍ନକ୍ଷମ ଚିହ୍ନଟ ଶିବିର ସରକାରଙ୍କ ତରଫରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ କରା ଯାଇଥିଲା । ଇତିମଧ୍ୟରେ ଦୀର୍ଘ ମାସ ଅତିକ୍ରାନ୍ତ ହୋଇ ଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଶିବିରରେ ଭାଗ ନେଇଥିବା କୌଣସି ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନଲାଇନ ସାର୍ଟିଫିକେଟ ପ୍ରଦାନ ନ କରିବା ହେତୁ ହିତାଧିକାରୀ ମାନେ ଅକଥନୀୟ ଦୁର୍ଦ୍ଦଶା ତଥା ସରକାରୀ ସହାୟତା ପାଇ ପାରୁ ନାହାନ୍ତି । ପ୍ରକାଶ ଥାଉ କି ଯେଉଁ ଦିବ୍ୟାଙ୍ଗ ପୂର୍ବରୁ ଭତ୍ତା ପାଇ ଆସୁଥିଲେ ସେମାନେ ବର୍ତ୍ତମାନ ସୁଦ୍ଧା ଅନଲାଇନ୍ ସାର୍ଟିଫିକେଟ ଦାଖଲ ନ କରି ପାରିବା ହେତୁ ଭତ୍ତା ପାଇବାରୁ ବଞ୍ଚିତ ହେବା ସହ ଜଳେଶ୍ୱର ପୌରପାଳିକା ଅଫିସକୁ ଆସି ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କୁ ଅବଗତ କରାଇଥିଲେ । ଇତି ମଧ୍ୟରେ ଅନଲାଇନ ସାର୍ଟିଫିକେଟ ଉପଲବ୍ଧ ନ ହେଇଥିବା ହେତୁ କିଛି ହିତଧିକାରୀ ମାନଙ୍କ ନାମ ଭତ୍ତା ତାଲିକାରୁ ଅନ୍ତର ହୋଇ ସାରିଲାଣି । ଉକ୍ତ ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧି କରି ଜଳେଶ୍ୱର ନଗରପାଳ ପ୍ରଧାନ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ତୁରନ୍ତ ଅନଲାଇନ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଅନୁରୋଧ କରିବା ସହ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ଉକ୍ତ ସମସ୍ୟାର ଆଶୁ ସମାଧାନ ନିମନ୍ତେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି ।

## କାନ୍ଥ ଭୁଶୁଡି ବୃଦ୍ଧାଙ୍କ ମୃତ୍ୟୁ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ରାମଜୀପୁଟ ଗାଁ ରେ କାନ୍ଥ ଭୁଷୁଡି ପଡିବାରୁ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଛି । ସୁଚନା ଅନୁଯାଇ ଗାଁ ରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ନିଜ ଜମିରେ ଘର କରି ପରିବାର ସହିତ ରହି ଆସୁଥିଲେ । କିଛି ଦିନ ହେଉଛି ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ତିନ୍ତି ଯାଇ ଥିଲା । ଘରର କାମ କରିବା ପାଇଁ ବୃଦ୍ଧା ରୁକ ମେଲେକା କାନ୍ଥ ପାଖରେ ରହି ଥିଲେ ଓ କିଛି ଦୂରରେ ସାନ ପୁଅ ମଧ୍ୟ ରହିଥିବା ବେଳେ ବେଳେ କାନ୍ଥ ଟି ଭୁଷୁଡି ପଡ଼ି ବୃଦ୍ଧା ଜଣକ ଚାପି ହୋଇ ରହି ଥିଲେ । ପାଖରେ ଥିବା ସାନ ପୁଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ । ଆଖପାଖରେ ଥିବା ଲୋକ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିବା ସହିତ ଏକ ଅଟ ଗାଡ଼ିରେ ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣୁଥିଲେ । ମେଡିକାଲରେ ପହଞ୍ଚିବା ଆଗରୁ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିଲା ।

## ବୈତରଣୀରେ ନାହିଁ ବନ୍ୟା ଆଶଙ୍କା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଉପରମୁଣ୍ଡରେ କ୍ରମାଗତ ଲଗାଣ ବର୍ଷା । ଫଳରେ ବୈତରଣୀ ନଦୀ ଉଛୁଳିଛି । ସନ୍ଧ୍ୟା ୬ଟା ସୁଦ୍ଧା ନଦୀର ଜଳସ୍ତର ଆଖୁଆପଦା ଠାରେ ୧୭.୮୨ମିଟର ରହିଛି । ସୋମବାର ସକାଳ ୬ଟାରେ ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚି ସ୍ଥିର ହେବା ପରେ ହ୍ରାସ ପାଇଥିଲା । ପୁନଶ୍ଚ ସନ୍ଧ୍ୟା ୫ଟାରେ ନଦୀର ଜଳସ୍ତର ୧୭.୮୦ ମିଟରରେ ପହଞ୍ଚି ସ୍ଥିର ହୋଇଥିଲା । ନଦୀର ଜଳସ୍ତର ଘଣ୍ଟାପ୍ରତି ୨ ମି.ମି. ବେଗରେ ବୃଦ୍ଧି ପାଉଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଆଖୁଆପଦାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୭୩ ମିଟର ରହିଥିବା ବେଳେ ବିପଦସଙ୍କେତ ସ୍ତର ୧୮.୩୩ ମିଟର ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୫୩.୦ ମି.ମି., ସ୍ୱାମୀ ପାଟଣାରେ ୧୬.୦ ମିମି, ଆନନ୍ଦ ପୁରରେ ୮.୦ମି.ମି. ଓ ଆଖୁଆପଦାରେ ୪.୬ ମି.ମି. ବର୍ଷା ରେକର୍ଡ କରାଯାଇଛି । ତେବେ ନଦୀର ଜଳସ୍ତର ବିପଦସଙ୍କେତ ସ୍ତର ଅତିକ୍ରମ କରିବ ନାହିଁ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ଆକଳନ କରିଛନ୍ତି ।

## ପାପଡାହାଣ୍ଡିରେ ଭାଲୁ ଆତଙ୍କ

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ): ପାପଡାହାଣ୍ଡି ନିକଟ ଦଲେଇଗୁଡ଼ା ଗ୍ରାମରେ ଏକ ଜଙ୍ଗଲୀ ଭାଲୁ ଅପରାହ୍ନ ସମୟରେ ଗ୍ରାମ ମଧ୍ୟରେ ବୁଲୁଥିବାରୁ ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଭାଲୁଟି ଦୀର୍ଘଦିନ ହେବ ଗ୍ରାମ ନିକଟରେ ବୁଲୁଛି କିନ୍ତୁ ବନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉ ନାହିଁ । ଭାଲୁଟି ଦଳାଇଗୁଡ଼ା ଗ୍ରାମରେ ବୁଲାବୁଲି କରି ବୁଢାରଜା ମନ୍ଦିର ରାସ୍ତାରେ ଯାଇ ପାପଡାହାଣ୍ଡି ମସଜିଦ ନିକଟରେ ବୁଲାବୁଲି କରି ଲୋକଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଉ ଥିଲା । ଲୋକେ ଘୋଉଡାଇ ବାରୁ ଭାଲୁଟି ନଦୀ ପୋଲୋ ଦେଇ ସୁନାଡ଼ଙ୍ଗାରି ପାଖ ଚିଙ୍ଗୁଡ଼ିସର ଜଙ୍ଗଲ ମଧ୍ୟରେ ପ୍ରବେଶ କରିଛି, ପାପଡାହାଣ୍ଡି ପୋଲିସ ଟିମ ଭାଲୁଟିର ପିଛା କରି ଲୋକଙ୍କୁ ଭାଲୁ ଠାରୁ ଦୁରେଇ ରହିବାକୁ ସୂଚନା ଦେଉଛି । ବର୍ତ୍ତମାନ ଅଂଚଳରେ ଚାଷ କାର୍ଯ୍ୟ ଚାଲୁଥିବାରୁ ଅଂଚଳର ଜନସାଧାରଣ ଏବଂ ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଭାଲୁଟି କେତେବେଳେ କେଉଁଠି ବାହାରୁଛି ଲୋକେ ଜାଣି ପାରୁନାହାନ୍ତି । କେତେବେଳେ ଲୋକଙ୍କ ଜୀବନ ଯାଇପାରେ ତେଣୁ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଭାଲୁକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି ।

# ବାଲିମେଳା ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ



ବାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ବସଷ୍ଟାଣ୍ଡ ଦୟନୀୟ ଅବସ୍ଥାରେ ରହିଛି । ବସଷ୍ଟାଣ୍ଡ ପରିସରରେ ଖାଲ ଖମା ଓ ବଡ ବଡ ଗର୍ତ୍ତ ଯୋଗୁ ବର୍ଷା ଜଳ ଜମି ସୃଷ୍ଟି ହୋଇଛି ବହୁ କୁତ୍ରିମ ଗାଡିଆ ।ରାସ୍ତା ଫାଟି ଆଁ କରିବା ସହ ବିଭିନ୍ନ ସ୍ଥାନରେ ରଡ଼ ଦେଖା ଗଲାଣି । ଗତ କିଛିଦିନ ହେବ ବାଲିମେଳା ସହରରେ ଲଗାଣ ବର୍ଷା ଜାରୀ ରହିବା ଯୋଗୁ ଏହି ବସଷ୍ଟାଣ୍ଡର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି । ବିଡମ୍ବନାର ବିଷୟ ବର୍ଷା ଜଳ ବସଷ୍ଟାଣ୍ଡ ପରିସରରୁ ଡ୍ରେନରେ ପ୍ରବାହିତ ହେବା ବଦଳରେ ବସଗୁଡିକ ରହୁଥିବା ପ୍ଲାଟଫର୍ମ ମାନଙ୍କରେ ଆଣ୍ଠୁଏ ଲେଖାଏଁ ଜମି ରହୁଛି । ଖାଲି ଏତିକିରେ ସରିନି ସମସ୍ୟା ଅଧିକ ବର୍ଷା ହେଲେ ବର୍ଷା ଜଳ ଯାତ୍ରୀ ବିଶ୍ରାମ ଗୃହରେ ପ୍ରବେଶ କରି ବହୁ ପରିମାଣର ପାଣି ଜମି ରହୁଥିବା ଦେଖିବାକୁ ମିଳିଛି ।ଯାହା ଫଳରେ ପ୍ରତିଦିନ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହଉଥିବା ନେଇ କିଛି ଯାତ୍ରୀ ଅଭିଯୋଗ କରିଛନ୍ତି । ସବୁ ଜାଣି ନୀରବ ସାଜିଛି ସ୍ଥାନୀୟ ପ୍ରଶାସନ ବୋଲି ସ୍ଥାନୀୟ ଲୋକେ ମତ ବ୍ୟକ୍ତ କରିଛନ୍ତି । ବାଲିମେଳା ବସଷ୍ଟାଣ୍ଡକୁ ପ୍ରତିଦିନ ପ୍ରାୟ ୫୦ ଉର୍ଦ୍ଧ ସରକାରୀ ଓ ବେସରକାରୀ ବସ ଆସି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟଗଡା, ବିଶାଖାପାଟଣା, ଛତିଶଗଡ, ଭଦ୍ରାଚଲମ, ଇନ୍ଦ୍ରାବତୀ, ଜୟପୁର ଭଳି ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ବାହାର ଜିଲ୍ଲାର ବିଭିନ୍ନ ଅଞ୍ଚଳଗୁଡିକୁ ଯାତାୟାତ କରିଥାଏ । ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳର ଶହ ଶହ ଯାତ୍ରୀ ଏହି ବସଷ୍ଟାଣ୍ଡ ଉପରେ ନିର୍ଭରଶୀଳ । ତେବେ ବସଷ୍ଟାଣ୍ଡ ପରିସରରେ ଏପରି ଖାଲଖମା ହୋଇ ବର୍ଷା ଜଳ ଜମୁଛି । ଯାହା ଦ୍ୱାରା ଲୋକେ ଚାଲିଯିବା ମଧ୍ୟ କଷ୍ଟକର ହୋଇପଡୁଛି । କେଉଁଠି କେଉଁଠି ତ ସିମେଣ୍ଟ କଂକ୍ରିଟ ରାସ୍ତାରୁ ଲୁହା ରଡ଼ ବାହାରକୁ ବାହାରି ଦେଖାଗଲାଣି । ଏହି ବାହାରକୁ ବାହାରିଥିବା ଲୁହା ରଡ଼ରେ ଝୁଣ୍ଟି ଏବଂ ଖାଲ ଖମାରେ ବହୁବାର ଛୋଟ ବଡ଼ ଦୁର୍ଘଟଣା ଘଟି କିଛି ଲୋକ ଆହତ ହୋଇଥିବା ମଧ୍ୟ ଖବର ରହିଚି । ଏଥିସହ ବସଷ୍ଟାଣ୍ଡ ବିଲଡିଂ ମଧ୍ୟ ଏପରି ନିର୍ମାଣ ହୋଇଛି ଯେ ବର୍ଷା ଜଳ ବସଷ୍ଟାଣ୍ଡ ପରିସରକୁ ଯାଇ ପାଣି ଜମି ରହୁଛି । ଯାତ୍ରୀ ଏଠାରେ ବିଶ୍ରାମ ନେବାପାଇଁ କଷ୍ଟକର ହୋଇପଡୁଛି । କେତେବେଳେ ଯେ ଭାଙ୍ଗି ଭୁଶୁଡି ଯିବ ତାହା କହି ହେବନାହିଁ । ତେଣୁ ତୁରନ୍ତ ଏହି ବସଷ୍ଟାଣ୍ଡର ପୁନଃରୁଦ୍ଧାର କରି ସମ୍ମୁଖରର ଥିବା ଖାଲଖମା ରାସ୍ତା ନିର୍ମାଣ କରିବାକୁ କାଉନସିଲର କୃଷ୍ଣ ବାଘଙ୍କ ସମେତ ବାଲିମେଳା ସହରବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, କଂକ୍ରିଟ ଭାଙ୍ଗି ରଡ଼ ଦେଖା ଯାଉଥିବା ଓ ଖାଲ ଖମା ସ୍ଥାନ ଗୁଡିକ ତୁରନ୍ତ ମରାମତି କରାଯିବ । ସେଥିପାଇଁ କନିଷ୍ଠ ଯନ୍ତ୍ରୀ କୁମୁଦୁନୀ ସେଠୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ନୂତନ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଡିପିଆର ପ୍ରସ୍ତୁତ କରି ଉଚ୍ଚ କର୍ତୃପକ୍ଷଙ୍କ ନିକଟକୁ ପଠା ଯାଇଛି ବୋଲି ନିର୍ବାହୀ ଅଧିକାରୀ ଦୋରା କହିଛନ୍ତି ।

## ମାଲକାନାଗିରି ବନ ବିଭାଗ ତରଫରୁ ବନ ମହୋତ୍ସବ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନାଗିରି ବନବିଭାଗ ତରଫରୁ ବନମହୋତ୍ସବ ୨୦୨୫ ଅବସରରେ ଚାଲାଣଗୁଡ଼ା ମିନି ଷ୍ଟାଡିୟମ ପାର୍ଶ୍ୱରେ ଥିବା କମୁଦିର ସବୁଜ ଉଦ୍ୟାନ ଠାରେ ଏକ ପେଡ ମା କେ ନାମ୍ , ଗଛ ଲଗାଇବା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । "ଏକ ପେଡ ମାଁ କେ ନାମ" ଥିମ୍ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ, ମୁଖ୍ୟ ଅତିଥି ମାଲକାନଗିରି ବିଧାୟକ ନରସିଂଙ୍ଗ ମାଡକାମି, ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଜିଲ୍ଲା ବନଖଣ୍ଡ ଅଧିକାରୀ, ସାଇ କିରଣ ଡି ଏନ୍, ସି ଡି ଓ ନରେଶ ଶବର, ସରପଞ୍ଚ ଚାଲାଣଗୁଡ଼ା, ଅରକ୍ଷିତ ନାୟକ, ସ୍କୁଲ ଛାତ୍ରଛାତ୍ରୀ ଓ ବନ ବିଭାଗର କର୍ମଚାରୀ ସମେତ ବହୁ ସାଧାରଣ ଲୋକେ ଭାଗ ନେଇ ଅନେକ ଗଛର ରୋପଣ କରିବା ସହ ଚାରା ବିତରଣ ମଧ୍ୟ କରାଯାଇଛି । ଗଛର ଗୁରୁତ୍ୱ ବିଷୟରେ ଜନସାଧାରଣ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବନବିଭାଗ ଅଧିକାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ମଧ୍ୟ ଗଛର ସୁରକ୍ଷା ଓ ରକ୍ଷାକୁ ନିୟମିତ ଭାବେ ନଜର ରଖାଯିବା ଯୋଜନା ରହିଛି ଏବଂ ମାଲକାନଗିରି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ନିଜ ପାଇଁ ଓ ଆମ ପରିବେଶ ପାଇଁ ଗଛ ଲଗାଇ ସବୁଜ ରଙ୍ଗରେ ପରିବେଷିତ କରିବା ପାଇଁ ଆହ୍ୱାନ ଦେବା ସହ ୨୦୨୫ ବର୍ଷ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ଲକ୍ଷଲକ୍ଷ ଗଛ ଲଗାଇ ତାହାର ରକ୍ଷଣବେକ୍ଷଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଧର୍ମଘଟକୁ ସଫଳ କରିବା ପାଇଁ ଏନ୍‌ଟିପିସିରେ ପ୍ରଥପ୍ରାନ୍ତ ସଭା




କଣିହାଁ, (ଭାସ୍କର ନ୍ୟୁଜ): କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତି ଓ ପଦକ୍ଷେପର ପ୍ରତିବାଦ ରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ୯ଜୁଲାଇ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସୋମବାର ସନ୍ଧ୍ୟାରେ ଏନଟିପିସି କଣିହାଁ ସମ୍ମୁଖ ବାଇପାସ ଛକ ଠାରେ ଶ୍ରମିକ କର୍ମଚାରୀଙ୍କ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଏଆଇୟୁଟିୟୁସି ନେତା ଭିକାରୀ ପ୍ରଧାନ, ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସଦାଶିବ ସିଂହ, ପ୍ରତାପ ଚନ୍ଦ୍ର ସାହୁ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ଗନ୍ଧର୍ବ ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ସୁନିଆ ନାଏକ, ସିଙ୍ଗେଶ୍ୱର ସାହୁ, ନରେଶ ପ୍ରଧାନ, ବିରେନ୍ଦ୍ର ନାଏକ, ଆଇଏନ୍‌ଟିୟୁସି ନେତା ସତ୍ୟାନନ୍ଦ ସାହୁ, ଶିବରାମ ଦାସ, ବସନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକ ସାମିଲ ଥିଲେ । ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୨ ବାତିଲ, ପ୍ରିପେଡ ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ବନ୍ଦ, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ନିର୍ଦ୍ଧାରଣ କରିବା, ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ କରିବା, ସର୍ବନିମ୍ନ ପେନସନ ମାସିକ ୧୦ହଜାର ଟଙ୍କା କରିବା,ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରବୃଦ୍ଧି ବନ୍ଦ କରିବା, ଖୁଚୁରା ବ୍ୟବସାୟରେ ଏଫ୍‌ଡିଆଇ ବନ୍ଦ କରିବା, ପାଚିକା-ସହାୟିକା, ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଏବଂ ପି.ଏଫ୍, ବୋନସ, ଇଏସ୍‌ଆଇସି କ୍ଷେତ୍ରରେ ସର୍ବୋଚ୍ଚ ମଜୁରୀ ସୀମା(ସିଲିଂ) ଉଚ୍ଛେଦ କରିବା, ଆଇଏଲ୍‌ଓ ସୁପାରିଶକୁ କାର୍ଯ୍ୟକାରୀ କରିବା, ଭାରତୀୟ ଶ୍ରମ ସମ୍ମିଳନୀ ଅନୁଷ୍ଠିତ କରିବା ଆଦି ୧୭ ଦଫା ଦାବିରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ । ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକା ଶ୍ରମିକମାନେ, ଜେଆଇଟିପିଏଲ୍ କର୍ମଚାରୀ ଓ ଠିକାଶ୍ରମିକ ମାନେ ଏବଂ ଏନଟିପିସି ଓ କଣିହାଁର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଟେଲିକମ୍, ଡାକ ଘର କର୍ମଚାରୀମାନେ, ବସ, ଗାଡିମୋଟର କର୍ମଚାରୀମାନେ, ବ୍ୟବସାୟୀମାନେ ଏହି ଧର୍ମଘଟରେ ସାମିଲ ହେବା ପାଇଁ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ଫେଡେରେସନ ଓ ଆସୋସିଏସନ ସମୂହଙ୍କ ମିଳିତ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି ।

# ୭ରୁ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବ ରାଜସ୍ୱ ଅମଲା ସଂଘ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ରାଜ୍ୟ ରାଜସ୍ୱ ଅମଲା ସଂଘ ଓ ଜିଲ୍ଲା ସଂଘ ନିର୍ଦ୍ଦେଶ କ୍ରମେ ସୋମବାର ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜଳେଶ୍ୱର ବ୍ଲକ ରାଜସ୍ୱ ଅମଲା ସଂଘ ତରଫରୁ ଜଳେଶ୍ୱର ତହସିଲ, ବ୍ଲକ ଓ ଆଇସିଡ଼ିଏସ ବିଭାଗରେ ଥିବା ମୋଟ ୨୧ ଜଣ ଅମଲା ମାନେ ୧୦ ଦଫା ଦାବି ନେଇ କଳାବ୍ୟାଚ ପରିଧାନ କରି ଅଫିସ କାର୍ଯ୍ୟ ପରିଚାଳନା କରିବେ । ତେବେ ଏହି ଦଶ ଦଫା ଦାବି ଗୋଡ଼ିକ ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରୀ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ଓଆରଏସପି - ୨୦୧୭ ନିୟମ ଅନୁଯାୟୀ ସ୍ତର-୯ କୁ ବୃଦ୍ଧି କରାଯାଉ । ସରକାରଙ୍କ ଜି.ଏ.ଏବଂ ପି.ଜି. ବିଭାଗର ତା-୧୫.୩.୨୦୨୪ ମସିହାର ପତ୍ର ସଂଖ୍ୟା ୮୮୯୮ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ସୂଚନା ଆଧାରରେ ନୂତନ ପଦବୀ ସୃଷ୍ଟି କରାଯିବା ଉଚିତ ଏବଂ ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରାଯିବା ଉଚିତ । କେନ୍ଦ୍ର ସରକାର ଅଖିଳ ଭାରତୀୟ ସେବା କର୍ମଚାରୀଙ୍କ ପାଇଁ କରିଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯାଉ । ୨୦୨୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବା ଉଚିତ ଏବଂ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ୧୯୯୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯିବା ଉଚିତ ନୁହେଁ । ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରେଭେନ୍ୟୁ ସେବାରେ ୧୦୦% ପଦୋନ୍ନତି ଦିଆଯଉ । ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରାଯିବା ଉଚିତ ଏବଂ ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ପିରାମେଡିକାଲ୍ ପଦୋନ୍ନତି ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ସିନିୟର ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକୀୟ ବାସ ଅବଧି ୪ ବର୍ଷ ପର୍ଯ୍ୟନ୍ତ ସ୍ଥିର କରାଯିବା ଉଚିତ । ସେକ୍ସନ ଅଫିସର ପଦବୀକୁ ପଦୋନ୍ନତି ସମ୍ପର୍କରେ, ବାସ ଅବଧି ବରିଷ୍ଠ ସହାୟକ ଏବଂ ଏଏସ୍ ଭାବରେ ୪ ବର୍ଷ ପର୍ଯ୍ୟନ୍ତ ସ୍ଥିର କରାଯାଉ । ବିଭିନ୍ନ ରାଜସ୍ୱ ମାମଲା ପରିଚାଳନା ପାଇଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ୟୁଜର ଆଇଡି ସୃଷ୍ଟି କରାଯିବା ଉଚିତ ନୁହଁ । କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନୂତନ ଭାବରେ ନିଯୁକ୍ତି ପାଇଥିବା ଜିଲ୍ଲା ରାଜସ୍ୱ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ପାଇଁ ପ୍ରେରଣା ତାଲିମ ଦିଆଯାଉ ପ୍ରଭୃତି ଦାବି ନେଇ ଜଳେଶ୍ୱର ତହସିଲର ସେନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ବିଶ୍ୱଜିତ ଦତ୍ତ, ରଜତ କାଣ୍ଡି, ସିଦ୍ଧେଶ୍ୱର ଦଣ୍ଡପାଟ, ସନ୍ତୋଷ ଭଞ୍ଜ, ଯଶୋମତି ଦଳାଇ, ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ତନୁଶ୍ରୀ ମହାନ୍ତି ଓ ରାଧିକା ମହାନ୍ତି, ବ୍ଲକ କାର୍ଯ୍ୟାଳୟରେ ସେକସନ ଅଫିସର ମନ୍ଦାକିନୀ ସିଂଙ୍କ ସହ ୫ଜଣ ଓ଼ ଆଇସିଡିଏସରୁ ନମିତା ସିଂ ଙ୍କ ସହ ଦୁଇଜଣ କର୍ମଚାରୀ କଳାବ୍ୟାଚ ପରିଧାନ କରିଥିଲେ ।

# ବୁଲା ଗାଈଗୋରୁଙ୍କ ଯୋଗୁ ବଢୁଛି ଦୁର୍ଘଟଣା



ବୋଲଗଡ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପରେ ବୁଲା ଗାଈ ଗୋରୁ ରାସ୍ତା ଅବରୋଧ କରି ଶୋଇ ରହିବା ଯୋଗୁଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି । ଏହି ଦୁର୍ଘଟଣାରେ ଯାତ୍ରୀ ମାନଙ୍କ ସହ ଗାଈ ଗୋରୁ ମଧ୍ୟ ଆହତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଗୋରୁ ଗାଈ ଗୁଡିକର ସରକାର ଜୀବନ ବୀମା କରିବା ପରେ ମାଲିକ ମାନେ ଗୋରୁ ଗାଈ ଗୁଡ଼ିକ ଆଉ ଘରେ ନ ରଖି ବେପରୁଆ ଭାବେ ବାହାରକୁ ଛାଡ଼ି ଦେଇ ନିଘୋଡ଼ ନିଦ୍ରାରେ ଶୋଇ ଯାଉଛନ୍ତି । ଫଳରେ ଗୋରୁ ଗୁଡିକ ଚରି ଜାତୀୟ ରାଜପଥ ଉପରେ ଆସି ବିଶ୍ରାମ ନେଉଛନ୍ତି । ଏପରିକି ଗୋରୁ ଗାଈଙ୍କୁ ଘରେ ଖାଇବାକୁ ଦେବାକୁ ପଡୁ ନଥିବାରୁ ମାଲିକ ମାନେ ମଧ୍ୟ ଲାଭ ଉପରେ ଲାଭ ପାଇଁ ହକଦାର ହେଉଛନ୍ତି । କିନ୍ତୁ ମାଲିକ ମାନଙ୍କର ଏହି ବେପରୁଆ ଲାଭଖୋର ମନୋବୃତ୍ତି ଯୋଗୁଁ ଅକାଳରେ କେତେ ଯେ ନିରୀହ ଜୀବନ ଚାଲିଯାଉଛି ସେଥିପ୍ରତି କାହାର ଭୃକ୍ଷେପ ନାହିଁ । ସନ୍ଧ୍ୟା ହେଉ ଅବା ରାତିରେ ବୁଲା ଗାଈ ଗୋରୁଙ୍କର ରାସ୍ତାରେ ରାଜୁତି କରିଥାନ୍ତି । ଗାଈ ଗୁଡିକ ରାସ୍ତାକୁ ଗୁହାଳ କରିଦେଇଥିବାରୁ ବହୁ ବାଇକ ଆରୋହୀ ଗାଈ ଗୁଡିକୁ ଧକ୍କା ଦେଇ ମୃତ୍ୟୁ ବରଣ କରୁଛନ୍ତି । ଯଦି ବସ, ଟ୍ରକ ଓ କାର ଧକ୍କାରେ ଗାଈ ମଧ୍ୟ ମୃତ୍ୟୁବରଣ କରୁଛନ୍ତି । ଏପରିକି ଯାତାୟାତ କରୁଥିବା ଯାତ୍ରୀ ଗାଈ ଗୋରୁ ଦୁର୍ଘଟଣାରେ ଆହତ ହୋଇ ଆଉ ଚଳ ପ୍ରଚଳ କରି ପାରୁନାହାନ୍ତି । ବିଗତ ବର୍ଷ ମାନଙ୍କରେ ପଞ୍ଚାୟତ ପକ୍ଷରୁ କାଞ୍ଜିଆ ହୁଦା ଖୋଲା ଯାଇ ବୁଲା ଗାଈ ଗୋରୁଙ୍କୁ ଆଣି ରଖିଲେ ମାଲିକ ଜରିମାନା ଦେଇ ଗାଈ ମୁକୁଳାଇ ନେଇ ଯାଉଥିଲେ । ଏହାଦ୍ୱାରା ସରକାରୀ ରାଜସ୍ୱ ମଧ୍ୟ କିଛି ଆଦାୟ ହେଉଥିବା ବେଳେ ବନ୍ଦ ହୋଇ ଯିବାରୁ ଏବେ ସରକାରୀ ଆଇନ କାର୍ଯ୍ୟକାରୀ କରୁନାହିଁ । ଯାହା ଫଳରେ ମାଲିକ ମାନେ ବେପରୁଆ ହୋଇ ଯିବାରୁ ପରିଣାମ ସ୍ୱରୂପ ନିରୀହ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଗାଈଗୋରୁ ମାନେ ଭୋଗୁଛନ୍ତି । ବୋଲଗଡ ବ୍ଲକ ଅଞ୍ଚଳରେ ବଜରଙ୍ଗ ଦଳ ପକ୍ଷରୁ ଦୁର୍ଘଟଣାରେ ଆହତ ଗାଈ, ଗୋରୁ ମାନଙ୍କ ସେବା କରୁଥିବାର ନଜର ରହିଛି । ଗୋରୁ ମାଲିକ ମାନଙ୍କ ଉପରେ ଲଗାମ ଦେବାକୁ ଆଇନ କାନୁନର ବ୍ୟବସ୍ଥା ରହିଥିବା ବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉ ନାହିଁ କାହିଁକି ବୋଲି ଜନସାଧାରଣ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲରେ ସୋମବାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୧୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୧୨ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୧ଟି ସାମୂହିକ ଅଭିଯୋଗ ଥିଲା । ଅଭିଯୋଗ ଶୁଣାଣୀରେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୩୭ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଶୁଣାଣୀରେ ମୁଖ୍ୟତଃ ଭତ୍ତା, ଜମିଜମା ବାବଦ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ସମ୍ବନ୍ଧୀୟ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା । ଅଭିଯୋଗଗୁଡିକର ଶୁଣାଣିକରି ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଅଭିଯୋଗ ଶୁଣାଣିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ୧୪ ଜୁଲାଇରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ୨୧ ଜୁଲାଇରେ ଗରଦପୁର ଏବଂ ୨୮ ଜୁଲାଇରେ ରାଜନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଭାରତୀୟ ମଜଦୂର ସଂଘର ବାର୍ଷିକ ଅଧିବେଶନ

# ଡୋଲାମଣି ସାହୁ ହେଲେ ନୂତନ ଜିଲ୍ଲା ସଭାପତି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭାରତୀୟ ମଜଦୂର ସଂଘ, କଳାହାଣ୍ଡି ଶାଖାର ୧୯ ତମ ବାର୍ଷିକ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାର ସଭାଗୃହ ଠାରେ ୬ ତାରିଖ ରବିବାର ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନକୁ ଭାରତୀୟ ମଜଦୂର ସଂଘ ଓଡିଶା ପ୍ରଦେଶର ସଂଗଠନ ମନ୍ତ୍ରୀ ଲକ୍ଷ୍ମଣ ପ୍ରସାଦ ଦାସ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା, କଳାହାଣ୍ଡି ଓ ନୂଆପଡା ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, କଳାହାଣ୍ଡି ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ବିହାର, ଜିଲ୍ଲା କୋଠାବାଡି ଓ ନିର୍ମାଣ ଶ୍ରମିକ ସଙ୍ଘର ସଭାପତି ଭବାନୀ ଶଙ୍କର ରାଉତ, କଳାହାଣ୍ଡି ଜିଲ୍ଲା ଭାରତୀୟ ମଜଦୂର ସଂଘର ସଂପାଦକ ରାଧା ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଜିଲ୍ଲା ଅଙ୍ଗନବାଡି ଓ୍ୱାର୍କର ସଂଘ, ଆଶାକର୍ମୀ ସଂଘ, ପାଚିକା ଓ ସହାୟିକା ସଂଘ, ସିଆର୍‌ପି ସଂଘ, ହେମାଲ ସଂଘ, କୃଷି ଗ୍ରାମୀଣ ସଂଘ, ବିଶ୍ୱକର୍ମା ସଂଘ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ସଂଘ ଏବଂ ଇସି ସଂଘର ପ୍ରାୟ ୩୦୦ ରୁ ଅଧିକ ସଦସ୍ୟ ସଦସ୍ୟା ଯୋଗଦେଇ ତାଙ୍କର ମତାମତ ରଖିଥିଲେ। ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଓଡିଶା ପଶ୍ଚିମ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଅରୁଣ ନାଏକ କାର୍ଯ୍ୟକ୍ରମର କର୍ମକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବାର୍ଷିକ ଅଧିବେଶନ ପୂର୍ବରୁ ପୁରୁଣା କମିଟିର କାର୍ଯ୍ୟ ଅବଧି ସମ୍ପୂର୍ଣ୍ଣ ହୋଇଥିବାରୁ ନୂତନ କମିଟି ଗଠନ ନିମନ୍ତେ ପ୍ରସ୍ତାବ ଆଗତ କରି ନୂତନ କମିଟିର ସଦସ୍ୟ ଚୟନ କରାଯାଇଥିଲା। ନୂତନ ଜିଲ୍ଲା କମିଟିର କର୍ମକର୍ତ୍ତା ଭାବେ କଳାହାଣ୍ଡି ଜିଲ୍ଲା ସଭାପତି, ଡୋଲାମଣୀ




ସାହୁ, ଉପ-ସଭାନେତ୍ରୀ ଶାନ୍ତି ମାଝୀ, ଉପ-ସଭାପତି-ପଙ୍କଜ ମଙ୍ଗରାଜ, ଜିଲ୍ଲା ସଂପାଦକ-ଲୋଚନ ସାହୁ, ସହ ସଂପାଦକ-କବିତା ମାଝୀ, ଲିଜାରାଣୀ ମେହେର, ପର୍ମେ ଗହୀର, କୋଷାଧ୍ୟକ୍ଷ- ଅଂଶୁମାନ ଜେନା, ମିଡ଼ିଆସେଲ- ଦୁଷ୍ମନ୍ତ କୁମାର ନାଏକ, ଜିଲ୍ଲା ପର୍ଯ୍ୟାବରଣ ମଞ୍ଚ- ସୁରେନ୍ଦ୍ର ମୋହନ କର, ସ୍ୱାବଲମ୍ବୀ ଭାରତ-ରାଧା ମୋହନ ବେହେରା, ସାମାଜିକ ସମରସତା - ଭବାନୀ ଶଙ୍କର ରାଉତ, ସ୍ୱଦେଶୀ ଆୟାମ- ନବୀନ ଛତ୍ରିଆ ପ୍ରମୁଖ ନିର୍ବାଚିତ ହୋଇଥିଲେ।

# ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଜୟନ୍ତୀ ପାଳିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧିନସ୍ଥ ମେରା ଯୁବା ଭାରତ କଳାହାଣ୍ଡି ଶାଖା ନେତୃତ୍ୱରେ ଆଜି କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ହରଗୌରୀ ଯୁବକ ସଂଘ ତରଫରୁ ଆଜି ଅମର ଯୁକ୍ତତିନି ମହାବିଦ୍ୟାଳୟ କୁଶୁର୍ଲା ପ୍ରାଙ୍ଗଣ ଠାରେ ଡା. ଶ୍ୟାମା ପ୍ରସାଦା ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତୁମୁଡିବନ୍ଧ ମହାବିଦ୍ୟାଳୟର ଇତିହାସ ଅଧାପକ ସୁଶାନ୍ତ ସୁନା, ମୁଖ୍ୟବକ୍ତା ଭାବେ ଅମର ଯୁକ୍ତତିନି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ରାଜେନ୍ଦ୍ର ଗହୀର, କର୍ଲାମୁଣ୍ଡା ବ୍ଲକ ସାଂସଦ ପ୍ରାଥୀ ହୃଦାନନ୍ଦ ସାହୁ ଓ ଯୁବ ସ୍ୱେଚ୍ଛାସେବୀ ତଥା ପ୍ରକୃତି ବନ୍ଧୁ ସନତ କୁମାର ସାହୁଙ୍କ ଉପସ୍ଥିତିରେ ପ୍ରଥମେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିଛବି ଉପରେ ଦୀପ ପ୍ରଜ୍ୱଳନ କରି ପୂଜା ଅର୍ଚ୍ଚନା କରିଥିଲେ। ଅତିଥିମାନେ




ମୁଖାର୍ଜୀଙ୍କ ଜୀବନୀ କାହାଣୀ ବର୍ଣ୍ଣନା କରିବା ସହ ତାଙ୍କ ନାମରେ ଗୋଟିଏ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରଗୌରୀ ଯୁବକ ସଙ୍ଘ କୁଶୁର୍ଲା ସମସ୍ତ କର୍ମକର୍ତ୍ତା ଓ ଅମର ଯୁକ୍ତ ତିନି ମହାବିଦ୍ୟାଳୟ କୁଶୁର୍ଲା ଏନଏସଏସ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ଶେଷରେ ହରଗୌରୀ ଯୁବକ ସଂଘର ସଭାପତି ଯୁଗେଶ ଚନ୍ଦ୍ର ଜାନୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡା. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଲାଞ୍ଜିଗଡ,(ଭାସ୍କର ନ୍ୟୁଜ)- ବିଜେପି ପକ୍ଷରୁ ଲାଞ୍ଜିଗଡ ବ୍ଲକ ବାତେଲିମା ପଞ୍ଚାୟତରେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୪ ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବାତେଲିମା ସରପଞ୍ଚ କରୁଣା ମାଝୀ, ଜିଲ୍ଲା ବିଜେପି କାର୍ଯ୍ୟ କାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଅଗ୍ରୱାଲ, ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ତୋଫାନ ସୁନାନୀ, ଲାଞ୍ଜିଗଡ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ପୂର୍ବତନ ମଣ୍ଡଳ ସଭାପତି ତ୍ରିନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ବାତେଲିମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଲାଞ୍ଜିଗଡ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରେଖା ମାଝୀ, ଲାଞ୍ଜିଗଡ ମଣ୍ଡଳ ସମ୍ପାଦକ ସଞ୍ଜୟ କୁମାର ସାହୁ, ବିଶ୍ୱନାଥ ପୁର ମଣ୍ଡଳ ସମ୍ପାଦକ ଗୌତମ ନାଗ,ଲାଞ୍ଜିଗଡ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଖୁସିରାମ ଗଉଡ଼,ବିଶ୍ୱନାଥପୁର ମଣ୍ଡଳ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଜଗତରାମ ହରପାଲ, ବେଡାଗାଁ ପଞ୍ଚାୟତ ସଭାପତି ଉମାଶଙ୍କର ରାଜୁ ସମେତ ଲାଞ୍ଜିଗଡ ଓ ବିଶ୍ୱନାଥପୁର ମଣ୍ଡଳର ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## 'ମାଆଙ୍କ ନାଁରେ ଗଛଟିଏ' ବାର୍ତ୍ତା ନେଇ ବନ ମହୋତ୍ସବ ପାଳିତ




କେସିଙ୍ଗା, (ଭାସ୍କର ନ୍ୟୁଜ୍) : 'ମାଆଙ୍କ ନିମନ୍ତେ ଗଛଟିଏ' ଆହ୍ୱାନରେ ଆଜି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, କେସିଙ୍ଗା ପରିସରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥି ରୂପେ କେସିଙ୍ଗା ବନାଞ୍ଚଳ ଅଧିକାରୀ ସ୍ନିଗ୍ଧା ସରିତା ବଳିୟାର ସିଂହ ଓ ସମ୍ମାନିତ ଅତିଥି ରୂପେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ତଥା ଜବାହର ଉଚ୍ଚ ବିଦ୍ୟାଳୟ, ବାଲସିର ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା, ଫରେଷ୍ଟର ଯଶୋବନ୍ତ ନାଏକ, ଫରେଷ୍ଟ ଗାର୍ଡ ଧନଞ୍ଜୟ ନିଆଲ୍, ଆମ ଜଙ୍ଗଲ ଯୋଜନା ଅଧିକାରୀ ହେମନ୍ତ କୁମାର ସାହୁ ଏବଂ କେସିଙ୍ଗା ଆଇନ ତାଲୁକା ସେବାର କର୍ମଚାରୀମାନେ ଉପସ୍ଥିତ ଥିଲେ। ବୃକ୍ଷ ରୋପଣ, ଜୀବନ ରୋପଣ, ମାନବର ଏକ ମୂଲ୍ୟ ଯୁକ୍ତ ପ୍ରତିପୋଷଣ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଅଭିମତ ପ୍ରକାଶ କରିବା ସହ ଚାରାରୋପଣ ପ୍ରୟାସକୁ ନିଜର ଜୀବନର ପରମ ବ୍ରତ ରୂପେ ବିବେଚନା କରିବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ବନ ମହୋତ୍ସବ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜି.କ୍ରିଷ୍ଣା ରେଡ୍ଡି ସଂଯୋଜନା କରିଥିଲେ। ୟୁଥ୍ ଓ ଇକୋ କ୍ଲବର ଦଳପତି ସୁନୀଲ୍ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରୀମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

## ପରୋପକାରୀ ମହିଳା ବିନୋଦିନୀଙ୍କ ପରଲୋକ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଗ୍ରାମର ମାଣିକ୍ୟଜ୍ୟୋତି ପଣ୍ଡାଙ୍କ ମାଆ ବିନୋଦିନୀ ପଣ୍ଡାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। କିଛି ମାସ ହେଲା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ଆଜି ସକାଳେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାସୀ, ମେଳାପୀ, ପରୋପକାରୀ ସମ୍ପନ୍ନ ମହିଳା ଥିଲେ।ତାଙ୍କର ମୃତ୍ୟୁ ପରେ



ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶାଖାପାଟଣାରୁ ମୃତ ଦେହ ପହଞ୍ଚିବା ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

## ମା' ସୁରେଶ୍ୱରୀଙ୍କ ଐତିହାସିକ ଘାଟ ଯାତ୍ରା



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଅଧୀନ କୁନ୍ଦେଇପାଲି ସ୍ଥିତ ତେଲନଦୀ କୂଳରେ ମାଁ ସୁରେଶ୍ୱରୀ ମନଖାଇଙ୍କ ଐତିହାସିକ ଘାଟ ଯାତ୍ରା ଏବଂ ଡଙ୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେଉଟ କୈବର୍ତ୍ତ ସଂଘ ସଭାପତି ଦାମୋଦର ନାଏକ ଓ ସଂପାଦକ ସୁଶାନ୍ତ ମଲ୍ଲିକ, ପୂଜକ ଭଗବାନ ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ଏଥିରେ ପୂଜକ ଭାବରେ ଭଗବାନ ନାଏକ, ଭମର ନାଏକ, ଗଣ୍ଡାରାମ ନାଏକ, ଗୁଣନିଧି ନାଏକ, ରୋହିତ ନାଏକ ସୁରେନ୍ଦ୍ର ନାଏକ, ବିରମଣି ନାଏକ, ଲିଙ୍ଗରାଜ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଯାତ୍ରାରେ ମାଁଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ହୋଇଥିବା କେତେକ ଭକ୍ତ କୁକୁଡ଼ା, ଏବଂ ବୋଦାବଳି ଦେଇଥିଲେ।

## ଟକଲାସୁରରେ ୭୬ତମ ବନ ମହୋତ୍ସବ ପାଳିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ)-ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ମୂଷାନାଳ ସେକ୍ସନ ଅନ୍ତର୍ଗତ ଟକଲାସୁରଠାରେ ୭୬ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଅଞ୍ଜଳୀ ମାଝୀ, ପରୀକ୍ଷିତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ ତଥା ଭାରପ୍ରାପ୍ତ ବିଶ୍ୱନାଥପୁର ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୂଷାନାଳ ବନପାଳ ଚିନ୍ତାମଣି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁରେଶ ରାଉତ, ଧରଣୀଧର ପଣ୍ଡା, ଭାଗିରଥୀ ନାଏକ, ପଦ୍ମଲୋଚନ ଶବରଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା।

## ବଡ଼ଠାକୁରଙ୍କ ଆଗମନରେ ଭକ୍ତିମୟ ନର୍ଲା ସହର

ନର୍ଲା, (ଭାସ୍କର ନ୍ୟୁଜ) : ପ୍ରତି ବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଆସିଲେ ଓଡ଼ିଆଙ୍କ ଆରାଧ୍ୟ ଠାକୁର ଜଗନ୍ନାଥଙ୍କ ରଥଯାତ୍ରା ହୋଇଥାଏ। ସେଥିପାଇଁ ଗାଁ ହେଉ ଅବା ସହର ଦେଶ ହେଉ ଅବା ବିଦେଶ ସବୁଠି ପରିବେଶ ଜଗନ୍ନାଥ ମୟ ହୋଇ ଉଠେ। ବର୍ଷ ସାରା ମନ୍ଦିର ଭିତରେ ରହି ଭକ୍ତଙ୍କୁ ଦର୍ଶନ ଦେଉଥିବା ଠାକୁର ଏହି ଯାତ୍ରାରେ ମନ୍ଦିରରୁ ବାହାରି ଖୋଲା ଆକାଶ ତଳେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏଥିପାଇଁ ସୁସଜ୍ଜିତ ରଥରେ ବସି ବଡ଼ ଭାଇ ଓ ଭଉଣୀଙ୍କ ସାଥିରେ ମାଉସୀ ଘରକୁ ଯାଇଥାନ୍ତି। ନଅ ଦିନ ମାଉସୀ ଘରେ ଆତିଥ୍ୟସେବା ଗ୍ରହଣ ପରେ ଶ୍ରୀମନ୍ଦିରକୁ ଫେରିବା ଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଏ। ଚଳିତ ବର୍ଷ ନର୍ଲା ସହରରେ ହେଉଥିବା ବାହୁଡ଼ା ଯାତ୍ରା ମଧ୍ୟ ଆନନ୍ଦ ଉଲ୍ଲାସର ସହିତ ସମାପନ ହୋଇ ଯାଇଛି। ମାଉସୀ ଘର ପକ୍ଷରୁ ସୁକାନ୍ତ ଚାନ୍ଦ୍ ଓ ତାଙ୍କ ସହଧର୍ମିଣୀଙ୍କ ସହିତ ସପରିବାରର ସମସ୍ତେ ତିନି ଠାକୁରଙ୍କୁ ମେଲାଣି ଦେବା ପରେ ସନ୍ଧ୍ୟା ଚାରିଟା ସମୟରେ ପହଣ୍ଡି ଓ ଛେରା ପହରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ, ଘଣ୍ଟନାଦ ଓ ନାମ ସଙ୍କୀର୍ତ୍ତନ ସହିତ ତିନି ଠାକୁର ରଥରେ ବସାଇ ମନ୍ଦିର ଅଭିମୁଖେ ବାହାରି ଥିଲେ। ନର୍ଲା ପୋଲିସର ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେଲା ବିଶ୍ୱବିଧାତାଙ୍କ ବାହୁଡ଼ା ଯାତ୍ରା। ଏହା ସହ ରୁପ୍ରାରୋଡ,ବୁଢ଼ୀପଦର, ଲାଖଗୁଡା, ରୁପ୍ରା, ସେରଗଡ, ପଲମ ଠାରେ ମଧ୍ୟ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।

## ଟେମରା ଗାଁ ରାସ୍ତା କାଦୁଅ

# ଯାତାୟତ ପାଇଁ ଡରୁଛନ୍ତି ଲୋକେ

କୋକସରା, (ଭାସ୍କର ନ୍ୟୁଜ) : ଗାଁ ସମବା ଲୋଗରୁ ନୁଁ ମୁଡସା ତକ୍, ପଚପଚି ଯୋଉଛେ କାଦୋ ପେନ୍। ଚାଲି ନେଇ ହେବାର ଗାଁ ଖୋଏଲ। ବିଡ଼ିଓ, ସରପଞ୍ଚ ଆଜ୍ଞା ମାନେ ଦେଖୁଚତ୍ କି ନେଇ, ଆମକେ ସରମ ଲାଗଛେ। ଆଁଠେକ୍ ପେନ୍ ସାଙ୍ଗେ ପଚପଚା କାଦୋ ଏନ୍ତାତି ଗାଁ କେ ସମବାକେ ଲାଗୁଛେ ଡ଼ର। ଏନ୍ତା କିଛି କହି କ୍ଷୋଭ ପ୍ରକାଶ କରିଛନ୍ତି କୋକସରା ବ୍ଲକ ଟେମରା ଗାଁ ମଝି ରାସ୍ତାରେ ଯାତାୟାତ କରୁଥିବା କିଛି ବରିଷ୍ଠ ନାଗରିକ। ସୂଚନା ଯେ' ବ୍ଲକ ଓ ପଞ୍ଚାୟତ ଅଧିନରେ ଥିବା ଟେମରା ଗାଁ ମୁଖ୍ୟ ରାସ୍ତା ସାମାନ୍ୟ ବର୍ଷା ହେଲ ପାଣି ଜମି ରହୁଛି। ଗାଁ ପ୍ରବେଶ ପଥଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ କାଦୁଅ ପଚପଚ ହୋଇ ଶୋଚନୀୟ ହୋଇପଡ଼ିଛି। ଗାଁ ଆରମ୍ଭ ତିନି ଛକଠାରେ ଜଣେ ନିର୍ବାଚିତ ଜନ ପ୍ରତିନିଧି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ ତାଙ୍କ ଘର ନିକଟରେ ଥିବା ଡ୍ରେନ କୁ ପୋତି ଦେଇଥିବା ଲୋକେ ପ୍ରକାଶ କରିଛନ୍ତି। ଡ୍ରେନ କୁ ବନ୍ଦ କରିବା ଫଳରେ ସାମାନ୍ୟ ବର୍ଷା ହେଲେ ମଧ ପାଣି



ନିଷ୍କାସନ ହୋଇ ନପାରି ରାସ୍ତାରେ ଆଣ୍ଠୁଏ ଆଣ୍ଠୁରେ ପାଣି ଜମି ରହିଛି। ଏହି ରାସ୍ତାରେ ଯାତାୟାତ ବେଳେ ଲୋକଙ୍କୁ ଅନେକ ଅସୁବିଧା ହେଉଛି। ଅନ୍ୟପଟେ ଛକ ଓ ବୁଲାଣି ରାସ୍ତା ହୋଇ ଥିବାରୁ ପ୍ରତି ମୂହୁର୍ତ୍ତରେ ଦୁର୍ଘଟଣା ଘଟିବାର ମଧ ଆଶଂକା ରହିଛି। ସେହିପରି ଉକ୍ତ ଛକଠାରୁ ବଜାର ପଡ଼ିଆ, ସିର୍ଲିଗୁଡା ଯିବା ଛକ ପର୍ଯ୍ୟନ୍ତ ରାସ୍ତାରେ ମଧ କାଦୁଅ ଭର୍ତ୍ତି ହୋଇ ରହିଛି। ଅନ୍ୟପଟେ ଗାଁରେ ଆସନ୍ତା ଶୁକ୍ରବାର ଦିନ ପ୍ରସିଦ୍ଧ ଆଷାଢ଼ କେନା ମଣ୍ଡେଇ ଯାତ୍ରା ହେବାକୁ ଥିବାବେଳେ ଏହି ଯାତ୍ରାରେ ହଜାର ହଜାର ହଜାର ଲୋକଙ୍କ ସମାଗମ ହେବାର ରହିଛି। ଟେମରା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ହୋଇଥିବାବେଳେ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ବାରମ୍ବାର ଦାବି କରିଥିଲେ ମଧ କାହାରି ଦୃଷ୍ଟି ପଡ଼ିନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ତେଣୁ ବର୍ତ୍ତମାନ ପରିସ୍ଥିତିକୁ ଦେଖି ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ମରାମତି କରିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ଏନେଇ ଟେମରା ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ମତାମତ ନେବାରୁ ଡ୍ରେନ କୁ ଖୋଲି ପାଣି ନିଷ୍କାସନ ପାଇଁ ଆମେ ଗ୍ରାମବାସୀ ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନୁରେଦ କରିବା ସତ୍ତ୍ୱେ କାହାରି କଥା ସେ ସୁଣୁ ନାହାନ୍ତି, ବର୍ତ୍ତମାନ ପରିସ୍ଥିତିରେ ଆମେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରୁଛୁ। ଏବଂ ସିସି ରାସ୍ତା ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଛି ସିଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ଗାଁ ଖୋଜୁଛି ବିକାଶ: ବାଟ ପାଉନି ପ୍ରଶାସନ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ରାଜ୍ୟ ଠାରୁ କେନ୍ଦ୍ର ସରକାରଙ୍କ ଗୋଟାଏ କଥା ଗାଁ ବିକାଶ ହେଲେ ଦେଶ ରାଜ୍ୟ ପ୍ରଗତି ପଥରେ ଆଗେଇବ। ଏଥିପାଇଁ ମାଳମାଳ ଯୋଜନା ବି ପ୍ରସ୍ତୁତି। ହେଲେ ଯୋଜନା ଓଗାଳି ପାରୁନି ବାଟ। ଅଟକି ରହି ଯାଉଛି ଫାଇଲ ତଳେ ବିକାଶର ପରିକଳ୍ପନା। ଏଭଳି ବିକାଶ ଖୋଜୁଛି ଧର୍ମଗଡ଼ ବ୍ଲକ ତମ୍ବାଛଡ଼ା ପଞ୍ଚାୟତ ମାଟିଆ ଗାଁ। ଗାଁ ଏବେ କାଦୁଅ ସାଙ୍ଗକୁ ଆଣ୍ଠୁଏ ପାଣିରେ ବୁଡି ରହିଛି। ଦୁର୍ଦ୍ଦଶା ଭିତରେ ଦିନ କାଟୁଛନ୍ତି ଗାଁ ଲୋକେ। କେତେ ଦିନ ହେବ ଲଗାଣ ବର୍ଷା ଯୋଗୁଁ ରାସ୍ତା ଦେଇ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ନାହିଁ ନ ଥିବା ଅସୁବିଧା ଭିତରେ ବିପଦକୁ ଆମନ୍ତ୍ରଣ କରି ଯିବା ଆସିବା କରୁଥିବା କହନ୍ତି ଗ୍ରାମବାସୀ। ରାସ୍ତାକୁ ଦେଖିଲେ ସତେ ଯେମିତି ସରକାରଙ୍କ ଯୋଜନା ପରିହାସ ପାଲଟିଛି। ଗାଁର ଉନ୍ନୟନ ମୂଳକ କାମ କରିବାକୁ ଏସ୍‌ଏଫସି, ସିଏଫସି ଯୋଜନା ରହିଛି ସତ, ହେଲେ ଆଜି ଯାଏଁ ଏହି ଯୋଜନା ସାବତ ମାଆ ସାଜିଥିବା ଗାଁ ଲୋକ କହନ୍ତି। ଏପଟେ ସରପଞ୍ଚ ଠାରୁ ଆରମ୍ଭ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାସ୍ତା ଉପରେ ଦୃଷ୍ଟି ଦେବାକୁ ବାରମ୍ବାର ଗ୍ରାମବାସୀ ଆବେଦନ କରିଥିବା ବେଳେ, ପଦକ୍ଷେପ ଶୁନ ଥିବା ନେଇ କ୍ଷୁବ୍ଧ ପ୍ରକାଶ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧ କାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ

**ମଙ୍ଗଳବାର, ୦୮ ଜୁଲାଇ ୨୦୨୫**



**ମେଷ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ।



**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ:** ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ସ୍ୱାସ୍ଥ୍ୟ ମଧ୍ୟ ଉନ୍ନତି କରିପାରିବ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯